# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୪/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 24/2024 Page 16 ₹ 7.00 | SAMBALPUR

୫୦ଶ ଭାଗ ୨୭୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 270 ମୂଲ୍ୟ₹୭/-




**ପ୍ଲାଷ୍ଟିକ ସର୍ଜରୀ କରି ଟ୍ରୋଲ ହେଲେ ଆୟେଶା**

ବଲିଉଡ୍ ଅଭିନେତ୍ରୀ ଆୟେଶା ଟାକିଆ ପ୍ଲାଷ୍ଟିକ ସର୍ଜରୀ କରି ମୁହଁରେ ପରିବର୍ତ୍ତନ ଆଣିଥିବାରୁ ସୋସିଆଲ ମିଡିଆରେ ଟ୍ରୋଲ ହୋଇଛନ୍ତି।

୧୦

୧୨

**ପାରାଲିମ୍ପିକ୍ସରେ ଟ୍ରାନ୍ସଜେଣ୍ଡର ଭାଲେଣ୍ଟିନା**

ପ୍ୟାରିସ ପାରାଲିମ୍ପିକ୍ସରେ ପ୍ରଥମ ମହିଳା ଟ୍ରାନ୍ସଜେଣ୍ଡର ଆଥଲେଟ ଭାବେ ଅଂଶଗ୍ରହଣ କରିବେ ଇଟାଲୀର ଭାଲେଣ୍ଟିନା ପେଟ୍ରିଲୋ।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କିଭ୍ ଗସ୍ତରେ ଥିବାବେଳେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ସହ ଆଲିଙ୍ଗନ ବେଳର ଦୃଶ୍ୟ।

# ସୁଭଦ୍ରା: ବର୍ଷକୁ ୧୦ ହଜାର

**୨୦୨୪ ନିର୍ବାଚନ ବେଳେ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନୀ ଇସ୍ତାହାରରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ବିଷୟରେ ଉଲ୍ଲେଖ କରିଥିଲା। ସରକାର ଗଠନର ୨ ମାସ ପରେ ଶୁକ୍ରବାର ଏ ସଂକ୍ରାନ୍ତ ଷ୍ଟାଣ୍ଡାର୍ଡ ଅପେରେଟିଂ ପ୍ରୋସିଜିଓର (ଏସ୍‌ଓପି) ଆସିଛି।**

## ଆସିଲା ଏସ୍‌ଓପି

- **ରାଖୀ ପୂର୍ଣ୍ଣିମା, ଅନ୍ତର୍ଜାତୀୟ ମହିଳା ଦିବସରେ ମିଳିବ**
- **ସ୍ୱଚ୍ଛଳ, ସରକାରୀ ଚାକିରିଆ, ଆୟକରଦାତା ବାଦ୍ ପଡ଼ିବେ**

ଭୁବନେଶ୍ୱର,୨୩।୮ (ଅନିଲ ଦାସ)

ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ମହିଳା ହିତାଧିକାରୀଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ହାତଖର୍ଚ୍ଚ ଯୋଗାଇଦେବେ। ପ୍ରତିବର୍ଷ ରାଖୀ ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସରେ ୨ଟି କିସ୍ତିରେ ଏହି ଟଙ୍କା ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ସେମାନେ ନିଜ ଇଚ୍ଛାରେ ଏହି ଟଙ୍କା ଖର୍ଚ୍ଚ କରିପାରିବେ। 'ସୁଭଦ୍ରା' ଯୋଜନାର ଗାଇଡ୍‌ଲାଇନକୁ ଗୁରୁବାର ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏ ନେଇ ବିଧାନସଭାରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ 'ସୁଭଦ୍ରା' ଯୋଜନା ସମ୍ପର୍କରେ ସୂଚନାଦେଇ କହିଛନ୍ତି, ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ରାଜ୍ୟର ୨୧ ବର୍ଷରୁ ଅଧିକ ଓ ୬୦ବର୍ଷରୁ କମ୍ ସମସ୍ତ ଯୋଗ୍ୟ ମହିଳା ଏହି ଟଙ୍କା ପାଇପାରିବେ। ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ବର୍ଷକୁ ଏହି ୧୦ହଜାର ଟଙ୍କା ଲେଖାଏ ହାତ ଖର୍ଚ୍ଚ ଚଳିତ ଆର୍ଥିକବର୍ଷରୁ ପାଇବେ। ୫ ବର୍ଷରେ ଜଣେ ଯୋଗ୍ୟ ମହିଳା ହିତାଧିକାରୀ ୫୦ ହଜାର ଟଙ୍କା ପାଇବେ। ସହାୟତା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ (ଏପିବିଏସ୍) ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ହିତାଧିକାରୀମାନଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ମଧ୍ୟ ଦିଆଯିବ। ସେହିପରି ଡିଜିଟାଲ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରିଥିବା ୧୦୦ ହିତାଧିକାରୀଙ୍କୁ ଚିହ୍ନଟ କରି ଅତିରିକ୍ତ ୫୦୦ଟଙ୍କା ପ୍ରୋତ୍ସାହନ ରାଶି ଦିଆଯିବ।

ଅଗଷ୍ଟ ୨୨ରେ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ସୁଭଦ୍ରା' ଯୋଜନାକୁ ଚଳିତ ୨୦୨୪-୨୫ ଆର୍ଥିକବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବା ନେଇ ନିଷ୍ପତ୍ତି ହୋଇଛି। ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ମୋଟ ୫୫ ହଜାର ୮୨୫ କୋଟିର ବଜେଟ ଧାର୍ଯ୍ୟ ହୋଇଛି। ଏହି ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଅନ୍ତ୍ୟୋଦୟରେ ବିଶ୍ୱାସ କରନ୍ତି। ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା, ସରକାରୀ ଚାକିରି କରୁଥିବା ମହିଳା ଓ ଆୟକର ପ୍ରଦାନ କରୁଥିବା ମହିଳାମାନଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯିବ। ସେହିପରି କୌଣସି ଯୋଜନାରେ ଯଦି କେହି ମହିଳା ମାସିକ ୧୫୦୦ଟଙ୍କା ଅବା ତଦୂର୍ଦ୍ଧ୍ୱ ସହାୟତା ଅଥବା ବାର୍ଷିକ ୧୮ହଜାର ଟଙ୍କାରୁ ଅଧିକ ସହାୟତା ରାଶି ପାଉଥିବେ ତା'ହେଲେ ସୁଭଦ୍ରା ଯୋଜନା ପାଇଁ ସେ ଯୋଗ୍ୟ ବିବେଚିତ ହେବେନାହିଁ।

ଏହି ଯୋଜନାରେ ସାମିଲ ହେବା ପାଇଁ ମହିଳାମାନେ ଅଙ୍ଗନୱାଡି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଆଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରିପାରିବେ। ସୁଭଦ୍ରା ଯୋଜନା ପାଇଁ ଏକ କଲ୍ ସେଣ୍ଟର ମଧ୍ୟ କାର୍ଯ୍ୟକ୍ଷମ ହେବ।

ଏହି ଯୋଜନାକୁ କାର୍ଯ୍ୟକାରୀ ଓ ତଦାରଖ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଏକ 'ସୁଭଦ୍ରା ସୋସାଇଟି' ଗଠନ କରାଯିବ। ସୁଭଦ୍ରା ଯୋଜନାର ଶୁଭାରମ୍ଭ ଯଥାଶୀଘ୍ର ☞ପୃଷ୍ଠା-୨







## ମାଟ୍ରିକ୍ ସପ୍ଲିମେଣ୍ଟାରି, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶିତ

କଟକ,୨୩।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। କୃତକାର୍ଯ୍ୟ ପରୀକ୍ଷାର୍ଥୀଙ୍କ ପାସ୍‌ହାର ୫୫.୪% ହୋଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରୁ ପରୀକ୍ଷାଫଳ ଡାଉନ୍‌ଲୋଡ୍ କରିପାରିବେ। ରାଜ୍ୟରୁ ମୋଟ୍ ୭୯୬ ଜଣ ଛାତ୍ରୀଛାତ୍ର ☞ପୃଷ୍ଠା-୨

# ଡ୍ୟାନ୍ସ ବାର୍ ବନ୍ଦ ହେବ

## ଆସିବ ନୂଆ ଅବକାରୀ ନୀତି

ଭୁବନେଶ୍ୱର,୨୩।୮ (ଅନିଲ ଦାସ)

ଓଡ଼ିଆ ଅସ୍ମିତାକୁ ଦୃଷ୍ଟିରେ ରଖି ସରକାର ରାଜ୍ୟରେ ଡ୍ୟାନ୍ସ ବାର୍ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ସ୍କୁଲ, କଲେଜ, ମନ୍ଦିର ପାଖରେ ମଦ ଦୋକାନ ରହିବ ନାହିଁ। ଶୁକ୍ରବାର ବିଧାନସଭା ମୁଲତବୀ ଆଲୋଚନାର ଜବାବରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ଅନ୍ୟ ରାଜ୍ୟର ଅବକାରୀ ନୀତିର ତର୍ଜମା କରାଯିବ। ଓଡ଼ିଆ ଅସ୍ମିତାକୁ ନେଇ ନୂଆ ଅବକାରୀ ନୀତି ଅଣାଯିବ। ଚୋରା ମଦ କାରବାର ନେଟୱର୍କର ମୂଳୋତ୍ପାଟନ ହେବ। ସରକାରୀ ଜାଗାରେ ବେଆଇନ ମଦଭାଟି ଉପରେ ବୁଲ୍‌ଡୋଜର ଚାଲିବ। ମଦ ମାଫିଆ କାହା ପ୍ରୋତ୍ସାହନରେ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେହି ନେଟୱର୍କକୁ ଚୂରମାର କରାଯିବ। ବର୍ଷକ ଭିତରେ ବେଆଇନ ମଦ କାରବାର ବନ୍ଦ କରାଯିବ। ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଅବକାରୀ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ଘର ମାଲିକ ଦେଉନାହାନ୍ତି ତଥ୍ୟ

ଭୁବନେଶ୍ୱର,୨୩।୮ (ସତ୍ୟଜିତ୍ ରାଉତ)

ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରକୁ ନିରାପଦ ସ୍ଥାନ ଭାବେ ବାଛି ନେଇଛନ୍ତି ଅପରାଧୀ। ଏହି ଦୁଇ ସହରରେ ଘର ଭଡ଼ା ନେଇ ଆପରାଧିକ ନେଟ୍‌ୱର୍କ ଚଳାଉଛନ୍ତି। ଏଥିପାଇଁ କମିଶନରେଟ ପୋଲିସ ପରୋକ୍ଷରେ ସୁଯୋଗ ଦେଉଥିବା ଅଭିଯୋଗ ହେଉଛି। ପୋଲିସର ଢିଲାପଣ ପାଇଁ ଘର ମାଲିକ ଭଡ଼ାଟିଆଙ୍କ ତଥ୍ୟ ଦେଉନାହାନ୍ତି। ଅପରାଧୀମାନେ ପରିଚୟ ଲୁଚାଇ ଆଡ୍ଡା ଜମାଉଛନ୍ତି। ଜଣାପଡିବା ବେଳକୁ ନେଡିଗୁଡ଼ କହୁଣିକୁ ବୋହିଯିବା ସ୍ଥିତି ଉପୁଜୁଛି। ନିକଟରେ ଜବତ ହୋଇଥିବା ସନ୍ଦିଗ୍ଧ ସିମ୍‌ବକ୍ସ ମାମଲାରେ ଗିରଫ ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳ ଭୁବନେଶ୍ୱର ଓ କଟକରେ ରହି ୧୦ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆତଙ୍କୀ ନେଟ୍‌ୱର୍କ ଚଳାଉଥିଲେ। ଏହି ନେଟ୍‌ୱର୍କର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ବାଂଲାଦେଶର ଆଶାଦ୍ଦୁର ଜମାନ ମଧ୍ୟ ଓଡ଼ିଶା ଆସି କିଛିଦିନ ରହିଥିଲେ। ହେଲେ ପୋଲିସ ଏହାର ସାମାନ୍ୟତମ ସୁରାକ ପାଇପାରି ନ ଥିଲା। ଏମାନଙ୍କ ଭଳି ବହୁ ଅପରାଧୀ ନିଜ ପରିଚୟ ଲୁଚାଇ ଘରଭଡ଼ା ନେଇ ରହୁଥିଲେ ମଧ୍ୟ ପୋଲିସ ଆଦୌ ମୁଣ୍ଡ ଖେଳାଉନାହିଁ। ତେବେ ସିମ୍‌ବକ୍ସ ର୍‍ୟାକେଟର ଗୁମର ପଦାକୁ ଆସିବା ପରେ କମିଶନରେଟ୍ ପୋଲିସର ଢିଲା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ସିମ୍ ବକ୍ସ ମିଳିଥିବା ଦୁଇ ଭଡ଼ାଘରର ମାଲିକ ଭଡ଼ାଟିଆଙ୍କ ତଥ୍ୟ ଥାନାକୁ ଦେଇ ନ ଥିଲେ ମଧ୍ୟ ପୋଲିସ ଏଯାଏ ସେମାନଙ୍କ ଉପରେ ପଦକ୍ଷେପ ନେଇନାହିଁ। କମିଶନରେଟ ପୋଲିସର ଏପରି ଆଭିମୁଖ୍ୟ ପାଇଁ କେବଳ ଭୁବନେଶ୍ୱର କି ☞ପୃଷ୍ଠା-୨







**ଆଜିର ସମ୍ପାଦକୀୟ**

**ସିବିଆଇରେ ଆଇଆର୍‌ଏସ୍ ଅଧିକାରୀ**



ପୁଣେରୁ ଆସିଥିବା ଦୁଇ ପୁରୁଷ ଓ ଜଣେ ମହିଳା ଶ୍ରଦ୍ଧାଳୁ ୨୫ କେ.ଜି. ଓଜନର ସୁନା ଗହଣା ପିନ୍ଧି ଶୁକ୍ରବାର ଆନ୍ଧ୍ରପ୍ରଦେଶ ତିରୁପତିର ତିରୁମାଲା ଭେଙ୍କଟେଶ୍ୱରଙ୍କ ଦର୍ଶନ କରୁଛନ୍ତି।

## ଏୟାର ଇଣ୍ଡିଆକୁ ୯୦ ଲକ୍ଷ ଜରିମାନା

ନୂଆଦିଲ୍ଲୀ,୨୩।୮

ବେସରକାରୀ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାରଇଣ୍ଡିଆ ଉପରେ ୯୦ ଲକ୍ଷ ଟଙ୍କା ଜରିମାନା ଲଗାଇଛି। ଯୋଗ୍ୟତା ନ ଥିବା ପାଇଲଟ ବିମାନ ଉଡ଼ାଉଥିବା ତଦନ୍ତରୁ ଜଣାପଡ଼ିବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ଏୟାର ଇଣ୍ଡିଆର ନିର୍ଦ୍ଦେଶକ (ଅପରେଶନ୍ସ) ପଙ୍କୁଲ ମାଥୁର ଏବଂ ନିର୍ଦ୍ଦେଶକ (ଟ୍ରେନିଂ) ମନୀଷ ବାସବଦାଙ୍କୁ ଯଥାକ୍ରମେ ୬ ଲକ୍ଷ ଓ ୩ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏୟାର ଇଣ୍ଡିଆ ଲିଃ ଜଣେ ନନ୍‌ଟ୍ରେନର ଲାଇନ କ୍ୟାପ୍‌ଟେନ ଓ ଜଣେ ନନ୍-ଲାଇନ ରିଲିଜ୍‌ଡ ଫାଷ୍ଟ ଅଫିସରଙ୍କ କମାଣ୍ଡରେ ବିମାନ ଚଳାଉଥିଲା। ଏହା ନିରାପତ୍ତାର ☞ପୃଷ୍ଠା-୨

## ସଂକ୍ଷେପରେ

### ଆର୍.ଜି. କର: ଆର୍ଥିକ ଅନିୟମିତତା ତଦନ୍ତ ସିବିଆଇକୁ ହସ୍ତାନ୍ତର

କୋଲକାତା,୨୩।୮

ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ବିବାଦରେ ଛନ୍ଦି ହୋଇଥିବା କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଥିଲେ। ତେବେ କୋଲକାତା ହାଇକୋର୍ଟ ଶୁକ୍ରବାର ଆର୍ଥିକ ଅନିୟମିତତାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ ପ୍ରିନ୍ସିପାଲ ସନ୍ଦିପ ଘୋଷଙ୍କ ସମୟରେ ହୋଇଥିବା ଆର୍ଥିକ ହେରଫେରର ତଦନ୍ତ ଇଡି ଦ୍ୱାରା କରାଇବାକୁ ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଖତର ଅଲି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ।

### ୧୩ ଚାଷୀଙ୍କୁ ହତ୍ୟା

ଅବୁଜା,୨୩।୮

ନାଇଜେରିଆର ଉତ୍ତର-କେନ୍ଦ୍ରୀୟ ବିବାଦୀୟ ଅଞ୍ଚଳରେ କେତେଜଣ ସଶସ୍ତ୍ର ବ୍ୟକ୍ତି ୧୩ ଜଣ ଚାଷୀଙ୍କୁ ହତ୍ୟା କରିଛନ୍ତି। ଏହି ହତ୍ୟାକାଣ୍ଡ ପାଇଁ କୌଣସି ସଂଗଠନ ନିଜକୁଦାୟୀ କରିନାହାନ୍ତି। ଆକ୍ରମଣକାରୀଙ୍କ ଗତିବିଧି ସମ୍ପର୍କରେ ଚାଷୀମାନେ ଗୋଇନ୍ଦା ସଂସ୍ଥାକୁ ସୂଚନା ଦେଉଥିବାରୁ ସେମାନଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି।

### ସ୍ୱରାଷ୍ଟ୍ର ସଚିବ ଦାୟିତ୍ୱ ନେଲେ ଗୋବିନ୍ଦ ମୋହନ

ନୂଆଦିଲ୍ଲୀ,୨୩।୮(ପି.ଟି.)

ସ୍ୱରାଷ୍ଟ୍ର ସଚିବ ପଦରୁ ଅଜୟ କୁମାର ଭାଲ୍ଲା ଅବସର ନେବା ପରେ ବରିଷ୍ଠ ଆଇଏଏସ୍ ଅଫିସର ଗୋବିନ୍ଦ ମୋହନ ଶୁକ୍ରବାର ନୂଆ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୮୯ ବ୍ୟାଚ୍ ସିକିମ୍ କ୍ୟାଡର ଆଇଏଏସ୍ ଅଫିସର ଗୋବିନ୍ଦ ପୂର୍ବରୁ କେନ୍ଦ୍ର ସଂସ୍କୃତି ସଚିବ ଭାବେ କାର୍ଯ୍ୟ କରୁଥିଲେ। ବନାରସ ହିନ୍ଦୁ ୟୁନିଭର୍ସିଟିରୁ ବି.ଟେକ୍ ଏବଂ ଆଇଆଇଏମ୍ ଅହମଦାବାଦରୁ ପିଜି ଡିପ୍ଲୋମା କରିଥିବା ଗୋବିନ୍ଦଙ୍କର ଉଭୟ ସିକିମ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦବୀରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି।

### ସ୍କୁଲ ବାଲ୍‌କୋନି ଭୁଶୁଡ଼ି ୪୦ ପିଲା ଆହତ

ବାରବାଙ୍କୀ,୨୩।୮(ପି.ଟି.)

ଉତ୍ତରପ୍ରଦେଶର ବାରବାଙ୍କୀ ଜିଲାରେ ଏକ ସ୍କୁଲର ବାଲ୍‌କୋନି ଶୁକ୍ରବାର ଭୁଶୁଡ଼ି ପଡ଼ିବାରୁ ୪୦ ପିଲା ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଘରୋଇ ଶିକ୍ଷାନୁଷ୍ଠାନ ଅଓଧ ଏକାଡେମୀ ସ୍କୁଲର ପିଲାମାନେ ସକାଳ ପ୍ରାର୍ଥନାରେ ଯୋଗଦେବା ପାଇଁ ପ୍ରଥମ ମହଲା ବାଲ୍‌କୋନିରେ ଏକାଠି ହୋଇଥିବାବେଳେ ତାହା ଭୁଶୁଡ଼ି ପଡ଼ିଥିଲା। ସେମାନଙ୍କୁ ତୁରନ୍ତ ଜାହାଙ୍ଗୀରାବାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଜିଲା ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଅଧିକାଂଶ ପିଲାଙ୍କୁ ଭଗ୍ନାବଶେଷ ତଳୁ ବାହାର କରାଯାଇଥିଲା।

# ଭାରତ ଆମକୁ ସମର୍ଥନ କରୁ: ଜେଲେନ୍‌ସ୍କି

**ରୁଷିଆ ସହ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଭାରତ ସନ୍ତୁଳିତ ଆଭିମୁଖ୍ୟ ଛାଡ଼ି ଆମକୁ ସମର୍ଥନ କରୁ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଗଣମାଧ୍ୟମକୁ ଜେଲେନ୍‌ସ୍କି କହିଛନ୍ତି, ଜଣେ ବ୍ୟକ୍ତି (ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍) ଏହି ଯୁଦ୍ଧ ଆରମ୍ଭ କରିଥିଲେ। ଭାରତ ପୂର୍ବରୁ ଏହାକୁ ଏକ ସଂଘର୍ଷ ବୋଲି ମନେକରୁଥିଲା। ଏବେ ଏହା ଏକ ବାସ୍ତବ ଯୁଦ୍ଧ ବୋଲି ବୁଝିବା ଆରମ୍ଭ କରିଛି। ଯୁଦ୍ଧ ଶେଷ କରି ଶାନ୍ତି ପ୍ରତିଷ୍ଠା କରିବାରେ ଭାରତ ବଡ଼ ଭୂମିକା ନେଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ସେ ଖୁବ୍‌ଶୀଘ୍ର ଭାରତ ଗସ୍ତ କରିବାକୁ ଚାହୁଁଥିବା ଜେଲେନ୍‌ସ୍କି କହିଛନ୍ତି। ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଭାରତ ନିରପେକ୍ଷ ନୁହେଁ। ଆରମ୍ଭରୁ ଆମେ ଶାନ୍ତିର ପକ୍ଷକୁ ବାଛିଛୁ। ଆମେ ବୁଦ୍ଧଙ୍କ ଭୂମିରୁ ଆସିଛୁ, ଯେଉଁଠି ଯୁଦ୍ଧର କୌଣସି ସ୍ଥାନ ନାହିଁ। ସମୟ ନଷ୍ଟ ନ କରି ଆଲୋଚନା ଓ କୂଟନୀତି ଜରିଆରେ ହିଁ ସମାଧାନର ବାଟ ଖୋଜାଯାଉ ବୋଲି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।**


କିଭ୍‌ରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ବିଶ୍ୱକୁ ଶାନ୍ତି ଆଣିବ ଗାନ୍ଧିଜୀଙ୍କ ମାର୍ଗ: ମୋଦି

କିଭ୍,୨୩।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଗସ୍ତକର କିଭ୍‌ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଚିରନ୍ତନ ଶାନ୍ତି ବାର୍ତ୍ତାର ପ୍ରାସଙ୍ଗିକତା ଓ ମହତ୍ତ୍ୱ ବୁଝାଇଛନ୍ତି।

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୯୧୦ ଦିନରେ ପହଞ୍ଚିଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ପୋଲାଣ୍ଡରୁ ଏକ 'ରେଲ ଫୋର୍ସ ୱାନ୍'ରେ ଟ୍ରେନ୍‌ରେ ୧୦ ଘଣ୍ଟା ଯାତ୍ରାକରି ୟୁକ୍ରେନ୍‌ରେ ପହଞ୍ଚିଥିଲେ। କିଭ୍‌ର ହୟାତ୍ ହୋଟେଲରେ ଭାରତୀୟ ସମୁଦାୟ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହା ପରେ ନ୍ୟାଶନାଲ ମ୍ୟୁଜିୟମ୍ ଅଫ୍ ହିଷ୍ଟ୍ରିରେ ଯୁଦ୍ଧରେ ପ୍ରାଣ ହରାଇଥିବା ପିଲାଙ୍କ ସ୍ମୃତିରେ ରଖାଯାଇଥିବା କଣ୍ଢେଇ ପ୍ରଦର୍ଶନୀ ବୁଲି ଦେଖିଥିଲେ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମୋଦିଙ୍କୁ ଆଲିଙ୍ଗନ କରି ତାଙ୍କ ସହ ହାତ ମିଳାଇଥିଲେ। ପ୍ରଦର୍ଶନୀ ଦେଖିବା ପରେ ପ୍ରଧାନମନ୍ତ୍ରୀ ରୁଷିଆ ଆକ୍ରମଣରେ ଛୋଟ ପିଲାଙ୍କ ପ୍ରାଣହାନିକୁ ନେଇ ଶୋକବ୍ୟକ୍ତ କରିଥିଲେ।

ଏହା ପୂର୍ବରୁ ମୋଦି 'ଓଏସିସ୍ ଅଫ୍ ପିସ୍' ପାର୍କରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏକ ସୁସଂହତ ସମାଜ ଗଠନରେ ଗାନ୍ଧିଜୀଙ୍କ ଶାନ୍ତି ବାର୍ତ୍ତାର ସୁଦୂରପ୍ରସାରୀ ପ୍ରଭାବ ଏବଂ ତାଙ୍କ ମାର୍ଗ ଅନୁସରଣ କରି ସାମ୍ପ୍ରତିକ ସମୟରେ ବୈଶ୍ୱିକ ଆହ୍ୱାନଗୁଡ଼ିକର କିପରି ସମାଧାନ କରାଯାଇପାରିବ ତାହା ଉପରେ ମୋଦି ଆଲୋକପାତ କରିଥିଲେ। ମୋଦି କହିଥିଲେ, ବାପୁଙ୍କ ଆଦର୍ଶ ବିଶ୍ୱର ଅନେକ ନିୟୁତ ଲୋକଙ୍କ ପାଇଁ ଆଶାର କିରଣ। ଆମେ ସମସ୍ତେ ଗାନ୍ଧିଜୀ ଦେଖାଇଥିବା ମାନବିକତାର ପଥ ଅନୁସରଣ କରିବା ଉଚିତ। ଏହି ଅବସରରେ ଦୁଇନେତାଙ୍କ ମଧ୍ୟରେ ୟୁକ୍ରେନ୍‌କୁ ଶାନ୍ତି ଓ ସ୍ଥିରତା ଫେରାଇ ଆଣିବା ଦିଗରେ ଆଲୋଚନା ହୋଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

୧୯୯୧ରେ ୟୁକ୍ରେନ୍ ସ୍ୱାଧୀନ ହେବା ପରେ ଉକ୍ତ ପୂର୍ବ ୟୁରୋପୀୟ ଦେଶକୁ ଏହା ହେଉଛି କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ରୁଷିଆର କୁର୍ସ୍କ ଅଞ୍ଚଳରେ ଅନେକ ହଜାର ୟୁକ୍ରେନୀୟ ସୈନ୍ୟ ପ୍ରବେଶ କରି ଆକ୍ରମଣ ଜାରି ରଖିଥିବାବେଳେ ମୋଦିଙ୍କ ୭ ଘଣ୍ଟିଆ କିଭ୍ ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହାର ୬ ସପ୍ତାହ ପୂର୍ବରୁ ଜୁଲାଇରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ହାଇପ୍ରୋଫାଇଲ ରୁଷିଆ ଗସ୍ତ ଚର୍ଚ୍ଚିତ ହୋଇଥିଲା। ସେତେବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ମୋଦିଙ୍କ ଆଲିଙ୍ଗନକୁ ଜେଲେନ୍‌ସ୍କି ସମାଲୋଚନା କରିଥିଲେ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ନେତା ବିଶ୍ୱର ସବୁଠୁ ବଡ଼ ହତ୍ୟାକାରୀଙ୍କୁ ଆଲିଙ୍ଗନ କରିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ଗତ ଜୁନ୍‌ରେ ଇଟାଲୀର ଅପୁଲିଆ ସହରରେ ଜି୭ ସମ୍ମିଳନୀରେ ମୋଦି ଓ ଜେଲେନ୍‌ସ୍କି ପରସ୍ପରକୁ ଭେଟିଥିଲେ। ୟୁକ୍ରେନ୍ ସଂଘର୍ଷର ଅବସାନ ପାଇଁ 'ଆଲୋଚନା ଓ କୂଟନୀତି' ଏକମାତ୍ର ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ ଜି୭ରେ ମତବ୍ୟକ୍ତ କରିବା ସହ କିଭ୍‌କୁ ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ସେହି ମତକୁ ମୋଦି ସଦ୍ୟ ପୋଲାଣ୍ଡ ଗସ୍ତ ବେଳେ ପ୍ରତିପକ୍ଷ ଡୋନାଲ୍ଡ ଟସ୍କଙ୍କ ଆଗରେ ଦୋହରାଇଥିଲେ।

### ଭାରତ-ୟୁକ୍ରେନ୍ ୪ ଚୁକ୍ତି ସ୍ୱାକ୍ଷରିତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କିଭ୍ ଗସ୍ତ ଅବସରରେ ଭାରତ ଓ ୟୁକ୍ରେନ୍ ମଧ୍ୟରେ ୪ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କୃଷି, ଖାଦ୍ୟ ଶିଳ୍ପ, ମେଡିସିନ୍, ସଂସ୍କୃତି ଓ ମାନବୀୟ ସହାୟତା ଆଦି କ୍ଷେତ୍ରରେ ଏହି ରାଜିନାମା ହୋଇଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୂଚନା ଦେଇଛନ୍ତି। ମୋଦି ଓ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ସାକ୍ଷାତ ବେଳେ ସେଠାକାର ସାମରିକ ସ୍ଥିତି ଓ ଶାନ୍ତି ପ୍ରତିଷ୍ଠା ନେଇ ସମ୍ଭାବ୍ୟ ମାର୍ଗ ଉପରେ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଦୁଇନେତାଙ୍କ ମଧ୍ୟରେ ବାଣିଜ୍ୟ, ଆର୍ଥିକ ସହଯୋଗ, ପ୍ରତିରକ୍ଷା ଓ ଶିକ୍ଷା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଅବସରରେ ମୋଦି ୟୁକ୍ରେନୀୟ ଅଞ୍ଚଳକୁ ଶାନ୍ତି ଫେରାଇ ଆଣିବା ଦିଗରେ ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି।

# ଟ୍ୟୁଶନରୁ ଫେରିବାବେଳେ ନାବାଳିକାଙ୍କୁ ଗଣବଳାତ୍କାର


ନାବାଳିକାଙ୍କୁ ଗଣବଳାତ୍କାର ପ୍ରତିବାଦରେ ଗୁଆହାଟୀରେ ମହିଳା ସଙ୍ଗଠନ ପକ୍ଷରୁ ରାସ୍ତାରୋକୋ ଓ ବିକ୍ଷୋଭ କରାଯାଉଛି।

## ଆସାମରେ ଜୋର୍‌ଦାର ବିକ୍ଷୋଭ

ଗୁଆହାଟୀ,୨୩।୮(ପି.ଟି.)

ଆସାମର ନାଗାଁଓ ଜିଲାରେ ଜଣେ ୧୪ ବର୍ଷୀୟା ବାଳିକାଙ୍କୁ ୩ ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ପରେ ଶୁକ୍ରବାର ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନାବାଳିକାଙ୍କୁ ନ୍ୟାୟ ଦାବିରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିବାବେଳେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦୋକାନ ବଜାର ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ ରଖିବା ପାଇଁ ଆହ୍ୱାନ ଦେଇଛନ୍ତି। ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରତିଶ୍ରୁତି ଦେଇଛନ୍ତି।

ଦଶମ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ଗୁରୁବାର ରାତିରେ ଟ୍ୟୁଶନରୁ ସାଇକେଲ ଯୋଗେ ଘରକୁ ଫେରୁଥିବାବେଳେ ୩ ଅଭିଯୁକ୍ତ ମୋଟରସାଇକେଲରେ ଆସି ତାଙ୍କୁ ଘେରିଯାଇଥିଲେ। ସେମାନେ ନାବାଳିକାଙ୍କୁ ମାଡ଼ ମାରିବା ସହ ଗଣବଳାତ୍କାର କରିଥିଲେ ଏବଂ ରାସ୍ତା ପାର୍ଶ୍ୱରେ ତାଙ୍କୁ ଆହତ ତଥା ସଂଜ୍ଞାହୀନ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ପୀଡ଼ିତାଙ୍କୁ ଉଦ୍ଧାରକରି ପୋଲିସକୁ ଜଣାଇଥିଲେ। ନାଗାଁଓ ହସ୍ପିଟାଲରେ ତାଙ୍କ ଡାକ୍ତରୀ ମାଇନା କରାଯିବା ସହ ଚିକିତ୍ସା କରାଯାଉଛି। ଧିଙ୍ଗ ଅଞ୍ଚଳର ଉକ୍ତ ହିନ୍ଦୁ ନାବାଳିକାଙ୍କ ପ୍ରତି ଏଭଳି ଜଘନ୍ୟ ଅପରାଧ କରିଥିବା ଦୋଷୀଙ୍କୁ ଛଡ଼ାଯିବ ନାହିଁ। ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳକୁ ପୋଲିସ ଡିଜି ଏବଂ ଜଳସମ୍ପଦ ମନ୍ତ୍ରୀ ପିଜୁଶ ହଜାରିକାଙ୍କୁ ପଠାଇ କଠୋର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଲୋକ ସଭା ନିର୍ବାଚନ ପରେ ଏକ ନିର୍ଦ୍ଦିଷ୍ଟ ଧର୍ମର ଲୋକେ ଏଭଳି ଅପରାଧ ଘଟାଉଛନ୍ତି। ଗତ ୨ ମାସରେ ମହିଳାମାନଙ୍କ ବିରୋଧରେ ଏଭଳି ୨୨ଟି ଅପରାଧ ଘଟଣା ଘଟିଥିବା ହିମନ୍ତ କହିଛନ୍ତି। ପୋଲିସ ସନ୍ଦେହରେ ଜଣକୁ ଅଟକ ରଖି ପଚରାଉଚରା ଚଳାଇଥିବାବେଳେ ତୁରନ୍ତ ଅପରାଧୀଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି।

## ବଦଲାପୁର ଶିଶୁ ଯୌନ ନିର୍ଯାତନା ମାମଲା

### ଆଜି ମହାରାଷ୍ଟ୍ର ବନ୍ଦ

ମୁମ୍ବାଇ,୨୩।୮

ମହାରାଷ୍ଟ୍ରର ଠାଣେ ଜିଲା ଅନ୍ତର୍ଗତ ବଦଲାପୁରରେ ଏକ ନର୍ସରି ସ୍କୁଲର ୨ ଶିଶୁକନ୍ୟାଙ୍କୁ ଯୌନ ନିର୍ଯାତନା ଘଟଣାର ପ୍ରତିବାଦରେ ଶନିବାର ମହାରାଷ୍ଟ୍ର ବନ୍ଦ ଡାକରା ଦିଆଯାଇଛି। ବିରୋଧୀ ମେଣ୍ଟ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବା ଶିବସେନା(ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି। ଏହା ଏକ ଅଣରାଜନୈତିକ କାର୍ଯ୍ୟକ୍ରମ ହୋଇଥିବାବେଳେ ଝିଅଙ୍କ ସୁରକ୍ଷା ପାଇଁ ପ୍ରତ୍ୟେକେ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ବନ୍ଦରେ ଏମ୍‌ଭିଏ ଅଂଶୀଦାର କଂଗ୍ରେସ, ଶିବସେନା(ୟୁବିଟି) ଏବଂ ଶରଦ ପାଓ୍ୱାରଙ୍କ ଏନ୍‌ସିପି ଯୋଗଦେବ। ଅନ୍ୟପକ୍ଷରେ ରାଜନୈତିକ ଦଳଗୁଡ଼ିକ ସାମିଲ ନ ହେବାକୁ ବମ୍ବେ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏମ୍‌ଭିଏର ବନ୍ଦ ଡାକରାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ପିଟିଶନ ଦାଏର ହୋଇଥିଲା। ବନ୍ଦକୁ ରୋକିବା ଦିଗରେ ମହାରାଷ୍ଟ୍ର ସରକାର ସମସ୍ତ ପଦକ୍ଷେପ ନେବାକୁ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଏବଂ ଜଷ୍ଟିସ ଅମିତ୍ ବୋର୍କାରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲରେ ଶିଶୁ ଯୌନ ନିର୍ଯାତନାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଏଭଳି ଅପରାଧ ଘଟିଥିବା କମିଟି ରିପୋର୍ଟ ଦେଇଛି। ୩ ଓ ୪ ବର୍ଷର ଶିଶୁଙ୍କୁ ଗତ ୧୫ ଦିନ ମଧ୍ୟରେ ଏକାଧିକ ଥର ଯୌନ ନିର୍ଯାତନା ଦିଆଯାଇଥିବା ରିପୋର୍ଟରେ କୁହାଯାଇଛି।

## ନଦୀକୁ ବସ୍ ଖସି ୨୭ ଭାରତୀୟଙ୍କ ମୃତ୍ୟୁ

କାଠମାଣ୍ଡୁ,୨୩।୮(ପି.ଟି.)

ଏକ ଭାରତୀୟ ପର୍ଯ୍ୟଟକ ବସ୍ ଶୁକ୍ରବାର ନେପାଳର ମାର୍ସ୍ୟାଙ୍ଗଡ଼ି ନଦୀକୁ ଖସିପଡ଼ିବାରୁ ଅନ୍ୟୂନ ୨୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି। ଉତ୍ତରପ୍ରଦେଶ ଗୋରଖପୁରର ଏହି ବସ୍ ପୋଖରାରୁ ପର୍ଯ୍ୟଟକମାନଙ୍କୁ ନେଇ ନେପାଳ ରାଜଧାନୀ କାଠମାଣ୍ଡୁକୁ ଯାଉଥିବାବେଳେ ତନାହୁନ୍ ଜିଲାର ଆଇନା ପାହାରା ନିକଟ ରାଜପଥରୁ ୧୫୦ ମିଟର ତଳେ ପ୍ରବାହିତ ହେଉଥିବା ନଦୀଗର୍ଭକୁ ଖସିପଡ଼ିଥିଲା। ବସ୍‌ରେ ୨ ଡ୍ରାଇଭରଙ୍କ ସମେତ ୪୩ ଜଣ ଥିଲେ।

ସୂଚନାଯୋଗ୍ୟ, ମହାରାଷ୍ଟ୍ରରୁ ୩ଟି ବସ୍‌ରେ ୧୦୪ ଜଣ ପର୍ଯ୍ୟଟକ ୧୦ ଦିନିଆ ନେପାଳ ପରିଦର୍ଶନରେ ଯାଇଥିବାବେଳେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ବସ୍ ସେଥିରୁ ଅନ୍ୟତମ। ସେମାନେ ମହାରାଷ୍ଟ୍ରର ଜଳଗାଁଓ ଜିଲା ଅନ୍ତର୍ଗତ ଭୁସାଲ ଗ୍ରାମରୁ ଆସିଥିଲେ। ୨ ଦିନ ପୋଖରା ବୁଲିବା ପରେ ୩ଟି ବସ୍ ଶୁକ୍ରବାର ସକାଳୁ କାଠମାଣ୍ଡୁ ଅଭିମୁଖେ ବାହାରିଥିଲା। ବସ୍‌ର ଅଧିକାଂଶ ଯାତ୍ରୀ ପରିବାର ସଦସ୍ୟ ଓ ସମ୍ପର୍କୀୟ ଥିଲେ। ଉଦ୍ଧାରକାରୀ ଟିମ୍ ନଦୀରୁ ୨୭ ମୃତଦେହ ବାହାର କରିଥିବାବେଳେ ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଉତ୍ତରପ୍ରଦେଶ ସରକାର ଦୁର୍ଘଟଣାସ୍ଥଳକୁ ଏସ୍‌ଡିଏମ୍‌ଙ୍କୁ ପଠାଇଥିବାବେଳେ ଜଣେ ଏଡିଏମ୍‌ଙ୍କୁ ରିଲିଫ୍ କାର୍ଯ୍ୟରେ ସମନ୍ୱୟ ରକ୍ଷା ପାଇଁ ନିୟୋଜିତ କରାଯାଇଛି।

## ଅନିଲ ଅମ୍ବାନୀଙ୍କୁ ୫ ବର୍ଷ ଶେୟାର ବଜାର ମନା

ମୁମ୍ବାଇ,୨୩।୮

### ୨୫ କୋଟି ଜରିମାନା କଲା ସେବି

ରିଲାଏନ୍ସ ହୋମ୍ ଫାଇନାନ୍ସ ଲିଃ (ଆର୍‌ଏଚ୍‌ଏଫ୍‌ଏଲ୍) କମ୍ପାନୀ ପାଣ୍ଠିକୁ ଅନ୍ୟତ୍ର ଲଗାଇଥିବା ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ଶେୟାର ବଜାର ପ୍ରବେଶ ଉପରେ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ୫ ବର୍ଷ ପାଇଁ ପ୍ରତିବନ୍ଧକ ଲଗାଇଛି। ଏଥିସହିତ ସେବି ତାଙ୍କୁ ୨୫ କୋଟି ଟଙ୍କା ଜରିମାନା କରିଛି। ତାଙ୍କ ସମେତ ଅନ୍ୟ ୨୪ ଜଣଙ୍କ ଷ୍ଟକ୍ ମାର୍କେଟ ପ୍ରବେଶ ଉପରେ କଟକଣା ଲଗାଯାଇଛି। ସେମାନଙ୍କ ମଧ୍ୟରେ ଆର୍‌ଏଚ୍‌ଏଫ୍‌ଏଲ୍‌ର ଜଣେ ପୂର୍ବତନ ଅଧିକାରୀ ଅଛନ୍ତି। ରିଲାଏନ୍ସ ହୋମ୍ ଫାଇନାନ୍ସକୁ ୬ ମାସ ପାଇଁ ଶେୟାର ବଜାରରୁ ବାଦ୍ ଦିଆଯିବା ସହ ୬ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି।



ଅନିଲ ଅମ୍ବାନୀ ଆର୍‌ଏଚ୍‌ଏଫ୍‌ଏଲ୍‌ର ପରିଚାଳନା ଅଧିକାରୀଙ୍କ ସହାୟତାରେ ଜାଲିଆତି ସ୍କିମ୍ ଚଳାଇ ଉକ୍ତ କମ୍ପାନୀର ପାଣ୍ଠିକୁ ବେଆଇନ ଭାବେ ତାଙ୍କ ସହ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ସ୍ଥାନାନ୍ତର କରିଥିଲେ।

## ଅନିଶ୍ଚିତତାରେ ସୁନୀତାଙ୍କ ପ୍ରତ୍ୟାବର୍ତ୍ତନ

### ଆଜି ଚୂଡ଼ାନ୍ତ ନିଷ୍ପତ୍ତି ନେବ ନାସା

ୱାଶିଂଟନ୍,୨୩।୮


ସୁନୀତା ୱିଲିୟମ୍ସ

ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀ ବୁଚ୍ ୱିଲମୋର ଗତ ଜୁନ୍ ୬ରେ ୮ ଦିନ ପାଇଁ ମହାକାଶ ଯାତ୍ରା କରିଥିଲେ। ମହାକାଶଯାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉଭୟେ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍ଏସ୍)ରେ ଫସିରହିଛନ୍ତି। ଦୁଇ ମହାକାଶଚାରୀଙ୍କୁ ଆଇଏସ୍ଏସ୍‌ରେ ଅନିଶ୍ଚିତତା ଭିତରେ ଆଉ କିଛି ଦିନ ବିତାଇବାକୁ ପଡ଼ିପାରେ ବୋଲି ଆମେରିକୀୟ ମହାକାଶ ସଂସ୍ଥା ନାସା ପକ୍ଷରୁ ଶୁକ୍ରବାର କୁହାଯାଇଛି। ତେବେ ବୋଇଂର ଷ୍ଟାରଲାଇନର୍ ସ୍ପେସ୍‌କ୍ରାଫ୍ଟ କିମ୍ବା ସ୍ପେସେକ୍ସର ଡ୍ରାଗନ୍ କ୍ୟାପ୍‌ସୁଲ ଜରିଆରେ ଉଭୟଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇ ଆଣିବା ଉପରେ ନାସା ଶନିବାର ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ଜଣାପଡ଼ିଛି। ନାସା ଆଡ୍‌ମିନିଷ୍ଟ୍ରେଟର ବିଲ୍ ନେଲ୍‌ସନ ଓ ଅନ୍ୟ ଶୀର୍ଷ ଅଧିକାରୀମାନେ ଶନିବାର ଏହା ଉପରେ ହ୍ୟୁଷ୍ଟନ୍‌ରେ ବୈଠକ କରିବେ। ବୈଠକ ପରେ ନିଷ୍ପତ୍ତି ଘୋଷଣା କରାଯିବ।

# ଟ୍ରମ୍ପ୍ ଫେରିଲେ ଭୟଙ୍କର ପରିଣାମ

## ଆମେରିକୀୟଙ୍କୁ ଚେତାଇଲେ ହାରିସ୍

ୱାଶିଂଟନ୍,୨୩।୮


କମଳା ହାରିସ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନଭେମ୍ବର ୫ ନିର୍ବାଚନରେ ପୁଣି ବିଜୟୀ ହୋଇ ହ୍ୱାଇଟ୍ ହାଉସ୍‌କୁ ଫେରିଲେ ଦେଶବାସୀଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଉପରାଷ୍ଟ୍ରପତି କମଳା ହାରିସ୍ ଚେତାଇ ଦେଇଛନ୍ତି।

ଶାସକ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ହାରିସ୍ ପ୍ରେସିଡେନ୍ସିଆଲ ଆକ୍‌ସେପ୍ଟେନ୍ସ ସ୍ପିଚ୍‌ରେ ନିଜକୁ ଜଣେ ଏଭଳି ନେତ୍ରୀ ଭାବେ ଉପସ୍ଥାପିତ କରିଛନ୍ତି, ଯିଏକି ସମସ୍ତ ଆମେରିକୀୟଙ୍କୁ ସାଙ୍ଗରେ ନେଇ ଏକ ନୂତନ ମାର୍ଗରେ ଦେଶକୁ ଆଗେଇ ନେବେ। କିନ୍ତୁ ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନ ଜିତିଲେ ଆମେରିକୀୟମାନେ 'ଅତ୍ୟନ୍ତ ଗମ୍ଭୀର' ପରିଣାମ ଭୋଗିବେ ବୋଲି ସେ ସତର୍କ କରାଇଛନ୍ତି। ଭାରତୀୟ-ଆଫ୍ରିକୀୟ ବଂଶୋଦ୍ଭବ ହାରିସ୍ ଶିକାଗୋରେ ଗୁରୁବାର ରାତିରେ ଆୟୋଜିତ ଡେମୋକ୍ରାଟିକ୍ ନ୍ୟାଶନାଲ କନ୍‌ଭେନ୍ସନରେ ଦଳୀୟ ନାମାଙ୍କନ ଗ୍ରହଣ କରିଛନ୍ତି। ପୂର୍ବତନ ଫାଷ୍ଟ ଲେଡି ହିଲାରି କ୍ଲିଣ୍ଟନ୍‌ଙ୍କ ପରେ ହାରିସ୍ ହେଉଛନ୍ତି ଡେମୋକ୍ରାଟିକ୍ ନାମାଙ୍କନ ଗ୍ରହଣ କରିବାରେ ଦ୍ୱିତୀୟ ମହିଳା। ଏହି ଅବସରରେ ୫୯ ବର୍ଷୀୟା ହାରିସ୍ ମଞ୍ଚାସୀନ ହେବାବେଳକୁ ଷ୍ଟାଣ୍ଡିଂ ଓଭେଶନ୍ ଜରିଆରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ହାରିସ୍‌ଙ୍କ ୪୦ ମିନିଟର ଭାଷଣ ବେଳେ ସମର୍ଥକମାନେ ବାରମ୍ବାର ସ୍ଲୋଗାନ ଦେଇଥିଲେ, ୟେସ୍ ୟୁ କ୍ୟାନ୍!

### 'ଦେଶୀ ପ୍ରେସିଡେଣ୍ଟ' ୱେବ୍‌ସାଇଟ୍ ଲଞ୍ଚ୍

ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟମାନେ ଏକ ନୂଆ ୱେବ୍‌ସାଇଟ୍ ଲଞ୍ଚ କରିଛନ୍ତି। ୱେବ୍‌ସାଇଟ୍‌ର ନାମ 'ଦେଶୀ ପ୍ରେସିଡେଣ୍ଟ ଡଟ୍ କମ୍' ରହିଥିବାବେଳେ ଏହାର ଟ୍ୟାଗ୍‌ଲାଇନ୍ ରଖାଯାଇଛି 'କମଳା କେ ସାଥ୍'। କମଳାଙ୍କ ମା' ଚେନ୍ନାଇରୁ ଆମେରିକା ଯାଇଥିବାବେଳେ ବାପା ଜାମାଇକାର ଥିଲେ। ତେଣୁ ଆଗାମୀ ଦିନରେ କମଳାଙ୍କ ନେତୃତ୍ୱ ଆମେରିକାକୁ ଏକ ନୂଆ ମାର୍ଗ ଦେଖାଇବ ବୋଲି ଉକ୍ତ ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ଇଣ୍ଡିଆନ୍ ଆମେରିକାନ୍ ଇମ୍ପାକ୍ଟ ଫଣ୍ଡ ପକ୍ଷରୁ କରାଯାଇଥିବା 'ଦେଶୀ ପ୍ରେସିଡେଣ୍ଟ' ପ୍ରୋଜେକ୍ଟ ଇତିମଧ୍ୟରେ ଉପରୋକ୍ତ ସ୍ଲୋଗାନ୍ ଥିବା ଏକ ଟି-ଶାର୍ଟ ପ୍ରସ୍ତୁତ କରିଛି। ସୋସିଆଲ ମିଡିଆରେ ଏହା ବହୁଳ ପ୍ରସାରିତ ହେବାରେ ଲାଗିଛି।

ଧରିତ୍ରୀ 50 Years

ଧରିତ୍ରୀ
DHARITRI




# ପ୍ରଫୁଲ୍ଲ ସାମନ୍ତରା ୩ ଘଣ୍ଟା ଅଟକ


ବରଗଡ଼ ଥାନାରେ ପ୍ରଫୁଲ୍ଲ ସାମନ୍ତରା ଏବଂ ଚାଷୀନେତା ଲିଙ୍ଗରାଜ।

**ବରଗଡ଼,୨୩।୮ (ପ୍ରେମାନନ୍ଦ ଖମାରୀ)**

ସାମାଜିକ କର୍ମୀ ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଶୁକ୍ରବାର ବରଗଡ଼ ଗସ୍ତରେ ଆସିବା ବାଟରେ ପୋଲିସ ତାଙ୍କୁ ଥାନାରେ ୩ଘଣ୍ଟା ଧରି ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସାମନ୍ତରା ବରଗଡ଼ ଜିଲା ଭଟଲି ଦଧିବାମନ କଲେଜରେ ଜଳବାୟୁ ପରିବର୍ତ୍ତନ ଓ ଆମର ଭବିଷ୍ୟତ ଶୀର୍ଷକ ପାଠଶାଳାରେ ଯୋଗଦେବାକୁ ପୁରୀ-ଦୁର୍ଗ ଏକ୍ସପ୍ରେସ ଟ୍ରେନରେ ଆସୁଥିଲେ। ଟ୍ରେନରେ ସେ ଶୋଇଥିବାବେଳେ ଭୋର୍ ପ୍ରାୟ ୪ଟା ସମୟରେ ସମ୍ବଲପୁର ରେଳଷ୍ଟେଶନରେ ପୋଲିସ ତାଙ୍କୁ ଉଠାଇ ସେଠାରେ ଓହ୍ଲାଇବାକୁ ବାଧ୍ୟ କରିଥିଲା, ମାତ୍ର ସେ ଓହ୍ଲାଇ ନ ଥିଲେ ଏବଂ ବରଗଡ଼ ରେଳ ଷ୍ଟେଶନ ଅଭିମୁଖେ ଆସିଥିଲେ। ମାତ୍ର ବରଗଡ଼ ରେଳ ଷ୍ଟେଶନରେ ଓହ୍ଲାଇବା ପରେ ସ୍ଥାନୀୟ ପୋଲିସ ସେଠାରୁ ତାଙ୍କୁ ଉଠାଇ ନେଇ ୩ଘଣ୍ଟା ଥାନାରେ ଅଟକ ରଖିଥିଲା ବୋଲି ସାମନ୍ତରା କହିଛନ୍ତି। ଏପରିକି ଚାଷୀନେତା ଲିଙ୍ଗରାଜ ବରଗଡ଼ ଗସ୍ତ ସମ୍ପର୍କରେ କହିବା ସତ୍ତ୍ୱେ ପୋଲିସ ଛାଡ଼ି ନ ଥିଲା ଏବଂ ୩ଘଣ୍ଟା ଅଟକ ରଖିବା ପରେ ତାଙ୍କୁ ଛାଡ଼ିଥିବା ସେ କହିଛନ୍ତି। ବଲାଙ୍ଗୀର ଲୋୟର ସୁକତେଲ ବିସ୍ଥାପିତଙ୍କୁ ଭେଟିବାକୁ ସେ ଯାଉଥିବା ଭାବି ପୋଲିସ ତାଙ୍କୁ ଉଠାଇଥିଲା, ମାତ୍ର ସେ ବଲାଙ୍ଗୀର ଯାଉ ନ ଥିବା କହିବା ଏବଂ ବରଗଡ଼ ରେଳ ଷ୍ଟେଶନରେ ଓହ୍ଲାଇବା ସତ୍ତ୍ୱେ ପୋଲିସ ଅଟକ ରଖିଥିଲା ବୋଲି ସାମନ୍ତରା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ଲୋୟର ସୁକତେଲ ଡ୍ୟାମ୍ ବିସ୍ଥାପିତଙ୍କ ସ୍ଥିତି, ସମସ୍ୟା ଲୋକଲୋଚନକୁ ଆଣିବା ପାଇଁ ବଲାଙ୍ଗୀର ଜିଲା ପ୍ରଶାସନ ଚାହୁଁନାହିଁ। ସେହିପରି ପୂର୍ବ ସରକାରଙ୍କ ଗଣତନ୍ତ୍ର ହତ୍ୟା ଲୀଳା ବନ୍ଦ ରହିବ ନା ଚାଲୁ ରହିବ, ନୂଆ ସରକାର ତାହା ଘୋଷଣା କରନ୍ତୁ। ତାଙ୍କ ଗସ୍ତକୁ ନେଇ ପ୍ରଶାସନର ଏତେ ଭୟ କାହିଁକି ଏବଂ ବିସ୍ଥାପିତଙ୍କୁ ଭେଟିବା କଣ ତାଙ୍କର ଅଧିକାର ନାହିଁ କି ବୋଲି ସାମନ୍ତରା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ଏହା ସହିତ ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଲେଖି ଜଣାଇବେ ବୋଲି ପ୍ରକାଶ କରିଛନ୍ତି।

# ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୨୩।୮ (କାର୍ତ୍ତିକ ସାହୁ)**

କଟକ ଜିଲା ଆଇନସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ୍ ସେବା କମିଟି ପରିସରରେ ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଆପୋଷ ସହମତିରେ ସମାଧାନ କରାଯାଇପାରିବ। ମୋଟରଯାନଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରି ମାମଲାର ଆପୋଷ ସମାଧାନ ପାଇଁ ଜନସାଧାରଣ ସୁଯୋଗ ନେଇପାରିବେ।

# ଟିକିଟି ମଦମୃତ୍ୟୁ: ବିଧାନସଭାରେ ହଙ୍ଗାମା

**ଭୁବନେଶ୍ୱର,୨୩।୮ (ଅନିଲ ଦାସ)**

ଟିକିଟି ମଦମୃତ୍ୟୁ ଘଟଣାରେ ବିରୋଧୀ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଧାନସଭାରେ ପ୍ରବଳ ହଙ୍ଗାମା କରିଛନ୍ତି। ଏପରି କି ବିଜେଡି ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରିଛନ୍ତି। ବିରୋଧୀଙ୍କ ହଙ୍ଗାମା ଯୋଗୁ ପ୍ରଶ୍ନକାଳ ବରବାଦ ହୋଇଯାଇଛି। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବାଚସ୍ପତି ସୁରମା ପାଢ଼ୀ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିକରି ହୋହଲ୍ଲା କରିଥିଲେ। ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି... ଆମର ଦାବି...ସ୍ଲୋଗାନ ଦେଇ ଗୃହକୁ କମ୍ପାଇ ଦେଇଥିଲେ। ହଙ୍ଗାମା ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ପ୍ରଶ୍ନ ନଂ. ୩୦୧ର ଉତ୍ତର ଦେବାକୁ ବାଚସ୍ପତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ କହିଥିଲେ। ମୂଳ ପ୍ରଶ୍ନକର୍ତ୍ତା ବିଭୂତି ଭୂଷଣ ପ୍ରଧାନ ପର୍ଜଙ୍ଗ ନିର୍ବାଚନମଣ୍ଡଳୀର ବାରିହାପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ କେବେ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ପଚାରିଥିଲେ। ମନ୍ତ୍ରୀ ଲେଖା ପଢ଼ି ଶୁଣାଇ କହିଥିଲେ, ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଏହାକୁ କାର୍ଯ୍ୟକ୍ଷମ କରିବାକୁ ସରକାର ବିହିତ ପଦକ୍ଷେପ ନେବେ। ହଙ୍ଗାମା ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆଗେଇ ନେବାକୁ ବାଚସ୍ପତି ଚେଷ୍ଟା କରିଥିଲେ। ଏହାପରେ ବାଚସ୍ପତି କ୍ରୀଡ଼ାମନ୍ତ୍ରୀଙ୍କୁ ୩୦୫ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ କହିଥିଲେ। କ୍ରୀଡ଼ାମନ୍ତ୍ରୀ ହଙ୍ଗାମା ମଧ୍ୟରେ ଉତ୍ତର ଦେଉଥିଲେ। ଏହି ସମୟରେ ବିଜେଡି ସଦସ୍ୟ ଯୋଗେଶ ସିଂ, ମାଧବ ଧଡ଼ା ଏବଂ ରୋମାଞ୍ଚ ବିଶ୍ୱାଳ ଅବକାରୀ ମନ୍ତ୍ରୀଙ୍କ ଇସ୍ତଫା ଦାବିକରି ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ। ଏହାକୁ ରୋକିବାକୁ ଯାଇ ବିଧାନସଭାରେ ଉପସ୍ଥିତ ମାର୍ଶାଲଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ସେହିପରି ଅନ୍ୟ କେତେ ଜଣ ବିଜେଡି ସଦସ୍ୟ ଶିଡ଼ି ବାଟ ଦେଇ ବାଚସ୍ପତିଙ୍କ ପୋଡିୟମ ଉପରକୁ ଯିବାକୁ ଚେଷ୍ଟା କରିଥିଲେ। ତେବେ ସେଠାରେ ଉପସ୍ଥିତ ମାର୍ଶାଲ ସେମାନଙ୍କୁ ଅଟକାଇ ଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୦ଟା ୪୦ ମିଟରୁ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



## ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିଲେ ବିଜେଡି ସଦସ୍ୟ

ଗୃହ ବାହାରେ ବିଜେଡି ବିଧାୟକ ମାଧବ ଧଡ଼ା କହିଛନ୍ତି, ଗଣତାନ୍ତ୍ରିକ ଉପାୟରେ ଆମେ ଗୃହକୁ ବନ୍ଦ କରିବାକୁ ଚାହିଁଥିଲୁ। କିନ୍ତୁ ବାଚସ୍ପତି ଗୃହକୁ ବନ୍ଦ କଲେ ନାହିଁ। ତେଣୁ ଆମେ ଯାହା କରିଛୁ ଗଣତାନ୍ତ୍ରିକ ଭାବେ କରିଛୁ। ସୀମା ବାହାରକୁ ଯାଇ କିଛି କରିନୁ। କାରଣ ଆମ ଦଳ ସବୁବେଳେ ମା'କୁ ସମ୍ମାନ ଦେଇ ଆସୁଛି। ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି, ବିରୋଧୀ ମହିଳା ବାଚସ୍ପତିଙ୍କୁ ସମ୍ମାନ ଦେବା ଶିଖିନାହାନ୍ତି। ପୋଡିୟମ ଉପରକୁ ଉଠି ବିରୋଧୀ ଦଳର ବିଧାୟକମାନେ ଯେଉଁପରି ଭାବେ ଆଚରଣ ପ୍ରଦର୍ଶନ କଲେ ତାହା ଖୁବ୍ ନିନ୍ଦନୀୟ। ସତ୍ୟର ସାମ୍ନା କରିବାକୁ ବିରୋଧୀ ଡରୁଛନ୍ତି। ୨୪ ବର୍ଷ ଧରି ସେମାନେ ଦୁର୍ନୀତିରେ ଉବୁଟୁବୁ ହେଉଥିଲେ। ଏବେ ପର୍ଦ୍ଦାଫାଶ ହେବା ବେଳକୁ ଆଲୋଚନାକୁ ଡରୁଛନ୍ତି। ଗୃହରେ ହୋହଲ୍ଲା କରୁଛନ୍ତି। ବିରୋଧୀଙ୍କ ଏପରି ଆଚରଣ ଗଣତନ୍ତ୍ରରେ ଆଦୌ ଶୋଭନୀୟ ନୁହେଁ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ସବୁ ଜିଲାରେ ମଦବନ୍ୟା ଚାଲିଛି। ଟିକିଟି ମଦମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିଦ ତୁରନ୍ତ ନ ଭାଙ୍ଗିଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ। ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦେବା କଥା।







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରଖ୍ୟାତ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ୮୦ତମ ଜୟନ୍ତୀ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଅଲ୍ ଓଡ଼ିଶା ଡିଜାଇନର୍ସ ଆସୋସିଏଶନ ପକ୍ଷରୁ 'କଣ୍ଟେମ୍ପରାରି ଡିଜାଇନ୍ ଆଣ୍ଡ ଆର୍ଟ' ସଂକ୍ରାନ୍ତୀୟ ସମ୍ମିଳନୀ, ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ, କନ୍‌ଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାମ୍ବାଦିକ ସଙ୍ଗଠନ ପକ୍ଷରୁ ରାଜ୍ୟସ୍ତରୀୟ ପାଠକ ପର୍ବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟର ନବନିର୍ମିତ କୃଷି ଶିକ୍ଷା ସଦନ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଓଡ଼ିଶା ଭେଟେରାନ ସୋଲଜର୍ସ ଆସୋସିଏଶନ ପକ୍ଷରୁ ଧାରଣା, ସ୍ଥାନ: ବିଧାନସଭା ଧାରଣାସ୍ଥଳ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରକ୍ତତୀର୍ଥ ପାପଡ଼ାହାଣ୍ଡିର ଶହୀଦଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ ସମ୍ମାନ ମିଡିଆ ଆୱାର୍ଡ୍ସ, ସ୍ଥାନ: ରୋଟାରୀ ଭବନ, ସଚିବାଳୟ ମାର୍ଗ, ସମୟ: ସନ୍ଧ୍ୟା ୬ଟା।
- ପଦ୍ମଶ୍ରୀ ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ୮୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ' ତୁମରି ସ୍ମୃତିରେ' କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ, ସ୍ଥାନ: ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୬ତମ ସ୍ମୃତି ସମାରୋହ ତଥା ଧର୍ମରକ୍ଷା ଦିବସ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଶ୍ରୀମଦ୍ ଭଗବଦ୍ ପ୍ରବଚନ ସପ୍ତାହର ଦ୍ୱିତୀୟ ଦିବସ, ସ୍ଥାନ: ରାଷ୍ଟ୍ରଭାଷା ସଭାଗୃହ, କଳାବିକାଶ କେନ୍ଦ୍ର ରୋଡ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବଚପନ୍ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ପାଳନ, ସ୍ଥାନ: ଦଉତୋଟା ବିଦ୍ୟାଳୟ ପରିସର ସମୟ: ସକାଳ ୯ଟା ୩୦।
- ପୁରୀ ବିଭାଗ ଜ୍ଞାନ ବିଜ୍ଞାନ ମେଳା ଓ ସମ୍ଭାଗସ୍ତରୀୟ ସଂସ୍କୃତି ମହୋତ୍ସବର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ହରଚଣ୍ଡୀ ସାହି ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ସଂସ୍କୃତ ଦିବସ ପାଳନ, ସ୍ଥାନ: ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା

- ଭାରତ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଅଶୋକ ନଗର ବଣିକ ସଂଘ, ବାଲୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- କୁଶଳ ରଥର ଶୁଭାରମ୍ଭ, ସ୍ଥାନ: ସରକାରୀ ଆଇଟିଆଇ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜୟ ବଜରଙ୍ଗବଲି ଆଦର୍ଶ ବୃଷଭ ସେବା କେନ୍ଦ୍ର ପକ୍ଷରୁ ସେବା କେନ୍ଦ୍ରର ଉଦ୍‌ଘାଟନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସୋର, ସମୟ: ମଧ୍ୟାହ୍ନ ୧୨ଟା।
- ପତଞ୍ଜଳି ଯୁବ ପ୍ରଚାର କମିଟି ପକ୍ଷରୁ ତାଳ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଭୋଗୁପୁର, ଖଇରା, ସମୟ: ଅପରାହ୍ନ ୩ଟା।
- ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବୈଠକ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଜବରଦଖଲ ଉଚ୍ଛେଦ, ସ୍ଥାନ: ଶନିମନ୍ଦିର ଛକ, ଭଦ୍ରକ, ସମୟ: ସକାଳ ୯ଟା।
- ଅଧ୍ୟକ୍ଷଙ୍କ ବିରୋଧରେ ଧାରଣା, ସ୍ଥାନ: ବରପଦା ଇଞ୍ଜିନିୟରିଂ କଲେଜ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶ୍ରୀ ଶନିଙ୍କ ମନ୍ଦିରରେ ମେଳା, ହୋମ ଏବଂ ଭଜନ,କୀର୍ତ୍ତନ, ସ୍ଥାନ:ମୋଟରାଗଡିଆ,ଛେନାପଦୀ,ହାଟଡିହୀ,ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୭ ଟା।
- ମା' ଭୂଆସୁଣୀ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ମଠ କପୁଣ୍ଡି, ହାଟଡିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- କ୍ଲଷ୍ଟରସ୍ତରୀୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବୈଠକ, ସ୍ଥାନ: ଭାଲୁକଚୁଆ ପ୍ରାଥମିକ ବିଦ୍ୟାଳୟ,ମୋରଡ଼ା ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ଆଗାମୀ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସମୂହ ବେଳାଭୂମି ସଫେଇ ଅଭିଯାନ, ସ୍ଥାନ: କଳିଙ୍ଗ ବାଲିଯାତ୍ରା ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- କନ୍ୟାରତ୍ନ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଂସାର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜାତୀୟ କବି ବାଞ୍ଛାନିଧି ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ବରୀ ବ୍ଲକ୍ ଅଧୀନ ସନ୍ଥନ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ୍ ଧାରପୁର ଅମୃତ ସରୋବର, ସମୟ: ପୂର୍ବାହ୍ନ ୧୦ଟା।
- ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଅଫ ହୋଟେଲ ମ୍ୟାନେଜମେଣ୍ଟର ଉଦ୍‌ଘାଟନ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜାରକା କଳ୍ପତରୁ ଦାସ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡା ବ୍ଲକର ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ସକାଳ ୯ଟା।

## ରାୟଗଡ଼ା

- ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାର ସଚେତନତା ଅଭିଯାନ, ସ୍ଥାନ: ଖମ୍ଭେସୀ ଗ୍ରାମ, ବିଷମ କଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ, ସ୍ଥାନ: ୟୁଜିୟୁପି ସ୍କୁଲ, ଗୁଡ଼ାରି, ସମୟ: ପୂର୍ବାହ୍ନ ୧୦ଟା।
- ରାମ ଚରିତ ମାନସ ଜ୍ଞାନଯଜ୍ଞ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୭ଟା।

## ନବରଙ୍ଗପୁର

- ଶହୀଦ ସ୍ମୃତି ଦିବସ, ସ୍ଥାନ: ପାପଡାହାଣ୍ଡି ଶହୀଦ ମିନାର, ସମୟ: ସକାଳ ୯ଟା।

## କୋରାପୁଟ

- କୋରାପୁଟ ଜିଲା ପ୍ରଶାସନ ତଥା ଏଫ୍‌ଇଏସ୍ ସହାୟତାରେ ଜଙ୍ଗଲ ଅଧିକାର ଆଇନ ଦିବସ ପାଳନ,ସ୍ଥାନ: ପଟ୍ଟାଙ୍ଗି ମିନି ଷ୍ଟାଡିୟମ, ସମୟ: ସକାଳ:୧୦।

## ମାଲକାନଗିରି

- କୃଷି

## ସମ୍ବଲପୁର

- ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ପକ୍ଷରୁ ସର୍ବୋଦୟ ଶିବିର, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସକାଳ ୯ଟା ୩୦।
- ଯୁବ ସଙ୍ଗଠନ ଆୟୋଜନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରଜା ପାହାଡ, ସମୟ: ସକାଳ ୯ଟା ୩୦।
- ଜିଲାକ୍ରୀଡା ସଂଘ ପକ୍ଷରୁ ଡାକ୍ତର ସନାତନ ବେହେରା ସ୍ମାରକୀ ସୁପରଲିଗ ପର୍ଯ୍ୟାୟ ଫୁଟବଲ ମ୍ୟାଚ, ପୋଲିସ କ୍ଲବ ବନାମ ମେହେର ଆସୋସିଏଶନ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୧୫।
- ଭାରତ ବିକାଶ ପରିଷଦର ବୈଠକ, ସ୍ଥାନ: ମୁଦିପଡା ସ୍ଥିତ ସଞ୍ଜିବନୀ ଭବନ, ସମୟ: ଅପରାହ୍ନ ୩ ଟା ୩୦।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।
- ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।

## ସୁବର୍ଣ୍ଣପୁର

- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ, ସ୍ଥାନ: ବୀରମହାରାଜପୁର ମହାବିଦ୍ୟାଳୟ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନି ମନ୍ଦିରଠାରେ ମହାଆଳତୀ, ସ୍ଥାନ: ତରଭା ଶନି ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ଜନ୍ମ ପାଳନ ପାଇଁ ତରଭା ବ୍ଲକର ନକଟିକନା ଗ୍ରାମରେ ପ୍ରସ୍ତୁତି ବୈଠକ, ସ୍ଥାନ: ନକଟିକନା ପ୍ରହରୀ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜୟ କିଷାନ ଆନ୍ଦୋଳନ ପକ୍ଷରୁ ବିଚାର ପ୍ରଶିକ୍ଷଣ ଶିବିର, ସ୍ଥାନ: ସମତା ଭବନ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଗଙ୍ଗାଧର ମେହେର ଜୟନ୍ତୀ ପାଳନ, ସ୍ଥାନ: ବିଜୟପଲ୍ଲୀ ସଂସ୍କୃତ ମହାବିଦ୍ୟାଳୟ, ବରପାଲି, ସମୟ: ମଧ୍ୟାହ୍ନ ୧୨ଟା।
- ପି.ସି ବେହେରା ଆନ୍ତଃଜିଲା ମହିଳା ଫୁଟବଲ (ସମ୍ବଲପୁର ବନାମ୍ କେନ୍ଦ୍ରାପଡ଼ା), ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡ଼ିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ପି.ସି ବେହେରା ଆନ୍ତଃଜିଲା ମହିଳା ଫୁଟବଲ (ଜଗତସିଂହପୁର ବନାମ ବରଗଡ଼), ସ୍ଥାନ: ମିନି ଷ୍ଟାଡ଼ିୟମ, ସୋହେଲା, ସମୟ: ଅପରାହ୍ନ ୩ଟା।
- ପି.ସି ବେହେରା ଆନ୍ତଃଜିଲା ମହିଳା ଫୁଟବଲ (ପୁରୀ ବନାମ୍ ବରଗଡ଼), ସ୍ଥାନ: ଆନନ୍ଦ ଖେଳ ପଡ଼ିଆ, କଦଳୀପାଲି, ବରପାଲି, ସମୟ: ଅପରାହ୍ନ ୩ଟା ୩୦।

## ସୁନ୍ଦରଗଡ଼

- ରକ୍ତଦାନ ଶିବିର,ସ୍ଥାନ: ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ,ସମୟ: ସକାଳ ୧୦ଟା।

## ରାଉରକେଲା

- ଜନାଷ୍ଟମୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଧାକୃଷ୍ଣ ମନ୍ଦିର ପରିଚାଳନା ଟ୍ରଷ୍ଟ, ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା।
- ଭାଷା ସାହିତ୍ୟରେ ମଧୁବାବୁଙ୍କ ଅବଦାନ ଆଲୋଚନା ଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୭ଟା୩୦।

## ଦେବଗଡ଼

- ପ୍ରଧାନ ଶିକ୍ଷକମାନଙ୍କୁ ନେଇ କର୍ମଶାଳା, ସ୍ଥାନ: ଟାଉନ ହାଇସ୍କୁଲ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାରକୋଟ ବ୍ଲକ କଣ୍ଢଲ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ବିଭାଗ ଓ ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳା ୨୦୨୪, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ୬୩ତମ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦିବସର ସିଧା ପ୍ରସାରଣ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ଝୁଲଣ ଯାତ୍ରା ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

# ଡାକ୍ତରଙ୍କ ସୁରକ୍ଷା ପାଇଁ ନୂତନ ପଲିସି କାର୍ଯ୍ୟକାରୀ ହେବ

## ଧାରଣାରୁ ଉଠିଲା ଡାକ୍ତର ସଂଘ

କଟକ,୨୩।୮ (ଶିଲ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଜୁନିୟର ଡାକ୍ତର ସଂଘ(ଜେଡିଏ)ର ଆହ୍ୱାନକ୍ରମେ ଜାରି ରହିଥିବା ଧାରଣା ଶୁକ୍ରବାର ପ୍ରତ୍ୟାହୃତ ହୋଇଛି। ଏହି ଧାରଣା ଯୋଗୁ ବହୁ ମାତ୍ରାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିଲା। ଏପରି କି ୨୪ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ କିମ୍ବା ଅନ୍ୟ କୌଣସି ଅଧିକାରୀ ଆଲୋଚନା କରି ଦାବି ପୂରଣ କରନ୍ତୁ ବୋଲି ଗୁରୁବାର ପ୍ରେସ୍ ବିବୃତିରେ ଜେଡିଏ ଉଲ୍ଲେଖ କରିଥିଲା। ଶୁକ୍ରବାର ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ ଭେଟିବା ପରେ ସମସ୍ତ ବିଷୟରେ ଆଲୋଚନା ହୋଇଥିଲା। ଏହାସହ ସ୍ୱାସ୍ଥ୍ୟ ସଚିବ ଆଭାସୀ ମାଧ୍ୟମରେ ଜେଡିଏ, ଅନ୍ୟାନ୍ୟ ମେଡିକାଲ ସଂଘର ସଦସ୍ୟଙ୍କ ସହିତ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ଏନେଇ ଏସ୍‌ସିବି ଜୁନିୟର ଡାକ୍ତର ସଂଘ ସଭାପତି ଡା. ସୁବ୍ରତ ସାହୁ କହିଛନ୍ତି, ଏକ ଜାତୀୟସ୍ତରର ଘଟଣାକୁ ନେଇ ଏସ୍‌ସିବି ମେଡିକାଲର କନିଷ୍ଠ ଡାକ୍ତର ଏକଜୁଟ୍ ହୋଇ ପ୍ରତିବାଦର ସ୍ୱର ଉଠାଇଥିଲେ। ସ୍ୱାସ୍ଥ୍ୟ ସଚିବଙ୍କ ସହ ସମସ୍ତ ବିଷୟରେ ଆଲୋଚନା ହୋଇଛି। ଡାକ୍ତରଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଏକ ନୂତନ ପଲିସି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ସ୍ୱାସ୍ଥ୍ୟ ସଚିବ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, କୋଲକାତାର ଆର୍.ଜି. କର ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲରେ ପିଜି ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଏସ୍‌ସିବି ମେଡିକାଲରେ ଜୁନିୟର ଡାକ୍ତର ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲା। ଏହାକୁ ହାଉସ୍ ସର୍ଜନ ଓ ଡାକ୍ତର ଛାତ୍ର ସଂଘ ସମର୍ଥନ ଜଣାଇଥିଲା। ଗତ ୮ ଦିନ ହେବ ଜୁନିୟର ଡାକ୍ତରମାନେ କୌଣସି ୱାର୍ଡ ଆଉଟ୍‌ଡୋରରେ ରୋଗୀ ନ ଦେଖି କେବଳ କାଜୁଆଲ୍‌ଟିରେ ଡ୍ୟୁଟି କରୁଥିଲେ।

# ୨,୪୭୧ ଡେଙ୍ଗୁ ରୋଗୀ, ସୁନ୍ଦରଗଡ଼ରେ ସର୍ବାଧିକ

ଭୁବନେଶ୍ୱର, ୨୩।୮ (ଅସମାପିକା ସାହୁ)

ରାଜ୍ୟରେ ଏବେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅଢ଼େଇ ହଜାର ପାଖାପାଖି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ ଓ ଭୁବନେଶ୍ୱରରେ ସ୍ଥିତି ବିଗିଡିବାରେ ଲାଗିଛି। ଏଠାରୁ ଦୈନିକ ୩୦ରୁ ୪୦ ରୋଗୀ ଚିହ୍ନଟ ହେଉଛନ୍ତି। ଗୁରୁବାର ରାଜ୍ୟରେ ଆଉ ୯୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ଡେଙ୍ଗୁ ରୋଗୀ ସଂଖ୍ୟା ୨,୪୭୧ରେ ପହଞ୍ଚିଛି। ତେବେ ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଗତ ବର୍ଷଠାରୁ କମ୍ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ ଚିହ୍ନଟ ହୋଇଥିବା ୨,୪୭୧ ଡେଙ୍ଗୁ ଆକ୍ରାନ୍ତଙ୍କ ମଧ୍ୟରୁ ସୁନ୍ଦରଗଡ଼ରେ ୭୨୭ ଏବଂ ଭୁବନେଶ୍ୱରରେ ୪୬୪ଜଣ ରହିଛନ୍ତି। ରାଉରକେଲା ଷ୍ଟିଲପ୍ଲାଣ୍ଟ ଏରିଆ ଟିକେ ଅଧିକ ସମ୍ବେଦନଶୀଳ ରହିଛି। ପ୍ଲାଣ୍ଟର ଅଧିକାରୀ ଏବଂ ଆମ ବିଭାଗ ଏହାକୁ ଗୁରୁତ୍ୱର ସହ ମୁକାବିଲା ନେଇ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ସେହିଭଳି ଖୋର୍ଦ୍ଧାରେ ୫୯୫ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିସହ କଟକ, ବଲାଙ୍ଗୀର ଏବଂ ବାଲେଶ୍ୱରରେ ରୋଗୀଙ୍କ ସଂଖ୍ୟା ଶହେ ଉପରେ ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମନିଟରିଂ କରାଯାଉଥିବା ବେଳେ ସୁନ୍ଦରଗଡ଼, ଭୁବନେଶ୍ୱର ଓ କଟକରେ ସରକାର ସ୍ପେଶାଲ ଡ୍ରାଇଭ ମୋଡ୍‌ରେ ଅଛନ୍ତି। ଯଦିଓ ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି, କିନ୍ତୁ ଗତବର୍ଷ ତୁଳନାରେ ଏହା କମ୍ ରହିଛି। ଗତବର୍ଷ ଏହି ସମୟ ସୁଦ୍ଧା ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୨୫ଶହ ପାର୍ କରିଯାଇଥିବାବେଳେ ଏବେ ୨,୪୭୧ ରହିଛି। ଟେଷ୍ଟିଂକୁ ମଧ୍ୟ ବଢ଼ାଯାଇଛି। ଗତବର୍ଷ ୩୦ହଜାର ଟେଷ୍ଟିଂ କରାଯାଇଥିଲାବେଳେ ଏବର୍ଷ ୬୭ହଜାର ଟେଷ୍ଟିଂ କରାଯାଇଛି। କିନ୍ତୁ ଏବେ ବି ବହୁ ଲୋକ ସଚେତନ ନୁହନ୍ତି। ସ୍ୱାସ୍ଥ୍ୟ ଅଧିକାରୀ ହୁଅନ୍ତୁ କିମ୍ବା ମହାନଗର ନିଗମର କର୍ମଚାରୀ ହୁଅନ୍ତୁ, ଘରକୁ ଗଲେ ଲୋକେ କବାଟ ଖୋଲୁନାହାନ୍ତି। ତେଣୁ ଡେଙ୍ଗୁରେ ରୋକ ଲଗାଇବାକୁ ହେଲେ ଲୋକଙ୍କ ସହଯୋଗ ଦରକାର ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ୬ରୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

ଭୁବନେଶ୍ୱର, ୨୩।୮ (ଅସମାପିକା ସାହୁ)

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ସେପ୍ଟେମ୍ବର ୬ ତାରିଖରୁ ଆରମ୍ଭ ହେବ। ଏ ନେଇ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୬ରୁ ୧୩ତାରିଖ ମଧ୍ୟରେ ଆଶାୟୀ ଛାତ୍ରୀଛାତ୍ର ଆବେଦନ କରିପାରିବେ। ୨୦ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୨୧ରୁ ୨୪ ତାରିଖ ମଧ୍ୟରେ ଚୟନ ହୋଇଥିବା ଛାତ୍ରୀଛାତ୍ର ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ। ସେହିପରି ଚୟନ ହୋଇ ନ ଥିବା ଛାତ୍ରୀଛାତ୍ର ୨୬ ଓ ୨୭ ତାରିଖରେ ନୂତନ ଶିକ୍ଷାନୁଷ୍ଠାନକୁ ଚଏସ୍ ଲକିଂ କରିପାରିବେ। ପ୍ରଥମ ମେଧା ତାଲିକା ପରେ ସିଧାସଳଖ ଅକ୍ଟୋବର ୩ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଚୟନ ହୋଇଥିବା ଛାତ୍ରୀଛାତ୍ର ୪ ଓ ୫ ତାରିଖରେ ନାମଲେଖାଇ ପାରିବେ। ସମସ୍ତ ଛାତ୍ରୀଛାତ୍ର ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟରେ ଆବେଦନ କରିଥିବା ଏବଂ କୌଣସି କଲେଜରେ ନାମଲେଖା ପାଇଁ ଚୟନ ହୋଇ ନ ଥିବା ଛାତ୍ରୀଛାତ୍ରଙ୍କୁ ଆବେଦନ ଫି' ଦେବାକୁ ପଡ଼ିବ ନାହିଁ। ସେହିପରି ଏହି ପର୍ଯ୍ୟାୟରେ ସିଟ୍ ସଂରକ୍ଷିତ ରହିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ୨,୩୪୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୫,୪୭,୯୯୩ଟି ସିଟ୍ ରହିଛି। ଶୁକ୍ରବାର ରାତି ୮ଟା ସୁଦ୍ଧା ୩,୯୫,୬୮୫ ସିଟ୍ ପୂରଣ ହୋଇଥିବାବେଳେ ଆହୁରି ୧,୫୨,୩୦୮ ସିଟ୍ ବଳକା ପଡ଼ିଛି। ତେବେ ପ୍ରଥମ ପର୍ଯ୍ୟାୟର ସ୍ପଟ୍ ନାମଲେଖା ଏବେ ଜାରି ରହିଛି।

## ପ୍ରଥମ ପୃଷ୍ଠାରୁ...

### ସୁଭଦ୍ରା: ବର୍ଷକୁ ...

କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସରକାରଙ୍କ ଦ୍ୱାରା ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ରାଜ୍ୟ କ୍ୟାବିନେଟ୍‌ର ଏହା ଦୂରଦୃଷ୍ଟିସମ୍ପନ୍ନ ଓ ସୁଦୂରପ୍ରସାରୀ ନିଷ୍ପତ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଭାଜପା ତା'ର ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ କ୍ଷମତାକୁ ଆସିଲେ ମହିଳାଙ୍କୁ ୨ ବର୍ଷରେ ୫୦ହଜାର ଟଙ୍କା ଖର୍ଚ୍ଚ କରିବାର ଭାଉଚର ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା।

### ଘର ମାଲିକ ...

ଓଡ଼ିଶା ନୁହେଁ, ଦେଶର ସୁରକ୍ଷା ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଘର ମାଲିକମାନେ ଭଡ଼ାଟିଆଙ୍କ ସବିଶେଷ ତଥ୍ୟ ସ୍ଥାନୀୟ ଥାନାକୁ ଦେବାକୁ ପୂର୍ବରୁ ନିର୍ଦ୍ଦେଶନାମା ରହିଛି। ଦ୍ୱୈତନଗରୀକୁ ଅପରାଧମୁକ୍ତ କରିବାକୁ ୯ ବର୍ଷ ତଳେ ଏପରି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲା କମିଶନରେଟ୍ ପୋଲିସ। ତତ୍କାଳୀନ ପୋଲିସ କମିଶନର ରାଜେନ୍ଦ୍ର ପ୍ରସାଦ ଶର୍ମା ଏକ ନିର୍ଦ୍ଦେଶନାମା ଜାରି କରି ଘର ମାଲିକମାନଙ୍କୁ କଡ଼ା ଚେତାବନୀ ଦେଇଥିଲେ। ନିର୍ଦ୍ଦେଶନାମା ଅନୁଯାୟୀ, କଟକ ଓ ଭୁବନେଶ୍ୱରରେ ଘର ଭଡ଼ା ଦେଇଥିବା ମାଲିକମାନେ ଭଡ଼ାଟିଆଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସ୍ଥାନୀୟ ଥାନାରେ ଦାଖଲ କରିବେ। ଏହି ତଥ୍ୟ ଦେବାକୁ ହେଲେ ଘର ମାଲିକଙ୍କୁ ସ୍ଥାନୀୟ ଥାନା କିମ୍ବା କମିଶନରେଟ୍ ପୋଲିସ ୱେବ୍‌ସାଇଟ୍‌ରୁ ଏକ ଫର୍ମ ଡାଉନ୍‌ଲୋଡ କରିବାକୁ ପଡ଼ିବ। ଉକ୍ତ ଫର୍ମରେ ଘର ମାଲିକ ନିଜ ନାମ, ଠିକଣା ଓ ବୃତ୍ତି ସମ୍ପର୍କରେ ଉଲ୍ଲେଖ କରିବେ। ଏଥିସହ ସେମାନେ ଭଡ଼ାଟିଆଙ୍କ ସବିଶେଷ ତଥ୍ୟ ଉକ୍ତ ଫର୍ମରେ ଉଲ୍ଲେଖ କରି ତାହାକୁ ସ୍ଥାନୀୟ ଥାନାରେ ଦାଖଲ କରିବେ। ପ୍ରତି ୨ ମାସରେ ଥରେ ଏହାର ନବୀକରଣ ମଧ୍ୟ କରାଯିବାର ନିୟମ ରହିଛି। ଏହି ନିୟମ ଉଲ୍ଲଂଘନ କଲେ ମାଲିକମାନେ ଆଇପିସି ଦଫା ୧୮୮ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଚେତାବନୀ ଦିଆଯାଇଥିଲା, ଯାହା ଏବେ ପରିବର୍ତ୍ତିତ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୨୨୩ ହୋଇଛି। ନୂଆ ଆଇନରେ ୬ ମାସ ଜେଲ କିମ୍ବା ୨ ହଜାର ୫୦୦ ଟଙ୍କା ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ବୋଲି ନିୟମ ରହିଛି। ହେଲେ ଘର ମାଲିକମାନେ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି। ଘର ଭଡାରେ ଲଗାଉଥିଲେ ମଧ୍ୟ ଏକାଧିକ ଭଡ଼ାଟିଆଙ୍କ ସମ୍ପର୍କରେ ତଥ୍ୟ ରଖୁନାହାନ୍ତି। ଏପରିକି ତଥ୍ୟ ରଖୁଥିଲେ ବି ତାହାକୁ ଥାନାରେ ଦାଖଲ କରିବାକୁ ଠିକ୍ ମଣୁନାହାନ୍ତି। ପୋଲିସ ଏହାର ଯାଞ୍ଚ କରୁନାହିଁ କି ଏଯାଏ ଉଲ୍ଲଂଘନକାରୀ ଘର ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାର ଏଯାଏ କୌଣସି ନଜିର ନାହିଁ। ତେବେ ସିମ୍‌ବକ୍ସ ଜବତ ଘଟଣାରେ ଦୁଇ ଭଡ଼ାଘରର ମାଲିକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ଘର ଭଡ଼ା ଦେଉଥିବା ଅଧିକାଂଶ ମାଲିକ ତଥ୍ୟ ଦାଖଲ କରିନାହାନ୍ତି। ଏତେଜଣଙ୍କ ଉପରେ ହଠାତ୍ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ନୁହେଁ। ତେଣୁ ଭଡ଼ାଟିଆଙ୍କ ତଥ୍ୟ ଦେବା ପାଇଁ ଏବେ ଘର ମାଲିକମାନଙ୍କୁ ସଚେତନ କରାଯିବ। କିଭଳି ସେମାନେ ଏହି ନିର୍ଦ୍ଦେଶନାମା ମାନିବେ ସେ ଦିଗରେ ଏକାଧିକ ପଦକ୍ଷେପ ନିଆଯିବ। ଏପରିକି ଏହି ତଥ୍ୟ ଦେବା ପାଇଁ ଆଗକୁ ଅନଲାଇନ୍ ବ୍ୟବସ୍ଥା କରାଯିବ ବୋଲି କମିଶନର କହିଛନ୍ତି।

### ମାଟ୍ରିକ୍ ସପ୍ଲିମେଣ୍ଟାରି, ...

ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪୪୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଗତ ଜୁନ୍ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ହୋଇଥିଲା। ସେହିପରି ଏକ ସଙ୍ଗେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ପାସ୍‌ହାର ୫୫.୮୭% ହୋଇଛି। ରାଜ୍ୟରୁ ମୋଟ୍ ୧୬,୯୦୮ ଜଣ ଛାତ୍ରୀଛାତ୍ର ଏହିପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୯୪୩୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚେକିଂ ଆଡିଶନ୍ ଅଫ୍ ମାର୍କ୍ସ ଆବେଦନ ପାଇଁ ବୋର୍ଡ ୱେବ୍‌ସାଇଟ୍‌ରେ ଫର୍ମ ଉପଲବ୍ଧ ରହିଛି। ପରୀକ୍ଷାଫଳକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ରମାନେ ଉକ୍ତ ଫର୍ମକୁ ପ୍ରିଣ୍ଟ କରିବା ପରେ ଅଫ୍‌ଲାଇନ୍ ଜରିଆରେ ରିଚେକିଂ ପାଇଁ ଆବେଦନ କରିପାରିବେ। ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ସମେତ ଜୋନାଲଗୁଡ଼ିକରେ ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏହି ଆବେଦନ କରାଯାଇପାରିବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

### ଏୟାର ଇଣ୍ଡିଆକୁ ୯୦ ...

ଗୁରୁତର ଉଲ୍ଲଂଘନ ବୋଲି ଡିଜିସିଏ ଉଲ୍ଲେଖ କରିଛି। ଗତ ଜୁଲାଇ ୨୨ରେ ଡିଜିସିଏ ଏଥିପାଇଁ ସ୍ପଷ୍ଟୀକରଣ ମାଗିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଜୁଲାଇ ୧୦ରେ ସ୍ୱେଚ୍ଛାକୃତ ରିପୋର୍ଟ ମିଳିବା ପରେ ଡିଜିସିଏ ତଦନ୍ତ ଆରମ୍ଭ କରିଥିଲା। ଏୟାରଲାଇନ୍ସର ବିଭିନ୍ନ ପଦବୀରେ ଥିବା କର୍ମଚାରୀଙ୍କ ଦ୍ୱାରା ନିୟାମକ ବ୍ୟବସ୍ଥାରେ ଅନେକ ଉଲ୍ଲଂଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକିଥିବା କାମରେ ଅଗ୍ରଗତି ଘଟିବ। ଗୁରୁଜନଙ୍କ କଥାରେ ପ୍ରଭାବିତ ହୋଇ ନୂତନ ଯୋଜନା ସକାଶେ ମନ ବଳାଇପାରନ୍ତି। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ ସେଥିପାଇଁ ପାଖ ମାଡ଼ିବେ ନାହିଁ। ଆନୁଷ୍ଠାନିକ କାମରେ ସମସ୍ୟାର ସରଳ ସମାଧାନ ହେବାର ସମ୍ଭାବନା ରହିଛି।

**ବୃଷ** — ପାଖ ଲୋକଙ୍କୁ ମନେଇ କାମ ହାସଲ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିପାରେ। ସାମାଜିକ ସ୍ତରରେ ସମ୍ମାନ ମିଳିବ ଏବଂ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେବେ। ସଙ୍ଗୀତ, କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ।

**ମିଥୁନ** — ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନେବା ଭଲ ହେବ। ପାଖରେ ନ ଥିବା ଜିନିଷଟି ହାସଲ କ୍ଷେତ୍ରରେ ତର୍କ ଓ ବିବାଦ ବଢ଼ିପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଭଲରେ ଚାଲିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହୋଇ ନପାରେ। ସାଂସ୍କୃତିକ କାର୍ଯ୍ୟକ୍ରମର ନିମନ୍ତ୍ରଣ ପାଇପାରନ୍ତି।

**କର୍କଟ** — ଯେଉଁ କାମ କରନ୍ତୁନା କାହିଁକି ଆଶାନୁରୂପ ସହଯୋଗ ଲାଭ କରି ଲକ୍ଷ୍ୟ ପୂରଣ କରିପାରିବେ। ଆନୁଷ୍ଠାନିକ କାମ, କର୍ମକ୍ଷେତ୍ର, ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ପ୍ରତିଦ୍ୱନ୍ଦ୍ୱିତା, କ୍ରୀଡ଼ା ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ନିକଟ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଆପଣଙ୍କୁ ବିଶେଷ ଧାଁ ଦଉଡ କରିବାକୁ ପଡ଼ିପାରେ।

**ସିଂହ** — ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ନିଶ୍ଚିତ ମିଳିବ କିନ୍ତୁ ଏଥିପାଇଁ ବିବାଦର ସୂଚନା ରହିଛି। ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ କିମ୍ବା ସ୍ୱାସ୍ଥ୍ୟ ସାମାନ୍ୟ ଅସୁସ୍ଥ ଅନୁଭବ କରିପାରନ୍ତି। ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହରଡଘଣାରେ ପଡ଼ିବେ। ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା** — ଆଜି ବନ୍ଧୁ ପରିଜନଙ୍କ ମେଳରେ ସମୟ ଅତିବାହିତ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟ ବନ୍ଧୁଟି ସାହାଯ୍ୟର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ବ୍ୟବସାୟ ଏବଂ ପରିବହନରେ ଲାଭ ଅପେକ୍ଷା କ୍ଷତି ଅଧିକ ହୋଇପାରେ। ଅର୍ଥ, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତିରେ ଉତ୍ସାହିତ ହୋଇ କାମ କରିବାର ସୁଯୋଗ ପାଇବେ।

**ତୁଳା** — ଲାଗି ରହିଥିବା ସମସ୍ୟା ସମାଧାନ କରିବାରେ ଜଣେ ବୁଦ୍ଧିଜୀବୀ ସାହାଯ୍ୟ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଦୀର୍ଘ ମିଆଦୀ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ କରିବାର ମାର୍ଗ ପ୍ରଶସ୍ତ ରହିବ। ପଡ଼ୋଶୀ ନିଜ ନିଜର ସ୍ୱାର୍ଥସାଧନ ମାନସରେ ବନେଇ ଚୁନେଇ ବହୁତ କଥା କହିପାରନ୍ତି।

**ବିଛା** — ଘର କାମ ପଛକୁ ପକାଇ ବନ୍ଧୁଙ୍କ ସହ କୌଣସି କାମରେ ବ୍ୟସ୍ତ ରହିପାରନ୍ତି। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କଳା, ସାହିତ୍ୟ ଓ ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପଡ଼ୋଶୀ କିମ୍ବା ସହକର୍ମୀମାନଙ୍କ ତରଫରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** — ଆଜି କର୍ମକ୍ଷେତ୍ରରେ ଯେମିତି ଚାହୁଁଛନ୍ତି ସେମିତି ହେବ। ଆଲୋଚନା ପରିସରରେ କଥା କଟାକଟି ପରେ ସହମତିରେ କାମ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ବିବାଦୀୟ ଘଟଣା, ପରିବହନ, ବ୍ୟବସାୟ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାରରେ ପ୍ରିୟ କଥା କହି ସନ୍ଦେହ ଓ ସମସ୍ୟାକୁ ସୁଧାରି ନେଇପାରନ୍ତି।

**ମକର** — ମନ ଚାହୁଁଥିବା ଜିନିଷ, ବନ୍ଧୁଙ୍କଠାରୁ ଆତ୍ମପ୍ରଶଂସା, ପଡ଼ୋଶୀଙ୍କ ପରିବର୍ତ୍ତିତ ମନୋଭାବରୁ ଖୁସି ରହିବେ। ସନ୍ଧ୍ୟାରେ କଠିନ କାମ ଓ ଭ୍ରମଣ କାରଣରୁ ଦେହ ଭଲ ଲାଗିବ ନାହିଁ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ, ସାହିତ୍ୟରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** — କର୍ମକ୍ଷେତ୍ର ତଥା ପାରିବାରିକ ସମସ୍ୟାକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ସମର୍ଥ ହେବେ। ସାମାନ୍ୟ କଥାକୁ ଗୁରୁତ୍ୱ ଦେଲେ ଅଯଥା ଟେନସନ ଲାଗି ରହିବାର ସୂଚନା ରହିଛି। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବାକୁ ପଡ଼ିପାରେ। ସନ୍ତାନଙ୍କ କୃତି ଓ କୃତିତ୍ୱ କାରଣରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**ମୀନ** — ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ। କର୍ମକ୍ଷେତ୍ରରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇପାରନ୍ତି। ଦୀର୍ଘ ସମୟ ପରେ ଆତ୍ମୀୟଙ୍କଠାରୁ ପ୍ରତୀକ୍ଷିତ ଖବର ପାଇପାରନ୍ତି। ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରି କଟୁ କଥା କହିବାକୁ ପଛାଇବେ ନାହିଁ।

ଆଜି ଅଗଷ୍ଟ ୨୪ ତାରିଖ, ଭାଦ୍ରବ କୃଷ୍ଣ ଷଷ୍ଠୀ, ଶନିବାର, ଶ୍ରୀମନ୍ଦିରରେ ରେଖାପଞ୍ଚମୀ, ଶ୍ରୀଜୀଉଙ୍କର ସୁବର୍ଣ୍ଣ ରାହୁରେଖା ଲାଗି, ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଘଣ୍ଟାକର୍ଣ୍ଣପୂଜା, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୪ଗତେ ଘ.୦୧।୦୪ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ. ୦୮।୪୦ ଗତେ ଘ.୧୦।୧୪ ମଧ୍ୟେ ରାହୁକାଳ।

# ଖୋଲିଲା ରେଙ୍ଗାଳି ଡ୍ୟାମ୍ ଗେଟ୍



ରେଙ୍ଗାଳି ଡ୍ୟାମ୍‌ରୁ ବନ୍ୟା ଜଳ ନିଷ୍କାସନ କରାଯାଉଛି।

**କଣିହାଁ, ୨୩।୮ (ସଚ୍ଚିଦାନନ୍ଦ ପ୍ରଧାନ)**

## ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ

ଅନୁଗୋଳ ଜିଲା କଣିହାଁ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ଶୁକ୍ରବାର ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ଆରମ୍ଭ ହୋଇଛି। ଡ୍ୟାମ୍‌ର ୮ନଂ. ଗେଟ୍ ଖୋଲାଯାଇ ଜଳ ଛଡ଼ାଯାଇଥିଲା। ଡ୍ୟାମ୍ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା କହିଛନ୍ତି, ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ସକାଳ ୯ଟା ସୁଦ୍ଧା ଜଳସ୍ତର ୧୨୧.୩୦ ମିଟରରେ ପହଞ୍ଚିଥିଲା। ଅଗଷ୍ଟ ୨୩ରେ ଜଳସ୍ତର ୧୨୦.୭୦ ମିଟର ରହିବା କଥା। ଫଳରେ ସକାଳ ୯ଟା ୪୪ ମିନିଟରେ ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇଥିଲା। ଅପରାହ୍ନ ସୁଦ୍ଧା ଡ୍ୟାମ୍‌ରେ ଜଳସ୍ତର ୧୨୧ ମିଟର ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୧୬୫୯.୬୭ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଗୋଟିଏ ଗେଟ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ୍ ୧୯୦୯.୮୮ ଘନମିଟର ବନ୍ୟା ଜଳ ନିଷ୍କାସିତ ହେଉଛି। ଡ୍ୟାମ୍ ଗେଟ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ଅଶ୍ୱିନୀ ମହାନ୍ତି, ଅତିରିକ୍ତ ମୁଖ୍ୟଯନ୍ତ୍ରୀ କୁଳମଣି ସେଠୀ, ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ଅଧୀକ୍ଷଣ ଯନ୍ତ୍ରୀ ମେକାନିକାଲ ସରୋଜ ଦାସ, ଉପଖଣ୍ଡ ଅଧିକାରୀ ଶଙ୍କରା ନନ୍ଦ ରଣା, ସହକାରୀ ଯନ୍ତ୍ରୀ ଦାଶରଥି ମୁର୍ମୁ, ଜ୍ୟୋତିରଞ୍ଜନ ସିଂ, ଏଷ୍ଟିମେଟର ସୂର୍ଯ୍ୟକାନ୍ତ ବେହେରା, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ, ଗୌରାଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଯୁକ୍ତା ପାଇବେ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର

**ମାଲକାନଗିରି, ୨୩।୮ (ଦୁର୍ଯ୍ୟୋଧନ ପାତ୍ର)**



ସଂଯୁକ୍ତା ସେଠୀ

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଅଫିସର ଭାବେ କାର୍ଯ୍ୟରତ ସଂଯୁକ୍ତା ସେଠୀ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେପ୍ଟେମ୍ବର ୧୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସେ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ଜଣାପଡିଛି। ଭାରତୀୟ ନର୍ସିଂ ପରିଷଦ ପକ୍ଷରୁ ତାଙ୍କୁ ଏନେଇ ସୂଚନା ଦିଆଯାଇଛି ବୋଲି ସଂଯୁକ୍ତା କହିବା ସହ ଖୁସି ବ୍ୟକ୍ତ କରିଛନ୍ତି। ରୋଗୀ ସେବା କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପାଇଁ ବିବେଚିତ କରାଯାଇଛି। ସଂଯୁକ୍ତା ହେଉଛନ୍ତି ସାମାଜକ କର୍ମୀ ଉମାକାନ୍ତ ସାହୁଙ୍କ ସ୍ତ୍ରୀ। ସଂଯୁକ୍ତା ଦୀର୍ଘ ବର୍ଷ ଧରି ମାଲକାନଗିରି ଜିଲା ଚିକିତ୍ସାଳୟରେ ନର୍ସିଂ ଅଫିସର ଭାବେ କାର୍ଯ୍ୟକରି ଲୋକପ୍ରିୟ ହେବା ସହ ବେଶ୍ ସୁନାମ ଅର୍ଜନ କରିଛନ୍ତି।




# ରତ୍ନଭଣ୍ଡାରରୁ ପୁରୁଣା ସିନ୍ଦୁକ, ଆଲମିରା ସ୍ଥାନାନ୍ତର

**ପୁରୀ, ୨୩।୮ (ଅଜିତ୍ କୁମାର ମହାନ୍ତି)**



ସ୍ଥାନାନ୍ତର କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିବା କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଏବଂ ଅନ୍ୟ ସଦସ୍ୟମାନେ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

## ବାହାର ରତ୍ନଭଣ୍ଡାର କବାଟ କଟାଗଲା

- ନୀଳାଦ୍ରିବିହାର ମ୍ୟୁଜିୟମ୍ ପାଖ ଅସ୍ଥାୟୀ ଭଣ୍ଡାର ଘରେ ରଖାଗଲା
- ଖୁବ୍‌ଶୀଘ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଯାଞ୍ଚ ହେବ ଭିତର ରତ୍ନଭଣ୍ଡାର
- ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି ରାସ୍ତା ଦେଖିବାକୁ ମିଳିଲାନି: ଜଷ୍ଟିସ୍ ରଥ

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ବା ଏସ୍‌ଓପି ଅନୁଯାୟୀ ଶୁକ୍ରବାର ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାରରେ ଥିବା ପୁରୁଣା ସିନ୍ଦୁକ ଓ ଆଲମିରାକୁ ସ୍ଥାନାନ୍ତର କରାଯାଇଛି। ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଧରି ଏହି ସ୍ଥାନାନ୍ତର ପ୍ରକ୍ରିୟା ଚାଲିଥିଲା। ବାହାର ରତ୍ନଭଣ୍ଡାରରୁ ୨ଟି ଆଲମିରା ଓ ଗୋଟିଏ ଲୁହା ସିନ୍ଦୁକ ଏବଂ ଭିତର ଭଣ୍ଡାରରୁ ୨ଟି କାଠ ଆଲମିରା ଓ ୩ଟି ଲୁହା ସିନ୍ଦୁକକୁ ନୀଳାଦ୍ରିବିହାର ମ୍ୟୁଜିୟମ୍ ନିକଟ ଅସ୍ଥାୟୀ ଭଣ୍ଡାରଘରକୁ ସ୍ଥାନାନ୍ତର କରାଯାଇଛି। ତେବେ ବାହାର ରତ୍ନଭଣ୍ଡାରରୁ ଲୁହା ସିନ୍ଦୁକ ନ ଆସିପାରିବାରୁ କାଠ କବାଟ କଟାଯାଇଛି। ଉଭୟ ଭଣ୍ଡାରର ସିନ୍ଦୁକ, ଆଲମିରାକୁ ଅଲଗା ଗୃହରେ ନମ୍ବରିଂ କରାଯାଇ ରଖାଯାଇଛି। ସ୍ଥାନାନ୍ତର ପ୍ରକ୍ରିୟା ସରିଥିବାବେଳେ ଖୁବ୍‌ଶୀଘ୍ର ଭିତର ରତ୍ନଭଣ୍ଡାରକୁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଯାଞ୍ଚ କରାଯିବ ବୋଲି ସୂଚନା ମିଳିଛି। ସ୍ଥାନାନ୍ତର ପ୍ରକ୍ରିୟା ସମୟରେ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ଅପରାହ୍ନ ୧ଟାରୁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ସ୍ଥାନାନ୍ତର କାର୍ଯ୍ୟ ସରିବା ପରେ ଅପରାହ୍ନ ୫ଟା ୩୦ରେ ପୁନର୍ବାର ଦର୍ଶନ ବ୍ୟବସ୍ଥା ସ୍ୱାଭାବିକ ହୋଇଥିଲା।

ସୂଚନା ଅନୁଯାୟୀ, ଦୀର୍ଘବର୍ଷ ପରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଅଧିକୃତ ଟିମ୍ ଗତ ଜୁଲାଇ ୧୪ରେ ଶ୍ରୀମନ୍ଦିରରେ ପ୍ରବେଶ କରି ବାହାର ରତ୍ନଭଣ୍ଡାର ଖୋଲି ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରିଥିଲା। ପରେ ଜୁଲାଇ ୧୮ରେ ଉକ୍ତ ଟିମ୍ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ସ୍ଥାନାନ୍ତର କରିଥିଲା। ତେବେ ଉଭୟ ରତ୍ନଭଣ୍ଡାରରେ ପୁରୁଣା ଆଲମିରା ଓ ସିନ୍ଦୁକ ପଡ଼ିରହିଥିଲା। ଆଗକୁ ରତ୍ନଭଣ୍ଡାରର ସ୍କାନିଂ ଓ ମରାମତି କାର୍ଯ୍ୟକ୍ରମ ଥିବାରୁ ସରକାରଙ୍କ ପକ୍ଷରୁ ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର ନିମନ୍ତେ ଏସ୍‌ଓପି ଜାରି କରାଯାଇଥିଲା। ଏହି ଏସ୍‌ଓପି ମୁତାବକ ଶୁକ୍ରବାର ଅଧିକୃତ ଟିମ୍ ରତ୍ନଭଣ୍ଡାରକୁ ଯାଇ ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର କରିଛି। କୋଠ ସୁଆଁସିଆ ସେବକମାନେ କାନ୍ଧରେ ଐତିହ୍ୟ ସିନ୍ଦୁକ ଓ ଆଲମିରାଗୁଡ଼ିକୁ ବୋହି ନେଇ ପଶ୍ଚିମଦ୍ୱାର ନିକଟସ୍ଥ ନୀଳାଦ୍ରି ବିହାର ମ୍ୟୁଜିୟମ ପାଖ ଅସ୍ଥାୟୀ ଭଣ୍ଡାର ଘରେ ରଖିଥିଲେ। ମୋଟ ୪ଟି ଲୁହା ସିନ୍ଦୁକ ଓ ୪ଟି ଆଲମିରା ସ୍ଥାନାନ୍ତର କରାଯାଇଛି। ଶୃଙ୍ଖଳିତ ଭାବେ ସ୍ଥାନାନ୍ତର ପ୍ରକ୍ରିୟା ସରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ମହାପ୍ରଭୁଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ତଦାରଖ କମିଟିର ଅଧ୍ୟକ୍ଷଙ୍କ ସମେତ ସେବାୟତମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପାଢ଼ୀ କହିଛନ୍ତି, ପୂର୍ବରୁ ରତ୍ନଅଳଙ୍କାର ସ୍ଥାନାନ୍ତର ହୋଇଥିବାବେଳେ ଶୁକ୍ରବାର ଖାଲିପଡ଼ିଥିବା ପୁରୁଣା ସିନ୍ଦୁକ ଓ ଆଲମିରାକୁ ସ୍ଥାନାନ୍ତରିତ କରାଯାଇଛି। ଅପରାହ୍ନ ପ୍ରାୟ ୨ଟାରେ ପ୍ରାଧିକୃତ ୧୨ଜଣିଆ କମିଟି ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ପ୍ରଥମେ ବାହାର ରତ୍ନଭଣ୍ଡାରରେ ଥିବା ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର କରାଯାଇଥିଲା। ଏହି ସମୟରେ ଲୁହା ସିନ୍ଦୁକ ବାହାର କରିବାରେ ସମସ୍ୟା ଦେଖାଯାଇଥିଲା। ଫଳରେ ବାହାର ରତ୍ନଭଣ୍ଡାରର କାଠ କବାଟକୁ କଟାଯାଇ ସିନ୍ଦୁକ ବାହାରକୁ କଢାଯାଇଥିଲା। ପରେ ଅନ୍ୟ ସିନ୍ଦୁକ ଓ ଆଲମିରା ବାହାରକୁ ଅଣାଯାଇଥିଲା। ସମସ୍ତ ଘଟଣା ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି କରାଯାଇଛି। ଭିତର ରତ୍ନଭଣ୍ଡାରକୁ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ଯାଞ୍ଚ କରିବା ପାଇଁ ଏଏସ୍‌ଆଇ ଡିଜିଙ୍କୁ ଚିଠି ଲେଖାଯିବ। ଏଏସ୍‌ଆଇ ପକ୍ଷରୁ ଲେଜର ସ୍କାନିଂ ଏବଂ ଅନୁଧ୍ୟାନ ପରେ ମରାମତି କାର୍ଯ୍ୟ ହେବ। ଏହାପରେ ଅଳଙ୍କାରଗୁଡ଼ିକୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇ ଗଣତିମଣତି କରାଯିବ। ସାମଗ୍ରୀ ସ୍ଥାନାନ୍ତର ପରେ ଭିତର ରତ୍ନଭଣ୍ଡାରରେ ଚାବି ଦିଆଯାଇ ସିଲ୍ କରାଯାଇଛି। ଚାବି ଜିଲା ଟ୍ରେଜେରିରେ ରହିବ। ସେହିପରି ବାହାର ରତ୍ନଭଣ୍ଡାରର ୩ଟି ଚାବି ଅଛି। ଗୋଟିଏ ଚାବି ଭଣ୍ଡାର ମେକାପଙ୍କ ପାଖରେ, ଆଉ ଗୋଟିଏ ଗଜପତି ମହାରାଜ ଏବଂ ତୃତୀୟଟି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ରଖାଯାଇଛି। ଏପରିକି ଭଣ୍ଡାର ଘରୁ ଯେଉଁ ଧୂଳି ବାଲି ବାହାରିଛି ତାକୁ ମଧ୍ୟ ସୁରକ୍ଷିତ ଭାବେ ରଖାଯାଇଛି। ସେହିପରି ଆଲମିରା ଓ ସିନ୍ଦୁକଗୁଡ଼ିକରେ ତାଲା ପକାଯାଇଛି। ଆଗାମୀ ଦିନରେ କମିଟି ବସି ନିଷ୍ପତ୍ତି ନେବା ସହ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରାଯିବ। ସେହିପରି କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍ତି, ରତ୍ନଭଣ୍ଡାର ଖାଲି କରିବାର ଆବଶ୍ୟକତା ରହିଥିଲା। ଏବେ ମରାମତି ପାଇଁ ଏଏସ୍‌ଆଇକୁ ତୁରନ୍ତ ହସ୍ତାନ୍ତର କରାଯିବ। ରତ୍ନଭଣ୍ଡାରରେ ଗୁପ୍ତ ସୁଡ଼ଙ୍ଗ କି ରାସ୍ତା ଥିବା ସେ ଦେଖିନାହାନ୍ତି। ସାପ, ଝିଟିପିଟି କି ଅନ୍ୟ କିଛି ସରୀସୃପ ସେ ଦେଖିବାକୁ ପାଇନାହାନ୍ତି। ମହାପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ସମସ୍ତେ ପ୍ରାର୍ଥନା କରିବା ସହ ଦୀପ ବସାନ୍ତୁ ବୋଲି ରଥ କହିଛନ୍ତି। ସିନ୍ଦୁକ ଓ ଆଲମିରା ସ୍ଥାନାନ୍ତର ହେବା ପୂର୍ବରୁ ପ୍ରଥମେ ଓଡ୍ରାଫ ଟିମ୍, ମେଟାଲ ଡିଟେକ୍ଟର ମେସିନ୍ ଓ ଶେଷରେ ସ୍ନେକ୍ ହେଲପ୍ ଲାଇନ୍ ଟିମ୍ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ।

# ଦୁର୍ଘଟଣାରେ ପ୍ରାଣ ହରାଇଲା 'ରାନୀ'



ପରିବାର ଲୋକଙ୍କ ପ୍ରିୟ ଘୋଡ଼ା 'ରାନୀ'।

**ମୋରଡ଼ା, ୨୩।୮ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ଅଞ୍ଚଳରେ 'ରାନୀ' ବେଶ୍ ଜଣାଶୁଣା। ଆଖପାଖ ଗାଁର ଲୋକେ ତାକୁ ବହୁତ ଆଦର ମଧ୍ୟ କରୁଥିଲେ। ରାନୀ କୌଣସି ଛୋଟ ଝିଅର ନାଁ ନୁହେଁ, ସେ ହେଉଛି ଅଶେଷ ମହାନ୍ତଙ୍କ ପୋଷାଘୋଡ଼ା। ସକାଳ ହେବା ମାତ୍ରେ ଛୋଟ ଛୋଟ ପିଲାମାନେ ରାନୀ ସହିତ ଖେଳିବାକୁ ଚାଲିଆସନ୍ତି। ହେଲେ ଶୁକ୍ରବାର ମଧ୍ୟାହ୍ନରେ ଚିତ୍ରଡ଼ା-ଅମର୍ଦ୍ଦା ରାଜ୍ୟ ରାଜପଥର ପୁରୁଣାପାଣି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ରାନୀର ମୃତ୍ୟୁ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ତେବେ ରୀତିନୀତି ଅନୁସାରେ ପରିବାର ଲୋକେ ଉକ୍ତ ଘୋଡ଼ାର ଅନ୍ତିମକ୍ରିୟା ଶେଷ କରିଛନ୍ତି।

# ୨୮ରେ ବ୍ୟାଙ୍କ ଧର୍ମଘଟ

**ଭୁବନେଶ୍ୱର, ୨୩।୮ (ଅନୁରାଧା ମହାରଣା)**

ଦେଶର ବୃହତ୍ ବ୍ୟାଙ୍କ କର୍ମଚାରୀ ସଙ୍ଗଠନ ଏଆଇବିଇଏ ଅଗଷ୍ଟ ୨୮ରେ ସର୍ବଭାରତୀୟ ବ୍ୟାଙ୍କ ଧର୍ମଘଟର ଆହ୍ୱାନ ଦେଇଛି। ଦେଶର ସମସ୍ତ ବ୍ୟାଙ୍କରେ ଆନ୍ଦୋଳନ ହେବ ବୋଲି ଏଆଇବିଇଏର ସାଧାରଣ ସମ୍ପାଦକ ସି.ଏଚ୍. ଭେଙ୍କଟାଚଳମ୍ ଜଣାଇଛନ୍ତି। ଧର୍ମଘଟକୁ ସମସ୍ତ ଅଫିସର ଓ କର୍ମଚାରୀ ସଙ୍ଗଠନ ଏଆଇବିଓସି, ଏନ୍‌ସିବିଇ, ଏଆଇବିଓଏ, ବିଇଏଫଆଇ, ଅ । ଇ ଏ ନ ବି ଇ ଏ ଫ, ଆଇଏନବିଓସି ସମର୍ଥନ ଜଣାଇଛନ୍ତି। ଏଆଇବିଇଏ ଏବଂ ଏହାର ଅନୁବନ୍ଧିତ ସଙ୍ଗଠନ ଉପରେ ରାଜନୈତିକ ଚାପରେ ହେଉଥିବା ଆକ୍ରମଣ ବନ୍ଦ କରିବା ପାଇଁ ସଂଗଠନ ଦାବି କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ଷ୍ଟାଫ୍ ୟୁନିୟନ କେରଳର କର୍ମକର୍ତ୍ତାଙ୍କ ଉପରୁ ପ୍ରତିଶୋଧମୂଳକ ଚାର୍ଜସିଟ୍‌ର ପ୍ରତ୍ୟାହାର ଦାବି ସହ ରାଜନୈତିକ ଉଦ୍ଦେଶ୍ୟ ରଖି ମିଥ୍ୟା ଅଭିଯୋଗରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ କାର୍ଯ୍ୟରତ ୩ଜଣ ପୂର୍ବତନ କାର୍ଗିଲ ଯୋଦ୍ଧାଙ୍କୁ ହଇରାଣ କରାଯାଉଥିବା ସଂଘ ଅଭିଯୋଗ କରିଛି। ବ୍ୟାଙ୍କ୍‌ର ସମ୍ମାନହାନି କରି ଗଣମାଧ୍ୟମରେ ମିଛ ପ୍ରଚାର କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି ଧର୍ମଘଟର ଡାକରା ଦିଆଯାଇଛି। ଏହାକୁ ସଫଳ କରିବା ପାଇଁ ଏଓବିଇଏର ସଭାପତି ସଞ୍ଜିବ ପତି ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓଡ଼ିଶାର ବ୍ୟାଙ୍କ କର୍ମଚାରୀମାନଙ୍କୁ ନିବେଦନ କରିଛନ୍ତି।

# ଜାତୀୟ କିକ୍ ବକ୍ସିଂ ଖେଳାଳିଙ୍କ ମୃତଦେହ ଜବତ

**ବନ୍ଧମୁଣ୍ଡା, ୨୩।୮ (ସୁବ୍ରତ ଦେ)**



ଅଭିଷେକ ଜାମୁଦା

ସୁନ୍ଦରଗଡ଼ ବନ୍ଧମୁଣ୍ଡା ସି-ସେକ୍ଟରସ୍ଥିତ ଶାରଦାପଲ୍ଲୀ ବସ୍ତିରେ ଜାତୀୟସ୍ତରର କିକ୍ ବକ୍ସିଂ ଖେଳାଳି ଅଭିଷେକ ଜାମୁଦାଙ୍କ ଝୁଲନ୍ତା ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜାମୁଦା ଆତ୍ମହତ୍ୟା କରିଥିବା ପିତା ବବୁଲ ଜାମୁଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ ୨୨/୨୪ ରୁଜୁ କରି ଏହା ଆତ୍ମହତ୍ୟା କି ନୁହେଁ ସେନେଇ ତଦନ୍ତ କରୁଛି। ଅଭିଷେକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ କ୍ରୀଡ଼ାପ୍ରେମୀ ରଞ୍ଜିତ କୁଜୁର, ମନୋଜ କୁମାର ପ୍ରଧାନ, ଭୋଲା ଶାମଲ, ଦୀନେଶ କୁମାର, ରତିଆ ଏକ୍କାଙ୍କ ସମେତ ସୁନ୍ଦରଗଡ କିକ୍ ବକ୍ସିଂ ଦଳର ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା, ସଞ୍ଜୀବ ଖେସ, ବିଲ୍ଲୁ ତିର୍କୀ, ରବୀନ୍ଦ୍ର କୁମାର, ଅଶୋକ କୁନୱର, ନିଖିଲ ଯାଇଶାଲଙ୍କ ସମେତ ଅନ୍ୟ କିକ୍ ବକ୍ସିଂ ଖେଳାଳି ସମବେଦନା ଜଣାଇଛନ୍ତି। ୨୦୨୨ରେ ଅଭିଷେକ ଭୁବନେଶ୍ୱରରେ ଆୟୋଜିତ କିକ୍ ବକ୍ସିଂ ଚାମ୍ପିୟନଶିପରେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ସିଲଭର୍ ପଦକ ଜିତିଥିଲେ। ପୁଣେରେ ଆୟୋଜିତ ହୋଇଥିବା ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ମଧ୍ୟ ଭାଗ ନେଇଥିଲେ।



# ସିବିଆଇରେ ଆଇଆର୍‌ଏସ୍ ଅଧିକାରୀ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ଅନ୍ତର୍ଭୁକ୍ତ କରିବା ପାଇଁ ନିକଟରେ ସରକାର ନେଇଥିବା ପଦକ୍ଷେପ ଭାରତୀୟ ପୋଲିସ ସେବା(ଆଇପିଏସ୍) ର୍‌ୟାଙ୍କଗୁଡ଼ିକରେ ଅସନ୍ତୋଷ ସୃଷ୍ଟି କରିଛି। ତେବେ, ଏଭଳି ପରିବର୍ତ୍ତନର ଲକ୍ଷ୍ୟ ହେଉଛି ଆର୍ଥିକ ଠକେଇ ମାମଲାଗୁଡ଼ିକର ସମାଧାନ ପାଇଁ ଦକ୍ଷ ତଥା ଅଭିଜ୍ଞ ଆଇଆର୍‌ଏସ୍ ଅଧିକାରୀଙ୍କ ସହାୟତା ନେବା। ସମ୍ପ୍ରତି କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ୫ଜଣ ଆଇଆର୍‌ଏସ୍ ଅଧିକାରୀଙ୍କୁ ସିବିଆଇରେ ପୋଲିସ ଅଧୀକ୍ଷକ (ଏସ୍‌ପି) ପଦରେ ନିଯୁକ୍ତ କରିଛି। ୨୦୧୪ ଏବଂ ୨୦୧୬ ବ୍ୟାଚ୍‌ର ଏହି ଅଧିକାରୀମାନେ ୫ବର୍ଷ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ଏଭଳି ନିଯୁକ୍ତିକୁ ନେଇ ସରକାରଙ୍କ ଯୁକ୍ତି ହେଉଛି, ଅର୍ଥନୈତିକ ଅପରାଧ ବଢ଼ୁଥିବାରୁ ସିବିଆଇ ପାଇଁ ଆର୍ଥିକ ବିଷୟଗୁଡ଼ିକରେ ଗଭୀର ଜ୍ଞାନ ଥିବା କର୍ମଚାରୀ ଦରକାର ଏବଂ ଜଟିଳ ଟିକସ ଓ ଆର୍ଥିକ ସମସ୍ୟାକୁ ନିୟନ୍ତ୍ରଣ କରୁଥିବା ଆଇଆର୍‌ଏସ୍ ଅଧିକାରୀମାନେ ଏହି ଆହ୍ୱାନ ପାଇଁ ଉପଯୁକ୍ତ । ତେବେ ପୂର୍ବରୁ ସିବିଆଇରେ ଡେପୁଟି ଇନ୍ସପେକ୍ଟର ଜେନେରାଲ(ଡିଆଇଜି) ଭାବରେ କାର୍ଯ୍ୟ କରୁଥିବା ୨୦୧୭ ବ୍ୟାଚ୍‌ର ଆଇଆର୍‌ଏସ୍ ଅଧିକାରୀ ବିଜେନ୍ଦ୍ର କୁମାରଙ୍କ କାର୍ଯ୍ୟକାଳ ଆଉ ୧ ବର୍ଷ ବୃଦ୍ଧି କରାଯାଇଥିଲା। ଏହା ସହ ସିବିଆଇର କାର୍ଯ୍ୟରେ ଆଇଆର୍‌ଏସ୍ ବିଶେଷଜ୍ଞଙ୍କୁ ସମ୍ମିଳିତ କରିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟକୁ ଏହି ପଦକ୍ଷେପ ସୂଚିତ କରୁଛି। ଏହି ନିଷ୍ପତ୍ତିକୁ ତଥାପି ଆଇପିଏସ୍ ଲବି ଗ୍ରହଣ କରିପାରିନାହିଁ ଏବଂ ଏହାକୁ ସେମାନଙ୍କ ଅଧିକାର କ୍ଷେତ୍ରରେ ଏକ ଜବରଦଖଲ ବୋଲି ବିଚାରକରେ। ବିଶେଷ ସୂତ୍ରରୁ ଶୁଣିବାକୁ ମିଳୁଛି ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଓ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ୍(ଏସ୍‌ଏଫ୍‌ଆଇଓ) ପାଦ ଥାପି ସାରିଥିବା ଆଇଆର୍‌ଏସ୍ ବର୍ତ୍ତମାନ ସିବିଆଇରେ ପ୍ରବେଶ କରୁଛି।

### ଚାପରେ ସରକାର

ଯୁଗ୍ମ ସଚିବ, ନିର୍ଦ୍ଦେଶକ ଏବଂ ଉପ ସଚିବ ସ୍ତରରେ ୪୫ ଅଧିକାରୀଙ୍କ ଲାଟେରାଲ ଏଣ୍ଟ୍ରି (ଘରୋଇ କ୍ଷେତ୍ରରୁ ବିଶେଷଜ୍ଞଙ୍କୁ ଆଣି ସରକାରୀ ପଦବୀରେ ନିଯୁକ୍ତି ଦେବା) ପାଇଁ ବିଜ୍ଞାପନ ବାତିଲ କରିବାକୁ କେନ୍ଦ୍ରର ନିଷ୍ପତ୍ତି ମିଳିତ ସରକାରରେ ଚିନ୍ତାର ବିଷୟ ହୋଇଛି। ଜନତା ଦଳ (ୟୁନାଇଟେଡ୍) ଏବଂ ଲୋକ ଜନଶକ୍ତି ପାର୍ଟି ଭଳି ସହଯୋଗୀ ଦଳ ଏବଂ ବିରୋଧୀ ଦଳର ଚାପରେ ସରକାର ଏହି ବିଜ୍ଞାପନ ପ୍ରତ୍ୟାହାର କରିବାକୁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)କୁ କହିଛନ୍ତି। ସଂରକ୍ଷଣ ନୀତିକୁ ନେଇ ରହିଥିବା ସମସ୍ୟା ଏବଂ ସାମାଜିକ ସମାନତାକୁ ସୁନିଶ୍ଚିତ କରିବାକୁ ଏହି ପଦକ୍ଷେପ ନିଆଯାଇଥିଲା। ମୋଦି ସରକାରଙ୍କ ଦ୍ୱାରା ୨୦୧୮ରେ ଆରମ୍ଭ ହୋଇଥିଲା ଲାଟେରାଲ ଏଣ୍ଟ୍ରି ସ୍କିମ୍ । ତେବେ ଏହି ପଦକ୍ଷେପ ବିଶେଷକରି ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗ ପାଇଁ ସଂରକ୍ଷଣ ଅଭାବକୁ ନେଇ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛି। ଏହି ପ୍ରସଙ୍ଗକୁ ବିରୋଧୀ ଦଳ ନୁହେଁ, ବରଂ ଏନ୍‌ଡିଏ ଭିତରେ ମଧ୍ୟ ସମାଲୋଚନା କରାଯାଇଛି। ୨୦୧୯ରେ ପ୍ରଥମେ ଲାଟେରାଲ ଏଣ୍ଟ୍ରିରେ ନିଯୁକ୍ତ ବିଶେଷଜ୍ଞମାନଙ୍କ ମଧ୍ୟରୁ ଅନେକ ପଦବୀ ଛାଡ଼ି ଦେଇଥିଲେ, ଯାହା ଏହି ଯୋଜନାର କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି କରୁଛି। ଏହିସବୁ ଅସୁବିଧା ଓ ଯୋଜନାର ଭବିଷ୍ୟତ ଅନିଶ୍ଚିତ ଥିବା ସତ୍ତ୍ୱେ ଲାଟେରାଲ ଏଣ୍ଟ୍ରିରେ ନିଯୁକ୍ତି ପାଇଥିବା ୫ଜଣ ଏବେ ଅଛନ୍ତି। ଏକ ମିଳିତ ସରକାରରେ ସଂସ୍କାର ଆଣିବାବେଳେ ସହଯୋଗୀଙ୍କ ଦାବିଗୁଡ଼ିକରେ ସମନ୍ୱୟ ରକ୍ଷା କରିବା ଏକ କଷ୍ଟସାଧ୍ୟ କାର୍ଯ୍ୟ। ତେବେ ମୋଦି ସରକାର ଚାପରେ ରହୁଥିବା ସାମ୍ପ୍ରତିକ ଘଟଣାଗୁଡ଼ିକରୁ ଜଣାପଡ଼େ।

### ତେଲଙ୍ଗାନା ଡିଜିପିଙ୍କ ଆଦେଶ

ତେଲଙ୍ଗାନା ଡିଜିପିଙ୍କ କାର୍ଯ୍ୟାଳୟର ଏକ ଆଦେଶକୁ ନେଇ ଏବେ ବିଭିନ୍ନ କ୍ୟାଡରଙ୍କ ମଧ୍ୟରେ ସମାଲୋଚନା ଜୋର ଧରିଛି। ଏବେ ଆୱେଟିଂ ପୋଷ୍ଟିଂ ଅର୍ଡର-ଏପିଓ ( ଛୁଟି କିମ୍ବା କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ଅଧିକାରୀଙ୍କୁ ଉପଯୁକ୍ତ ନିଯୁକ୍ତି ପାଇଁ ଅପେକ୍ଷା କରିବାକୁ ପଡ଼େ କାରଣ ରାଜ୍ୟ ସରକାର ଏଥିପାଇଁ ସମୟ ନେଇଥାନ୍ତି) ଥିବା ପ୍ରାୟ ୧୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ପ୍ରତ୍ୟେକ ଦିନ ଅପେକ୍ଷା କକ୍ଷରେ ଥିବା ଏକ ଉପସ୍ଥାନ ରେଜିଷ୍ଟରରେ ପ୍ରବେଶ ଓ ପ୍ରସ୍ଥାନ ସୂଚିତ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି। ଏଥିରେ ମଧ୍ୟ ସୂଚିତ କରାଯାଇଛି ଯେ, ଡିଜିପିଙ୍କଠାରୁ ଯେକୌଣସି ଜରୁରୀ କାର୍ଯ୍ୟ ପାଇଁ ସେମାନେ ପ୍ରସ୍ତୁତ ରହିବା ଆବଶ୍ୟକ। ବିଶେଷକରି ଅନ୍ୟ ରାଜ୍ୟରୁ ଆସିଥିବା ଆଇପିଏସ୍ ଅଧିକାରୀମାନେ ଏହି ଆଦେଶକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ଏହାକୁ ଅସ୍ୱୀକାର କରିଛନ୍ତି। ଅନେକେ ଏହାକୁ ସମ୍ପୃକ୍ତ ଅଧିକାରୀଙ୍କ ମନୋବଳ ଏବଂ ସମ୍ମାନ ପାଇଁ ମଧ୍ୟ କ୍ଷତିକାରକ ବୋଲି ବିବେଚନା କରନ୍ତି। ସେମାନେ କହିଛନ୍ତି , ନିୟମ ମାନିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଅତ୍ୟଧିକ ଅମଲାତାନ୍ତ୍ରିକ ପଦକ୍ଷେପ ଜଟିଳ ପରିସ୍ଥିତିରେ ସମସ୍ୟା ସମାଧାନରେ ବାଧା ସୃଷ୍ଟି କରିପାରେ। ଏହି ନୂତନ ଆଦେଶ ବିଶ୍ୱାସର ଅଭାବକୁ ସୂଚାଏ, ଯାହା ପୋଲିସର ସୁଗମ କାର୍ଯ୍ୟଧାରାକୁ କ୍ଷୁଣ୍ଣ କରିପାରେ। ତଥାପି, ମନେହେଉଛି, ବ୍ୟବହାରିକ ସମସ୍ୟା ହେତୁ ରାଜ୍ୟ ଡିଜିପି ଏହି ନିର୍ଦ୍ଦେଶ ଜାରି କରିବାକୁ ବାଧ ହୋଇଥିଲେ। ରିପୋର୍ଟରୁ ଜଣାପଡ଼ିଛି, ଅନେକ ଏପିଓ ଅଧିକାରୀ ସେମାନଙ୍କର ନିର୍ଦ୍ଧାରିତ ମୁଖ୍ୟାଳୟ ପରିବର୍ତ୍ତେ ହାଇଦ୍ରାବାଦରେ ରହୁଥିଲେ, ଯାହା ଦ୍ୱାରା ଡ୍ୟୁଟି ପାଇଁ ସେମାନଙ୍କ ଉପଲବ୍ଧତାରେ ସମସ୍ୟା ରହିଥିଲା। କେତେକେ ବିଶ୍ୱାସ କରନ୍ତି ଯେ, ବିଜୟୱାଡାର ଆଇପିଏସ୍ ଗେଷ୍ଟ ହାଉସରେ ଅଧିକାରୀମାନଙ୍କୁ ରହିବାକୁ ପରାମର୍ଶ ଦିଆଯାଇପାରିଥାନ୍ତା। ତେବେ ଗ୍ରହଣ କରାଯାଇଥିବା ପନ୍ଥାକୁ ନେଇ ବଡ଼ ଧରଣର ସମାଲୋଚନା ଚାଲିଛି।

Email: dilipcherian@gmail.com

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 5 | | | 6 | | 1 |
| 5 | | | 4 | 1 | | | | |
| | | | | | 2 | | 8 | |
| | | | 2 | | | | | 9 |
| 6 | 4 | | | | | | 2 | 8 |
| 9 | 5 | | | | | 1 | | |
| | | | | | | 7 | | |
| | | 7 | | | 5 | | 3 | |
| | 9 | | | 8 | 4 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 5 | 3 | 7 | 9 | 6 | 8 | 1 |
| 6 | 7 | 1 | 2 | 8 | 5 | 4 | 9 | 3 |
| 8 | 9 | 3 | 4 | 1 | 6 | 7 | 2 | 5 |
| 9 | 4 | 8 | 6 | 5 | 7 | 1 | 3 | 2 |
| 5 | 6 | 2 | 8 | 3 | 1 | 9 | 4 | 7 |
| 3 | 1 | 7 | 9 | 2 | 4 | 5 | 6 | 8 |
| 1 | 8 | 4 | 7 | 9 | 2 | 3 | 5 | 6 |
| 2 | 5 | 6 | 1 | 4 | 3 | 8 | 7 | 9 |
| 7 | 3 | 9 | 5 | 6 | 8 | 2 | 1 | 4 |

ଗତକାଲିର ଉତ୍ତର

# ସ୍ୱଜନଙ୍କ ସଂହାର କାହିଁକି



**ଡ. ସତ୍ୟ ନାରାୟଣ ମିଶ୍ର**

ବସୁଧୈବ କୁଟୁମ୍ବକମ୍ ଜୀବନଶୈଳୀରେ ରହିବା ପାଇଁ ପ୍ରୟାସ କରୁଥିବା ଏକବିଂଶ ଶତାବ୍ଦୀର ମଣିଷ ଦ୍ୱାପର ଯୁଗରେ ମହାଭାରତର ଅନେକ ଦୃଷ୍ଟାନ୍ତକୁ ନେଇ ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା କରୁଛି। ତଥାପି ନିଜ ସୁରକ୍ଷା ପାଇଁ ଆର୍ତ୍ତନାଦ କରୁଛି। ମଣିଷ ମଣିଷକୁ ଭରସା କରିବାରେ ଉତ୍କଣ୍ଠା ପ୍ରକାଶ କରିପାରୁନାହିଁ। କାରଣ ମଣିଷ ନିଜେ ଅନେକ ବିଭେଦ ସୃଷ୍ଟିକରି ବିବାଦ ମଧ୍ୟରେ ନିଜର ସ୍ଥିତିକୁ ନିଜେ ଖୋଜିବୁଲୁଛି। ପ୍ରଶ୍ନ ପଚାରୁଛି ଅନେକଙ୍କୁ, ହେଲେ ଉତ୍ତର ଦେବା ପାଇଁ ସ୍ୱୟଂ ପ୍ରଶ୍ନକର୍ତ୍ତା ମଧ୍ୟ ନିରୁପାୟ।

ମଣିଷ ସମାଜରେ ବିଶେଷତଃ ଦୁଇ ପ୍ରକାରର ସମ୍ବନ୍ଧ ପରିଲକ୍ଷିତ ହୋଇଥାଏ, ଗୋଟିଏ ଥାଏ ସ୍ୱଜନ ଓ ଅନ୍ୟଟି ଥାଏ ପରଜନ। ତେବେ ସ୍ୱଜନ ଓ ପରଜନର ସଂଜ୍ଞାକୁ ବିଶ୍ଳେଷଣ କଲେ ଅନେକ ମଧ୍ୟରୁ ଗୋଟିଏ ସାରାଂଶ ମିଳେ ଯେ ସ୍ୱଜନ ହେଉଛନ୍ତି ନିଜର ଆତ୍ମୀୟସ୍ୱଜନ, ଜ୍ଞାତିକୁଟୁମ୍ବ, ବନ୍ଧୁବାନ୍ଧବ ଓ ନିଜର ପ୍ରିୟଜନ। ଏମାନଙ୍କୁ ଅତି ନିକଟରୁ ମଣିଷ ଜାଣିଥାଏ ଓ ଏମାନଙ୍କ ସହ ଜୀବନର ସହଭାଗିତାରେ ଲିପ୍ତ ଥାଏ। ସମଭାବରେ ଅନ୍ୟ ଯେତେସବୁ ଲୋକ ଦୃଶ୍ୟମାନ ହୋଇଥାନ୍ତି ସେମାନେ ପରଜନ। ତେବେ ଭାରତୀୟ ସଂସ୍କୃତି, ପରମ୍ପରା ଓ ଜ୍ଞାନକୁ ଅବଲୋକନ କଲେ ପ୍ରତୀୟମାନ ହୋଇଥାଏ ଯେ ବସୁଧୈବ କୁଟୁମ୍ବକମ୍ ବା ସମଗ୍ର ପୃଥିବୀ ହେଉଛି ଏକ କୁଟୁମ୍ବ ଅର୍ଥାତ୍ ସମସ୍ତେ ହେଉଛନ୍ତି ସ୍ୱଜନ ବା ନିଜ ଲୋକ। ତେଣୁ ବର୍ତ୍ତମାନ ମଣିଷ ମଣିଷକୁ କୌଣସି କାରଣରୁ ହତ୍ୟା କରୁଛି। ତାହା ଯୁଦ୍ଧ ଦ୍ୱାରା ହୋଇଥାଉ ବା ଆତଙ୍କବାଦୀ ଷଡ଼ଯନ୍ତ୍ର ଦ୍ୱାରା ହୋଇଥାଉ ବା କୌଣସି ତ୍ରୁଟି ଦ୍ୱାରା ହୋଇଥାଉ ବା ପ୍ରତିଶୋଧ ପାଇଁ ହୋଇଥାଉ। ମହାଭାରତର ମହାଯୁଦ୍ଧ ଦ୍ୱାରରେ ଅର୍ଜ୍ଜୁନଙ୍କୁ ଭଗବାନ୍ ଶ୍ରୀକୃଷ୍ଣ ଅନେକ ବୁଝାଇଥିଲେ ଯୁଦ୍ଧ କରିବା ପାଇଁ, ଯେଉଁଥିରେ ନିହିତ ଥିଲା ଧର୍ମ ଓ ଶାନ୍ତି ପ୍ରତିଷ୍ଠାର ଉଦ୍ଦେଶ୍ୟ। ତେବେ ଅର୍ଜ୍ଜୁନଙ୍କ ଜ୍ଞାନ ଦୁଇ ସମ୍ପର୍କୀୟ ଭାଇ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଏକ ନିର୍ଣ୍ଣାୟକ ଯୁଦ୍ଧ। କୁରୁକ୍ଷେତ୍ରର ଯୁଦ୍ଧକ୍ଷେତ୍ରରେ ସ୍ୱଜନ ଓ ପରଜନର ନିର୍ଣ୍ଣୟ ସହିତ ବିବେକର ବିଚାର ନିହିତ ଥିଲା। ଏଭଳି ଯୁଦ୍ଧର କାରଣଗୁଡ଼ିକର ଏକ ବିସ୍ତୃତ ବିବରଣୀ ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଛି, ଯାହା ଭଗବାନ୍ ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନଙ୍କ ମଧ୍ୟରେ ବାର୍ତ୍ତାଳାପ। ଉକ୍ତ କଥୋପକଥନରେ ଗୋଟିଏ ଶୀର୍ଷକ ଥିଲା- ଅର୍ଜ୍ଜୁନ ଯୁଦ୍ଧ କରିବେ କି ନାହିଁ ଓ ଯଦି କରିବେ ତ କାହାକୁ ମାରିବେ। କାରଣ ମହାଭାରତ ଯୁଦ୍ଧରେ ଉଭୟ ପକ୍ଷ ହେଉଛନ୍ତି ଭାଇ। ଏଠାରେ



ଶ୍ରୀକୃଷ୍ଣ ଗୁରୁ ଭାବରେ ଅର୍ଜ୍ଜୁନଙ୍କୁ ଧର୍ମର ରକ୍ଷାନିମିତ୍ତ ଜ୍ଞାନ ପ୍ରଦାନକରି ଅନେକ କଥା ବୁଝାଇଛନ୍ତି ଏବଂ ସ୍ୱଜନ ଓ ପରଜନର ସଂଜ୍ଞାକୁ ବିଶଦ ଭାବେ ବର୍ଣ୍ଣନା କରି ସାମୂହିକ ସ୍ୱାର୍ଥନିମିତ୍ତ ବ୍ୟକ୍ତିଗତ ସ୍ୱାର୍ଥକୁ ବଳିଦେବାକୁ ପରାମର୍ଶ ଦେଇଛନ୍ତି, ଯାହା ହେଉଛି ଏକବିଂଶ ଶତାବ୍ଦୀର ମଣିଷର ଆବଶ୍ୟକତା।

ମହାଭାରତ ଯୁଦ୍ଧରେ ଅର୍ଜ୍ଜୁନ ବାରମ୍ବାର ନିଜ ସମ୍ପର୍କୀୟଙ୍କୁ ହତ୍ୟା କରିବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। କୃଷ୍ଣଙ୍କୁ ଅର୍ଜ୍ଜୁନ କହିଛନ୍ତି, ଯଦିଓ କୌରବମାନେ ପାଣ୍ଡବଙ୍କ ଉପରେ ଆକ୍ରମଣ କରିବାକୁ ଇଚ୍ଛୁକ, ତଥାପି ସ୍ୱଜନ ମାମୁ, ଧୃତରାଷ୍ଟ୍ରଙ୍କ ପୁଅମାନଙ୍କୁ ହତ୍ୟା କରିବା ପାପ ହେବ ବୋଲି ଅର୍ଜ୍ଜୁନ ଅନୁଭବ କରିଥିଲେ। ଅର୍ଜ୍ଜୁନ କହିଛନ୍ତି, ସମ୍ପର୍କୀୟ ତଥା ସମ୍ପର୍କୀୟଙ୍କୁ ହତ୍ୟା କରିବା ଠିକ୍ ନୁହେଁ, ଏପରି କାର୍ଯ୍ୟକରି ମଣିଷ ଖୁସି ହୋଇପାରେନା। ଅନେକ ପରିସ୍ଥିତିରେ କାହାର ଜୀବନ ନେବା ଏକ ଗୁରୁତର ପାପ ବୋଲି ବିବେଚନା କରାଯାଏ ତଥା ଦୋଷ ଓ ଅନୁତାପ ସୃଷ୍ଟିକରେ। ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି , ଚରମ ପରିସ୍ଥିତିରେ ସମ୍ପୂର୍ଣ୍ଣ ଆବଶ୍ୟକ ନ ହେବା ପର୍ଯ୍ୟନ୍ତ କୌଣସି ଜୀବକୁ ହତ୍ୟା କରିବା ଅନୁଚିତ। ହିଂସା ଏକ ପାପ ଓ ଅହିଂସା ଏକ ଉତ୍ତମ ଗୁଣ। ଅର୍ଜ୍ଜୁନଙ୍କ କ୍ଷେତ୍ରରେ ଯଦିଓ ଶତ୍ରୁର ଭୁଲ୍ କାର୍ଯ୍ୟ କ୍ଷମାଯୋଗ୍ୟ ନୁହେଁ, ସେ ଏହାକୁ ଅନୈତିକ ବୋଲି ଭାବି ସେମାନଙ୍କୁ ହତ୍ୟା କରିବାକୁ ରାଜି ନ ଥିଲେ। ଯଦିଓ ଋଷି ବଶିଷ୍ଠଙ୍କ ସ୍ମୃତି ଅନୁଯାୟୀ, ଛଅଟି ପରିସ୍ଥିତିରେ ମଣିଷ ହତ୍ୟା କରିବା ଗ୍ରହଣୀୟ ଯଥା ଶତ୍ରୁମାନଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ, ବ୍ୟକ୍ତିର ସମ୍ପତ୍ତିରେ ନିଆଁ ଲଗାଇ ସେମାନଙ୍କୁ ବିଷ ଦେବା ପାଇଁ ଚେଷ୍ଟା କରିଥିଲେ, ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ, ବ୍ୟକ୍ତିର ସମ୍ପତ୍ତି ଲୁଟି ନେଇଥିଲେ, ମହିଳାମାନଙ୍କୁ ଅପହରଣ କରିଥିଲେ କିମ୍ବା ଅପମାନିତ କରିଥିଲେ ଏବଂ ସେମାନଙ୍କ ରାଜ୍ୟ ଦଖଲ କରିଥିଲେ। ଏପରିକି ମନୁ ସ୍ମୃତି ଉଲ୍ଲେଖ କରିଛନ୍ତି ଯେ, ଯଦି ଆତ୍ମରକ୍ଷା ପାଇଁ କେହି ଆକ୍ରମଣକାରୀଙ୍କୁ ହତ୍ୟାକରେ ତେବେ ଏହା ପାପ ବୋଲି ବିବେଚନା କରାଯାଏ ନାହିଁ। ତେଣୁ ଅର୍ଜ୍ଜୁନ ଅତ୍ୟନ୍ତ ମ୍ରିୟମାଣ ହୋଇ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ ଛଳରେ ନିବେଦନ କରିଛନ୍ତି ଯେ 'ସ୍ୱଜନଂ ହି କଥଂ ହତ୍ୟା' ଅର୍ଥାତ୍ ନିଜର ସ୍ୱଜନମାନଙ୍କୁ ସାମାନ୍ୟ ସ୍ୱାର୍ଥ ବା ରାଜ୍ୟ ଆଦି ପାଇଁ କିପରି ହତ୍ୟା କରିବି। ଅତଏବ ଅର୍ଜ୍ଜୁନ ଏଠାରେ ଏକ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ପ୍ରତିପାଦନ କରିଛନ୍ତି ଯେ ବସୁଧୈବ କୁଟୁମ୍ବକମ୍‌ର ବିଚାରଧାରା ଓ ମାର୍ମିକ ଚିନ୍ତନକୁ ସେ ଉକ୍ତ ସମୟରେ ଅତି ସୁନ୍ଦର ଭାବରେ ଅବତାରଣା କରିଛନ୍ତି।

ସ୍ୱାର୍ଥକୁ ତ୍ୟାଗକରି ସାମୂହିକ ଉନ୍ନତି ବା ଜାତିର ଉନ୍ନତି ପାଇଁ ନିଜକୁ ଅତି ଗୌଣ ମନେକରି ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇଛନ୍ତି। ମାତ୍ର ବର୍ତ୍ତମାନର ମଣିଷ ଅନେକ ଜ୍ଞାନକୌଶଳ, ମାରଣାସ୍ତ୍ର, କ୍ଷେପଣାସ୍ତ୍ର ସୃଷ୍ଟି କରୁଛି କେବଳ ନିଜକୁ ବା ସ୍ୱଜନଙ୍କୁ ନିହତ କରିବା ପାଇଁ। ଆଜି ସମାଜରେ ଆତଙ୍କବାଦୀ, ସନ୍ତ୍ରାସବାଦୀ, ବିଚ୍ଛିନ୍ନତାବାଦୀ, ଦେଶଦ୍ରୋହୀମାନେ ନିରୀହ ଜନସାଧାରଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରୁଛନ୍ତି ଓ ସାମାନ୍ୟ ସ୍ୱାର୍ଥ ପାଇଁ ମଣିଷ ସ୍ୱଜନର ହତ୍ୟା କରୁଛନ୍ତି।

ମଣିଷ କେବଳ କଥାରେ ବସୁଧା ଏକ ପରିବାର ବୋଲି ବିବେଚନା କରୁଛି। ମାତ୍ର କାର୍ଯ୍ୟରେ ତାହା ପ୍ରତିପାଦନ ନ କରି ଅନେକ ଷଡ଼ଯନ୍ତ୍ରରେ ମଣିଷ ମଣିଷକୁ ହତ୍ୟାକରି ସ୍ୱାର୍ଥ ସିଦ୍ଧିକରି ନିଜକୁ ଗର୍ବାନ୍ୱିତ ମନେକରୁଛି। କୌଣସି ସ୍ଥାନରେ ଯଦି କୌଣସି ଆତଙ୍କବାଦୀ ଗୋଷ୍ଠୀ ବା ବ୍ୟକ୍ତି କୌଣସି ନରସଂହାର ବା କ୍ଷୟକ୍ଷତି କରିଥାନ୍ତି ତେବେ ସେମାନେ ଦାବିକରି ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥା'ନ୍ତି। ଜଣେ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିବା ଏକ ଅନୈତିକ କାର୍ଯ୍ୟ ଓ ଜଣେ ନିରୀହ ବ୍ୟକ୍ତିଙ୍କ ଜୀବନକୁ ଅନ୍ୟ ନିରୀହ ଲୋକଙ୍କ ଜୀବନ ସହ ତୁଳନା କରିବା ମଧ୍ୟ ଅସମ୍ଭବ। ଜୀବନ ଭଗବାନ୍‌ଙ୍କ ଉପହାର ଓ ଏହା ସମାନ ଭାବରେ ମୂଲ୍ୟବାନ୍ ଯେ ଏହା ଜଣେ ବ୍ୟକ୍ତିର ଜୀବନ କିମ୍ବା ଏକରୁ ଅଧିକ ମୂଲ୍ୟବାନ୍। ସମ୍ପ୍ରତି ପ୍ରଯୁକ୍ତିବିଦ୍ୟାରେ ଯେତେବେଳେ ମଣିଷ ବିଶ୍ୱକୁ ନିଜର ନିୟନ୍ତ୍ରଣରେ ରଖିବା ପାଇଁ ପ୍ରୟାସ କରୁଛି, ସେତେବେଳେ ନିଜ ଦ୍ୱାରା ସୃଷ୍ଟି ହୋଇଥିବା ସମାଜକୁ ସ୍ୱଜନ ବୋଲି ସମ୍ବୋଧନ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହିଁ । ଯଦି ସ୍ୱଜନ ବୋଲି ସମସ୍ତେ ସମସ୍ତଙ୍କୁ ଭାବୁଥାନ୍ତେ ତେବେ ପ୍ରତିଦିନ ନରସଂହାରର ଦୃଶ୍ୟ ଏ ମଣିଷ ସମାଜକୁ ଦେଖିବାକୁ ପଡ଼ି ନ ଥାନ୍ତା। ସେତେବେଳେ ଅର୍ଜ୍ଜୁନ ଯୁଦ୍ଧ ନ କରିବା ପାଇଁ ଯେଉଁ ଯୁକ୍ତି କରିଥିଲେ ତାହା ଥିଲା ବାସ୍ତବଧର୍ମୀ ଚିନ୍ତାଧାରା ଓ ଏକ ଆବେଗର ଇସ୍ତାହାର। ଧର୍ମକୁ ସନ୍ତୁଳିତ କରିବା ପାଇଁ ତାହା ଅନିବାର୍ଯ୍ୟ ଥିଲା। ମାତ୍ର ଯେଉଁ ଧର୍ମର ସ୍ଥାପନା ପାଇଁ ଉକ୍ତ ସମୟରେ ଯୁଦ୍ଧ ଅବଶ୍ୟମ୍ଭାବୀ ଥିଲା, ବର୍ତ୍ତମାନ ଅମାନୁଷିକ ନିରୀହ ନରସଂହାରକୁ ପ୍ରତିରୋଧ କରିବା ପାଇଁ ଆବଶ୍ୟକ ହୋଇପଡ଼ିଛି 'ସ୍ୱଜନଂ ହି କଥଂ ହତ୍ୟା'।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର , ମଧୁସୂଦନ ନଗର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

# କେବେ ଫେରିବେ ସୁନୀତା



**ପ୍ର. ରମେଶ ଚନ୍ଦ୍ର ପରିଡ଼ା**

ଭୂପୃଷ୍ଠଠାରୁ ୪୦୦ କିଲୋମିଟର ଊର୍ଦ୍ଧ୍ୱରେ ପୃଥିବୀ କକ୍ଷରେ ଅବସ୍ଥାପିତ ହୋଇଛି ଆନ୍ତର୍ଜାତିକ ସହଯୋଗିତା ଏବଂ ସହଭାଗିତାରେ ନିର୍ମିତ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'। ବିଭିନ୍ନ ଦେଶର ବିଶେଷକରି ଏହାର ନିର୍ମାଣରେ ମୁଖ୍ୟଭାଗ ନେଇଥିବା ଆମେରିକା ଏବଂ ରୁଷିଆର ମହାକାଶଚାରୀମାନେ ସେଠାକୁ ନିୟମିତ ଯାତାୟାତ କରି ମହାକାଶ ସମ୍ପର୍କିତ ଗବେଷଣାମାନ କରିଆସୁଛନ୍ତି। ଏପରିକି ଭାରତ ମଧ୍ୟ ସ୍ୱାଧୀନ ଭାବେ ସେଠାକୁ ଖୁବ୍‌ଶୀଘ୍ର ଲୋକ ପଠାଇବାର ଯୋଜନା ଏବେ ଚୂଡ଼ାନ୍ତ ସ୍ତରରେ ରହିଛି।

ଗତ ଜୁନ୍ ୫ ତାରିଖରେ ଆମେରିକା ସେଠାକୁ ବୋଇଂ କମ୍ପାନୀ ନିର୍ମିତ ଷ୍ଟାର୍‌ଲାଇନ୍‌ର ଯାନରେ ପ୍ରେରଣ କରିଥିଲା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ସୁନୀତା ଉଇଲିୟମ୍‌ସ ଏବଂ ବୁଚ୍ ଉଇଲମୋରେଙ୍କୁ। ଏହାଥିଲା ଏକ ସାଧାରଣ ଯାତ୍ରା ଏବଂ ମହାକାଶଚାରୀମାନେ ସେଠାରେ ମାତ୍ର ୮ଦିନ ରହି କେତେକ ପରୀକ୍ଷା ନିରୀକ୍ଷା କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଯାନଟି ସେଠାରେ ପହଞ୍ଚିଲା ପରେ ତହିଁରେ ପରିଲକ୍ଷିତ ହୋଇଥିଲା କେତେକ ତ୍ରୁଟି। ଏହାର ୪ଟି ନୋଦକ (ଥ୍ରଷ୍ଟର) ଠିକ୍ ରୂପେ କାମ କଲାନି, ତହିଁରୁ ହିଲିୟମ୍ ନିର୍ଗତ ହେବାକୁ ଲାଗିଲା ଏବଂ ତାହା ଅତ୍ୟଧିକ ଉତ୍ତପ୍ତ ହୋଇଗଲା। କେଉଁ କାରଣରୁ ଏପରି ଘଟିଲା ସେ କଥା ଆଜି ପର୍ଯ୍ୟନ୍ତ ଠିକ୍ ରୂପେ ନିର୍ଦ୍ଧାରିତ ହୋଇପାରି ନାହିଁ। ତେବେ ସେଥିପାଇଁ ସୁନୀତା ଏବଂ ବୁଚ୍ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ସେଠାରେ ଅଟକ ହୋଇ ରହିଛନ୍ତି। କେବେ ଓ କିପରି ସେମାନେ ଫେରିବେ ତାହା ନିର୍ଦ୍ଦିଷ୍ଟ ଭାବେ ସ୍ଥିର ହୋଇପାରୁନାହିଁ। ସେଥିପାଇଁ ଆମେରିକାର ମହାକାଶ ସଂସ୍ଥା 'ନ୍ୟାଶନାଲ ଏରୋନଟିକ୍ସ ଏବଂ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ' ବା 'ନାସା'ର ବୈଜ୍ଞାନିକମାନେ ନାନାଦି ବିକଳ୍ପ କଥା ମଧ୍ୟ ଚିନ୍ତା କରିବାକୁ ଲାଗିଲେଣି। ତନ୍ମଧ୍ୟରୁ ପ୍ରଧାନଟି ବୋଇଂର ଷ୍ଟାର୍‌ଲାଇନର୍ ବଦଳରେ ଏହାର ପ୍ରତିଦ୍ୱନ୍ଦ୍ୱୀ 'ସ୍ପେସ୍‌ଏକ୍ସ' (ଏଲନ୍‌ମସ୍କ) ସେଠାକୁ ପ୍ରେରିତ ହେବାକୁ ଥିବା 'କ୍ରିଉ ଡ୍ରାଗୋନ୍' ଯାନର ସେଥିପାଇଁ ବିନିଯୋଗ।

ଏହି ସମ୍ଭାବ୍ୟ ଯୋଜନା ଅନୁସାରେ ଏଥିରେ 'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର'କୁ ପ୍ରେରିତ ହେବେ ୪ଜଣ ପରିବର୍ତ୍ତେ ଦୁଇଜଣ ମହାକାଶଚାରୀ ଏବଂ ତାହା ଫେରିବ ସେମାନଙ୍କ ସହିତ ସୁନୀତା ଏବଂ ବୁଚ୍‌ଙ୍କୁ ନେଇ। ତେବେ ଏଥିପାଇଁ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ ବିଳମ୍ବ ହେବାର ସମ୍ଭାବନା ରହିଛି। ଏପରିସ୍ଥଳେ ସେ ଦୁହିଁଙ୍କୁ ସେଠାରେ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ଏବଂ ଏହି ଦୀର୍ଘକାଳୀନ ରହଣି ତାଙ୍କ ଶାରୀରିକ ଏବଂ ମାନସିକ ଅବସ୍ଥା ଉପରେ ଯେଉଁ ନାନାଦି ନକାରାତ୍ମକ ପ୍ରଭାବ ପକାଇପାରେ ବୋଲି ମନେ କରାଯାଏ, ସେଗୁଡ଼ିକ ମଧ୍ୟରେ ରହିଛି ନିମ୍ନୋକ୍ତ କେତୋଟି।

'ଆନ୍ତର୍ଜାତିକ ମହାକାଶ କେନ୍ଦ୍ର' ଏକ ୧୫୦ ହଜାର ନିୟୁତ ଡଲାରରେ ନିର୍ମିତ ଅତ୍ୟାଧୁନିକ ଉଡ଼ନ୍ତା ବ୍ୟବସ୍ଥା। ଏଥିରେ ମହାକାଶଚାରୀମାନେ ରହିବା, ବ୍ୟାୟାମ କରିବା, ବୈଜ୍ଞାନିକ ପରୀକ୍ଷା କରିବା ତଥା ପ୍ରାୟତଃ ସାଧାରଣ ଜୀବନଯାପନ କରିବାର ଅନ୍ୟାନ୍ୟ ବନ୍ଦୋବସ୍ତମାନ ଅଛି। ପୁନଶ୍ଚ ଯାତ୍ରୀବିହୀନ ଯାନ ସାହାଯ୍ୟରେ ସେଠାକୁ ଖାଦ୍ୟ,ପାନୀୟ ଏବଂ ଅନ୍ୟ ସମସ୍ତ ଆବଶ୍ୟକ ପଦାର୍ଥ ଯୋଗାଇ ଦିଆଯାଇ



ପାରୁଛି। ତଥାପି ତନ୍ମଧ୍ୟରେ ଦୀର୍ଘକାଳ ଅତିବାହିତ କରିବା ନାନା ଦୃଷ୍ଟିରୁ ଆହ୍ୱାନମୂଳକ। କାରଣ ଏହି ମହାକାଶ କେନ୍ଦ୍ରଟି ପୃଥିବୀକୁ ପ୍ରଦକ୍ଷିଣ କଲାବେଳେ ସ୍ଥାନେ ସ୍ଥାନେ ପୃଥିବୀପୃଷ୍ଠଠାରୁ ୩୦ ଗୁଣ ଅଧିକ ବିକିରଣ ମଧ୍ୟ ଦେଇ ଗତି କରିବାକୁ ପଡ଼ିଥାଏ। ଗଣନାନୁସାରେ ଏଥିମଧ୍ୟରେ ମହାକାଶଚାରୀମାନଙ୍କୁ ୫୦ରୁ ୨୦ ହଜାର ମିଲି ସିଭର୍ଟ ସ୍ତରର ବିକିରଣର ସମ୍ମୁଖୀନ ହେବାକୁ ପଡ଼େ। ଆମ ଛାତିରେ କରାଯାଉଥିବା ଏକ୍ସ-ରେ ରୁ ନିର୍ଗତ ବିକିରଣର ୩ଗୁଣ ହେଲା ୧ ସିଭର୍ଟ। ଦୀର୍ଘକାଳ ଧରି ଏହାର ସମ୍ମୁଖୀନ ହୋଇ ରହିଲେ କର୍କଟରୋଗ, ତନ୍ତୁକ୍ଷୟ, ସ୍ନାୟୁବ୍ୟବସ୍ଥା କ୍ଷତିଗ୍ରସ୍ତ ହେବା ଆଦିର ତାହା କାରଣ ହୋଇପାରେ। ପୁନଶ୍ଚ ଏହା ରକ୍ତର ଲିଂଫୋସାଇଟ୍‌ସ୍‌କୁ କ୍ଷତିଗ୍ରସ୍ତ କରିବାରୁ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ହ୍ରାସ ପାଏ।

ମହାକାଶ କେନ୍ଦ୍ରର ଶୂନ୍ୟ-ମହାକର୍ଷଣ ମଧ୍ୟରେ ସାଧାରଣତଃ ମାସକୁ ପ୍ରାୟ ୧.୮% ହାରରେ ଅସ୍ଥିତନ୍ତୁର କ୍ଷୟ ଘଟିଥାଏ। ଅତଏବ ଦୀର୍ଘଦିନ ଧରି ସେଠାରେ ରହିଲେ କାର୍ଯ୍ୟ କରିବାର ସାମର୍ଥ୍ୟ ହ୍ରାସ, ହାଡ଼ପାପରା ହେବା ଏବଂ କ୍ଷତହେବାର ସମ୍ଭାବନା ବୃଦ୍ଧିପାଏ। ପୁନଶ୍ଚ ଏହା ମଧ୍ୟ ହୃତ୍-ଧମନୀ ରୋଗର କାରଣ ହୋଇପାରେ। ଏହାବ୍ୟତୀତ ଶରୀର ମଧ୍ୟରେ ତରଳ ପଦାର୍ଥର ପୁନଃ ଆବଣ୍ଟନ ହୁଏ। ତାହା ତା'ର ଉପରିଭାଗରେ ଅଧିକ ହୁଏ। ଫଳରେ କଥା କହିବା, ମୋଟର ନିୟନ୍ତ୍ରଣ, ସ୍ୱାଦ ଓ ଗନ୍ଧବାରିବା କ୍ଷମତା ହ୍ରାସ ପାଏ ଏବଂ ଶରୀର ଭାରସାମ୍ୟରେ ପରିବର୍ତ୍ତନ ଆସେ। ଅନ୍ୟପକ୍ଷରେ ସେଠାରୁ ଫେରିବାକୁ ନେଇ ଅନିଶ୍ଚିତତା ଦେଖାଦେଲେ ତଦ୍ୱାରା ମାନସିକ ଚାପ ବୃଦ୍ଧିପାଏ, ଯାହାକି ସ୍ମୃତିହୀନତା, ଯୁକ୍ତିଯୁକ୍ତ ଭାବେ ଚିନ୍ତା କରିବାରେ ଅକ୍ଷମତା ସହିତ ଉଚ୍ଚରକ୍ତଚାପ, ମଧୁମେହ ଆଦିର ସମ୍ଭାବନା ବୃଦ୍ଧିପ୍ରାପ୍ତ ହୁଏ।

ମହାକାଶଯୁଗର ଆଦ୍ୟଭାଗରେ ତଦନାନ୍ତିନ ସୋଭିଏଟ୍ ୟୁନିୟନର ମୀର୍ ମହାକାଶ କେନ୍ଦ୍ରରେ ଅବସ୍ଥାପିତ ଭ୍ୟାଲେରୀ ପୋଲିଆକେଭ୍‌ଙ୍କୁ ତହିଁରେ ସୁଦୀର୍ଘ ୪୩୭ ଦିନ ଅତିବାହିତ କରିବାକୁ ପଡ଼ିଥିଲା। ତାଙ୍କଠାରେ ଏସବୁ ଲକ୍ଷଣ ଦେଖାଯାଇଥିବାର ଅନେକେ ଅନୁମାନ କରନ୍ତି। ତେବେ କମ୍ୟୁନିଷ୍ଟ ଶାସନର ଲୌହ ପରଦା ଭେଦି ତାହାର ପ୍ରକୃତ ତଥ୍ୟ ବାହାରକୁ ଆସି ପାରି ନ ଥିଲା। ବରଂ ସେ ଭୂପୃଷ୍ଠରେ ଅବତରଣ କଲାପରେ କ୍ୟାପସୁଲ ମଧ୍ୟରୁ ବାହାରି କିଛିବାଟ ଚାଲି ଚାଲି ଯାଇ ତାଙ୍କ ଚେୟାର ଉପରେ ବସିଥିଲେ।

ବର୍ତ୍ତମାନ ସୁନୀତା ଓ ବୁଚ୍‌ଙ୍କୁ ଯେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ କେତେଦିନ ରହିବାକୁ ହେବ ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ। ଯଦି ଷ୍ଟାରଲାଇନରକୁ ପୁନଃ କାର୍ଯ୍ୟକ୍ଷମ କରିବାରେ ବୋଇଂର ଇଞ୍ଜିନିୟର ସକ୍ଷମ ହୁଅନ୍ତି ତା'ହେଲେ ଚଳିତ ଅଗଷ୍ଟ ମାସ ଶେଷ ବେଳକୁ ସେମାନେ ଫେରିଆସିପାରନ୍ତି। ଏହା ଏତେଟା ସମ୍ଭବପର ମନେ ହେଉନାହିଁ। ଅତଏବ ଏଥିପାଇଁ ରୁଷିଆର ମହାକାଶ ସଂସ୍ଥାକୁ ସାହାଯ୍ୟ ମଗାଯାଇପାରେ। ତେବେ ଆମେରିକା ସେଥିଲାଗି କୁଣ୍ଠା ପ୍ରକାଶ କରୁଥିବାର ମନେହୁଏ। ଏପରିସ୍ଥଳେ ଏହାର ସବୁଠାରୁ ସମ୍ଭାବ୍ୟ ବିକଳ୍ପ ହେଲା ସ୍ପେସ୍‌ଏକ୍ସର 'ଡ୍ରାଗନ୍‌କ୍ରିଉ' ମହାକାଶଯାନ ଏବଂ ସେଥିପାଇଁ ଅପେକ୍ଷା କରିବାକୁ ହେବ ଆହୁରି ୭/୮ ମାସ। ଅତଏବ ସେମାନଙ୍କୁ ତଥା ସେମାନଙ୍କ ପରିବାରବର୍ଗ ଓ ଶୁଭେଚ୍ଛୁମାନଙ୍କୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ। ଇତିମଧ୍ୟରେ ସୁନୀତା ଏବଂ ତାଙ୍କ ସହକର୍ମୀ ବୁଚ୍ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟ କରିବା, ବ୍ୟାୟାମ କରିବା ଏବଂ ବୈଜ୍ଞାନିକ ଗବେଷଣାମାନ କରିବାରେ ସମୟ ଅତିବାହିତ କରୁଛନ୍ତି।

**ଉଷା ନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

## ଏଇ ଭାରତରେ

ଜୈବିକ କୃଷି ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ତାମିଲନାଡୁର ସଲାଇ ଅରୁଣଙ୍କ ଜୀବନର ମୋଡ଼ ବଦଳି ଯାଇଛି। ଅରୁଣଙ୍କ ବୟସ ଏବେ ୩୨। ସେ ମଙ୍ଗଳମ ନାମକ ଏକ ଛୋଟ ଗାଁରେ ରହୁଛନ୍ତି। ଏହି କୃଷି ପାଇଁ ସେ ଦେଶର ବିଭିନ୍ନ ଅଞ୍ଚଳର ଦେଶୀ ବିହନ ସଂଗ୍ରହ କରି ଏକ ସିଡ୍ ବ୍ୟାଙ୍କ କରିଛନ୍ତି। କାର୍‌ପାଗାଥାରୁ ନାମରେ ଜଣାଶୁଣା ସିଡ୍ ବ୍ୟାଙ୍କକୁ ୩୦୦ ଟଙ୍କାରେ ଆରମ୍ଭ କରିଥିଲେ। ପରେ ଚାଷରୁ ଯାହା ଆୟ କରନ୍ତି ତାହାକୁ ବିହନ ସଂଗ୍ରହ କରିବାରେ ବ୍ୟୟ କରି ଏବେ ୩୦୦ରୁ ଅଧିକ ପ୍ରକାର ଫଳ ଓ ପରିବା ଦେଶୀ ବିହନ ଏହି ବ୍ୟାଙ୍କରେ ରଖିଛନ୍ତି। ଏଥି ମଧ୍ୟରେ ରହିଛି ୧୦ପ୍ରକାର ବିନ୍ସ, ୨୦ ପ୍ରକାର ଟମାଟୋ,୧୦ ପ୍ରକାର ଲଙ୍କା ଓ ୧୦ ପ୍ରକାର ଜହ୍ନି ସମେତ ଅନ୍ୟ ସବୁ ଫଳ ଓ ପରିବା ବିହନ। ଏଗୁଡ଼ିକୁ ସଂଗ୍ରହ କରିବା ଲାଗି ଅରୁଣ ଦେଶରେ ୮୦ ହଜାର କିଲୋମିଟର ଭ୍ରମଣ କରିଛନ୍ତି ଓ ୫୦୦ କୃଷକଙ୍କୁ ସାକ୍ଷାତ କରିଛନ୍ତି। ଅରୁଣ ୨୦୧୧ରେ ଜୈବିକ କୃଷି ଉପରେ ପ୍ରଶିକ୍ଷଣ ନେଇ ଏହି ଚାଷ ସମ୍ପର୍କରେ ଅନ୍ୟ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ। ହେଲେ ସେମାନଙ୍କ ପାଖରେ ଦେଶୀ ବିହନ ଅଭାବକୁ ଦେଖି ଅରୁଣ ଦେଶର ବିଭିନ୍ନ ସ୍ଥାନରୁ ତାହାକୁ ସଂଗ୍ରହ କରି ଆରମ୍ଭ କରିଥିଲେ। ସିଡ୍ ବ୍ୟାଙ୍କରୁ କୃଷକମାନଙ୍କୁ ବିହନ ଦେଇ ସେ ଜୈବିକ କୃଷିକୁ ଆଗକୁ ନେଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୭୫**

- ରାଜ୍ୟର ବିଭିନ୍ନ ନଦୀରେ ବନ୍ୟାଜଳ ଆସିବା ଫଳରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩ ଜଣ ନିଖୋଜ।
- ରାଷ୍ଟ୍ରପତି ହାଫେଜ ଓ ରାଜା ହୁସେନଙ୍କ ନେତୃତ୍ୱରେ ସିରିଆ-ଜୋର୍ଡାନ ମିଳିତ କମାଣ୍ଡ ଗଠନ।
- ଗ୍ରୀସ୍‌ର ପୂର୍ବତନ ରାଷ୍ଟ୍ରପତି ଜର୍ଜ ପାପାଡେଫୋଲସ ଏବଂ ଅନ୍ୟ ୨ ନେତାଙ୍କୁ ଏଥେନ୍ସର ଏକ ସ୍ୱତନ୍ତ୍ର ଅଦାଲତରେ ଦେଶଦ୍ରୋହ ଓ ରାଜଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡ ଆଦେଶ ଦିଆଯାଇଛି।

## ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ-ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ।
-(ସୁଦୂର ଗାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

### ମହାନଦୀରେ ସେତୁ କରାଯାଉ

ମହାଶୟ,

କଟକ ସଦର ଆୟଉପୁର ନିକଟସ୍ଥ ନାଗେଶ୍ୱରନାଥ ନିକଟରେ ମହାନଦୀ ଉପରେ ନୂତନ ସେତୁ ନିର୍ମାଣ କରାଯାଉ। ଏହିଠାରୁ ଘାଟଡଙ୍ଗାରେ ପାରି ହୋଇ ନଦୀ ଅତିକ୍ରମ କରାଯାଉଥିଲା। ତାହା ବାରଗୋଡ଼ିଆ, ଆଟୋଡ଼ା ବହୁଗ୍ରାମ ଓ ପାଗାହାଟ ପର୍ଯ୍ୟନ୍ତ ଯୋଗାଯୋଗ ହେବା ସାଲେପୁର ତଥା କେନ୍ଦ୍ରାପଡ଼ାକୁ ସଂଯୋଗ ସ୍ଥାପନ ହୋଇପାରନ୍ତା। ବାଣିଜ୍ୟ-ବ୍ୟବସାୟ ଦିଗରେ ଅଧିକ ସୁଗମ ହୁଅନ୍ତା। କଟକରୁ କିମ୍ବା ପାରାଦୀପରୁ ଦୀର୍ଘ ପଥ ଦେଇ ବୁଲି ଯିବାକୁ ପଡ଼ନ୍ତା ନାହିଁ । ସମୟ ଓ ବ୍ୟୟସାପେକ୍ଷରୁ ମୁକ୍ତି ମିଳନ୍ତା। ଏହା ମଧ୍ୟ ଆଞ୍ଚଳିକ ବିକାଶରେ ସହାୟକ ହୋଇପାରନ୍ତା।

**-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚିକିଟି ମଦମୃତ୍ୟୁ ଶାସକ-ବିରୋଧୀ ମୁହାଁମୁହିଁ

ଭୁବନେଶ୍ୱର,୨୩।୮(ଅନିଲଦାସ)



■ସରକାରଙ୍କ ନିୟନ୍ତ୍ରଣରେ ନାହାନ୍ତି ଅଫିସର: ବ୍ୟୋମକେଶ
■କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି ମଦମୃତ୍ୟୁ: କାଡାମ
■ମହିଳାଙ୍କୁ ସମ୍ମାନ ଶିଖାଇଲେନି ବିରୋଧୀ ଦଳ ନେତା: ଟଙ୍କଧର

ଚିକିଟି ମଦମୃତ୍ୟୁକୁ ନେଇ ଶୁକ୍ରବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଓ ଶାସକ ଦଳ ସଭ୍ୟମାନେ ମୁହାଁମୁହିଁ ହୋଇଥିଲେ। ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିଜେଡି ସଭ୍ୟ ବ୍ୟୋମକେଶ ରାୟଙ୍କୁ କହିବାକୁ ଅନୁମତି ଦେଇଥିଲେ। ସେ କହିଥିଲେ, ଭାଜପା ସରକାର ଗଢ଼ିବା ପୂର୍ବରୁ କହି ଆସୁଥିଲା ରାଜ୍ୟକୁ ମଦମୁକ୍ତ କରାଯିବ । ଜଣେ କ୍ୟାବିନେଟ୍‌ମନ୍ତ୍ରୀ କହିଲେ, ଅଗଷ୍ଟ ୧୫ସୁଦ୍ଧା ଓଡ଼ିଶା ମଦମୁକ୍ତ ହେବ। ଅବକାରୀ ମନ୍ତ୍ରୀ କହିଲେ, ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରାଯିବ। ସରକାରଙ୍କର କୌଣସି ବିଭାଗ କିମ୍ବା ଅଫିସରଙ୍କ ଉପରେ ନିୟନ୍ତ୍ରଣ ନାହିଁ। ସରକାରଙ୍କ ହାଲ୍‌କା ମନ୍ତବ୍ୟ ଯୋଗୁ ରାଜ୍ୟରେ ବେଆଇନ ମଦ କାରବାର ବଢ଼ିଛି। ମଦମୃତ୍ୟୁ ଘଟଣାରେ ପୂର୍ବତନ ଅବକାରୀ ମନ୍ତ୍ରୀ କାଳନ୍ଦୀ ବେହେରା ଏବଂ ଏ.ୟୁ. ସିଂଦେଓ ଇସ୍ତଫା ଦେଇଥିଲେ। ଅବକାରୀ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ଦରକାର। ସରକାର ନ ଚେତିଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସେ ଚେତାବନୀ ଦେଇଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟ ପାଇଁ ପୁଣି ଏକ କଳଙ୍କିତ ଅଧ୍ୟାୟ ଆରମ୍ଭ ହୋଇଛି। ରାଜସ୍ୱ ବଢ଼ାଇବା ନାଁ କହି ସବୁ ଜିଲାରେ ମଦ ବନ୍ୟା ଚାଲିଛି। ଚିକିଟି ମଦମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିଦ ତୁରନ୍ତ ନ ଭାଙ୍ଗିଲେ ଆଗାମୀ ଦିନରେ ପରିସ୍ଥିତି ଭୟାବହ ହେବ । ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଇସ୍ତଫା ଦେବା କଥା।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଛନ୍ତି, ଯେଉଁମାନେ ୨୪ ବର୍ଷ ଧରି ଶାସନରେ ରହିଲେ, ବିରୋଧୀ ଦଳର ଭୂମିକା ଶିଖିଲେ ନାହିଁ। ମହିଳା ସଶକ୍ତୀକରଣ କଥା କହୁଥିଲେ। ଜଣେ ମହିଳା ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ି ଯେଉଁଭଳି ଆଚରଣ ଦେଖାଇଲେ ତାହା କ'ଣ ମାଆକୁ ସମ୍ମାନ। ବିରୋଧୀ ଦଳ ନେତା କ'ଣ ଏଇଆ ଶିଖାଇଛନ୍ତି। ବିରୋଧୀ ଆଲୋଚନା ପାଇଁ ଆସନ୍ତୁ ବୋଲି ସେ କହିଛନ୍ତି।

ବିଜେଡି ସଦସ୍ୟ ଧ୍ରୁବ ସାହୁ କହିଲେ, ସମଗ୍ର ରାଜ୍ୟ ପାଇଁ ମଦମୃତ୍ୟୁ ଏକ ସମ୍ବେଦନଶୀଳ ଘଟଣା। ଚୋରା ମଦ କାରବାରରେ ଶାସକ ଦଳର ସଦସ୍ୟମାନଙ୍କର ସମ୍ପୃକ୍ତି ରହିଛି। ଏହା କହିବା ମାତ୍ରେ ଶାସକ ଦଳର ସଦସ୍ୟମାନେ କଡ଼ା ବିରୋଧ କରିଥିଲେ। କେଉଁ ବିଧାୟକଙ୍କର ସମ୍ପୃକ୍ତି ରହିଛି ତା'ର ପ୍ରମାଣ ଦିଅନ୍ତୁ । ନଚେତ ଏହାକୁ ଗୃହ ବିବରଣୀରୁ ବାଦ୍ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଭାଜପା ସଭ୍ୟ ଜୟ ନାରାୟଣ ମିଶ୍ର ଏହା ଉପରେ ଆପତ୍ତି ଉଠାଇ କହିଲେ, ମଦ ମାଫିଆଙ୍କ ସହ କେଉଁ ଶାସକ ଦଳର ନେତାଙ୍କର ସମ୍ପୃକ୍ତି ରହିଛି ତାହା ଏଠାରେ ପ୍ରମାଣିତ କରନ୍ତୁ। ନଚେତ୍ ବିବରଣୀରୁ ବାଦ୍ ଦିଆଯାଉ ବୋଲି ସେ କହିଥିଲେ। ଭାଜପା ସଭ୍ୟ ସନାତନ ବିଜୁଳି କହିଥିଲେ, ପୂର୍ବ ସରକାର ସମୟରେ ଅଧିକ ମଦ ବିକ୍ରି କଲେ ପୁରସ୍କାର ମିଳୁଥିଲା। ବିଜେଡି ସରକାର ଲୋକଙ୍କୁ ପିଇବା ପାଣି ଯୋଗାଇପାରିଲେ ନାହିଁ । ମଦ ବନ୍ୟା ସୃଷ୍ଟି କରିଛନ୍ତି।

ବିଜେଡି ସଭ୍ୟ ଗୌତମ ବୁଦ୍ଧ ଦାସ କହିଥିଲେ, ଚିକିଟି ମଦମୃତ୍ୟୁ ରାଜ୍ୟ ପାଇଁ ଏକ କଳଙ୍କିତ ଅଧ୍ୟାୟ । ଦୀର୍ଘବର୍ଷ ଧରି ଏହାକୁ ରୋକାଯାଇ ପାରିଥିଲା। ଏବେ ପୁଣି ମଦମୃତ୍ୟୁ ଘଟଣା ଘଟିଛି । ଏହି ଘଟଣାରେ ଅବକାରୀ ବିଭାଗ ମଦମାଫିଆଙ୍କ ମଧ୍ୟରେ ସମ୍ପର୍କ ରହିଛି। ଭାଜପା ସଭ୍ୟ ଇରାଶିଷ ଆଚାର୍ଯ୍ୟ କହିଥିଲେ, ଧାନଗାଡ଼ି ଧରାଯିବ, ମାତ୍ର ମଦଗାଡ଼ି ଧରାଯିବ ନାହିଁ। ସମସ୍ତ ବିଧାୟକଙ୍କୁ ମଦ ମାଫିଆଙ୍କ ସହ ସମ୍ପୃକ୍ତି ଅଛି ବୋଲି କହି ନ ଥିବା ଧ୍ରୁବ ସଫେଇ ଦେଇଥିଲେ। ତେବେ ଧ୍ରୁବଙ୍କ ମନ୍ତବ୍ୟକୁ ବାଚସ୍ପତି ଗୃହର ବିବରଣୀରୁ ବାଦ୍ ଦେଇଥିଲେ।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଓ ନୀଳମାଧବ ହିକ୍କା ଗୁଣପୁର, ବିଷମ କଟକରେ ହୋଇଥିବା ଝାଡ଼ାବାନ୍ତି ପ୍ରସଙ୍ଗ ଉଠାଇଥିଲେ। ସରକାର ତୁରନ୍ତ ଘଟଣା ସ୍ଥଳକୁ ଏକ ଡାକ୍ତରୀ ଟିମ୍ ପଠାଇବାକୁ ସେମାନେ ଦାବି କରିଥିଲେ।

# କୁରୁଣ୍ଟା ସରପଞ୍ଚଙ୍କ ନାମରେ ଅନାସ୍ଥା

ଖଇରା, ୨୩।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ପଞ୍ଚାୟତରେ ୱାର୍ଡ ସଭ୍ୟମାନଙ୍କୁ ସମସ୍ତ ଉନ୍ନୟନ କାର୍ଯ୍ୟରୁ ଦୂରେଇ ରଖାଯିବା ପ୍ରତିବାଦରେ ୧୦ଜଣ ୱାର୍ଡସଭ୍ୟ ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ବାଲେଶ୍ୱର ଉପଜିଲାପାଳ ପ୍ରଥମେଶ ରାଜେଶ ହିର୍କେଙ୍କୁ ପ୍ରଦାନ କରିଛନ୍ତି। ଉପଜିଲାପାଳ ଏହି ଅଭିଯୋଗର ତଦନ୍ତ ପାଇଁ ବ୍ଲକ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପଞ୍ଚାୟତର ସରପଞ୍ଚ ଗତ ଅଢେଇ ବର୍ଷ ଧରି ୱାର୍ଡ ସଭ୍ୟମାନଙ୍କୁ ମାସିକ ବୈଠକକୁ ନ ଡାକିବା, ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟରୁ ପିସି ଆଦାୟ କରିବା, କୌଣସି ବିଷୟରେ ପ୍ରଶ୍ନ କଲେ ଗାଳିଗୁଲଜ କରି ଅସମ୍ମାନ କରୁଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ୱାର୍ଡ ସଭ୍ୟ ଶର୍ମିଷ୍ଠା ମାଝି, ପାଣ୍ଡବ ମାଝି, ଭାରତୀ ବେହେରା, ଯମୁନା ମହାନ୍ତି, ନାରାୟଣ ଦାସ, ପ୍ରଶାନ୍ତ କୁମାର ଦାସ, ସୁନିତାରାଣୀ ବେହେରା, ରଶ୍ମିତା ମୁର୍ମୁ, ରତ୍ନାକର ପଣ୍ଡା ଓ ମଞ୍ଜୁଲତା ନାୟକଙ୍କ ପକ୍ଷରୁ ଏହି ଅଭିଯୋଗ ପ୍ରଦାନ କରାଯାଇଛି।



ୱାର୍ଡ ସଭ୍ୟଙ୍କ ଦ୍ୱାରା ଉପଜିଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଉଛି।

# କଂଗ୍ରେସର ଷ୍ଟିୟରିଂ କମିଟି: ୭ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ

ଭୁବନେଶ୍ୱର,୨୩।୮(ସୁନିତ୍ ମିଶ୍ର)

## ଦ୍ୱିତୀୟ ତାଲିକାରେ ତାରାଙ୍କ ନାଁ ନାହିଁ

ଓଡ଼ିଶା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଗଠନ କରିଥିବା ଷ୍ଟିୟରିଂ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ଆଉ ୭ ଜଣ ନେତାଙ୍କୁ ସାମିଲ କରାଯାଇଛି। ଏଆଇସିସି ପକ୍ଷରୁ ଷ୍ଟିୟରିଂ କମିଟି ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ ଦସ୍ତଖତରେ ଏନେଇ ଶୁକ୍ରବାର ଚିଠି ଜାରି କରାଯାଇଛି। ଏଥିରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ନିରଞ୍ଜନ ପୂଜାରୀ, ପ୍ରସାଦ ହରିଚନ୍ଦନ, ନରସିଂହ ମିଶ୍ର, ରାମଚନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ସିଂ ସାଲୁଜା ଏବଂ ବରିଷ୍ଠ ନେତା ଶରତ ରାଉତଙ୍କୁ ସାମିଲ କରାଯାଇଛି। ହେଲେ ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଏଥିରେ ସାମିଲ କରାଯାଇନାହିଁ।

ସୂଚନାଯୋଗ୍ୟ, କିଛିଦିନ ତଳେ ଏଆଇସିସି ପକ୍ଷରୁ ଓଡ଼ିଶା ପିସିସିକୁ ସମ୍ପୂର୍ଣ୍ଣ ଭାଙ୍ଗିଦିଆଯାଇଥିଲା। ଏହାର କିଛିଦିନ ପରେ ଏଆଇସିସି ଏକ ଷ୍ଟିୟରିଂ କମିଟି ଗଠନକରି ସେଥିରେ ୧୪ ଜଣ ସଦସ୍ୟଙ୍କୁ ରଖିଥିଲା। ସେଥିରେ ଅଜୟ କୁମାର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ହେଲେ ପ୍ରଥମ ତାଲିକାରେ ଓଡ଼ିଶା କଂଗ୍ରେସର କେତେଜଣ ବରିଷ୍ଠ ନେତାଙ୍କୁ ସାମିଲ କରାଯାଇ ନ ଥିଲା। ଗୁରୁବାର କଂଗ୍ରେସ ଭବନଠାରେ ପ୍ରଥମ ଷ୍ଟିୟରିଂ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହାର ଦିନକ ପରେ କେତେଜଣ ନେତାଙ୍କୁ କମିଟିରେ ସାମିଲ କରାଯାଇଛି।

# ବାଚସ୍ପତିଙ୍କୁ ବିଜେଡିର ବ୍ୟବହାର ଲଜ୍ଜାଜନକ: ଐଶ୍ୱର୍ଯ୍ୟା

ଭୁବନେଶ୍ୱର, ୨୩।୮(ସୁନିତ୍ ମିଶ୍ର)

ବିଧାନସଭାରେ ବାଚସ୍ପତିଙ୍କୁ ବିଜେଡି ବିଧାୟକଙ୍କ ବ୍ୟବହାର ଅତ୍ୟନ୍ତ ଲଜ୍ଜାଜନକ ଓ ଦୁର୍ଭାଗ୍ୟଜନକ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣେ ମହିଳା ବାଚସ୍ପତିଙ୍କୁ ସର୍ବାଧିକ ସମ୍ମାନ ଦେବା ବଦଳରେ ବିରୋଧୀ ଦଳର ଏପରି ବ୍ୟବହାର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ମହିଳାଙ୍କୁ ଅସମ୍ମାନ ଓ ଦୁର୍ବ୍ୟବହାର କରିବା ବିଜେଡିର ଚରିତ୍ର। ଗତ ୨୪ ବର୍ଷ ଶାସନରେ ମହିଳାଙ୍କ ପ୍ରତି ଅପରାଧ ସୀମା ଲଙ୍ଘିଥିଲା। ବିଜେଡି ସରକାର ସମୟରେ ମହିଳାଙ୍କ ପ୍ରତି ଯେଉଁଭଳି ଅପରାଧ ହୋଇଥିଲା, ବୋଧହୁଏ ଅନ୍ୟ କୌଣସି ରାଜ୍ୟରେ ସେପରି ହୋଇ ନ ଥିଲା। ଏହି ସରକାର ସମୟରେ ସାଇବର କ୍ରାଇମଠାରୁ ଆରମ୍ଭକରି ଅନ୍ୟାନ୍ୟ ମହିଳା ବିରୋଧୀ ଆପରାଧିକ କାର୍ଯ୍ୟକଳାପରେ ଓଡ଼ିଶା ୧ନମ୍ବର ଥିଲା। ବିଜେଡି ସବୁବେଳେ ମହିଳାଙ୍କୁ ଅସମ୍ମାନ କରିଛି। ସେଥିପାଇଁ ଲୋକେ ତାଙ୍କୁ ଜବାବ ଦେଇଛନ୍ତି ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, ଗତ ୨୪ ବର୍ଷ ଶାସନରେ ରହିବା ପରେ ଓଡ଼ିଶାକୁ ବିଜେଡି ନିଜର ଜାଗିର ବୋଲି ଭାବୁଥିଲା। କ୍ଷମତାଚ୍ୟୁତ ହେବା ପରେ ଦଳ ତାକୁ ସହଜରେ ଗ୍ରହଣ କରି ନ ପାରି ଗୃହରେ ନିଜର ହତାଶାଭାବ ପ୍ରଦର୍ଶିତ କରିଛି। ମହିଳାଙ୍କୁ ଅସମ୍ମାନ କରିବା ସେମାନଙ୍କ ସ୍ୱଭାବ ହୋଇଥିବାରୁ ବର୍ତ୍ତମାନ ମହିଳା ବାଚସ୍ପତିଙ୍କୁ ମାଡ଼ମାରିବା ପାଇଁ ବିଜେଡି ବିଧାୟକମାନେ ପୋଡିୟମ ଉପରକୁ ଚଢ଼ି ଆସିଥିଲେ। ସଭ୍ୟ ସମାଜରେ ଏଭଳି ବ୍ୟବହାରକୁ ସହଜରେ ଗ୍ରହଣ କରାଯାଇ ନ ପାରେ। ବିଧାନସଭା ଭିତରେ ମହିଳା ବାଚସ୍ପତିଙ୍କୁ ସମ୍ମାନ ଦେଉ ନ ଥିବା ଦଳ ନିଜ ବିଧାନସଭା କ୍ଷେତ୍ରରେ ମହିଳାଙ୍କୁ କିପରି ସମ୍ମାନ ଦେଉଥିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାକୁ ଭାଜପା ତୀବ୍ର ନିନ୍ଦା କରୁଛି। ମହିଳାଙ୍କୁ ଏପରି ଲଜ୍ଜାଜନକ ବ୍ୟବହାର କରିଥିବାରୁ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷମା ମାଗନ୍ତୁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।



ଐଶ୍ୱର୍ଯ୍ୟା ବିଶ୍ୱାଳ

# ସୁଭଦ୍ରା ଯୋଜନା: ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଭାଜପା

ଭୁବନେଶ୍ୱର, ୨୩।୮(ସୁନିତ୍ ମିଶ୍ର)

ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା' ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଘୋଷଣା କରିଛନ୍ତି। ନିର୍ବାଚନ ସମୟରେ ଭାଜପା ପ୍ରତିଶ୍ରୁତି ଦେଇଥିଲା ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କ୍ୟାବିନେଟ୍‌ରେ ଓଡ଼ିଶାର ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନା ଅନୁମୋଦନ ହେଲା। ଏହି ଯୋଜନା ଦ୍ୱାରା ରାଜ୍ୟର ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଲାଭବାନ୍ ହେବେ ବୋଲି ଭାଜପା ରାଜ୍ୟ ଉପସଭାନେତ୍ରୀ କୁସୁମ ଟେଟେ କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

କୁସୁମ କହିଛନ୍ତି, ଏହି ଯୋଜନା ୨୦୨୮-୨୯ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏଥିପାଇଁ ୫୫,୮୨୫ କୋଟି ଟଙ୍କାର ବଜେଟ ଧାର୍ଯ୍ୟ କରାଯାଇଛି। ଏହି ଯୋଜନାରେ ୨୧ରୁ ୬୦ ବର୍ଷ ପର୍ଯ୍ୟନ୍ତ ସମସ୍ତ ମହିଳାଙ୍କୁ ସାମିଲ କରାଯିବ। ପ୍ରତିବର୍ଷ ରାଖୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସରେ ୫ ହଜାର ଟଙ୍କା ଲେଖାଏଁ ବାର୍ଷିକ ସମୁଦାୟ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆର୍ଥିକ ସହାୟତା ପଠାଯିବ। ଏଥିସହ ମହିଳାଙ୍କୁ 'ସୁଭଦ୍ରା' ଡେବିଟ୍ କାର୍ଡ ପ୍ରଦାନ କରାଯିବ। ସୁଭଦ୍ରା ଯୋଜନାରୁ ଯେପରି ଯୋଗ୍ୟ ମହିଳା ବଞ୍ଚିତ ନ ହୁଅନ୍ତି ସେଥିଲାଗି ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ଧର୍ମେନ୍ଦ୍ରଙ୍କୁ ହାଇକୋର୍ଟ ନୋଟିସ

କଟକ,୨୩।୮ (କାର୍ତ୍ତିକ ସାହୁ)

## ନିର୍ବାଚନ ଅନିୟମିତତା ମାମଲା

ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାଇକୋର୍ଟ ଶୁକ୍ରବାର ନୋଟିସ ଜାରି କରିଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କ ଇଜିଲାସ ୨୦୨୪ ନିର୍ବାଚନରେ ଅନିୟମିତତା ନେଇ ଧର୍ମେନ୍ଦ୍ରଙ୍କ ନାମରେ ରୁଜୁ ମାମଲାରେ ଏହି ନୋଟିସ କରିଛନ୍ତି।

ସୂଚନା ଅନୁସାରେ, ୨୦୨୪ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଆସନରେ ପରାଜିତ ହୋଇଥିବା ନ୍ୟାଶନାଲ ଜନ ଦଳ ପ୍ରାର୍ଥୀ ସୁବାସ ମହାପାତ୍ର ଅନିୟମିତତା ନେଇ ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଅଦାଲତ ତାଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ନାମାଙ୍କନପତ୍ର ଦାଖଲବେଳେ ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ଅଧୀନରେ ଲାଭଜନକ ପଦବୀରେ ଥାଇ ନିର୍ବାଚନ ଲଢ଼ିବା ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେଣୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ନିମନ୍ତେ ଆବେଦନକାରୀ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ସମ୍ବଲପୁର ଲୋକ ସଭା ଆସନ ପାଇଁ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଶେଷରେ ଧର୍ମେନ୍ଦ୍ର ପ୍ରଧାନ ବହୁମତରେ ବିଜୟ ଲାଭ କରିଥିଲେ।


THINQ 2024
The Indian Navy Quiz
Sail Beyond Your Horizon
विकसित भारत
Registration Closes - 31 Aug 2024
STUDENTS!
MARK YOUR CALENDARS
Semifinal - 07 Nov 2024
Grand Finale - 08 Nov 2024
Scan to register
To register, login to www.indiannavythinq.in
Participants from Class IX - XII
Team of 02 students (per school)
Enriching Experiences and Exciting Prizes Await you
cbc 10702/11/0043/2425

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

GRAPHIC DESIGNER
for BALASORE
• Knowlege in Photoshop & coreldraw is essential
• Salary 15,000/- to 20,000/- depending on the efficiency.
Please Mail to or WhatsApp to
designerbls2024@gmail.com
9040506792

ଡ୍ରାଇଭର ଆବଶ୍ୟକ
ଦରମା: ୧୯,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ ୧୦ଟା ସକାଳ)

ଆବଶ୍ୟକ
ଟେଲିକଲର୍ 5
ଫିଲ୍ଡ ଏକ୍‌ଜିକ୍ୟୁଟିଭ୍ 5
ବିଡିଏମ୍ 5
କମ୍ପ୍ୟୁଟର ଅପରେଟର 5
< ସବୁ ପଦବୀ ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ >
< ଉଭୟ ପୁରୁଷ ଓ ମହିଳା ପ୍ରାର୍ଥୀ ଆବେଦନ କରିପାରିବେ >
ସାକ୍ଷାତକାର ତାରିଖ: 18 ଅଗଷ୍ଟରୁ 27 ଅଗଷ୍ଟ
ଯୋଗାଯୋଗ ନଂ.- 7008039082 | ଇମେଲ୍ ଆଇଡି- ambitionconsultancy2024@gmail.com
ଠିକଣା: ପ୍ଲଟ୍ ନଂ.191, ଖାରବେଳ ନଗର, ୟୁନିଟ୍-3 (ଜିବିପି ବିଜ୍‌ନେସ୍ ସେଣ୍ଟର, 4ର୍ଥ ମହଲା), ପୋଷ୍ଟ ଅଫିସ୍- ଖାରବେଳ ନଗର, ଭୁବନେଶ୍ୱର, ଓଡ଼ିଶା

WE ARE HIRING !!! at VLCC Bhubaneswar
Applications invited for the following post having experience of minimum 3 (three) years in similar reputed Beauty Care Institutions / Shops)
1. Centre Manager – 1 No
2. Doctor Dermatology – 1 No
3. Sales Manager / Asst. Manager – 1 No
4. Slimming Head – 1 No
5. Dietician – 1 No
6. Female Slimming therapist – 2 Nos
7. Male Slimming therapist – 1 No
8. Female Beauty Therapist – 1 No
9. Unisex Hair dresser – 4 Nos
10. Bridal make up beautician – 1 No
11. Ayurveda Therapist – 1 No
Send your Resume within 15 days to :
khirodsamal1986@gmail.com

IFFCO
पूर्णतः सहकारी स्वामित्व
Wholly owned by Cooperatives
Indian Farmers Fertiliser Cooperative Limited
Paradeep Unit
Advertisement No. PDP/HR/App/2024 Date: 21.08.2024
Requirement of Act Apprentices for IFFCO, Paradeep Unit
Indian Farmers Fertiliser Cooperative Limited, Paradeep Unit, District - Jagatsinghpur (Odisha) invites applications for the post of Act Apprentices from candidates possessing Diploma (Chemical)/ Diploma (Mechanical)/ Diploma (Electrical) /Diploma (Instrumentation)/ Diploma (Civil)/ B.Sc. (PCM) / ITI (Fitter)/ ITI (Machinist)/ ITI (Welder) / ITI (Electrician)/ ITI (Instrument Mechanic)/ ITI (Tuner)/ ITI(Mechanic Motor Vehicle)/ ITI (Draughtsman Mechanical)/ ITI (Draughtsman Civil)/ ITI (Computer Operator and Programming Assistant)/ ITI (Refrigeration & AC).
How to apply:
For details of advertisement and required qualification, age, apprenticeship, categories, emoluments, other eligibility criteria of the above mentioned post and how to apply etc. visit our website www.iffco.in and go to careers and click on requirement of Act Apprentice for IFFCO, Paradeep Unit and apply online or at www.iffcoyuva.in. The online application form may also be directly accessed on https://appspd.iffco.coop/trms/candidate/.
It is mandatory to submit an online application form.
Important Dates for candidates:
Date of opening of online application: 22.08.2024, 10.30 hrs
Date of closing of online application: 10.09.2024, 23.59 hrs
For queries / clarification:
Contact No: 06722-22 / 4716 / 4758/4761

JOB VACANCY

| Sr. No. | Post | Qualification | Sex | Experience | Nos | Salary |
|---|---|---|---|---|---|---|
| 1 | General Manager | Graduate | M | 3 years | 2 | 25,000 or above |
| 2 | Manager cum Cashier (Restaurant) | Graduate | M | 1 year | 2 | 15,000 |
| 3 | Stock Incharge | Tally | M/F | 1 year / Fresher | 1 | 13,000 |
| 4 | Office Staff | PGDCA / Tally | F | 1 year / Fresher | 4 | 12,000 |
| 5 | Caretaker | | M | | 4 | 10,000 |

Cont. Details : KM Convention (Wedding Hall), Tankapani Road, Bhubaneswar
Send Your resume by mail or Whatsapp :-
Mail Id : khatamitha717@gmail.com, Whatsapp no - 7735888881
Cont. No. - 7735888881, 8249579908 (Cont. between 11.30 AM to 5.30 PM)

## ସଂକ୍ଷେପରେ

### ବରପାଲିରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ବରପାଲି,୨୩।୮(ଚିତ୍ତରଞ୍ଜନ ସାହୁ):** ବରପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଓ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର ସାହୁ ଯୋଗଦେଇଥିଲେ। ବିଆରସି ଦୁର୍ଯ୍ୟୋଧନ ସିଂଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରସିସି ଓ ବିଆରସି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ସୋହନ ପଧାନ ସଭା ସଂଯୋଜନା କରିଥିଲେ। ଏହି ସମାରୋହରେ ବ୍ଲକର ୪୦୦ ଛାତ୍ରୀଛାତ୍ର ଓ ୨୦୦ ଗାଇଡ ଶିକ୍ଷକ ଯୋଗଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସବ୍ ଜୁନିୟର, ଜୁନିୟର ଓ ସିନିୟର ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଜଗବନ୍ଧୁ ଦାଶ ସ୍ନାତକ ମହିଳା କଲେଜରେ ଗଙ୍ଗାଧର ଜୟନ୍ତୀ

**ବରପାଲି,୨୩।୮(ଚିତ୍ତରଞ୍ଜନ ସାହୁ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ମେହେରଙ୍କ ଜନ୍ମ ଜୟନ୍ତୀ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା, ମୁଖ୍ୟ ବକ୍ତାଭାବେ ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ଦେବତା ଯୋଗଦେଇଥିଲେ। ଓଡ଼ିଆ ଅଧ୍ୟାପିକା ପିଙ୍କି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ନେପାଳ ବିଶାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଅଧ୍ୟାପିକା ଜ୍ୟୋତି ସାହୁ, ସସ୍ମିତା ମେହେର, ଶୋଭାବତୀ ଥପା, ମନୀଷା ଭୋଇ, ପରିଣୀତା ପଧାନ, ସହକର୍ମୀ ବୀରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସାମିଲ ହୋଇଥିଲେ। ଇତିହାସ ବିଭାଗର ଅଧ୍ୟାପିକା ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଇକମାଳ ହାଇସ୍କୁଲରେ ଜାତୀୟ ମହାକାଶ ଦିବସ



**ପାଇକମାଳ,୨୩।୮(ବଡ ଶତପଥି):** ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟବକ୍ତା ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଚନ୍ଦ୍ରାୟନ-୩ର ଚନ୍ଦ୍ରପୃଷ୍ଠରେ ଅଗଷ୍ଟ ୨୩ରେ ସଫଳ ଅବତରଣ ଲ୍ୟାଣ୍ଡର ବିକ୍ରମ ଓ ପ୍ରଜ୍ଞାନର ଉପଲବ୍ଧି ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ନିରୁପମା ସାହୁ ଭାରତୀୟ ବୈଜ୍ଞାନିକଙ୍କ ଅନ୍ତରୀକ୍ଷ ଉପଲବ୍ଧି ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ । ଲଳିତ କୁମାର ବିଶ୍ୱାଳ ପାୱାର ପଏଣ୍ଟ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଭାରତୀୟ ଅନ୍ତରୀକ୍ଷ ଅଭିଯାନର ସମ୍ପୂର୍ଣ୍ଣ ଇତିହାସ ଉପସ୍ଥାପନ କରିଥିଲେ। ଏଥିରେ ନବମ ଓ ଦଶମ ଶ୍ରେଣୀର ୧୫୫ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ କୁଇଜ ପ୍ରତିଯୋଗିତା ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବବିତା ବେହେରା, ସୁଦାମ ପାଣ୍ଡେ,ମଧୁସ୍ମିତା ମେହେର, ରଜତ କୁମାର ସାହୁ, ମନୋଜ କୁମାର ସାହୁ, ସ୍ୱାଧୀନ ବେହେରା, ଅମିତ କୁମାର ସାହୁ ସହଯୋଗ କରିଥିଲେ ଏବଂ ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ସିଆରପିସିଏମବୃନ୍ଦ।

# ପ୍ରାପ୍ୟ ଦାବିରେ ଜିଲାପାଳଙ୍କୁ ଫେରାଦ

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**

**ବରଗଡ଼ ଜିଲା**

ବରଗଡ଼ ଜିଲା ବିଜେପୁର ବ୍ଲକର ୭ପଞ୍ଚାୟତରେ କାର୍ଯ୍ୟରତ ସିଆରପିସିଏମ୍‌ମାନେ ଶୁକ୍ରବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇଛନ୍ତି। ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କୁ ପ୍ରାପ୍ୟ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବିଜେପୁର ବ୍ଲକର ଏମ. ଶ୍ରୀଗିଡ଼ା, ଗଣ୍ଡିଆପାଲି, ଟି. ଗଣ୍ଡପାଲି, ପହଣ୍ଡି, ପଥର୍ଲା, ଚାରପାଲି, ବୈରିଖପାଲି ପଞ୍ଚାୟତରେ ସେମାନେ କାର୍ଯ୍ୟରତ ଅଛନ୍ତି। ଉକ୍ତ ପଞ୍ଚାୟତରେ ରହିଥିବା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଗୁଡ଼ିକର କାମଗୁଡ଼ିକୁ ସେମାନେ ଠିକ୍ ଭାବେ ସମ୍ପାଦନ କରିଆସୁଛନ୍ତି। ତେବେ ୨୦୨୩ ସେପ୍ଟେମ୍ବର ମାସରୁ ସେମାନେ କାର୍ଯ୍ୟ କରିଆସୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେମାନଙ୍କୁ କିଛି ପାରିଶ୍ରମିକ, ଦରମା ମିଳି ନ ଥିବା ଅଭିଯୋଗ ହୋଇଛି। ଏପରିକି ୟୁନିଫର୍ମ ଏବଂ ମୋବାଇଲ ଖର୍ଚ୍ଚ ମଧ୍ୟ ଦିଆଯାଉ ନ ଥିବା ସିଆରପିସିଏମମାନେ ଅଭିଯୋଗ କରିଛନ୍ତି। ଏ ନେଇ ବିଏଲଓଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ପପିତା ଶିକା, ସିପ୍ରାଞ୍ଜଳି ମଟାରୀ, ସସ୍ମିତା ସାହୁ, କୁମୁଦିନୀ ବିଶି ପ୍ରମୁଖ ଦାବି କରିଛନ୍ତି।

## ବିଭିନ୍ନ ସ୍କୁଲରେ ଜାତୀୟ ମହାକାଶ ଦିବସ

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲରେ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ଚନ୍ଦ୍ରଯାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ନୀଳିମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚନ୍ଦ୍ରଯାନ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଆୟୁଷ ମହାନନ୍ଦ ପ୍ରଥମ, ଶାଳିନୀ ସା ଦ୍ୱିତୀୟ, ସ୍ୱୟଂସିଦ୍ଧ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗରେ ଛାତ୍ରୀ ପ୍ରାଚୀ ଭୋସାଗର, ଅଶ୍ଳେଷା ମହାନନ୍ଦ, କାହ୍ନା ବାରିକ, ଦେବାନନ୍ଦ ସର୍ଭାଙ୍ଗ ପ୍ରମୁଖ କୃତିତ୍ୱ ଅର୍ଜନ କରିଥିଲେ। ଏହି ଅବସରରେ ଚନ୍ଦ୍ରଯାନ ଉପରେ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଜ୍ୟୋତି ବେହେରା, ବବିତା ନାଏକ, ଦୀପିକା କୁଲୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଭଟଲିସ୍ଥିତ ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ପେଣ୍ଟିଂ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୭୭ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ସରୋଜ କୁମାର ଭୁଏ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଋଷଭ ମେହେର, ଶିକ୍ଷୟିତ୍ରୀ ଇନ୍ଦିରା ଖମାରୀ, ଜ୍ୟୋତ୍ସ୍ନାମୟୀ ପ୍ରଧାନ, ସୌଦାମିନୀ ପ୍ରଧାନ, ଗୋବିନ୍ ବାରିକ, ସଞ୍ଜୀବ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବ୍ଲକର ନୂଆଗଡ଼ସ୍ଥିତ ଲକ୍ଷ୍ମୀ ନାରାୟଣ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପରଦେଶୀ ବୁଧିଆ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗଜାନନ ବେହେରା, ଆନନ୍ଦ ସାହୁ, ସୌମ୍ୟା ସ୍ୱରୂପା ସାହୁ, ଡଲି ସରାଫ, ଜୁଲି ସରାଫ ପ୍ରମୁଖ ଜାତୀୟ ମହାକାଶ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଅଲିଭା ପ୍ରଧାନ, ନିହାରୀକା ଖମାରୀ, କଳ୍ପନା ସାହୁ, ପୂଜା ସା ପ୍ରମୁଖ ଚନ୍ଦ୍ରୟାନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗଜାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମପୁରରେ ଆରମ୍ଭ ହେଲା ଡିଜିଟାଲ ଫସଲ ସର୍ବେକ୍ଷଣ



କୃଷି ବିଭାଗ ଦ୍ୱାରା ପଦ୍ମପୁର ବ୍ଲକରେ ସର୍ବେକ୍ଷଣ କରାଯାଉଛି।

**ପଦ୍ମପୁର,୨୩।୮(ପ୍ରଦୀପ୍ତ ଦାଶ)**

ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ପଦ୍ମପୁର ବ୍ଲକରେ ଡିଜିଟାଲ ସର୍ଭେ ଆରମ୍ଭ ହୋଇଛି। ଏହିକ୍ରମରେ ବୁଢୀମାଲ, ଗ୍ୟାନ, ପଲସାପାଲି, ଲୋହାରପାଲି, କବିବରପୁରରେ ଏହି ସର୍ଭେକ୍ଷଣ କାମ ଆରମ୍ଭ ହୋଇଛି । ସୁପରଭାଇଜର ପୁଷ୍ପରାଜ ସାହୁ, ଦଳ କୁମାରୀ ପଟେଲ, ସୁଭଦ୍ରା ପଧାନ, ରାଜସ୍ୱ ନିରୀକ୍ଷକ ଆଦିକନ୍ଦ ନାଏକ ପ୍ରମୁଖ ଉକ୍ତ ପଞ୍ଚାୟତରେ ସର୍ବେକ୍ଷଣ ଆରମ୍ଭ କରିଛନ୍ତି। ନୋଡାଲ ଅଫିସରଭାବେ ସହକାରୀ କୃଷି ଅଧିକାରୀ ବିକାଶ ବେସ୍ରା ତଦାରଖ କରୁଛନ୍ତି। ଗତ ୧୬ ତାରିଖରୁ ଏହି ସର୍ଭେ କାମ ଆରମ୍ଭ ହୋଇଛି। ବ୍ଲକର ୧ଲକ୍ଷ ୫୦ହଜାର ୩୧୭ ପ୍ଲଟରେ ଏହି ସର୍ବେକ୍ଷଣ କାମ ହେବ ।

## ଇଂରାଜୀ ମାଧ୍ୟମ ସ୍କୁଲରେ ସଂସ୍କୃତ ପ୍ରାର୍ଥନା



ପ୍ରାର୍ଥନା ସଭାରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରବୃନ୍ଦ।

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରସ୍ଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ବିକାଶ ଫାଷ୍ଟଷ୍ଟେପ୍‌ରେ ସପ୍ତାହର ଗୋଟିଏ ଦିନ ଛାତ୍ରୀଛାତ୍ର ସମସ୍ତ କାର୍ଯ୍ୟକ୍ରମକୁ ସଂସ୍କୃତ ଭାଷାରେ ଉପସ୍ଥାପନ କରିଥାନ୍ତି। ସେହିଦିନ ପ୍ରାର୍ଥନା ସମେତ ଖବର ପଠନ, ବକ୍ତୃତା, ସାଧାରଣଜ୍ଞାନ ପ୍ରଶ୍ନୋତ୍ତର, ବିଜ୍ଞାନ ଆଧାରିତ ତଥ୍ୟ, କ୍ଷୁଦ୍ର ନାଟିକା, ଜନ୍ମଦିନର ଶୁଭେଚ୍ଛା ଆଧାରିତ ସଙ୍ଗୀତ, ଦେଶାତ୍ମବୋଧକ ସଙ୍ଗୀତ ଆଦି ସଂସ୍କୃତ ଭାଷାରେ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସଂସ୍କୃତ ଦିବସ ପାଳନ ଅବସରରେ ଉକ୍ତ ଶିକ୍ଷାନୁଷ୍ଠାନରେ ଆୟୋଜିତ ପ୍ରାର୍ଥନା ସଭାରେ ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ସଂସ୍କୃତ ଭାଷା, ବ୍ୟାକରଣ ଜ୍ଞାନରେ ସେ ମନ୍ତ୍ରମୁଗ୍ଧ ହେବା ସହିତ ସଂସ୍କୃତ ଭାଷାରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଂସ୍କୃତ ଭାଷା ସମସ୍ତ ଭାଷାର ଜନନୀ ବୋଲି ସେ କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ନିରଞ୍ଜନ ମହାପାତ୍ର, ଶିକ୍ଷୟିତ୍ରୀ ପଦ୍ମାଳୟା ପ୍ରଧାନ ସଂଯୋଜନା କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ଶିକ୍ଷକଙ୍କ ଶାରୀରିକ ନିର୍ଯାତନା

**ତରଭା, ୨୩।୮ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଜବାହର ନବୋଦୟ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଦଶମ ଶ୍ରେଣୀର ଜଣେ ଛାତ୍ର ଜରୁରୀକାଳୀନ ଫୋନ ନଂ. ୧୦୯୮କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ଚାଇଲ୍ଡ ହେଲ୍ପ ଲାଇନ ସୁଜିତ କୁମାର ମିଶ୍ର ସଙ୍ଗେ ସଙ୍ଗେ କଲ ପାଇବା ପରେ ଶିଶୁ କଲ୍ୟାଣ ସମିତିଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଯୁଗ୍ମ କମିଟି ଶଙ୍କର୍ଷଣ ପଣ୍ଡା ଅଧ୍ୟକ୍ଷ ଶିଶୁ ମଙ୍ଗଳ ସମିତି , ଶାନ୍ତନୁ କୁମାର କର୍ଣ୍ଣ ସଦସ୍ୟ, ଶିଶୁ ମଙ୍ଗଳ ସମିତି, ହେମନ୍ତ କୁମାର ସା, ସଦସ୍ୟ, ଶିଶୁ କଲ୍ୟାଣ ସମିତି, ସୁବର୍ଣ୍ଣପୁର, ସୁଜିତ କୁମାର ମିଶ୍ର, ଜିଲା ପ୍ରକଳ୍ପ ସଂଯୋଜକ, ସୁବର୍ଣ୍ଣପୁର, ସୁଧୀର କୁମାର ଦାସ, କାଉନସେଲର ଚାଇଲ୍ଡ ହେଲ୍ପ ଲାଇନ, ପ୍ରଶାନ୍ତ ମାହାକୁଡ, କାଉନସେଲର, ଡିସିପିୟୁଙ୍କ ମିଳିତ ଉଦ୍ୟମରେ ତରଭା ଜବହାର ନବୋଦୟ ବିଦ୍ୟାଳୟକୁ ଯାଇ ଉକ୍ତ ପିଲାକୁ ପଚାରି ବୁଝିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ମନମୋହନ ପଟେଲ ତାଙ୍କ ଚୁଟିକୁ ଟାଣି ଘୋଷାରିନେଇ ଡ୍ରେନରେ ପକାଇବାକୁ ଚେଷ୍ଟା କରୁଥିଲେ। ଯେଉଁଠିକି ଭଙ୍ଗା କାଚ ପଡିଥିଲା। ସେଥିପାଇଁ ପିଲାଟି ଶିକ୍ଷକଙ୍କଠାରୁ ଛଡେଇ ହେବାକୁ ଯାଇ ତଳେ ପଡି ଯାଇଥିଲା। ଯେଉଁଥିରେ କି ମୁଣ୍ଡରେ ଭୀଷଣ ଆଘାତ ଲାଗିଛି। ତେଣୁ ପିଲାର ମୁଣ୍ଡ ବୁଲେଇବା ସହ ବାନ୍ତି ଲାଗିବା କଥା କହିଥିଲେ। ଉକ୍ତ କମିଟି ତୁରନ୍ତ ଭୀମ ଭୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବାକୁ ପରାମର୍ଶ ଦେଇଥିଲେ। ଯୁଗ୍ମ କମିଟି ଆଗରେ ଛାତ୍ରୀଛାତ୍ରମାନେ ସ୍ୱେଚ୍ଛାକୃତ ଭାବେ କହିଥିଲେ ଯେ, ଶିକ୍ଷକଙ୍କ ଏହିପରି ଅଭ୍ୟାସ ଆଗରୁ ମଧ ଅଛି।

## ନାଟ୍ୟାନୁଷ୍ଠାନର ହୀରକ ଜୟନ୍ତୀ ପାଳନ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି,୨୩।୮(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ନିକଟ ବଡ଼ଗାଁ ଗ୍ରାମରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ପ୍ରତିଷ୍ଠିତ ନାଟ୍ୟ ଅନୁଷ୍ଠାନ ବ୍ରଜେଶ୍ୱରୀ ନୃତ୍ୟ କଳା ପରିଷଦ(ଭଗବାନ ପାର୍ଟି), କୁମ୍ଭାରୀର ହୀରକ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀୟ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ କଣ୍ଠଶିଳ୍ପୀ ନିସାର ଅହମ୍ମଦ ଗୁରୁ ବନ୍ଦନା କରିଥିଲେ। ଲୁଲୁ ରବିନ ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ମହେନ୍ଦ୍ର ମେହେର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଡଃ ତପସ୍ୱିନୀ ଗୁରୁ ସମ୍ମାନିତ ଅତିଥି, ନାଟ୍ୟକାର ଗଦାଧର ବାରିକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବଳ ଚନ୍ଦ୍ର ମାଝୀ, ନିରଞ୍ଜନ ମେହେର, ଛବିଳ ପ୍ରଧାନ, ଉଦ୍ଧବ ବାରିକ, ବିମଳକୃଷ୍ଣ ମିଶ୍ର, ତୁଳସୀ ଚରଣ ଦାଶ, ପଦ୍ମଲୋଚନ ସାହୁ, କ୍ଷୀରୋଦ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବିରେନ୍ଦ୍ର ନାଥ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଁଖାଇ ପାଇଁ ନୃସିଂହନାଥରେ ଲଗ୍ନ ଧାର୍ଯ୍ୟ

**ପାଇକମାଳ,୨୩।୮(ବଡ ଶତପଥି)**



ନୂଆଁଖାଇ ଲଗ୍ନ ଧାର୍ଯ୍ୟ ସମୟରେ ଉପସ୍ଥିତ ପଣ୍ଡିତଗଣ।

ବରଗଡ ଜିଲାର ପ୍ରସିଦ୍ଧ ନୃସିଂହନାଥ ପୀଠରେ ମାର୍ଜାରକେଶରୀଙ୍କ ନିକଟରେ ନବାନ୍ନ ଭୋଗ ଅର୍ପଣ ପାଇଁ ପଣ୍ଡିତ ମହାସଭା ଓ ନୃସିଂହନାଥ ପ୍ରଶାସନ ଦ୍ୱାରା ଲଗ୍ନ ଧାର୍ଯ୍ୟ କରାଯାଇଛି। କୁଳ ପୁରୋହିତ ସୁନୀଲ ପୁରୋହିତ ଓ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସୂଚନା ମୁତାବକ, ସେପ୍ଟେମ୍ବର ୮ ସକାଳ ନଅ ଘଣ୍ଟା ନଅ ମିନିଟ୍ ତେତିଶ ସେକେଣ୍ଡରୁ ନଅ ଘଣ୍ଟା ଚବିଶ ମିନିଟ ଅଠର ସେକେଣ୍ଡ ମଧ୍ୟରେ ରୀତିନୀତି ଅନୁସାରେ ମହାପ୍ରଭୁ ନୃସିଂହନାଥ ଓ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ନବାନ୍ନ ଅର୍ପଣ କରାଯିବ। ଶୁକ୍ରବାର ନବାନ୍ନ ଲଗ୍ନ ଧାର୍ଯ୍ୟ ଅବସରରେ ଆୟୋଜିତ ବୈଠକରେ ନୃସିଂହନାଥ ବ୍ରାହ୍ମଣ ସମାଜର ସଭାପତି ସର୍ବଶ୍ରୀ ଗିରିଶ ଚନ୍ଦ୍ର ନାୟକ, ମାତୃ ପ୍ରସାଦ ରଥ, ଡିଗ୍ରୀଧର ଦେବତା, ରଙ୍କମଣି ଦେବତା, ପ୍ରେମାନନ୍ଦ ଦେବତା, ସତ୍ୟଭୂଷଣ ପୁରୋହିତ, ନୃସିଂହ ହୋତା, ସୁଜ୍ଞାନ୍ତ ତ୍ରିପାଠୀ ଓ ସୁବୋଧ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ବରଗଡ଼,୨୩।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜର୍ଜ ହାଇସ୍କୁଲରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଶୁକ୍ରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ ହିମାଂଶୁ ଓଝା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଅତାବିରା ବ୍ଲକ ଶିକ୍ଷାଧିକାରୀ ମିଶ୍ରାଣୀ କୁମ୍ଭାର, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସବ୍ ଜୁନିୟର, ଜୁନିୟର ଏବଂ ସିନିୟର ଭଳି ୩ ବିଭାଗରେ ବିଭକ୍ତ କରି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ମଞ୍ଚାସୀନ ଅତିଥିବୃନ୍ଦ।

# ଚନ୍ଦ୍ରର ସ୍ପର୍ଶ ହିଁ ଜୀବନର ସ୍ପର୍ଶ

**ସରଣ୍ଡା, ୨୩।୮(ଯୁଧିଷ୍ଠିର ମହାପାତ୍ର )**



ବ୍ଲକସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲା ଅତାବିରା ବ୍ଲକସ୍ଥିତ ଲରମ୍ଭା କଲେଜଠାରେ ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଲରମ୍ଭା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିନୟ କୁମାର ନାୟକ, ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା, ରବୀନ୍ଦ୍ର କୁମାର ନାଏକ ମଞ୍ଚାସୀନ ରହି ମହାଜାଗତିକ ଯାନ ଜୀବନ ଉପରେ ଆଲୋଚନା କରିଥିଲେ। ଲରମ୍ଭା କଲେଜର ଛାତ୍ର ଧର୍ମେନ୍ଦ୍ର ବେହେରାଙ୍କ ଚନ୍ଦ୍ରାୟନ-୩ର ସଫଳ ରୂପାୟନ ପାଇଁ ସହଯୋଗ ସହ ମହାକାଶ ପାଇଁ ଚନ୍ଦ୍ରାୟନ-୩ର ସଫଳ ଉତ୍କ୍ଷେପଣ ଉପରେ ଆଲୋକପାତ କରାଯାଇଥିଲା। ଅଧ୍ୟାପକ ମୁକେଶ ଧାନୁକା, ଡ. ସୁବଳ ରଞ୍ଜନ ସାହୁ ଓ ସତ୍ୟବ୍ରତ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ହେମନ୍ତ ପ୍ରଧାନ, ଅଧ୍ୟାପିକା ରୁଚିତା ମାଝି ଯୋଗଦେଇ ଗଗନ, ପ୍ରଜ୍ଞାନ ଓ ବିକ୍ରମ ଦଳକୁ ବିଜେତା ଘୋଷଣା କରିଥିଲେ। ଏଥିସହ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ଅଧ୍ୟାପିକା ଚାନ୍ଦିନୀ ସା ଧନ୍ୟବାଦ ଦେଇଥିବା ବେଳେ ବିଦେଶୀ ଛନ୍ଦ ସହଯୋଗ କରିଥିଲେ।

**ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ଯୁବତୀଙ୍କୁ ଆକ୍ରମଣ**

ଲୋଇସିଂହା,(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ପ୍ରେମ ବ୍ୟାପାରକୁ ନେଇ ଆକ୍ରମଣ ହୋଇଥିବା ନେଇ ଶୁକ୍ରବାର ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବତୀ ଜଣକ ଥିବା ସେଲ ପଏଣ୍ଟକୁ ତରଭା ବ୍ଲକ ପୁଆ ଗ୍ରାମର ଜଣେ ଯୁବକ ତେଲ ପକାଇବାକୁ ଯାଇଥିଲେ। ଯୁବକ ଜଣକ ୫୦ ଟଙ୍କାର ତେଲ ଗାଡ଼ିରେ ପକାଇବାକୁ କାର୍ଯ୍ୟରତ ଯୁବତୀଙ୍କୁ କହିଥିଲେ। ହେଲେ ଯୁବତୀ ତେଲ ଦେବାକୁ କୁଆଡ଼େ ମନା କରିଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ଯୁବକ ଜଣକ ସମ୍ପୃକ୍ତ ଯୁବତୀଙ୍କୁ ମାଡ଼ ମାରିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

# ଜେଲରୁ ମିଳିଲା ନିଶାଦ୍ରବ୍ୟ, ଲାଇଟର, ଟ୍ରିମର୍

- ବଲାଙ୍ଗୀର ଜିଲା କାରାଗାରରେ ଏସ୍‌ପିଙ୍କ ଅତର୍କିତ ଚଢ଼ାଉ
- ୯ ପୋଲିସ ଅଧିକାରୀ, ୨ ପ୍ଲାଟୁନ୍ ଫୋର୍ସଙ୍କ ତନାଘନା
- ଅପରାଧୀଙ୍କୁ ଯୋଗାଣ ହେଉଥିଲା ନିଶା ସାମଗ୍ରୀ
- ସନ୍ଦେହଘେରରେ ଜେଲ ପୋଲିସ କର୍ମଚାରୀ

**ବଲାଙ୍ଗୀର,୨୩।୮ (ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଜିଲା କାରାଗାର।


ଜେଲ୍‌ରୁ ଜବତ ହୋଇଥିବା ନିଶାଦ୍ରବ୍ୟ ଓ ଅନ୍ୟ ସାମଗ୍ରୀ।

ଶୁକ୍ରବାର ସକାଳ ପ୍ରାୟ ୬ଟା ସମୟରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରି ଜିଲାର ୯ ଜଣ ବରିଷ୍ଠ ପୋଲିସ ଅଧିକାରୀ ଓ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ନେଇ ବଲାଙ୍ଗୀର ଜିଲା କାରାଗାର ଭିତରେ ଅତର୍କିତ ଚଢ଼ାଉ କରିଥିଲେ। ଜେଲ ଭିତରର ୧୨ଟି ୱାର୍ଡ ବା ସେଲ୍, ରନ୍ଧାଘର, ଲାଟିନ୍, ଗାଧୁଆଘର ଓ ଅନ୍ୟ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଜେଲ ଭିତରୁ ବିଡ଼ି, ସିଗାରେଟ୍, ଭାଙ୍ଗ ଭଳି ନିଶାଦ୍ରବ୍ୟ, ଦୁଇଟି ଲାଇଟର ଏବଂ ଏକ ଟ୍ରିମର ଜବତ ହୋଇଥିଲା। କଏଦୀଙ୍କ ସେଲ ଭିତରକୁ କିଭଳି ଭାବେ ଏଭଳି ବେଆଇନ ସାମଗ୍ରୀ ଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ପି ଖିଲାରି କହିଛନ୍ତି ଏହାର ତଦନ୍ତ କରାଯିବ। ଏନେଇ ସେ ଉଚ୍ଚତର ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇବେ।

ବଲାଙ୍ଗୀର ଜିଲା କାରାଗାରରେ ଏବେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ରହୁଛନ୍ତି। ଜେଲ ଭିତରେ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମଧ୍ୟରେ ଅନେକ ସମୟରେ ଗୋଷ୍ଠୀ ବିବାଦ, ମାର୍‌ପିଟ୍ ହେଉଥିବା ଖବର ମିଳୁଛି। ଏଭଳିକି କିଛି ଅପରାଧୀ ଜେଲ ଭିତରୁ ବଲାଙ୍ଗୀର ସହର ଏବଂ ଜିଲାର ବିଭିନ୍ନ ସ୍ଥାନର ଅପରାଧ ନିୟନ୍ତ୍ରଣ କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ଜେଲ ଭିତରୁ ଫୋନ ଯୋଗେ ଚାନ୍ଦା ଅସୁଲି, ଜମି ମାଫିଆଗିରି, ଧମକ ଚମକ ଏବଂ ଗୁଣ୍ଡାଗର୍ଦ୍ଦି ଭଳି କାର୍ଯ୍ୟାମାନ ହେଉଛି। ଜେଲ୍ ଭିତରର କେତେଜଣ ଅପରାଧୀ ଜେଲର କେତେକ ପୋଲିସଙ୍କୁ ହାତ କରି ଏବଂ ସମ୍ପର୍କୀୟଙ୍କ ଜରିଆରେ ବେଆଇନ କାମରେ ଲିପ୍ତ ଥିବା ଅଭିଯୋଗ ହୋଇଆସୁଛି। ଜେଲ ଭିତରୁ କେତେଜଣ ଅପରାଧୀ ସୁରୁଖୁରୁରେ ଅପରାଧ ଘଟାଇବାକୁ ସକ୍ଷମ ହେଉଥିବା ଏବଂ ବିଭିନ୍ନ ସମୟରେ ଜେଲ ଭିତରେ ଅପରାଧୀମାନେ ମାରପିଟ୍ ହେଉଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ଗତ ଶୁକ୍ରବାର ଦିନ ଜେଲ ଭିତରେ ଦୁର୍ଦ୍ଦାନ୍ତ ଅପରାଧୀ ବବଲୁ ମହାନନ୍ଦଙ୍କୁ ଅନ୍ୟ ଦୁଇ ଅପରାଧୀ ଛୋଟୁ ଖାନ୍ ଓ ବିଶାଲ ଓରଫ୍ ବିକି ସୁନା ମାଡ଼ ମାରିଥିବା ଜଣାପଡିଥିଲା। ଏହି ଘଟଣା ଜେଲ ଅଧୀକ୍ଷକ ସ୍ୱୀକାର କରିଥିଲେ। ଜେଲ ଭିତରେ ଅପରାଧୀଙ୍କ ଏଭଳି ଉତ୍ପାତ ଏବଂ ମାରପିଟକୁ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ଏହାପରେ ଶୁକ୍ରବାର ସକାଳ ପ୍ରାୟ ୬ଟାରୁ ଏସ୍‌ପି ଖିଲାରୀ ଜେଲ ଭିତରେ ତନାଘନା ଚଳାଇଥିଲେ। ଏସ୍‌ପି ଖିଲାରୀଙ୍କ ଉପସ୍ଥିତିରେ ୯ ଜଣ ବରିଷ୍ଠ ପୋଲିସ ଅଧିକାରୀ ଜେଲର ପ୍ରତ୍ୟେକ ୱାର୍ଡ ଓ ଅନ୍ୟ ସ୍ଥାନକୁ ଯାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କଏଦୀଙ୍କ ସେଲ୍ ଭିତରୁ ବିଡ଼ି, ସିଗାରେଟ୍ ପ୍ୟାକେଟ୍, ଭାଙ୍ଗ ପ୍ୟାକେଟ୍, ଦୁଇଟି ଲାଇଟର ଏବଂ ଏକ ଟ୍ରିମର ମିଳିଥିଲା। ଟ୍ରିମର ଭଳି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଏବଂ ଲାଇଟର ଭଳି ସାମଗ୍ରୀ ଅପରାଧୀଙ୍କ ହାତକୁ ଯାଇଥିବାରୁ ଜେଲ ଭିତରେ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠିଛି। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ ବୋଲି ଏସ୍‌ପି ଖିଲାରି ସୂଚନା ଦେଇଛନ୍ତି। ଏନେଇ ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁଙ୍କୁ ପଚରାଯିବାରେ ଜେଲ ଭିତରେ ଲାଇଟର, ବିଡ଼ି, ସିଗାରେଟ, ଭାଙ୍ଗ ଭଳି ନିଶାଦ୍ରବ୍ୟ ମିଳିବା ଘଟଣା ତଦନ୍ତ କରାଗଲେ କିଏ ନେଇଛି ଜଣାପଡିବ। ଜେଲ ଭିତର ସେଲୁନ୍‌ରେ ଟ୍ରିମର ଦିଆଯାଇଥିଲା,ଏହା ଜେଲର ସେଲ୍ ଭିତରକୁ କିଭଳି ଗଲା ସେନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ‘ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜମିପଟ୍ଟା ଦିଅ’


ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବଲାଙ୍ଗୀର,୨୩।୮ (ବୀରେନ୍ଦ୍ର କୁମାର ଝାଙ୍କର)**

- ଗୋଷ୍ଠୀ ଜଙ୍ଗଲ ଅଧିକାର ମାଗିଲେ ବନବାସୀ, ଆଦିବାସୀ
- ସରକାରୀ ଜମିରୁ ଉଚ୍ଛେଦ ଆଦେଶ ପ୍ରତ୍ୟାହାର ଦାବି କଲେ
- ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜିଲେ ଭୂମିହୀନ

ବଲାଙ୍ଗୀର ଜିଲାର ଶତାଧିକ ଆଦିବାସୀ, ପାରମ୍ପରିକ ବନବାସୀ ଓ ଗରିବ ଭୂମିହୀନ ଶୁକ୍ରବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ ଦଫା ସମ୍ବଳିତ ଦାବିପତ୍ର ଏଡିଏମ୍ ପବିତ୍ର ବେହେରାଙ୍କୁ ପ୍ରଦାନ କରିଛନ୍ତି। ଜିନ୍ଦାବାଦ ସଙ୍ଗଠନ ନେତୃତ୍ୱରେ ସେମାନେ କୋଶଳ କଳାମଣ୍ଡଳ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ କହିଥିଲେ ଯେ, ସାମାଜିକ ଆର୍ଥିକ ଜନଗଣନା-୨୦୧୧ ଅନୁସାରେ ରାଜ୍ୟର ୪୬.୬ ଲକ୍ଷ ପରିବାର ଭୂମିହୀନ ଅଛନ୍ତି। ଗତ ୧୩ ବର୍ଷ ମଧ୍ୟରେ ଭୂମିହୀନଙ୍କ ସଂଖ୍ୟା ଆହୁରି ବଢ଼ିଯାଇଛି। ରାଜ୍ୟର ଅନେକ ଭୂମିହୀନ ବିଭିନ୍ନ ସ୍ଥାନରେ ପାରମ୍ପରିକ ବନବାସୀ ଭାବେ ରହିଆସୁଛନ୍ତି। ଆଦିବାସୀମାନେ କେଉଁ ଆବହମାନ କାଳରୁ ଜଙ୍ଗଲ ଜମିରେ ଘର କରି ରହୁଛନ୍ତି। ସେମାନଙ୍କୁ ଜମି ଯୋଗାଇ ଦେବାକୁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ପାଶ୍ ହୋଇଛି। ମାତ୍ର ଏହିଆଇନ ପାଶ୍ ହେବାର ଇତିମଧ୍ୟରେ ୧୬ବର୍ଷ ଅତିକ୍ରମ ହୋଇଯାଇଥିଲେ ମଧ୍ୟ ଆଦିବାସୀ, ପାରମ୍ପରିକ ବନବାସୀ, ଗରିବ ଭୂମିହୀନଙ୍କୁ ସରକାର ଜମିପଟ୍ଟା ଯୋଗାଇ ନାହାନ୍ତି। ବିଜେଡି ସରକାର ଗତ ୨୪ ବର୍ଷ ଧରି ରାଜୁତି କରିଥିଲେ ମଧ୍ୟ ଭୂମିହୀନଙ୍କୁ ଜମିପଟ୍ଟା ଦେବାରେ ବିଫଳ ହୋଇଥିଲା। ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ଘଟିଛି। ନୂଆ ସରକାର ଯୋଗ୍ୟ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରିବା ପରିବର୍ତ୍ତେ ସେମାନଙ୍କୁ ସରକାରୀ ଜମିରୁ ଉଚ୍ଛେଦ କରିବାକୁ ଆଦେଶ ଦେଇଛନ୍ତି। ଏହି ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଯେଉଁଠି ଧନୀ ଲୋକମାନେ ସରକାରୀ ଜମି ଅକ୍ତିଆର କରିଛନ୍ତି ସେମାନଙ୍କୁ ତୁରନ୍ତ ଉଚ୍ଛେଦ କରି ଗରିବ ଭୂମିହୀନ ଲୋକଙ୍କୁ ଜମିପଟ୍ଟା ପ୍ରଦାନ କରନ୍ତୁ ବୋଲି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ୬ ଦଫା ଦାବିରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬ ଓ ସଂଶୋଧିତ ନିୟମ ୨୦୧୨କୁ ଠିକ୍ ଭାବେ କାର୍ଯ୍ୟକାରୀ କରି ଜଙ୍ଗଲ ଜମିର ବ୍ୟକ୍ତିଗତ ଅଧିକାର, ଗୋଷ୍ଠୀଗତ ଅଧିକାର ଓ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହାସହିତ ରାଜ୍ୟ ସରକାରଙ୍କ ସରକାରୀ ଜମିରୁ ଉଚ୍ଛେଦ ଆଦେଶ ପ୍ରତ୍ୟାହାର କରାଯିବା, ମହାରାଷ୍ଟ୍ରର ମାଥାଡି ଢ଼ାଞ୍ଚାରେ ଇଟାଗଡ଼ା ଦାଦନ ଶ୍ରମିକମାନଙ୍କୁ ନିୟୋଜନ କରାଯିବା, ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପଦ ରୂପେ ଘୋଷଣା ଆଦି ଦାବି ଉଲ୍ଲେଖ କରାଯାଇଛି। ଜିନ୍ଦାବାଦ ସଙ୍ଗଠନ ତରଫରୁ ସଭାପତି ଦୁର୍ଯ୍ୟୋଧନ ମାଝି, ସଙ୍ଗଠକ ତ୍ରିଲୋଚନ ପୁଞ୍ଜି, ଲୋଚନ ବରିହା, ବାଳକୃଷ୍ଣ ଷାଣ୍ଡ, ଗୋଲାପ ନିଆଲଙ୍କ ସମେତ ଅନ୍ୟମାନେ ଆନ୍ଦୋଳନରେ ସାମିଲ ଥିଲେ।

## ଜେଲରେ ଏସ୍‌ପିଙ୍କ ଅତର୍କିତ ଚଢ଼ାଉ ଘଟଣା

# ଉତ୍ତରାଞ୍ଚଳ ଆଇଜି କଲେ ସମୀକ୍ଷା

**ବଲାଙ୍ଗୀର,୨୩।୮ (ବୀରେନ୍ଦ୍ର କୁମାର ଝାଙ୍କର)**


ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ବଲାଙ୍ଗୀର ଜେଲ ଚଢ଼ାଉ ଘଟଣା ଉପରେ ଏସ୍‌ପି ଋଷିକେଶ ଖିଲାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଜେଲରୁ ବାହାରିଲା ମୋବାଇଲ ଫୋନ୍**

ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନ୍‌ଦେଓ ଖିଲାରି ଶୁକ୍ରବାର ସକାଳେ ପୋଲିସ ଅଧିକାରୀଙ୍କୁ ନେଇ ବଲାଙ୍ଗୀର ଜିଲା ଜେଲରେ ଅତର୍କିତ ଚଢ଼ାଉ କରିଥିଲେ। ଜେଲ ଭିତରୁ ବିଡ଼ି, ସିଗାରେଟ, ଭାଙ୍ଗ ଭଳି ନିଶାଦ୍ରବ୍ୟ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା। ଏହି ଘଟଣା ପରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଶୁକ୍ରବାର ଅପରାହ୍ଣରେ ବଲାଙ୍ଗୀରରେ ପହଞ୍ଚି ଘଟଣାର ସବିଶେଷ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜିଲା ପୋଲିସ କାର୍ଯ୍ୟାଳୟରେ ଆଇଜି ଲାଲ ଦୀର୍ଘ ସମୟ ରହି ଘଟଣା ଉପରେ ସବିଶେଷ ସମୀକ୍ଷା କରିଛନ୍ତି। ଜେଲ ଉପରେ ଅତର୍କିତ ଚଢ଼ାଉ କରାଯିବାକୁ ସେ ପ୍ରଶଂସା କରିବା ସହ ନିୟମିତ ବ୍ୟବଧାନରେ ପୋଲିସ ପକ୍ଷରୁ ଏଭଳି ଚଢ଼ାଉ ଅଭିଯାନ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାହେଲେ ଜେଲ ଭିତର ଅନୁଶାସନ ବଳବତ୍ତର ରହିବ ବୋଲି କହିଛନ୍ତି। ଜେଲ ଭିତରୁ ମିଳିଥିବା ନିଶାଦ୍ରବ୍ୟ, ଲାଇଟର, ଟ୍ରିମର ଏବଂ ମୋବାଇଲ ଫୋନ୍ ସମ୍ପର୍କରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତ କରାଯିବା ସହ ଜେଲ କର୍ତ୍ତୃପକ୍ଷଙ୍କ ତରଫରୁ ମଧ୍ୟ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଶୁକ୍ରବାର ଚଢ଼ାଉ ବେଳେ ଜେଲ ପରିସର ଭିତରୁ ଏକ ଫୋନ ମଳିଥିବା ଏସ୍‌ପି ଖିଲାରୀ ସୂଚନା ଦେଇ ଘଟଣା ଉପରେ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

## ରେଙ୍ଗାଲିରେ ଜୈବିକ ଉତ୍ପାଦନ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ଖପ୍ରାଖୋଲ,୨୩।୮ (ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲିଠାରେ ଏଫଇଏସ, କୃଷି ବିଭାଗ ଓ ଓଏଲଏମର ମିଳିତ ଉଦ୍ୟମରେ ଜୈବିକ ଉତ୍ପାଦନ ବିକ୍ରୟ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଉମାକାନ୍ତ ମେହେର, ସହକାରୀ କୃଷି ଅଧିକାରୀ ସୁମନ୍ତ କୁମାର ଖମାରୀ ଯୋଗ ଦେଇଥିଲେ। ଏଫଇଏସ ମାଷ୍ଟର ଟ୍ରେନର ଅଭୟ କୁମାର ତ୍ରିପାଠୀ ଜୈବିକ କୃଷି, ଜୈବିକ ଉତ୍ପାଦନ ଓ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିବା ସହ ଚାଷୀ ଓ ଖାଉଟି ସଚେତନ ହେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଜୈବିକ କାଙ୍କଡ଼, ଭେଣ୍ଡି, ଝୁଡଙ୍ଗ, କଞ୍ଚା କଦଳୀ, କଖାରୁ ଆଦି ବିକ୍ରୟ ହୋଇଥିଲା। ଏମବିକେ ଭୂମିସୂତା ନାଗ, ଜିପିଏଲଏଫ ସମ୍ପାଦିକା ଚନ୍ଦ୍ରିକା ବାଗ, କୃଷକ ସାଥୀ ଜଳନ୍ଧର ବେହେରାଙ୍କ ସମେତ ସିଆରପି, କୃଷି ମିତ୍ର ଜୈବିକ ଚାଷୀମାନେ ଉପସ୍ଥିତ ଥିଲେ।

# କଠିନ ବର୍ଜ୍ୟବସ୍ତୁ ସୁପରିଚାଳନାର ଶୁଭାରମ୍ଭ

**ଲୋଇସିଂହା,୨୩।୮ (ସୁଶାନ୍ତ ବାରିକ)**


ବିଡିଓ ଅକ୍ଷୟପାଣି ଉଦ୍ଗୁ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତରେ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା କାର୍ଯ୍ୟକ୍ରମ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଏଥିରେ ବିଡିଓ ଅକ୍ଷୟପାଣି ଉଦ୍ଗୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାପରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱରେ ଥିବା ଏସଏଚଜି ଗୋଷ୍ଠୀ ପକ୍ଷରୁ ବୁଢ଼ୀପଦର ଗ୍ରାମରେ କଠିନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା। ଏହି ଉପଲକ୍ଷେ ପଞ୍ଚାୟତ ପରିସରରେ ସରପଞ୍ଚ ଲକ୍ଷ୍ମୀ ପଧାନଙ୍କ ଅଧ୍ୟକ୍ଷତାରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ବିଡିଓ ଉଦ୍ଗୁ, ଜିଡିଓ କିଶୋର ମାନସିଂ, ସ୍ୱଚ୍ଛ ଭାରତ ମିଶନ ବିଆରସି ଛବିଳ କୁମାର ବେହେରା,ଏମବିକେ ରଜନୀ ବିଶି, ସାମାଜିକ କର୍ମୀ ଯୁଧିଷ୍ଠିର ପଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଡିଓ ଉଦ୍ଗୁ ଘରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁ ପରିବେଶ ପାଇଁ କିପରି ଘାତକ ସାଜୁଛି ସେ ଉପରେ କହିବା ସହ ପରିଚାଳନା ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିକୁ ସଠିକ ଭାବରେ ଏହାର ଦାୟିତ୍ୱ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଘରୁ ବାହାରୁ ଥିବା ପ୍ଲାଷ୍ଟିକ, କାଚ ଆଦି ବର୍ଜ୍ୟବସ୍ତୁକୁ ବାହାରେ ବା ଏଣେତେଣେ ନ ଫିଙ୍ଗି ଘରେ ଗଚ୍ଛିତ ରଖି ପରିଚାଳନା ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିକୁ ସଂଗ୍ରହ ବେଳେ ତାହା ପ୍ରଦାନ କରିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ଏହାହେଲେ ପରିବେଶ ସଫାସୁତରା ରହିବା ସହ ଅନ୍ୟାନ୍ୟ ସଫଳ ମିଳିବ ବୋଲି ସେ କହିଥିଲେ। ବୁଢ଼ୀପଦରରେ ନିର୍ମାଣ ହୋଇଥିବା ଏମଆରଏଫ କେନ୍ଦ୍ର ଏବଂ ଏହାର ପରିଚାଳନା ଦାୟିତ୍ୱରେ ଥିବା ଏସଏଚଜିର କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ ବିଆରସି ବେହେରା। ବୁଢ଼ୀପଦର ଓ ବୁର୍ଡ଼ା ପଞ୍ଚାୟତକୁ ସ୍ୱଚ୍ଛଭାରତ ମିଶନ ପକ୍ଷରୁ ମଡେଲ ପଞ୍ଚାୟତ ଭାବେ ନିଆଯାଇଥିବା ବେହେରା ସୂଚନା ଦେଇଥିଲେ। ପିଇଓ ପ୍ରହ୍ଲାଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଠୋର ଓଡ଼ିଆ ବଣିକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ଲାଠୋର,୨୩।୮ (ଭୁବନେଶ୍ୱର ବାରିକ)**

କୋଲକାତାରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ପ୍ରତିବାଦ କରି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଓଡ଼ିଆ ବଣିକ ସଂଘ ସଭାପତି ସୁବାଷ ମେହେରଙ୍କ ନେତୃତ୍ୱରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ମାରୱାଡ଼ି ଯୁବା ମଞ୍ଚ, ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀମାନେ ସାମିଲ ହୋଇଥିଲେ। ପ୍ରଥମେ ସମସ୍ତେ ଲାଠୋର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକାଠି ହୋଇ ସଂପୃକ୍ତ ମହିଳା ଡାକ୍ତରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ ସମସ୍ତ ମହିଳା ପୁରୁଷ ହାତରେ କ୍ୟାଣ୍ଡେଲ ଧରି ଶୋଭାଯାତ୍ରାରେ ବାହାରି ଥିଲେ। ଏହି ଅବସରରେ ଶୋଭାଯାତ୍ରାକାରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ନ୍ୟାୟ ଦେବାକୁ ଦାବି କରିଥିଲେ। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୋଭାଯାତ୍ରା ପହଞ୍ଚିବା ପରେ ଦୀପଦାନ କରାଯାଇଥିଲା। ଏହିଅବସରରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇ ସହଯୋଗ କରିଥିଲେ।

# ଆଡିସନାଲ ଏସ୍‌ପି ଓ ଏସ୍‌ଡିପିଓଙ୍କ ତଦନ୍ତ

**ଦେଓଗାଁ,୨୩।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ତୁଷୁରା ଥାନାଧିକାରୀଙ୍କୁ ମାଡ଼ ଘଟଣା**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ବଙ୍ଗଳା ଛକ ନିକଟ ସୋନଗଡ ପୋଲ ଉପରେ ଗୁରୁବାର ତୁଷୁରା ଥାନାଧିକାରୀଙ୍କୁ ଆକ୍ରମଣ ଘଟଣା ଏବେ ନୂଆମୋଡ ନେଇଛି। ଉକ୍ତ ଘଟଣାରେ ଉଭୟ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ଆଡିସନାଲ ଏସ୍‌ପି ହେମନ୍ତ କୁମାର ପାଢ଼ୀ ଓ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଦେଓଗାଁ ଓ ତୁଷୁରା ଥାନାକୁ ଆସି ଅଭିଯୋଗକାରୀଙ୍କୁ ଡାକି ପଚରାଉଚୁରା କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ତୁଷୁରା ଥାନାଧିକାରୀ ଶଶୀଭୂଷଣ ମିଶ୍ର ଓ କନଷ୍ଟେବଳ ଅରୁଣ ଜେନା ଅଭିଯୋଗକାରୀ ଦେଓଗାଁର ଦୁଲୁ ସାଙ୍କୁ ମାଡ ମାରିବା ସମୟରେ ଜଣେ ଯୁବକ ଆସି ତାଙ୍କୁ ଅଟକାଇଥିଲେ । ଏପରିକି ଅନ୍ୟ ଜଣେ ଯୁବକ ଦୀପକ ମହାକୁରଙ୍କ ମୋବାଇଲକୁ ଥାନାଧିକାରୀ ମିଶ୍ର ନେଇଯାଇ ନଦୀ ଭିତରକୁ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ପୋଲିସର ଏଭଳି ଆଚରଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଘଟଣାକୁ ନିନ୍ଦା କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି ତୁଷୁରା ଥାନାଧିକାରୀ ୱାରେଣ୍ଟି ଧରିବା ପାଇଁ ଆସିଥିଲେ ତାହେଲେ ନିରୀହ ଦୁଇ ଯୁବକଙ୍କୁ କାହିଁକି ମାଡ ମାରିଲେ ଓ ସ୍ଥାନୀୟ ଥାନାଧିକାରୀଙ୍କୁ କାହିଁକି ଆଗୁଆ ସୂଚନା ନ ଦେଲେ । ପୋଲିସ ଉଚ୍ଚ ପଦାଧିକାରୀ ତଦନ୍ତ ପରେ କି ପଦକ୍ଷେପ ନେଉଛନ୍ତି ତା ଉପରେ ସମସ୍ତଙ୍କ ନଜର ରହିଛି। ଘଟଣା ସମ୍ପର୍କରେ ଏସଡିପିଓ ସାହୁଙ୍କୁ ପଚାରିବାରେ ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି।

# ଗୋଟିଏ ଦିନରେ ୩୦୦୦ ଫଳଚାରା ରୋପଣ

**ମୁରିବାହାଲ,୨୩।୮ (ଶ୍ରୀବତ୍ସ ବେହେରା)**

ପରିବେଶ ବଞ୍ଚିଲେ, ଆମେ ବଞ୍ଚିବା । ଏହି ଉଦ୍ଦେଶ୍ୟରେ ସ୍ଥାନୀୟ ଜନମୁକ୍ତି ଅନୁଷ୍ଠାନ ଭୋଇପଡା ତରଫରୁ ସାମୁହିକ ଫଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକର ହଳଦୀ ଗ୍ରାମ ପଞ୍ଚାୟତ ଅଧୀନ ଖଲିଆକାନି ଗ୍ରାମରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁଙ୍କ ତତ୍ତ୍ୱାବଧାନରେ ତଥା ଧର୍ମସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଫରେଷ୍ଟର ପୁଷ୍ପାଞ୍ଜଳୀ ଯୋଶୀ, ସମ୍ମାନିତ ଅତିଥି ଭାବେ ଏପିଓ ବସନ୍ତ କୁମାର ବଳିଆରସିଂ ଏବଂ ଅତିଥି ଭାବେ ସରପଞ୍ଚ ହଳଦୀ ସୋମିନୀ ସେଠ ଯୋଗ ଦେଇଥିଲେ। ଏଥିରେ ମିଳିତ ଭାବେ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ,ଗ୍ରାମ୍ୟ ଉନ୍ନୟନ କମିଟି ଓ ଶ୍ରମିକ ସଂଗଠନରୁ ପ୍ରାୟ ୨୫୦ ଜଣ ମହିଳା ଓ ପୁରୁଷ ଅଂଶଗ୍ରହଣ କରି ଗୋଟିଏ ଦିନରେ ୩୦୦୦ ଫଳଚାରା ରୋପଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜନମୁକ୍ତି ଅନୁଷ୍ଠାନର ସୁବର୍ଣ୍ଣୀ ବାଗ , ସୁଶିଲ କୁମାର ସାହୁ, ମହେଶ୍ୱର ରଣା ସହଯୋଗ କରିଥିଲେ। ଗ୍ରାମର ୱାର୍ଡ ମେମ୍ବର ପୁଷ୍ପାଞ୍ଜଳୀ ବଛା, ଗ୍ରାମସାଥୀ ରତ୍ନାକର ବାଗ ଓ ସିଆରପି ନମିତା ତାଣ୍ଡି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଏସଜିଆଇ ଓ ବାସୁଦେବ ପଣ୍ଡା ଫାଉଣ୍ଡେଶନ ମାଗଣାରେ ଫଳବୃକ୍ଷ ଚାରା ପ୍ରଦାନ କରିଥିଲେ।



ବୃକ୍ଷରୋପଣ ଅବସରରେ ସଂଗଠନ କର୍ମକର୍ତ୍ତା ।

# ବରିଷ୍ଠ ନାଗରିକ ଦେଶ ଓ ସମାଜର ପଥ ପ୍ରଦର୍ଶକ

**ଟିଟିଲାଗଡ,୨୩।୮ (ଶରତ ମିଶ୍ର)**



ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଉଛି।

**ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ**

ବରିଷ୍ଠ ନାଗରିକ ସଂଘ ଟିଟିଲାଗଡ ଆନୁକୂଲ୍ୟରେ ସ୍ଥାନୀୟ ଜୈନ ଭବନଠାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୌରପାଳିକା ଅଧକ୍ଷା ମମତା ଦେବୀ ଜୈନ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଏସଡିପିଓ ଅଙ୍କିତା କୁମ୍ବାର,ସମ୍ମାନିତ ଅତିଥି ଭାବେ ଏଚଡିଏଫସି ମ୍ୟାନେଜର ଜିତେନ୍ଦ୍ର କୁମାର ସାହୁ ଏବଂ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଛାୟାକାନ୍ତ ଷଡଙ୍ଗୀ ମଞ୍ଚାସୀନ ଥିଲେ। ସଂଘର ସଭାପତି ଡ. ଘନଶ୍ୟାମ ଜୈନଙ୍କ ଅଧକ୍ଷତାରେ ସଭା ପରିଚାଳିତ ହୋଇଥିଲା । ବରିଷ୍ଠ ନାଗରିକମାନଙ୍କୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦେବା ପାଇଁ ପୋଲିସ ବିଭାଗ ସର୍ବଦା ତତ୍ପର ରହିଛି ଏବଂ ସେମାନଙ୍କୁ ପରିଚୟପତ୍ର ଯୋଗାଇ ଦେବା କ୍ଷେତ୍ରରେ ସମସ୍ତ ସହଯୋଗ କରାଯିବ ବୋଲି ବିଶିଷ୍ଟ ଅତିଥି ଏସଡିପିଓ କୁମ୍ବାର କହିଥିଲେ। ଏହି କ୍ରମରେ ପ୍ରସ୍ତୁତ ହୋଇଥିବା ପରିଚୟପତ୍ର ବରିଷ୍ଠ ନାଗରିକମାନଙ୍କୁ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଷଡଙ୍ଗୀ ବରିଷ୍ଠ ନାଗରିକ ଦେଶ ଓ ସମାଜର ପଥ ପ୍ରଦର୍ଶକ। ତେଣୁ ସେମାନେ ସମସ୍ତ କ୍ଷେତ୍ରରେ ସ୍ମରଣୀୟ ହେବା ବିଶ୍ୱ ପାଇଁ ମଙ୍ଗଳ ବୋଲି ମତବ୍ୟକ୍ତ କରିଥିଲେ। ଅଶୀବର୍ଷ ଉପରାନ୍ତ ତଥା ଆଦର୍ଶ ବ୍ୟକ୍ତିତ୍ୱ ଭାବେ ରାଜୀବ ଲୋଚନ ପାଢ଼ୀ, ଜଗନ୍ନାଥ ପଣ୍ଡା, ଭକ୍ତ ପ୍ରସାଦ ପାଢ଼ୀଙ୍କୁ ସଂଘ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଲେଖକ ସେବକ ଚରଣ ଦାଶଙ୍କ ‘ଲଘୁ ଚେତନା’ ପୁସ୍ତକ ଲୋକାର୍ପିତ ହେବା ସହ ବଣ୍ଟନ କରାଯାଇଥିଲା। ସଭାପତି ଡ.ଜୈନ ସଂଘର ସାମାଜିକ ଦାୟିତ୍ୱ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରି ସମସ୍ତଙ୍କ ସାହାଯ୍ୟ, ସହଯୋଗ ଲୋଡିଥିଲେ। ଏହାଛଡା ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ ନିଜ ରଚିତ ଏକ କୋଶଲି କବିତା ‘ଆଗୋ ଦଦା’ ଆବୃତ୍ତି କରିଥିଲେ। କାର୍ଯ୍ୟନିର୍ବାହୀ ସମ୍ପାଦକ ବନମାଳୀ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ଅକ୍ଷୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ନିଖୋଜ ମାମଲା: ମିଳିଲାନି ଟ୍ରକ୍, ଚାଳକଙ୍କ ପତ୍ତା

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା):** ଗତ ଜୁଲାଇ ୧୭ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଳୁଙ୍ଗା ଆଇଡ଼ିସି ସ୍ଥିତ ବଜରଙ୍ଗବଲୀ ରିରୋଲିଂ ପ୍ରାଇଭେଟ୍ ଲିମିଟେଡ୍ ସମେତ ୪ଟି କମ୍ପାନୀରୁ ଜୁନାଗଡ଼ ଅଭିମୁଖେ ଯାଇଥିବା ଟ୍ରକ୍ ନିଖୋଜ ହୋଇଯାଇଥିଲା। ଏହି ଘଟଣାକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ବେଳେ ଏପର୍ଯ୍ୟନ୍ତ ଟ୍ରକ୍ କିମ୍ବା ଚାଳକଙ୍କ କୌଣସି ପତ୍ତା ମିଳିପାରିନାହିଁ। ଏହି ନିଖୋଜ ମାମଲା ପଛରେ ଆନ୍ତଃରାଜ୍ୟ ଡକାୟତଙ୍କ ସମ୍ପୃକ୍ତି ନେଇ ଆଶଙ୍କା ପ୍ରକାଶ ପାଇଛି। ଟ୍ରକ ମାଲିକ କିଶୋର ଗୁପ୍ତା ଶୁକ୍ରବାର ଏ ସମ୍ପର୍କରେ ଥାନାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, କିଶୋରଙ୍କ ଭଣଜା ଝୁନ୍‌ଝୁନ୍ ଗୁପ୍ତା ଏହି ଟ୍ରକ ଚାଳକ ଥିଲେ। ଉକ୍ତ ଟ୍ରକ୍ (ନଂ.ଓଆର୧୪ଆର୍/୫୮୩୪)ରେ ପ୍ରାୟ ୨୮ଟନ ଓଜନ ତଥା ୧୬ଲକ୍ଷ ୩୫ ହଜାର ଟଙ୍କାର ଏଙ୍ଗଲ ବୋଝେଇ ହୋଇଥିଲା। ନିଖୋଜ ନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ ୧୭୫/୨୪) ରୁଜୁ ହୋଇଥିଲା। ଟ୍ରକ ମାଲିକ କିଶୋରଙ୍କ କହିବା ଅନୁସାରେ ସେହିଦିନ ଉକ୍ତ କମ୍ପାନୀମାନଙ୍କୁ ସମାନ ସମୟରେ ୩ଟି ଟ୍ରକରେ ସାମଗ୍ରୀ ଅନ୍ୟତ୍ର ପଠାଯାଇଥିଲା। ହେଲେ କୌଣସି ଟ୍ରକ ଗନ୍ତବ୍ୟସ୍ଥଳୀରେ ପହଞ୍ଚିପାରି ନ ଥିଲା। ସେଠାକାର କମ୍ପାନୀମାନଙ୍କ ପକ୍ଷରୁ ଫୋନ୍‌ରେ ସୂଚନା ଆସିବା ପରେ ଏ ସମ୍ପର୍କରେ ଜଣାପଡ଼ିଥିଲା ବୋଲି ଗୁପ୍ତା କହିଥିଲେ। ଚାଳକମାନଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବା ଦେଖାଯାଇଥିଲା ।

### ପିଏମ୍ ଜନମନ ଯୋଜନା ପାଇଁ ବୈଠକ

**ଲହୁଣୀପଡ଼ା, ୨୩।୮ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କୁଲିପୋଷ କଲୋନୀଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଯୋଜନାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ଓ ପ୍ରକଳ୍ପ ପ୍ରଶାସକ ବିଶଦର୍ଶୀ ସାହୁ, ଲହୁଣୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର, ତହସିଲଦାର ବବୁଲ ପେରେଇ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କୁଲିପୋଷ କଲୋନୀ ପାଉଡି ଭୂୟାଁ ସମ୍ପ୍ରଦାୟ ଆଦିବାସୀଙ୍କ ମୌଳିକ ସୁବିଧା ଯଥା ବିଶୁଦ୍ଧ ପାନୀୟ ଜଳ, ଗମନାଗମନ ସୁବିଧା,ବିଦ୍ୟୁତ୍ ସେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବ୍ୟକ୍ତିଗତ ସୁବିଧା ପାଇଁ ଆଧାର କାର୍ଡ, ଭୋଟର କାର୍ଡ ସଂଶୋଧନ, ଜାତି ପ୍ରମାଣପତ୍ର, ଜଙ୍ଗଲ ଜମି ପଟ୍ଟା କିପରି ସରଳ ଓ ସୁବିଧାରେ ପାଇ ପାରିବେ ସେଥିପାଇଁ ସମ୍ପୃକ୍ତ ଅଧିକାରୀମାନେ ଯତ୍ନବାନର ସହିତ ଦାୟିତ୍ୱ ତୁଲାଇବାକୁ ପଡିବ ବୋଲି ଅଧିକାରୀଙ୍କୁ ଉପଜିଲାପାଳ ପରାମର୍ଶ ଦେଇଥିଲେ।

# ସ୍ମାର୍ଟସିଟିରେ ସ୍ମାର୍ଟ ସୁରକ୍ଷା ପ୍ରହସନ

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**


ରାଉରକେଲା ସ୍ମାର୍ଟସିଟି କାର୍ଯ୍ୟାଳୟ ।

**ଆପରାଧିକ ଗତିବିଧି, ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ**

ବର୍ଷେରୁ ଊର୍ଦ୍ଧ୍ୱ ବିତିଗଲା ମାତ୍ର ରାଉରକେଲା ସହରରେ ସ୍ମାର୍ଟ ସୁରକ୍ଷା ବ୍ୟବସ୍ଥା ଏପର୍ଯ୍ୟନ୍ତ ସମ୍ପାଦନ ହୋଇପାରିଲା ନାହିଁ। ଫଳରେ ଏହି ବ୍ୟବସ୍ଥା ଏବେ ପ୍ରହସନ ପାଲଟିଛି ବୋଲି ସହରବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।

ବର୍ଷେ ପୂର୍ବରୁ ରାଉରକେଲା ସ୍ମାର୍ଟସିଟି ତରଫରୁ ଏହି ବୃହତ ସୁରକ୍ଷା ବ୍ୟବସ୍ଥାକୁ ସଫଳ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଥିଲା। ସହରରେ ଆପରାଧିକ ଗତିବିଧି ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା ସୁଦୃଢ଼ୀକରଣ ଓ ବେଆଇନ ଯାନବାହନ ଚଳାଚଳ ଉପରେ ରୋକ୍ ଲଗାଇବା ପାଇଁ ସହରର ୧୩ଟି ପ୍ରମୁଖ ସ୍ଥାନରେ ମୋଟ ୧୧୦ ସିସିଟିଭି ଲଗାଗଲା। ଏଥିପାଇଁ ୬୭୫ଟି କ୍ୟାମେରା ଇନଷ୍ଟଲ କରାଗଲା। ସିସିଟିଭି କାର୍ଯ୍ୟକାରିତା ପାଇଁ ନିୟନ୍ତ୍ରଣ (ଆଇସିସିସି) କେନ୍ଦ୍ର ସ୍ଥାପନ ହେବା ସତ୍ତ୍ୱେ ଏକବର୍ଷରୁ ଊର୍ଦ୍ଧ୍ୱ ହେଲାଣି ସମସ୍ତ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ମୁଖ୍ୟ କଣ୍ଟ୍ରୋଲ ରୁମ୍ ନିର୍ମାଣ କାର୍ଯ୍ୟ ସମ୍ପାଦିତ ହେଉନାହିଁ।

ପ୍ରକାଶଥାଉକି, ସ୍ମାର୍ଟସିଟିରେ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଲେ ୧୦ଟି ପିଏସ୍ ସିଷ୍ଟମ ମାଧ୍ୟମରେ ଅଜଣା ବ୍ୟକ୍ତିଙ୍କ ସଠିକ୍ ସୂଚନା ସହଜରେ ହସ୍ତଗତ ହୋଇପାରିବ। ଏହାବ୍ୟତୀତ ୨୦ଟି ଜରୁରୀକାଳୀନ କଲ୍‌ବକ୍ସ ସହିତ ୧୩ଟି ପ୍ରମୁଖ ସ୍ଥାନରେ ଆଇଟିଏମ୍‌ଏସ୍ ସିଷ୍ଟମରେ ୧୧ଟି ଲୋକେସନକୁ କ୍ୟାମେରା ମଧ୍ୟରେ ବନ୍ଦୀ କରାଯାଇପାରିବ। ଏହାଦ୍ୱାରା ଟ୍ରାଫିକ ଜନିତ ବେଆଇନ ପାର୍କିଂ ନିୟନ୍ତ୍ରଣ ହୋଇପାରିବ। ସହରରେ ଅବୈଧ ପାର୍କିଂ ଜନିତ ଅଧିକ ଭିସିଆର ମାମଲା ରୁଜୁ ହେବ। ଏହାସହିତ ୨୦୧୨ରୁ ଓ.ଆର ସିରିଜରେ ଯାନବାହନ ନମ୍ବର ଏବଂ ୨୦୧୨ ପରେ ଓଡି ମୁତାବକ ଯାନବାହନ ପଞ୍ଜୀକରଣ ପ୍ରକ୍ରିୟା ସହିତ ବେଆଇନ ଯାନବାହନ ଉପରେ ମଧ୍ୟ ଅଙ୍କୁଶ ଲଗାଇବା ସହଜ ହେବ।

ସୂଚନାଯୋଗ୍ୟ, ସ୍ମାର୍ଟସିଟି ସହରରେ ଓଆର୍ ମୁତାବକ ୨୦୧୨ ପୂର୍ବରୁ କ୍ରମାଗତ ୧୯ଟି ସିରିଜରେ ୧,୯ଲକ୍ଷ ଯାନବାହନ ପଞ୍ଜୀକୃତ ହୋଇଥିଲା। ୨୦୧୨ ପରେ ଓଡି ମୁତାବକ ୨୯ଟି ସିରିଜରେ ମୋଟ ୨.୯ଲକ୍ଷ ଯାନବାହନ ପଞ୍ଜୀକୃତ ହୋଇଥିବା କୁହାଯାଉଛି। ମାତ୍ର ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଓଆର ଏବଂ ଓଡି ନମ୍ବର ଯାନବାହନ ବ୍ୟତୀତ ଅନ୍ୟ ଯାନବାହନ ସହରରେ କେତେ ରହିଛି ତାର ସଚିତ୍ର ପ୍ରମାଣ ଯୋଗାଡରେ ଏହି ବ୍ୟବସ୍ଥା ସହାୟକ ହେବ। ସ୍ମାର୍ଟ ବ୍ୟବସ୍ଥାରେ ସ୍ମାର୍ଟ ସମାଧାନ ପାଇଁ ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର ପ୍ରଣାଳୀ ସହରବାସୀଙ୍କୁ ଅଧିକ ସୁରକ୍ଷା ସହିତ ଟ୍ରାଫିକ ବ୍ୟବସ୍ଥା ଓ ଲୋକମାନଙ୍କ ଯାତାୟାତ କ୍ଷେତ୍ରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ। ଭାରତ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ନାମକ ଏକ ନବରତ୍ନ କମ୍ପାନୀ ୬କୋଟି ୪୨ଲକ୍ଷ ୩୦ହଜାର ସରକାରୀ ଆର୍ଥିକ ପରିଯୋଜନାରେ ରାଉରକେଲା ସ୍ମାର୍ଟସିଟି ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟେଡ ବ୍ୟବସ୍ଥା ସଫଳ ରୂପ ଦେବାକୁ ଚୟନ ହୋଇଥିବା ବେଳେ କାର୍ଯ୍ୟର ସହଭାଗିତାରେ ଆର୍‌ଏମସି, ଓଡିଶା ପୋଲିସ, ଆର୍‌ଏସ୍‌ପି ଓ ଟିପିଡବ୍ଲ୍ୟୁଓଡିଏଲ୍ ବିଭାଗ ରହିଛନ୍ତି। ମାତ୍ର ପରିତାପର ବିଷୟ ଦୀର୍ଘ ୧୪ ମାସ ପରେ ମଧ୍ୟ ସିସି କ୍ୟାମେରା, ସ୍କାନର ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ କ୍ୟାମେରା ବ୍ୟବସ୍ଥା ଓ କଣ୍ଟ୍ରୋଲ ରୁମ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନି। ତୁରନ୍ତ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ ସହରବାସୀଙ୍କ ମଧ୍ୟରେ ଦାବି ଜୋର ଧରିବାରେ ଲାଗିଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଓ ସ୍ମାର୍ଟସିଟି ସିଇଓ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ସହର ପାଇଁ ଅତି ଜରୁରୀ ଥିବା ସ୍ମାର୍ଟସୁରକ୍ଷା କାର୍ଯ୍ୟ ଖୁବଶୀଘ୍ର ସମ୍ପାଦନ ହେବ। ସହର ବ୍ୟାପୀ ଲାଗିଥିବା ସିସିଟିଭି ଖୁବଶୀଘ୍ର ଅପଗ୍ରେଡ ହେବ। ଏଥିରେ କୌଣସି ପ୍ରକାରର ଅବହେଳା ହେଉନାହିଁ। ଯେହେତୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତେଣୁ ସବୁଦିଗ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ ଚାଲିଛି ବୋଲି ସେ କହିଥିଲେ।

# ବଢୁଛି ଠକ କମ୍ପାନୀଙ୍କ ସକ୍ରିୟତା

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

**ରାଉରକେଲା ପୋଲିସ ଜିଲା**
- ମୋଟା ଦରମା ପ୍ରଲୋଭନ ଦେଖାଇ କରୁଛନ୍ତି ଶୋଷଣ
- ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ୍ ଅଭିଯୋଗ

ଇସ୍ପାତ ସହରର କିଛି ପ୍ରମୁଖ ଅଞ୍ଚଳରେ ଠକ କମ୍ପାନୀଗୁଡ଼ିକ ମୁଣ୍ଡ ଟେକିଥିବା ଜଣାପଡିଛି। ସ୍ୱଘୋଷିତ ମଲ୍ଟି ନ୍ୟାଶନାଲ କମ୍ପାନୀର ପରିଚୟ ଦେଇ ଏମାନେ ଯୁବପିଢ଼ିଙ୍କୁ ଠକେଇ କରୁଛନ୍ତି। ଏହି କମ୍ପାନୀଗୁଡ଼ିକ ସହରର ପ୍ରମୁଖ ଅଞ୍ଚଳରେ ଅଫିସ ଖୋଲି ଦୂରଦୂରାନ୍ତରୁ ଯୁବତୀଯୁବକଙ୍କୁ କଲ୍‌ସେଣ୍ଟର, ଅଫିସ ଆସିଷ୍ଟାଣ୍ଟ ଆଦି ପଦବୀରେ ରଖାଇଦେବାକୁ ମୋଟା ଅଙ୍କର ଦରମା ପ୍ରଲୋଭନ ଦେଖାଇ ଏଠାକୁ ଆଣିଥାନ୍ତି। ଉକ୍ତ ଯୁବତୀ ଯୁବକମାନେ ଉକ୍ତ କମ୍ପାନୀକୁ ଆସିବା ପରେ ସେମାନଙ୍କୁ ଘର ଘର ବୁଲି କ୍ରିମ୍ ପାଉଡର ତଥା ଅନ୍ୟ ସାମଗ୍ରୀ ବିକିବାକୁ ବାଧ କରାଯାଇଥାଏ। ପରବର୍ତ୍ତୀ ସମୟରେ ଉକ୍ତ ଯୁବତୀ ଯୁବକମାନେ ପ୍ରକୃତ ସତ୍ୟ ଜାଣିବା ପରେ ନିଜ ସ୍ଥାନକୁ ଫେରିଯିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ଯିବାକୁ ଦିଆଯାଇ ନ ଥାଏ। ସେମାନଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦିଆଯାଇଥାଏ। ପ୍ରାୟ ୨ ଦିନ ତଳେ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଏପରି ଛତିଶଗଡ ଦାନ୍ତେୱାଡ଼ାର ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଏକ ଠକ କମ୍ପାନୀ ହାବୁଡ଼ରୁ ଉଦ୍ଧାର କରାଯାଇଥିଲା। ବିଗତ ଦିନରେ ଏପରି ଅନେକ କମ୍ପାନୀ ନାମରେ ସମାନ ଅଭିଯୋଗ ବ୍ରାହ୍ମଣୀତରଙ୍ଗ, ଛେଣ୍ଡ, ଝିରପାଣି ସମେତ ରାଉରକେଲା ପୋଲିସ ଜିଲାର ଅନ୍ୟ ଥାନାମାନଙ୍କରେ ରହିଛି। ଏଥିରେ ଅତିଷ୍ଠ ହୋଇ ଯୁବତୀ ଏଠାରୁ ବାହାରି ନିଜ ଘରକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ କମ୍ପାନୀ ଲୋକ ଛାଡି ନ ଥିଲେ। ଅପରପକ୍ଷେ ସେହି ସମୟରେ ଏପରି ଠକାମୀର ଶିକାର ହୋଇଥିବା କିଛି ଯୁବତୀଯୁବକ ପୋଲିସ ସହଯୋଗ ମିଳି ନ ଥିବା ଅଭିଯୋଗ କରିଥିଲେ। ବର୍ତ୍ତମାନ ବନ୍ଧମୁଣ୍ଡା ଅଞ୍ଚଳର ଘଟଣାରେ ଠକ କମ୍ପାନୀ ଗୁଡ଼ିକ ସକ୍ରିୟ ହୋଇପଡିଥିବା ଆଶଙ୍କା ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଡିଆଇଜି ବ୍ରିଜେଶ ରାୟଙ୍କୁ ପଚାରଯିବାରୁ ସେ କହିଛନ୍ତି, ଏପରି ଘଟଣା ସମ୍ପର୍କରେ ସେ ଅବଗତ ନାହାନ୍ତି। ତେବେ ଉକ୍ତ ଠକ କମ୍ପାନୀଗୁଡ଼ିକର ସୂଚୀ ଓ ତଥ୍ୟ ମିଳିଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାୟ କହିଥିଲେ। ସୂଚନାଯୋଗ୍ୟ, ୨୦୧୭-୧୮ରେ ଏପରି କମ୍ପାନୀଗୁଡ଼ିକ ଅଧିକ ସକ୍ରିୟ ଥିବାବେଳେ କୋଭିଡ୍ ସମୟରେ ଏମାନଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଥିଲା। ହେଲେ ବର୍ତ୍ତମାନ ସେମାନେ ପୁନଃ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି।

# ମ୍ୟୁନିସିପାଲ କଲେଜରେ ଜାତୀୟ ମହାକାଶ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଏନ୍‌ସିସି କ୍ୟାଡେଟ୍ ଏବଂ ଛାତ୍ରୀଛାତ୍ର।

**ରାଉରକେଲା, ୨୩।୮ (ଦିନେଶ ମିଶ୍ର)**

ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ଜାତୀୟ ମହାକାଶ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତର ଚନ୍ଦ୍ରଯାନ ପ୍ରଥମେ ଚନ୍ଦ୍ରରେ ଅବତରଣ କରିଥିବା ସ୍ଥାନକୁ ଶିବଶକ୍ତି ଓ ଦ୍ୱିତୀୟ ଅବତରଣ ସ୍ଥାନକୁ ତ୍ରିରଙ୍ଗା ରଖିବା ସମ୍ପର୍କର ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ଇସ୍ରୋରେ ଆର୍ଯ୍ୟଭଟ୍ଟଙ୍କଠାରୁ ଆରମ୍ଭ କରି ଗଗନଯାନ ମିଶନ ପର୍ଯ୍ୟନ୍ତ ସମସ୍ତ ପ୍ରକାର କାର୍ଯ୍ୟକ୍ରମର ବିସ୍ତାର ଉପସ୍ଥାପନା କରିଥିଲେ। ମ୍ୟୁନିସିପାଲ କଲେଜର ପୂର୍ବତନ ଏନ୍‌ସିସି କ୍ୟାପଟେନ୍ ସତ୍ୟ ନାରାୟଣ ରାଉତ ତାଙ୍କ ଅଭିଭାଷଣରେ ମହାକାଶ ପାଇଁ ୪ଜଣ ଏୟାରଫୋର୍ସ ଅଫିସରଙ୍କୁ ଚୟନ କରାଯାଇ ସେମାନଙ୍କୁ ଟ୍ରେନିଙ୍ଗ ଦିଆଯାଇଥିବା କହିଥିଲେ। କଲେଜର ସିନିୟର ଅଣ୍ଡର ଅଫିସର ସୌଦାମିନୀ ବେହେରା ଓ ସନ୍ତୋଷ ସୋନି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ୟାଡେଟ୍ ଜୟନ୍ତୀ ପ୍ରଜାପତି ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ କରିଥିଲେ। କ୍ୟାଡେଟ୍ ଏମ୍. ଗାୟତ୍ରୀ ଓ ଶିବାନୀ ମିଶ୍ର ମହାକାଶ ଦିବସ ଉପରେ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ କଲେଜର ୧୫୦ ଜଣ ଏନ୍‌ସିସି କ୍ୟାଡେଟ୍ ଓ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଦୀପ୍ତିରଞ୍ଜନ ମହାନ୍ତି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଉପହାର ପ୍ରଦାନ କରିଥିଲେ।

# ଗୋମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

**ଲହୁଣୀପଡ଼ା, ୨୩।୮ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଟୋଲପ୍ଲାଜା ନିକଟସ୍ଥ ଏକ ପୋଲ ତଳକୁ ପିକଅପ ଭ୍ୟାନ ଖସି ପଡିଥିଲା। ସେଥିରେ ୨୦ରୁ ଊର୍ଦ୍ଧ୍ୱ ଅଖାବସ୍ତାରେ ଗୋ ମାଂସ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଗୋ ମାଂସ ଗୁଡିକ ଅଖାରୁ ବାହାରି ଏଣେତେଣେ ଛିଟିକି ପଡିଥିଲା। ସ୍ଥାନୀୟ ଲୋକେ ଦେଖି ଲହୁଣୀପଡ଼ା ଥାନା ଓ ଗୋ ରକ୍ଷକ ଦଳକୁ ସୂଚନା ଦେଇଥିଲେ। ପୋଲିସ ଗାଡି ଜବତ କରି ଥାନାକୁ ଆଣିବା ସହ ପ୍ରାଣୀ ଚିକିତ୍ସାଳୟକୁ ଖବର ଦେଇଥିଲା। ପ୍ରାଣୀ ଚିକିତ୍ସକ ଚିନ୍ମୟ ଦାସ ସଦଳବଳେ ପହଞ୍ଚି ନମୁନା ସଂଗ୍ରହ କରିବା ସହିତ ପରୀକ୍ଷା ପାଇଁ ଭୁବନେଶ୍ୱରକୁ ପଠାଇଛନ୍ତି ବୋଲି ଜଣାପଡିଛି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି।

# ପ୍ରେମ ପ୍ରତାରଣା: ନ୍ୟାୟ ପାଇଁ ଡିଆଇଜିଙ୍କୁ ଗୁହାରି

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

ଛେଣ୍ଡ ଥାନା ଅଞ୍ଚଳରେ ପ୍ରେମ ପ୍ରତାରଣାର ଶିକାର ହୋଇ ଜଣେ ଗର୍ଭବତୀ ପ୍ରେମିକା ନ୍ୟାୟ ପାଇଁ ରାଉରକେଲା ଡିଆଇଜିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଣେ ଯୁବକ (୨୩) ଓ ଯୁବତୀ(୨୦)ଙ୍କ ମଧ୍ୟରେ ସୋଶିଆଲ ମିଡ଼ିଆରୁ ପ୍ରେମ ଆରମ୍ଭ ହୋଇଥିଲା। ପରେ ଉଭୟ ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଏକ ଭଡାଘରେ ରହିଥିଲେ। ଯୁବତୀ ଗର୍ଭବତୀ ହେବା ପରେ ପ୍ରେମିକ ଜଣଙ୍କ ବାହା ହେବାକୁ ଅମଙ୍ଗ ହେଲେ। ଯୁବତୀ ଓ ତାଙ୍କ ପରିବାରବର୍ଗ ବାହା ହେବାକୁ ଚାପ ଦେବାବେଳେ ପ୍ରେମିକ ହଠାତ୍ ରାଉରକେଲାରୁ ଉଭାନ ହୋଇଯାଇଥିଲେ। ଏଥିରେ ହତାଶ ହୋଇ ଯୁବତୀ ନିଜ ଗର୍ଭସ୍ଥ ଶିଶୁର ଭବିଷ୍ୟତ ପାଇଁ ଗତ ଜୁଲାଇ ମାସରେ ଛେଣ୍ଡ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ସମାଧାନ ସ୍ୱରୂପ ଉଭୟ ପକ୍ଷଙ୍କ ରାଜିନାମାରେ ଯୁବକ ଏବଂ ଯୁବତୀ କୋର୍ଟରେ ସ୍ୱାକ୍ଷର ମଧ୍ୟ କରିଥିଲେ। ତେବେ ବିବାହ କାର୍ଯ୍ୟ ମନ୍ଦିରରେ ହେବାକୁ ଥିବାବେଳେ ପ୍ରେମିକ ବିବାହ ମଣ୍ଡପରୁ ଫେରାର ହୋଇଯାଇଥିଲେ। ଉକ୍ତ ଘଟଣାକୁ ନେଇ ଯୁବତୀ ଜଣଙ୍କ ବାରମ୍ବାର ଛେଣ୍ଡ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ଯୁବତୀ, ତାଙ୍କ ମାତାପିତା ଓ କିଛି ସ୍ଥାନୀୟ ମହିଳା ରାଉରକେଲା ଡିଆଇଜି ବ୍ରିଜେଶ ରାୟଙ୍କୁ ଭେଟିଛନ୍ତି। ଡିଆଇଜି ରାୟ ଛେଣ୍ଡ ଥାନାଧିକାରୀଙ୍କୁ ତୁରନ୍ତ ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ୨୫ରେ ହେବ ତିଳକ ଅଭିଯାନ

**ରାଉରକେଲା, ୨୩।୮ (ଦିନେଶ ମିଶ୍ର)**

**ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ**

ବିଶ୍ୱହିନ୍ଦୁ ପରିଷଦର ୬୦ ବର୍ଷ ପୂର୍ତ୍ତି ଅବସରରେ ରାଉରକେଲା ଅମରଭବନ ପରିସରରେ ଆସନ୍ତା ୨୫ ତାରିଖରୁ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୧୯୬୪ ମସିହା ଜନାଷ୍ଟମୀ ଦିନ ବିଶ୍ୱହିନ୍ଦୁ ପରିଷଦ ଗଠନ କରାଯାଇଥିଲା। ଚଳିତ ବର୍ଷ ୬୦ ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ ତାରିଖରେ ବାସନ୍ତୀ କଲୋନୀ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ତିଳକ ଅଭିଯାନ ଆରମ୍ଭ କରାଯାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବିଭିନ୍ନ ବିଦ୍ୟାଳୟରେ ପ୍ରତିଯୋଗିତାମାନ ଆୟୋଜନ କରାଯିବ। ସେହିପରି ସେପ୍ଟେମ୍ବର ୧ତାରିଖ ସକାଳ ୯ଟାରେ ରାଉରକେଲା ରେଳ ଷ୍ଟେଶନ ନିକଟ ଶଙ୍କଟ ମୋଚନ ମନ୍ଦିରରୁ ଏକ ବିଶାଳ ହିନ୍ଦୁ ଜାଗରଣ ଶୋଭାଯାତ୍ରା ରାଉରକେଲା ମୁଖ୍ୟ ମାର୍ଗ ଦେଇ ବିରଜାପାଲ୍ଲୀ ସ୍ଥିତ ମାହେଶ୍ୱରୀ ଭବନରେ ପହଞ୍ଚିବ ବୋଲି ବିଶ୍ୱହିନ୍ଦୁ ପରିଷଦର ଜିଲା ସଭାପତି କାମାକ୍ଷା ପ୍ରସାଦ ରଣା ସୂଚନା ଦେଇଛନ୍ତି। ମାହେଶ୍ୱରୀ ଭବନଠାରେ ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମପ୍ରାନ୍ତ ସଭାପତି ଡକ୍ଟର ରାଜକୁମାର ବଡପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଶ୍ଚିମପ୍ରାନ୍ତ ସଂଘ ଚାଳକ ଡକ୍ଟର ସନାତନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ହିନ୍ଦୁ ସମାଜର ସ୍ଥିତି ଓ କିଭଳି ସମାଜକୁ ସୁଦୃଢ଼ କରିହେବ ସେନେଇ ବକ୍ତବ୍ୟ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ପ୍ରମୁଖ ବିକାଶ ଗୟେଲ, ଘନଶ୍ୟାମ ପାଣି, ବଜରଙ୍ଗ ଦଳର ଜିଲା ସଂଯୋଜକ ରାକେଶ ଶମୟା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

# ବର୍ଜ୍ୟ ଗ୍ୟାସ୍ ପରିଚାଳନାରେ ଆର୍‌ଏସ୍‌ପିର ସଫଳତା

**ରାଉରକେଲା, ୨୩।୮ (ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପିର ସିଣ୍ଟରିଙ୍ଗ ପ୍ଲାଣ୍ଟ-୧ର ବିଜେତା ଗୁଣବତ୍ତା ମଣ୍ଡଳୀ ଦଳ ଷ୍ଟ୍ରାଣ୍ଡ-୧ ଓ ଷ୍ଟ୍ରାଣ୍ଡ-୨ ମଧ୍ୟରେ ବର୍ଜ୍ୟ ଗ୍ୟାସ୍ ପରିଚାଳନା ଓ ସମାଧାନ ଶୀର୍ଷକ ଏକ କ୍ୱାଲିଟି ସର୍କଲ ପ୍ରୋଜେକ୍ଟ କାର୍ଯ୍ୟକାରୀ କରି ବର୍ଜ୍ୟ ଗ୍ୟାସ ପରିଚାଳନା ଓ ଚିମନି ଅପରେଶନରେ ସଫଳତା ହାସଲ କରିଛି। ପ୍ରକଳ୍ପର ସଫଳ ରୂପାୟନ ନା କେବଳ ଜଟିଳ ଅପରେଶନ ସମସ୍ୟାର ସମାଧାନ କରିଛି ବରଂ ୟୁନିଟ୍‌ର ସୁରକ୍ଷା ଓ କାର୍ଯ୍ୟ ଦକ୍ଷତାରେ ମଧ୍ୟ ଉନ୍ନତି ଆଣିଛି। ଏହି ପ୍ରକଳ୍ପ ଲାଗି ପ୍ଲାଣ୍ଟ ସ୍ତରର ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପୁରସ୍କାର ଲାଭ କରିଛି। ଗ୍ରୁପ୍ ଲିଡର ମାନସିଂହ ହେମ୍ବ୍ରମ, ଡେପୁଟି ଲିଡର ବିନୋଦ କୁମାର ଟେଟେ, ଦିଲୀପ କୁମାର ବାରିକ, ରିତ ସେଠୀ ଓ ସୌମ୍ୟରଞ୍ଜନ ଜେନାଙ୍କୁ ନେଇ ଗଠିତ ଗୁଣବତ୍ତା ମଣ୍ଡଳୀ ସିଣ୍ଟର ମେଶିନ ସୁରକ୍ଷା ଏବଂ ଅପରେଶନକୁ ପ୍ରଭାବିତ କରୁଥିବା ଜଟିଳ ସମସ୍ୟାଗୁଡିକୁ ଚିହ୍ନଟ କରିଥିଲେ। ଆରସିଏଲ ବିଭାଗର ଜିଏମ୍ ସି. କେ. ସାମଲ ଏହାର ସଂଯୋଜକ ଥିବାବେଳେ ଏସିପି-୧ ବିଭାଗ ଏଜିଏମ୍ ଏମ୍. ଏସ୍. ରାଓ ଏହାର ଫେସିଲିଟେଟର ଥିଲେ। ଏହାପୂର୍ବରୁ ଗୋଟିଏ ସିଣ୍ଟର ମେଶିନ ବନ୍ଦ ହେବା ସ୍ଥଳେ ବର୍ଜ୍ୟ ଗ୍ୟାସ ଷ୍ଟ୍ରାଣ୍ଡ-୧ରୁ ଷ୍ଟ୍ରାଣ୍ଡ-୨ ପର୍ଯ୍ୟନ୍ତ ପ୍ରବେଶ କରିବା ଏବଂ ବିପରୀତ ଗତି କରିବା ଏକ ପ୍ରମୁଖ ସମସ୍ୟା ଥିଲା। ଉଭୟ ଦିଗରେ ଗତି ଅପରେଶନକୁ ଏହା ପ୍ରଭାବିତ କରୁଥିଲା। ଏଥିସମେତ ଉଭୟ ସିଣ୍ଟର ମେଶିନ ଚାଲୁଥିବା ସମୟରେ ଚିମିନି ଭିତରେ ବର୍ଜ୍ୟଗ୍ୟାସ୍‌ର ବିକ୍ଷିପ୍ତ ଗତି ଦେଖିବାକୁ ମିଳିଥିଲା। ଯାହାର ଫଳସ୍ୱରୂପ ମୁଖ୍ୟ ବ୍ଲୋୟରରେ କମ୍ପନ ସୃଷ୍ଟି ହେଉଥିଲା। ଯାହା ବାରମ୍ବାର ମୋଟର ଟ୍ରିପିଙ୍ଗ କରୁଥିଲା ଓ କାର୍ଯ୍ୟ ସାମଗ୍ରିକ ସ୍ଥିରତାକୁ ପ୍ରଭାବିତ କରୁଥିଲା। ସକ୍ସନ ଟ୍ରାକ ଲାଇନରେ ଏହାର ବେକପ୍ରେସର ସକ୍ସନ ଦକ୍ଷତାକୁ ହ୍ରାସ କରୁଥିଲା ଏବଂ ଉତ୍ପାଦନ ହାର ହ୍ରାସ ପାଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ଉକ୍ତ ଟିମ୍ ଚିମିନି ଭିତରେ ବିଶେଷ ଭାବେ ଚିମିନିରେ ପ୍ରବେଶ କରୁଥିବା ଇଏସ୍‌ପିର ଇନଲେଟ ଡକ୍ଟରେ ଡାଇଭର୍ସନ ପ୍ଲେଟ ସ୍ଥାପନ କରିଥିଲେ। ଏହି ରଣନୀତିକ ସ୍ଥାପନା ବିକ୍ଷିପ୍ତତାକୁ ଯଥେଷ୍ଟ କମ୍ କରିଥିଲା। ଯାହାଦ୍ୱାରା ମୋଟର ଗୁଡିକର ସୁରକ୍ଷା, ସ୍ଥିରତା ଓ ନିର୍ଭରଯୋଗ୍ୟତାରେ ଉନ୍ନତି ସାଧିତ ହେବା ସହ ବାରମ୍ବାର ଟ୍ରିପିଙ୍ଗ ଓ ବ୍ୟାଘାତକୁ ରୋକାଯାଇପାରିଥିଲା। ଏହି ଅଭିନବ ଉପାୟ ନା କେବଳ ସାମଗ୍ରିକ ଉତ୍ପାଦନ ଓ କାର୍ଯ୍ୟଦକ୍ଷତାରେ ମଧ୍ୟ ଉନ୍ନତି ଆଣିଛି ବରଂ କମ୍ପାନୀ ପାଇଁ ଯଥେଷ୍ଟ ସଞ୍ଚୟ ମଧ୍ୟ ଆଣିଦେଇଛି ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି।


ଅପରେଶନ ସଫଳ କରିଥିବା ଦଳ।

# ରାଉରକେଲାରେ ହକି ତାରକା ଅମିତଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୨୩।୮ (ଦିନେଶ ମିଶ୍ର)**


ହକି ତାରକା ଅମିତ ରୋହିଦାସଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ରାଉରକେଲାରେ ସୁନ୍ଦରଗଡ ମାଟିର ପୁଅ ତଥା ହକି ତାରକା ଅଲିମ୍ପିୟାନ ଅମିତ ରୋହିଦାସଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ୨୦୨୪ରେ ଭାରତୀୟ ହକି ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏଥିରେ ଓଡିଶାରୁ ସୁନ୍ଦରଗଡର ଅମିତ ପ୍ରତିନିଧିତ୍ୱ କରି ବେଶ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ଏଥିପାଇଁ ହକି ତାରକା ଅମିତଙ୍କୁ ରାଜ୍ୟ ସରକାର ୪ କୋଟି ଟଙ୍କା ରାଶି ପ୍ରଦାନ କରି ପୁରସ୍କୃତ କରିଛନ୍ତି। ଅମିତ ରାଉରକେଲାରେ ଶୁକ୍ରବାର ପହଞ୍ଚିବା ପରେ ଏକ ରୋଡ୍ ଶୋର ଆୟୋଜନ କରାଯାଇଥିଲା। ଏହି ରୋଡ ଶୋ ହକି ଛକଠାରୁ ପାନପୋଷ ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ପାନପୋଷ ସ୍ପୋର୍ଟସ ହଷ୍ଟେଲର ୧୪୦ ଜଣ ଛାତ୍ରୀଛାତ୍ର ଏବଂ ହକି ଆସୋସିଏଶନର ୫୦ ଜଣ ଅଭିଜ୍ଞ ଖେଳାଳି ଅଂଶଗ୍ରହଣ କରିଥିଲେ। ସେହିପରି ସନ୍ଧ୍ୟା ସମୟରେ ଛେଣ୍ଡ ସ୍ଥିତ ସାଇନ୍ସ ପାର୍କ ସମ୍ମୁଖରୁ ଏକ ରାଲି ଆୟୋଜନ କରାଯାଇ କଳିଙ୍ଗ ବିହାର ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରାଲି ଶେଷ ହେବା ପରେ ଅମିତ ପାନପୋଷ ସ୍ପୋର୍ଟସ ହଷ୍ଟେଲ ଯାଇଥିଲେ। ସେଠାରେ ଅମିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି ଡାଇରେକ୍ଟର ଅଫ ସ୍ପୋର୍ଟସ ସାଇଲାସ୍ଟର ଟୋପ୍ପୋ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଓ ଓଡିଶା ଭେଟେରାନ୍ ହକି ଆସୋସିଏଶନ ସମ୍ପାଦକ ଜେମ୍ସ କୁଜୁର ଅଭିଭାଷଣ ପ୍ରଦାନ କରିଥିଲେ। ପରେ ଅମିତ ପ୍ୟାରିସ୍ ଅଲିମ୍ପିକ୍‌ରେ ନିଜର ଅଭିଜ୍ଞତା ସମ୍ପର୍କରେ କହିଥିଲେ। ପୂର୍ବତନ ହକି ତାରକା ଷ୍ଟାଲିନ ଭିକ୍ଟର ମିଞ୍ଜ, ନିଖିଳ କଳାକାର ପ୍ରଧାନ, ପ୍ରଦୀପ ଖେସ୍‌ଙ୍କ ସହ ଜିଲାର ବହୁ ହକି ପ୍ରେମୀ ଉପସ୍ଥିତ ଥିଲେ। ଅଲିମ୍ପିୟାନ ଲାଜରୁସ୍ ବାର୍ଲା ଧନ୍ୟବାଦ ଦେଇଥିଲେ।

# ସ୍କୁଲରେ ଅନୁପସ୍ଥିତ ରହୁଛନ୍ତି ଅନ୍ୟୂନ ଏକ ସପ୍ତାହ

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)

■ଦରମା ନେଉଛନ୍ତି ପୂରା ମାସକର
■ଜିଲାପାଳଙ୍କଠାରେ ଅଭିଯୋଗ କଲେ ସଚେତନ ନାଗରିକ

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ବଡବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବାରାକୋଟ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରମଣୀକାନ୍ତ ସାହୁ ପ୍ରତ୍ୟେକ ମାସରେ ୮/୯ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ ହେଁ ଦୀର୍ଘବର୍ଷ ହେଲା ସେ ମାସର ପୁରା ଦରମା ପାଉଥିବା ଅଭିଯୋଗ ହୋଇଛି। ଏ ନେଇ ଦେବଗଡ ପୌରାଞ୍ଚଳ ମଠସାହିର ନରୋତମ ସାହୁ ନାମକ ଜଣେ ସଚେତନ ନାଗରିକ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ନିବେଦନ କରିଛନ୍ତି। ଅଭିଯୋଗକାରୀ ସାହୁଙ୍କ ଅଭିଯୋଗ ଅନୁଯାୟୀ ଶିକ୍ଷକ ସାହୁ ୨୦୧୮ ଜାନୁୟାରୀ ୧ରୁ ୨୦୨୦ ଏପ୍ରେଲ ୨୪ ତାରିଖ ପର୍ଯ୍ୟନ୍ତ ବାରାକୋଟ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ଥିଲେ। ଏହି ସମୟ ମଧ୍ୟରେ ସେ ପ୍ରତ୍ୟେକ ମାସରେ ବିନା ସିଏଲ ଓ ଇଏଲରେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ଛାତ୍ର ସଂଖ୍ୟା କମ ଥିବାରୁ ଉକ୍ତ ବିଦ୍ୟାଳୟ ନିକଟସ୍ଥ ତିମୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ହୋଇଯିବାରୁ ୨୦୨୦ ମେରୁ ୨୦୨୪ ଅଗଷ୍ଟ ପର୍ଯ୍ୟନ୍ତ ସେ ସେଠାରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ମାତ୍ର ସାହୁ ସପ୍ତାହରେ ଅନ୍ୟୂନ ୨ ଦିନ ହିସାବରେ ପ୍ରତ୍ୟେକ ମାସରେ ସେ ୮/୯ଦିନ ଲେଖାଏଁ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ଏହା ସତ୍ତ୍ୱେ ପ୍ରତ୍ୟେକ ମାସରେ ପୁରା ଦରମା ପ୍ରଦାନ ପାଉଥିଲେ। ସୂଚନା ଅଧିକାର ଆଇନରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରୁ ହସ୍ତଗତ ସୂଚନା ଅନୁଯାୟୀ ସାହୁ ମାସରେ ଅନ୍ୟୂନ ଏକ ସପ୍ତାହ ଲେଖାଏଁ ଚିକିତ୍ସିତ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ରିଆମାଳରୁ ଜିଲା ମୁଖ୍ୟ ଚିକିତ୍ସାଳୟ ୩୦ କି.ମି.ରୁ ଉର୍ଦ୍ଧ୍ୱ ଏବଂ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ୧୩୦ କି.ମି. ଦୂର ହୋଇଥିବାରୁ ଉକ୍ତ ଦିବସଗୁଡିକରେ ଶିକ୍ଷକ ସାହୁ ବିଦ୍ୟାଳୟରେ ଅନୁପସ୍ଥିତ ରହିଥିବା ସ୍ପଷ୍ଟ ଭାବେ ପ୍ରମାଣିତ ହେଉଛି। ଏହା ସତ୍ତ୍ୱେ ଶିକ୍ଷକ ସାହୁଙ୍କୁ ପୁରା ମାସର ଦରମା ପ୍ରଦାନ କରାଯାଇଥିବାରୁ ଏ ନେଇ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ରିଆମାଳ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଅନିୟମିତତା ସମ୍ପର୍କରେ ଗତ ଜୁଲାଇ ୧୧ ତାରିଖରେ ତତ୍କାଳୀନ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ ତାଙ୍କୁ ତାଙ୍କ ଘର ନିକଟ ବଡବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବିଭାଗୀୟ କର୍ତ୍ତୃପକ୍ଷ ବଦଳି କରିଛନ୍ତି। ଘଟଣାର ତଦନ୍ତ କରି ଏଭଳି ଅନିୟମିତତାରେ ସମ୍ପୃକ୍ତ ଥିବା ଶିକ୍ଷକ ସାହୁ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ସାହୁ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଜରିଆରେ ନିବେଦନ କରିଛନ୍ତି।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ


ଗଙ୍ଗାଧର ମେହେରଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)

ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ତଥା ଅନୁଷ୍ଠାନ ଅଧ୍ୟକ୍ଷ ଡ଼. ବିଜୟ କୁମାର ମହାରଣା ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ଡ. ଭାରତ ଭୂଷଣ ନନ୍ଦ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ପ୍ରଥମେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ମଞ୍ଚକୁ ଆମନ୍ତ୍ରିତ କରାଯାଇଥିଲା। ଅତିଥିମାନେ ଗଙ୍ଗାଧର ମେହେରଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାର୍ଥୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ଡ. ନନ୍ଦ ସ୍ୱଭାବ କବିଙ୍କ ଜୀବନୀ ଜୀବନୀ ଓ ସାହିତ୍ୟକ କୃତିତ୍ୱ ସମ୍ପର୍କରେ ଆଲୋଚନା କରି ତାଙ୍କୁ ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ନିର୍ମାତା ଭାବେ ମାନ୍ୟତା ପ୍ରଦାନ କରିଥିଲେ। ପରେ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପିକା ବୀଣାପାଣି ନାୟକ, ମିଳନ ସାହୁ, ଇଂଲିଶ ବିଭାଗ ଅଧ୍ୟାପିକା ଶତରୂପା ମିଶ୍ର ସ୍ୱଭାବ କବିଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଜୟନ୍ତୀ ସଭାରେ ବହୁ ସଂଖ୍ୟାରେ ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ ଅର୍ନ୍ତଗତ କଣ୍ଢେଇ ଗ୍ରାମରେ ଚାଲିଥିବା ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଦ୍ୱିତୀୟ ଦିବସରେ ଗୋ ପାଳନ କରି କେମିତି ଲାଭବାନ ହେବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କଣ୍ଢେଇ ସରପଞ୍ଚ ସବିତା ବେହେରା, ସମ୍ମାନିତ ଅତିଥି ରିଆମାଳ ପ୍ରାଣୀ ଚିକିତ୍ସା ଅଧିକାରୀ ରମାକାନ୍ତ ସତପଥି, ଦେବଗଡ ନୋଡାଲ ଅଫିସର ରାଜେନ୍ଦ୍ର ସାହୁ, ଆରତୀ ମିଶ୍ର ଜିଲା ଦୁଗ୍ଧ ସଂଘ ସମ୍ବଲପୁର ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ସୁଚାରୁ ରୁପେ ତୁଲାଇଥିଲେ ସଂଘ ସଭାନେତ୍ରୀ କମଳିନୀ ସାହୁ ଓ ସମ୍ପାଦିକା ସରିତା ପ୍ରଧାନ। ଏହି କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହେବ।

# ଦେଶୀ ରନ୍ଧା ମଦ, ମହୁଲ ପୋଚ ଜବତ: ୩ ଗିରଫ

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)



ଅବକାରୀ ବିଭାଗ ପକ୍ଷରୁ ବାରକୋଟ ଅବକାରୀ ଥାନା ଅନ୍ତର୍ଗତ ନୂଆଁମୁଣ୍ଡା, ମନୋହରପୁର ଓ ଗୁଣ୍ଡୁରିପୋଶି ଗ୍ରାମରେ ଶୁକ୍ରବାର ଅତର୍କୀତ ଚଢ଼ଉ କରାଯାଇ ମୋଟ ୩୯ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇଛି। ସେହିପରି ୧୪୦ କିଲୋ ମହୁଲ ପୋଚ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଶୁକ୍ରବାର ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ନୁଆଁମୁଣ୍ଡା, ମନୋହରପୁର ଓ ଗୁଣ୍ଡୁରିପୋଶି ଗ୍ରାମରେ ବେଆଇନ ଦେଶୀ ମଦ କାରବାର ଚାଲିଥିବା ଦେବଗଡ ଅବକାରୀ ଅଧୀକ୍ଷିକା ବାସନ୍ତୀ ପ୍ରଭା ନାୟକ କୌଣସି ସୂତ୍ରରୁ ସୂଚନା ପାଇ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସନ୍ଧ୍ୟାରେ ଅବକାରୀ ଇନ୍ସପେକ୍ଟର ମଧୁସୂଦନ ସାହୁ ଓ ବାରକୋଟ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀଣି ସୀମା କେରାଇ ସଦଳବଳେ ନୂଆଁମୁଣ୍ଡା ଗ୍ରାମର ମାଟାଇ ମୁଣ୍ଡା(୩୯)ଙ୍କ ଘରେ ଅତର୍କୀତ ଚଢାଉ କରିଥିଲେ। ଚଢଉ ସମୟରେ ମାଟାଇ ନିକଟରୁ ବିକ୍ରୀ ପାଇଁ ପ୍ରସ୍ତୁତ ୨୦ ଲିଟର ଦେଶୀ ରନ୍ଧା ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଏଥିସହ ଉକ୍ତ ଗ୍ରାମର ନାଳ କଡରେ ଗଚ୍ଛିତ ଥିବା ପ୍ରାୟ ଏକ କୁଇଣ୍ଟାଲ ମହୁଲ ପୋଚ ଜବତ କରିବା ସହ ନଷ୍ଟ କରିଥିଲେ। ସେହିପରି ମନୋହରପୁର ଗ୍ରାମର ସୁହାନ କିଷାନ(୨୯)ଙ୍କ ଘରେ ଚଢାଉ କରି ୧୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲେ। ଏଥିସହ ୪୦ କିଲୋ ମହୁଲ ପୋଚ ନଷ୍ଟ କରିବା ସହ ସୁହାନଙ୍କୁ ଗିରଫ କରିଥିଲେ। ଗୁଣ୍ଡୁରିପୋଷି ଗ୍ରାମର ପାର୍ବତୀ କୁଡାଙ୍କ ଘରୁ ୯ ଲିଟର ଦେଶୀ ରନ୍ଧା ମଦ ଜବତ କରିବାସହ ତାଙ୍କୁ ଗିରଫ କରି ଅବକାରୀ କାର୍ଯ୍ୟାଳୟକୁ ଆଣିଥିଲେ। ପାର୍ବତୀଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିବା ବେଳେ ଗିରଫ ମାଟାଇ ଓ ସୁହାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ବିଭାଗ ସୂତ୍ରରୁ ସୂଚନା ମିଳିଛି।

# ପାଞ୍ଚଫୁଟ ହାଇସ୍କୁଲରେ ଜାତୀୟ ମହାକାଶ ଦିବସ

ସମ୍ବଲପୁର,୨୩।୮(ବି.ଶଙ୍କର)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ପାଞ୍ଚଫୁଟ ହାଇସ୍କୁଲରେ ପ୍ରଥମ ଜାତୀୟ ମହାକାଶ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶିଲ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଚନ୍ଦ୍ରଯାନ-୩ ସଫଳ ଅଭିଯାନ ଉପରେ ପ୍ରବନ୍ଧ ରଚନା, ଚିତ୍ରାଙ୍କନ କର୍ମଶାଳା, ମଡେଲ ପ୍ରସ୍ତୁତି ପ୍ରଭୃତି ଆୟୋଜିତ ହୋଇଥିଲା। ଏହି ଅବସରରେ ଶିକ୍ଷକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାରତର ମହାକାଶ ଅଭିଯାନ ସମ୍ପର୍କିତ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାର୍ଥନା ଶ୍ରେଣୀରେ ପ୍ରଧାନ ଶିକ୍ଷକ ପାଣିଗ୍ରାହୀ ମହାକାଶ ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ଏନ୍‌ସିଇଆରଟି ଦ୍ୱାରା ପ୍ରସ୍ତୁତ ଭାରତର ମହାକାଶ ବିଜ୍ଞାନର ଜୟଯାତ୍ରା ବିଷୟରେ ଏକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଛାତ୍ରୀଛାତ୍ର ଅନଲାଇନ କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଏନ୍‌ସିଇଆରଟି ଠାରୁ ପ୍ରଶଂସାପତ୍ର ପାଇଥିଲେ। ଅନେକ ଛାତ୍ରୀଛାତ୍ର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସତ୍ୟଜିତ ବେହେରା, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା, ଜ୍ୟୋର୍ତିମୟୀ ଭୋଇ, ଦେବେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ପାଇପ୍ ଲାଇନ୍‌ରୁ ଡିଜେଲ ଚୋରି ଉଦ୍ୟମ କରୁଥିବା ବେଳେ ଗିରଫ

ସମ୍ବଲପୁର,୨୩।୮(ପ୍ରମୋଦ ବହିଦାର)

ଯୁଯୋମୁରା ଥାନା ଅନ୍ତର୍ଗତ ଭୀମଖୋଜ ନିକଟରେ ଆଇଓସିଏଲ୍ ପକ୍ଷରୁ ବିଛାଯାଇଥିବା ଡିଜେଲ୍ ପାଇପ୍ ଲାଇନ୍‌ରୁ ଡିଜେଲ ଚୋରି ଉଦ୍ୟମ କରୁଥିବା ବେଳେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧନୁପାଲି କ୍ଷେତିପଡ଼ାର ଅବ୍ଦୁଲ ଅମୀନ(୪୦), ମାଳତୀ ଗୁଣ୍ଡେପୁରର ମୂଳବାସିନ୍ଦା ବର୍ତ୍ତମାନ କୁଲୁଥକାନୀରେ ରହୁଥିବା ପ୍ରଦୀପ ଛୁରିଆ(୪୦), ଧମାଥାନା ମାଳତୀ ଗୁଣ୍ଡେରପୁରର ବିମଳ ବାଗ(୩୩) ଓ ମନୋଜ ମହାନନ୍ଦ(୨୩)। ସେମାନଙ୍କ ନିକଟରୁ ଦୁଇଟି ଫାଉଡ଼ା, ଗୋଟିଏ ଶାବଳ, ଗଇଁତିକୁ ପୋଲିସ ଜବତ କରିଛି। ଏହାକୁନେଇ ଯୁଯୋମୁରା ଥାନାରେ କେସ୍ ନମ୍ବର ୧୨୭/୨୦୨୪ରେ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

# ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା


ଆୟୋଜିତ ସଦସ୍ୟତା ଅଭିଯାନ କର୍ମଶାଳାରେ ଉପସ୍ଥିତ ଭାଜପାର ନେତୃମଣ୍ଡଳୀ।

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ପୁରୁଣାଗଡସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଶଙ୍କର ଓରାମ, ରାଜ୍ୟ ଭାଜପା ପ୍ରବକ୍ତା ଧିରେନ ସେନାପତି, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାସ, ରଞ୍ଜିତ କୁମାର ପଟେଲ, ଉପସଭାପତି ସତ୍ୟ ନାରାୟଣ ପାଣି ଓ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ମଞ୍ଚାସୀନ ରହିଥିଲେ। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବା ସହ ଭାଜପା ନେତାମାନେ କିଭଳି ଜନସାଧାରଣଙ୍କ ନିକଟତର ହେବେ ଓ ଭାଜପା ଦଳରେ ଅଧିକରୁ ଅଧିକ ସଦସ୍ୟ ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ବହୁ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ମହିଳା ଟ୍ରେନି ଡାକ୍ତରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବିପତ୍ର

ବ୍ରଜରାଜନଗର,୨୩।୮(ବିଜୟ ବରାଡ଼)



କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ନେଇ ଦେଶ ସାରା ପ୍ରତିବାଦ ଓ ନିନ୍ଦା କରାଯାଉଛି। ଗୁରୁବାର ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଉତ୍କଳ କଳିଙ୍ଗ ମହିଳା ସେନାର କର୍ମୀମାନେ କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଥିବା ବେଳେ ଶୁକ୍ରବାର ଝାରସୁଗୁଡ଼ା ଓକିଲ ସଂଘ ପ୍ରତିବାଦ କରି ଘଟଣାକୁ ନିନ୍ଦା କରିବା ସହ କୋଲକାତାରେ ଥିବା ମମତା ସରକାର ପୀଡିତାର ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ସଂଘ ସଭାପତିଙ୍କ ସହିତ ବରିଷ୍ଠ ଆଇନଜୀବୀ ବିଶନାଥ ନାୟକ, ତ୍ରିନାଥ ଗୁଆଲଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ନରେଶ କୁମାର ସାମଲ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମନୋନୀତ

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ ମହାବିଦ୍ୟାଳୟର ଛାତ୍ର ତଥା ଏନ୍‌ଏସ୍‌ଏସ୍ (ଜାତୀୟ ସେବା ସଂସ୍ଥା) ସ୍ୱେଚ୍ଛାସେବୀ ନରେଶ କୁମାର ସାମଲ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁପେଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମନୋନୀତ ହୋଇଛନ୍ତି। ସେ ଆଗାମୀ ଦିନରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ଜଣାପଡିଛି। ତାଙ୍କ ଏହି ସଫଳତା ନିମନ୍ତେ ତାଙ୍କୁ ଦେବଗଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡାକ୍ତର ସୁଦାମ କୁମାର ପରିଡା ଓ ଏନ୍‌ଏସ୍‌ଏସ୍‌ର ଜିଲା କାର୍ଯ୍ୟକ୍ରମ ଅଧିକାରୀଣି ସସ୍ମିତା ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ ଅଭିନନ୍ଦନ ଜଣାଇଛନ୍ତି।

# ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜାତୀୟ ମହାକାଶ ଦିବସ ପାଳିତ


ଜାତୀୟ ମହାକାଶ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଜାତୀୟ ମହାକାଶ ଦିବସ ପାଳନର ଆଭିମୂଖ୍ୟ ଏବଂ ଚନ୍ଦ୍ରଯାନ-୩ ମିଶନର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ପ୍ରଶିକ୍ଷିକା ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ନିଜର ବକ୍ତବ୍ୟ ଉପସ୍ଥାପନ କରି ଭାରତୀୟ ମହାକାଶ ବିଜ୍ଞାନୀଙ୍କ ସଫଳତା ସମେତ ଚନ୍ଦ୍ରଯାନ-୩ ମିଶନର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ମହାକାଶ ଦିବସ ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜଣା ଅଜଣା, ପୋଷ୍ଟର ସମେତ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଛାତ୍ରୀଙ୍କୁ ଅସଦାଚରଣ, ମାଡ଼ ଘଟଣା: ଶିକ୍ଷକ ଅଟକ

ଦେବଗଡ଼,୨୩।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ତଥା ବାରକୋଟ ବ୍ଲକ ଅନ୍ତର୍ଗତ ଏକ ନିର୍ଦ୍ଦିଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ମାଡ ମାରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିବା ସଂସ୍କୃତ ଶିକ୍ଷକଙ୍କୁ ଦେବଗଡ ଥାନା ପୋଲିସ ଥାନରେ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ବିଦ୍ୟାଳୟ ସମ୍ପୃକ୍ତ ସଂସ୍କୃତ ଶିକ୍ଷକ ଗତ ୨୦ ତାରିଖରେ ମନ୍ଦ ଉଦ୍ଦେଶ୍ୟ ରଖି ଶ୍ରେଣୀ କୋଠରୀରେ ସାଥୀ ବିଦ୍ୟାର୍ଥୀମାନଙ୍କ ସମ୍ମୁଖରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏ ନେଇ ଛାତ୍ରୀ ଆପତି ଉଠାଇବାରୁ ଶିକ୍ଷକ ତାଙ୍କୁ ଧମକ ଦେବା ସହ ମାଡ ମଧ ମାରିଥିଲେ। ଛାତ୍ରୀ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ଏ ନେଇ ସେମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏକଥା ପ୍ରଘଟ ହେବା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପ୍ରକାଶ ପାଇବା ସହ ସେମାନେ ବିଦ୍ୟାଳୟକୁ ଆସି ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହାପରେ ବିଦ୍ୟାଳୟ ପୁରାତନ ଛାତ୍ର, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ସଦସ୍ୟା, ଅଭିଭାବକ ଓ ଗ୍ରାମବାସୀଙ୍କୁ ନେଇ ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶିକ୍ଷକ କ୍ଷମା ପ୍ରାର୍ଥନା କରବା ସହ ଏହା ଆଗକୁ ନ ବଢାଇବା ପାଇଁ ନିବେଦନ କରିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ରହିଥିବାରୁ ଏ ନେଇ ଦେବଗଡ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ସୂଚନା ପ୍ରଦାନ ସହ ଦେବଗଡ ଥାନାରେ ଲିଖିତ ଅଭିଯୋଗ ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ପ୍ରଧାନ ଶିକ୍ଷକ ଏ ନେଇ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେହିପରି ପୀଡିତା ଛାତ୍ରୀଙ୍କ ବାପା ଗୁରୁବାର ସନ୍ଧ୍ୟାରେ ପ୍ରଧାନ ଶିକ୍ଷକଙ୍କ ସହିତ ଦେବଗଡ ଆଦର୍ଶ ଥାନାକୁ ଆସି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଆଦର୍ଶ ଥାନା ପୋଲିସ ସମ୍ପୃକ୍ତ ସଂସ୍କୃତ ଶିକ୍ଷକଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା-୨୯୬,୭୪,୭୫,୧୧୫(୨) ସହିତ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଅନ୍ୟପକ୍ଷରେ ବିଦ୍ୟାଳଳୟ ପ୍ରଧାନ ଶିକ୍ଷକ ଏ ନେଇ ଗୁରୁବାର ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ସଂସ୍କୃତ ଶିକ୍ଷକ ୨ ବର୍ଷ ପୂର୍ବେ ବିଦ୍ୟାଳୟ ଅନ୍ୟ ଜଣେ ଛାତ୍ରୀଙ୍କୁ ଅନୁରୂପ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏ ନେଇ ଛାତ୍ରୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଳୟ ପରିସରରେ ପରିଚାଳନା ସମିତି ସଦସ୍ୟ ସଦସ୍ୟା, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତା, ଅଭିଭାବକ ଓ ଗ୍ରାମବାସୀଙ୍କୁ ନେଇ ୨୦୨୨ ମେ ୩୧ ତାରିଖରେ ଉକ୍ତ ଘଟଣା ନେଇ ବୈଠକ ବସିଥିଲା। ବୈଠକରେ ଶିକ୍ଷକ ସର୍ବ ସମ୍ମୁଖରେ ଦୋଷ ସ୍ୱୀକାର କରିବା ସହ ଭବିଷ୍ୟତରେ ଏହାର ପୁନରାବୃତି କରିବେ ନାହିଁ ବୋଲି ପ୍ରତିଜ୍ଞାପତ୍ର ସ୍ୱାକ୍ଷର କରିଥିଲେ।

## ସଂକ୍ଷେପରେ

### ଗାଡ଼ି ନ ରଖିବାରୁ ବସ୍ କାଚ ଭାଙ୍ଗିଲେ ଯୁବକ

**ଜୁନାଗଡ଼,୨୩।୮ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ତଲମଲା ପଞ୍ଚାୟତକୁ ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ଉପରେ ଶୁକ୍ରବାର ଜଣେ ଯୁବକ ଆକ୍ରମଣ କରିଛନ୍ତି। ବାଟରେ ଗାଡି ନ ରଖିବାରୁ ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ କାଠ ଗେଡାରେ ବସ୍‌ର ଆଗପଟ ଓ ଝରକା କାଚ ଭାଙ୍ଗିଦେଇଛନ୍ତି। ଏହି ସମୟରେ ବସ୍‌ରେ ଥିବା ଛାତ୍ରୀଛାତ୍ର ଓ ଯାତ୍ରୀ ଭୟଭୀତ ହୋଇପଡିଥିଲେ। ଏହାର ଭିଡିଓ ଏବେ ଭାଇରାଲ ହୋଇଛି। ଖବର ପାଇ ଜୁନାଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ କାବୁ କରିଛି। ପୋଲିସ ଏକ ମାମଲା ରୁଜୁ କରି ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି।

### ମଦ ଜବତ, ୨ ଗିରଫ

**ଖଡ଼ିଆଳ,୨୩।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା କୋମନା ଅଞ୍ଚଳରେ ଶୁକ୍ରବାର ଅବକାରୀ ଅଧୀକ୍ଷକ ସଂଘମିତ୍ର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଉପ ନିରୀକ୍ଷକ ପଇର ମାଲଭଟା ଫରେଷ୍ଟ ଏରିଆରେ ଚଢାଉ କରି ମଦ ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ମାୟାଧର ଖମାରି ଓ ତେଜରାମ ଖମାରି। ସେମାନଙ୍କଠାରୁ ୨୨ ଲିଟର ରନ୍ଧାମଦ, ୬୫୦ କେଜି ପୋଚ ଜବତ କରାଯାଇଛି। ଚଢ଼ାଉ ସମୟରେ ଉପ ନିରୀକ୍ଷକ ସଞ୍ଜୀବ ବେହେରା, ସହ ଉପନିରୀକ୍ଷକ ହିଙ୍ଗୁଳା ଦାସ, ସରୋଜ କଟା, ବୈଜୟନ୍ତ ଶବର, ମଧୁସୂଦନ ସିଂ,ରୋଶନ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ପିଏମ୍ ଜନମନ ଯୋଜନା ସଚେତନତା ରଥର ଶୁଭାରମ୍ଭ

**ଭବାନୀପାଟଣା,୨୩।୮ (ଉତ୍ତମ କୁମାର ଦାଶ):** ପିଏମ୍ ଜନମନ ଯୋଜନା ଜନଜାତି କଲ୍ୟାଣ ନିମନ୍ତେ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ବୋଲି କୁହାଯାଇଛି। ଏହି ଯୋଜନା ମାଧ୍ୟମରେ କଳାହାଣ୍ଡି ଜିଲାର କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଲାଞ୍ଜିଗଡ଼ ଅଧୀନ ୨୬୫ ଗ୍ରାମର କୁଟିଆ କନ୍ଧ ଆଦିବାସୀଙ୍କ ବ୍ୟକ୍ତିଗତ ତଥା ସାମୂହିକ ସୁବିଧା ପାଇ ଉପକୃତ ହେବେ। ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଦିଆଯାଉଥିବା ସୁବିଧା ଉପରେ ସଚେତନତା କରିବା ପାଇଁ ଏହିସବୁ ଗାଁରେ ଶୁକ୍ରବାରଠାରୁ ଆସନ୍ତା ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ସଚେତନତା ରଥ ବୁଲିବ। ଏହା ପାଇଁ ୨୫ଟି ପଞ୍ଚାୟତସ୍ତରୀୟ ଟିମ୍ ମଧ୍ୟ ଗଠନ କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କଳାହାଣ୍ଡି ଜିଲାପାଳ ସଚିନ ପାୱାର ଏହି ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

### ରକ୍ଷା ବନ୍ଧନ ଉତ୍ସବ

**କୋକସରା,୨୩।୮ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଦୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପ୍ରଜାପତି ବ୍ରହ୍ମ କୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଅଧ୍ୟକ୍ଷ ଡ଼. ନିହାରକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିକେ ସୁମିତ ଡ଼୍ୟୋଗଦେଇ ନୈତିକ ମୂଲ୍ୟବୋଧ ମାଧ୍ୟମରେ ଚରିତ୍ର ନିର୍ମାଣ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ବ୍ରହ୍ମ କୁମାରୀ ଲତା ଭଉଣୀ ରକ୍ଷା ବନ୍ଧନର ମହତ୍ତ୍ୱ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ସୁବାସ ଅଗ୍ରୱାଲ, ଧ୍ରୁବ ଚରଣ ସାହୁ, ବଜରଙ୍ଗ ଅଗ୍ରୱାଲ, ଅଧ୍ୟାପକ ପ୍ରେମାନନ୍ଦ ସାହା, ବିରେନ୍ଦ୍ର ନାରାୟଣ ଦାସ, ଅଧ୍ୟାପିକା କଲ୍ୟାଣି ମହାନ୍ତି, ଶଙ୍କର ସତନାମୀ, ଭାରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନେ ଉପସ୍ଥିତ ଅତିଥି, ଶିକ୍ଷକ, ଛାତ୍ରଙ୍କୁ ରାଖୀ ବାନ୍ଧିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର

**ରୁପ୍ରାରୋଡ଼,୨୩।୮ (ସଞ୍ଜୀବ ଦାସ):** ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଏକ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶେଷଜ୍ଞ ଡାକ୍ତର ଯୋଗଦେଇ ନର୍ଲା ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ଆସିଥିବା ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେଇଥିଲେ। ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୯୬୦ରୁ ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ ମଧ୍ୟ ବିଶେଷଜ୍ଞ ଡାକ୍ତର ନ ଥିବାରୁ ସାଧାରଣ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଆରୋଗ୍ୟ ଶିବିର ଆୟୋଜନକରି ରୋଗୀସେବା ଯୋଗାଇଦେଲେ ମଧ୍ୟ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

# ରୋଗୀ ନେଇ ଯାଉଥିବା ବୋଲେରୋକୁ ପିଟିଲା ଟ୍ରେଲର

- ବୋଲେରୋ ଚାଳକଙ୍କ ମୃତ୍ୟୁ, ୩ ଗୁରୁତର
- କ୍ଷତିପୂରଣ ଦାବିରେ ସମ୍ପର୍କୀୟଙ୍କ ଏନ୍‌ଏଚ୍ ଅବରୋଧ

ଭବାନୀପାଟଣା/ଜୁନାଗଡ଼,୨୩।୮ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)



ମୃତଦେହ ରଖି ସମ୍ପର୍କୀୟ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ମଥୁରା ଛକ ନିକଟରେ ଗୁରୁବାର ସକାଳେ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଜିଲାର ମହୁଲପାଟଣାରୁ ରୋଗୀଙ୍କୁ ନେଇ ଯାଉଥିବା ବୋଲେରୋକୁ ଏକ ଟ୍ରେଲର ଧକ୍କା ଦେବାରୁ ଘଟଣାସ୍ଥଳରେ ବୋଲେରୋ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଚାଳକ ହେଲେ ଥୁଆମୂଳ ରାମପୁର ବ୍ଲକ ବିରିକୋଟର ଦିଲୀପ ନାଏକ (୩୫)। ସେହିପରି ବୋଲେରୋରେ ବସିଥିବା ମହୁଲପାଟଣା ଗ୍ରାମର ସୁଶିଳା ନାଏକ(୫୦) ଏବଂ ତାଙ୍କ ୨ ଝିଅ ସବିତା (୨୨) ଓ ଅଞ୍ଜଳି (୨୦) ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାବୀନପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ମୃତ ଚାଳକଙ୍କ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ମଧ୍ୟାହ୍ନ ୧୨ଟାରୁ ୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ଟ୍ରେଲର ମାଲିକଙ୍କ ସହ ଆନ୍ଦୋଳନକାରୀଙ୍କ ବୁଝାମଣା ହେବା ସହ ପ୍ରଶାସନିକ ସ୍ତରରେ ରେଡ଼କ୍ରସ ପକ୍ଷରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ସନ୍ଧ୍ୟା ୬ଟାରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ସୂଚନା ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବୋଲେରୋ (ଓଡି୦୮ଭି-୩୯୬୪) ନବରଙ୍ଗପୁର ଜିଲା ଖାତିଗୁଡାସ୍ଥିତ ମୁରାନ ଡ୍ୟାମ ଡିଭିଜନରେ ଭଡ଼ାରେ ଲାଗିଥିବାବେଳେ ଗୁରୁବାର ଭୋରରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଆଣିବା ପାଇଁ ଚାଳକ ଦିଲୀପ ଭବାନୀପାଟଣା ଆସୁଥିଲେ। ତେବେ ବାଟରେ ଦିଲୀପ ତାଙ୍କ ସମ୍ପର୍କୀୟ ସୁଶିଳା ଏବଂ ତାଙ୍କ ୨ ଝିଅ ସବିତା ଓ ଅଞ୍ଜଳି ଭବାନୀପାଟଣା ମେଡିକାଲକୁ ଚିକିତ୍ସା ପାଇଁ ଯାଉଥିବାବେଳେ ସେମାନଙ୍କୁ ଦିଲୀପ ବୋଲେରୋରେ ଆଣୁଥିଲେ। ହେଲେ ବାଟରେ ମଥୁରା ଛକ ନିକଟରେ ସେମାନେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପୋଲିସ ଜବତ କରିଛି।

## ପୁସ୍ତକମେଳା ଆୟୋଜନ ପାଇଁ ଦାବିପତ୍ର

ଭବାନୀପାଟଣା,୨୩।୮ (ଉତ୍ତମ କୁମାର ଦାଶ)

ସାହିତ୍ୟ ଓ ଜୀବନଶୈଳୀକୁ ନେଇ କାର୍ଯ୍ୟରତ ଗ୍ଲୋବାଲ ଲାଇଫ୍ରେଟର୍ ଫାଉଣ୍ଡେଶନ ପକ୍ଷରୁ କଳାହାଣ୍ଡି ଜିଲାସ୍ତରୀୟ ପୁସ୍ତକମେଳା ଆୟୋଜନ ପାଇଁ ଦାବି କରାଯାଇଛି। ଏ ନେଇ ଶୁକ୍ରବାର ଫାଉଣ୍ଡେଶନ ପକ୍ଷରୁ କଳାହାଣ୍ଡି ଜିଲାପାଳ ସଚିନ ପାୱାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, କଳାହାଣ୍ଡି ଜିଲା କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ସାହିତ୍ୟକୁ ଏଠାକାର ଲେଖକ ଲେଖିକାଙ୍କ ଅବଦାନ ଅତୁଳନୀୟ। ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ବାର୍ଷିକ ପୁସ୍ତକମେଳା ଆୟୋଜନ ହେଉଥିବା ବେଳେ କଳାହାଣ୍ଡି ଜିଲାରେ ଏଥିପାଇଁ କୌଣସି ପ୍ରାବଧାନ ନାହିଁ। କେବଳ ଥରେ ୨୦୧୮ରେ ଜିଲା ଗଠନ ଦିବସ ଅବସରରେ ଏକ ପୁସ୍ତକମେଳା ଆୟୋଜନ କରାଯାଇଥିଲା। ତେଣୁ ଜିଲାର ଲେଖକ ଓ ପାଠକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିୟମିତ ପୁସ୍ତକମେଳା ଆୟୋଜନ ବ୍ୟବସ୍ଥା କରାଯିବାକୁ ଲାଇଫ୍ରେଟର୍ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଫାଉଣ୍ଡେଶନର ଉପଦେଷ୍ଟା ପରମେଶ୍ୱର ମୁଣ୍ଡ, ସମ୍ପାଦକ ରଜତ ବଂଶଲ, ଆବାହକ ସୁଧୀର କୁମାର ଧଙ୍ଗଡ଼ାମାଝୀ ଓ ଡିଲେଶ୍ୱର ରଣା, ସଦସ୍ୟ ବିକାଶ ରଞ୍ଜନ ମୁଣ୍ଡ ପ୍ରମୁଖ ଜିଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ।



ଜିଲାପାଳଙ୍କୁ ସାକ୍ଷାତ କରୁଛନ୍ତି ଫାଉଣ୍ଡେଶନର ସଦସ୍ୟ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର ଅଶାନ୍ତି



ଛାତ୍ରୀଛାତ୍ରଙ୍କ ରାସ୍ତା ଅବରୋଧ।

ଲାଞ୍ଜିଗଡ଼,୨୩।୮ (ରମେଶ ଚନ୍ଦ୍ର ନାୟକ)

**କର୍ମଚାରୀଙ୍କ ବଦଳି ଦାବିରେ ରାସ୍ତା ଅବରୋଧ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ର ଅଶାନ୍ତି ଦେଖାଦେଇଛି। ଅନୁଷ୍ଠାନର ଜଣେ କର୍ମଚାରୀଙ୍କ ବିରୋଧରେ ଛାତ୍ରୀଛାତ୍ର ଅଭିଯୋଗ ଆଣି ତାଙ୍କ ବଦଳି ଦାବିରେ ଶୁକ୍ରବାର ରାଜରାସ୍ତା ଅବରୋଧ କରିଥିଲେ। ଅଭିଯୋଗକ୍ରମେ ଯୁକ୍ତ-୨ ବିଜ୍ଞାନ ଓ ବାଣିଜ୍ୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କଲେ କର୍ମଚାରୀ ଜଣକ ସେମାନଙ୍କୁ ମାଡ଼ ମାରିବା ସହ ମେସ ପଇସା ଦେବା ବିଳମ୍ବ ହେଲେ ଦିନକୁ ୧୦୦ ଟଙ୍କା ଫାଇନ ଆଦାୟ କରୁଛନ୍ତି। ଏହାକୁ ବିରୋଧ କରି ଛାତ୍ରୀଛାତ୍ର ସକାଳ ୭ଟାରେ ଲାଞ୍ଜିଗଡ-ବିଶ୍ୱନାଥପୁର ରାସ୍ତା ଅବରୋଧ କରିଥିଲେ। ଏପରି କି ସମ୍ପୃକ୍ତ କର୍ମଚାରୀଙ୍କୁ ବଦଳି ନ କରିବା ପର୍ଯ୍ୟନ୍ତ ରାସ୍ତାରୁ ହଟିବୁ ନାହିଁ ବୋଲି ଜିଦ ଧରିଥିଲେ। ୨ଘଣ୍ଟା ପରେ ଥାନା ପୋଲିସ, ବ୍ଲକ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ପିଏ ଆଇଟିଡିଏ ରାମକୃଷ୍ଣ ଗଣ୍ଡ ପହଞ୍ଚି ଛାତ୍ରୀଛାତ୍ର ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ। ଏ ନେଇ ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆରସିଂଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ଅଭିଯୋଗ ନେଇ ଆମେ ତଦନ୍ତ କଲୁ। ଜିଲାସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଜିଲାପାଳଙ୍କୁ ଜଣାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ସାମାଜିକ ସମୀକ୍ଷା ନେଇ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୨୩।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ବ୍ଲକ କାର୍ଯ୍ୟାଳୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭାଗୃହଠାରେ ସାମାଜିକ ସମୀକ୍ଷା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ବିରସେନ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଯୋଗ ଦେଇଥିଲେ। ସଦସ୍ୟ ଅଜିତ ପଣ୍ଡା, ତପନ ଦାସ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ସମାଜସେବୀ ଜିତେନ୍ଦ୍ର ନାଥ ପଟ୍ଟନାୟକ, ଯନ୍ତ୍ରୀ ଭୂତେଶ ମେହେର, ଏପିଓ ପ୍ରଦୀପ ଓଝା, ଖଡିଆଳ ଯୋଗାଣ ଅଧିକାରୀ ଦିବ୍ୟ ରାଜ ଭୋଇ, ବିଏସ୍‌ଏସ୍‌ଓ କୁମର ମାଝି ପ୍ରମୁଖ ଯୋଗ ଦେଇଥିଲେ। ଅଧିକାରୀମାନେ ସରକାରୀ ଯୋଜନା ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

## ଛାତ୍ରସଂସଦ ନିର୍ବାଚନ ଦାବି କଲା ଏବିଭିପି

ଭବାନୀପାଟଣା,୨୩।୮ (ଉତ୍ତମ କୁମାର ଦାଶ)

ରାଜ୍ୟରେ ଗତ ୬ବର୍ଷ ହେବ ଛାତ୍ରସଂସଦ ନିର୍ବାଚନ ବନ୍ଦ ରହିଛି। ବର୍ତ୍ତମାନ ରାଜ୍ୟରେ ସରକାର ପରିବର୍ତ୍ତନ ହେଇଛି। ଓଡ଼ିଶାରେ ଛାତ୍ରସଂସଦ ନିର୍ବାଚନ ପୁନଃ ଆରମ୍ଭ କରିବା ପାଇଁ ନୂତନ ସରକାରଙ୍କୁ ଦାବି କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)। ଛାତ୍ରସଂସଦ ନିର୍ବାଚନ ଦାବିରେ ସାରା ରାଜ୍ୟରେ ଏବିଭିପି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ଶୁକ୍ରବାର ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହେଇ ସ୍ଲୋଗାନ ଦେଇ ରାଜ୍ୟ ସରକାରଙ୍କୁ ତାଙ୍କ ଦାବି ଜଣାଇଛନ୍ତି।

## ସ୍ଥାନୀୟ ସମସ୍ୟା ନେଇ ବେଦାନ୍ତ ଅଧିକାରୀଙ୍କୁ ଦାବିପତ୍ର

ଲାଞ୍ଜିଗଡ,୨୩।୮ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ବଡ଼ପଡ଼ାବାସୀ ବିଭିନ୍ନ ସମସ୍ୟା ନେଇ ଶୁକ୍ରବାର ବେଦାନ୍ତ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ବଡ଼ପଡା ନିକଟସ୍ଥ ବଂଶଧାରା ନଦୀରେ ପୋଲ ନିର୍ମାଣ, ଶିବ ମନ୍ଦିରରୁ ବଡ଼ପଡା ଶେଷମୁଣ୍ଡ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ଗାର୍ଡୱାଲ ଓ ଡ୍ରେନ ନିର୍ମାଣ, ବଡ଼ପଡା ଶେଷମୁଣ୍ଡରୁ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା, ମହିଳା ଗୋଷ୍ଠୀ ଓ ଜନସାଧାରଣଙ୍କ ପାଇଁ ଦୁଇଟି କମ୍ୟୁନିଟି ହଲ ନିର୍ମାଣ, କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଓ ଠିକା କାର୍ଯ୍ୟରେ ଅଗ୍ରାଧିକାର ଆଦି ଅନ୍ୟତମ। ଦାବିପତ୍ର ଦେବା ସମୟରେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସମେତ ବଡ଼ପଡା ଡେଭଲପମେଣ୍ଟ କମିଟି ପକ୍ଷରୁ ସଭାପତି ମାଲେଶ ନାଏକ, ସମ୍ପାଦକ ପରମାନନ୍ଦ ନାଏକ, ହରେକୃଷ୍ଣ ତାଣ୍ଡି, ମହାଦେବ ହରିଜନ, ରୋଶନ ନାଏକ, ଥବିର ନାଏକ, ଖିତ ନାଏକ, କିରଣ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

## ୫ହଜାର ଚାରା ରୋପଣ କଲେ ଛାତ୍ରୀଛାତ୍ର

ବେହେରା,୨୩।୮ (ଭୂପେଶ ତିୱାରୀ)

ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ପକ୍ଷରୁ ଧର୍ମଗଡ ବ୍ଲକ ମୁଖ୍ୟ ରାସ୍ତା କଡ଼ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ ଉପଜିଲାପାଳ ଧିମାନ ଚକମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଧର୍ମଗଡ ନିକଟ ବଡବସୁଲ ଗ୍ରାମଠାରୁ କାଶୀବାହାଲ ଓ ଗୋଡ଼ଭଞ୍ଜା ଗ୍ରାମଠାରୁ ପର୍ଲା ଗ୍ରାମ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୫ହଜାର ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ଧର୍ମଗଡ ତହସିଲଦାର ସଞ୍ଜୟ ସାମନ୍ତରା, ସହ ଜିଲାପାଳ ଅଜିତ ଶବର ଓ ଗୋଷ୍ଠୀ ଶିକ୍ଷାଧିକାରୀ ପଙ୍କଜିନି ମାଝି ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ବଢାଇଥିଲେ। ଏଥିରେ ଛିଲିପା ଉଚ୍ଚ ବିଦ୍ୟାଳୟ, ପର୍ଲା ଉଚ୍ଚ ବିଦ୍ୟାଳୟ, ଗୁରୁଜୀ ମଧୁସୂଦନ ଉଚ୍ଚ ବିଦ୍ୟାଳୟ, ଏଲ ନିର୍ଶି ମିସନ ସ୍କୁଲ, ମଡର୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗଡିଆଯୋର ଉଚ୍ଚ ବିଦ୍ୟାଳୟ ସହିତ ଆଖପାଖ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ଅସହାୟ ପରିବାର ପାଖରେ ପହଞ୍ଚିଲା ବ୍ଲକ ପ୍ରଶାସନ



ପରିବାର ସଦସ୍ୟଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀ।

କଲମପୁର, ୨୩।୮ (ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଭାଟିଗାଁର ଗିରିଧାରୀ ପରାଭୋଇଙ୍କ ମୃତ୍ୟୁ ପରେ ପରିବାର ଲୋକ ଅସହାୟ ହୋଇପଡ଼ିଛନ୍ତି। ଗିରିଧାରୀଙ୍କ ପରିବାର କହିଲେ ଦୁଇ ସ୍ତ୍ରୀ ରେବତୀ ଓ ସାବିତ୍ରୀ ଏବଂ ଏକମାତ୍ର ଝିଅ ଚଞ୍ଚଳା। ଗିରିଧାରୀ କୌଳିକ ବୃତ୍ତି ଲୋହରା କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ବାପା ଆଖି ବୁଜିବା ପରେ ଝିଅ ଉପରେ ଦୁଇ ବୃଦ୍ଧା ମା'ଙ୍କ ବୋଝ। ସେଥିରୁ ପୁଣି ଜଣେ ରୋଗୀଣା। ତେଣୁ ପ୍ରଶାସନ କିମ୍ବା ସହୃଦୟ ବ୍ୟକ୍ତିବିଶେଷ ସହାୟତା କରିବାକୁ ଝିଅ ଚଞ୍ଚଳା ଅନୁରୋଧ କରିଛନ୍ତି। ଖବର ପାଇ କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ବିଏସ୍‌ଏସ୍‌ଓ ଖିତିଶ୍ରୁତା ମେହେର, ଜଳ ପରିମଳ ବିଭାଗ ସଂଯୋଜକ ମୋତିରାମ ସେଟ, ମଣ୍ଡଳ ଜିଆର୍‌ଏସ୍ ଚୈତନ୍ୟ ପାନ, କନିଷ୍ଠ ସହାୟକ ରବୀନ୍ଦ୍ର ବେହେରା ପ୍ରମୁଖ ମୃତ ଗିରିଧାରୀଙ୍କ ଘରେ ପହଞ୍ଚି ପରିବାରଙ୍କୁ ସମବେଦନା ଜଣାଇଥିଲେ। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜାତୀୟ ମହାକାଶ ଦିବସ ସମାରୋହ

ଖଡ଼ିଆଳ,୨୩।୮ (ସୁଜିତ କୁମାର ପ୍ରଧାନ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଜାତୀୟ ମହାକାଶ ଦିବସ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତର ମହାକାଶ ଗାଥା ସମ୍ପର୍କିତ ବିଷୟକୁ ଆଧାରକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଗୌରାଙ୍ଗ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା, ପ୍ରଭୁଦତ୍ତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା ପ୍ରମୁଖ ଚନ୍ଦ୍ରୟାନ-୩ର ସଫଳତା ତଥା ଆଗାମୀ ଦିନରେ ଗଗନୟାନ ଓ ଶୁକ୍ରୟାନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ।

## ଗଣ୍ଡ୍ରାବାହାଲିରେ ସ୍ୱଚ୍ଛତା ଅଭିଯାନ

ସିନାପାଲି,୨୩।୮ (ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଗଣ୍ଡ୍ରାବାହାଲି ପଞ୍ଚାୟତ ତରଫରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗାଁ ପରିବେଶ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ ପଞ୍ଚାୟତ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଗାଁରେ ଟ୍ରାକ୍ଟର ବୁଲିବା ସମୟରେ ଗ୍ରାମବାସୀ ସେଥିରେ ଆଳିଆ ଆବର୍ଜନା ପକାଇବାକୁ ପ୍ରଶାସନ ତରଫରୁ ନିବେଦନ କରାଯାଇଛି। ଆଗାମୀ ଦିନରେ ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥାନୀୟ ସରପଞ୍ଚ କହିଛନ୍ତି। କାର୍ଯ୍ୟକ୍ରମରେ ଗଣ୍ଡ୍ରାବାହାଲି ସରପଞ୍ଚ କୋଶଲ୍ୟା ମେହେର, ପିଇଓ କ୍ଷମାସାଗର ସାହୁ, ଜିଆର୍‌ଏସ୍ ନିବେଦିତା ପାଢ଼ୀ, ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ସାମିଲ ଥିଲେ।




ଟ୍ରାକ୍ଟରରେ ଅଳିଆ ପକାଉଛନ୍ତି ଗାଁ ଲୋକେ।

## ବନ୍ୟା, ବାଲିଚରରୁ ରକ୍ଷା ପାଇବେ ଚାଷୀ

କେସିଙ୍ଗା,୨୩।୮ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କସ୍ତୃପଡା ଗ୍ରାମ ପଞ୍ଚାୟତର ସୁକୁନାଭଟା ଗ୍ରାମ ନିକଟ ତେଲ ନଦୀ ନିକଟରେ ଜଳସେଚନ ବିଭାଗ ପକ୍ଷରୁ ଆଡ଼ିବନ୍ଧ ନିର୍ମାଣାଧୀନ ରହିଛି। ଏହା ଦ୍ୱାରା ସୁକୁନାଭଟା, କସ୍ତୃପଡା, ବିନେକେଲା, କିନେରକେଲା ଆଦି ଗ୍ରାମର ଚାଷୀ ବନ୍ୟା, ବାଲିଚର ସମସ୍ୟାରୁ ରକ୍ଷା ପାଇବେ ବୋଲି କୁହାଯାଇଛି। ଆଡ଼ିବନ୍ଧ ନ ଥିବାରୁ ଚାଷଜମି ଜଳମଗ୍ନ ହୋଇ ବାଲିଚର ହେଉଥିଲା। କସ୍ତୃପଡା ଗ୍ରାମ ପଞ୍ଚାୟତର ସୁକୁନାଭଟା, କସ୍ତୃପଡା, ଘାଟପଡା, ବିନେକେଲା ଓ କିନେରକେଲା ଗ୍ରାମର ପ୍ରାୟ ୩ହଜାର ଚାଷୀଙ୍କ ଜମି ଜଳମଗ୍ନ ହୋଇ ଧାନ ଚାଷ ନଷ୍ଟ ହେଉଥିଲା। ଚାଷୀକୁଳ ହତାଶ ହୋଇ ଆଡିବନ୍ଧ ନିର୍ମାଣ



ଆଡିବନ୍ଧରେ ପଥର ପ୍ୟାକିଂ କରାଯାଇଛି।

**ନୂତନ ଆଡ଼ିବନ୍ଧ ନିର୍ମାଣ**

ପାଇଁ ଦାବି କରିଆସୁଥିଲେ। ଶେଷରେ ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର ମାଧ୍ୟମରେ ଏକ ଠିକା ସଂସ୍ଥାକୁ ତେଲ ନଦୀ ନିକଟରେ ପ୍ରାୟ ଏକ କିମି ଯାଏ ଆଡ଼ିବନ୍ଧ ନିର୍ମାଣ ପାଇଁ ଦାୟିତ୍ୱ ଦିଆଯାଇଛି। ଆଡ଼ିବନ୍ଧର ଗୋଟିଏ ପାର୍ଶ୍ୱରେ କଳା ପଥରରେ ପ୍ୟାଚିଂ କରାଯାଇଥିବାବେଳେ ଅନ୍ୟପଟେ ଘାସ ଲଗା କାମ ଚାଲିଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ପ୍ରକାଶ କୁମାର ବେହେରାଙ୍କୁ ପଚାରିବାରୁ ବର୍ଷା ହେଉଥିବାରୁ ଆଡ଼ିବନ୍ଧ ନିର୍ମାଣ କାମ କିଛି ମାତ୍ରାରେ ବାକି ରହିଛି। ଅଳ୍ପଦିନ ମଧ୍ୟରେ କାମ ସରିଯିବ ଓ ଚାଷୀମାନେ ବନ୍ୟା ଓ ବାଲିଚର ସମସ୍ୟାରୁ ମୁକ୍ତି ପାଇବେ ବୋଲି ପ୍ରକାଶ କରିଥିଲେ।

**୩୬୦ ଲିଟର ମହୁଲ ପୋଚ ଜବତ**

ବାଉଁଶୁଣୀ,(ଦେବାଶିଷ ନେପାକ)ଶୁକ୍ରବାର ବୌଦ୍ଧ ଥାନା ପିଙ୍ଗଳାବେ ଗ୍ରାମ ନିକଟରୁ ୩୬୦ ଲିଟର ମହୁଲ ପୋଚ ସହ ୧୫ ଲିଟର ମଦ ଜବତ ହୋଇଛି । ମଦ ରନ୍ଧା ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ଅବକାରୀ ଥାନା ପକ୍ଷରୁ ପିଙ୍ଗଳାବେ ଗ୍ରାମ ନିକଟରେ ଚଢାଉ କରାଯାଇଥିଲା । ଏ ନେଇ ବୌଦ୍ଧ ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ସୂଚନା ମିଳିଛି ।

## ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ଖେଳାଳି ଚୟନ ଶିବିର

ଅମରପାଲି,୨୩।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାସ୍ଥିତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ ବାଳକ ଓ ବାଳିକା ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବଳୟା ଖେଳ ପଡ଼ିଆରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳାଳି ଚୟନ ଶିବିରରେ ବ୍ଲକର ମୋଟ ୧୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଗ୍ରୁପରେ ଖେଳାଳିମାନଙ୍କ ମଧ୍ୟରେ ପ୍ରତିଯୋଗିତା କରି ବ୍ଲକସ୍ତରୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ କରିଥିଲେ। ଖେଳାଳି ଚୟନ ଶିବିରରେ ଖେଳ ଶିକ୍ଷକ ରଞ୍ଜିତ କୁମାର ପଧାନ, ଉପେନ୍ଦ୍ର ସାହୁ, ଶକ୍ତି କିଶୋର ସାମନ୍ତରା, ବୈକୁଣ୍ଠ ନାଏକ, ଚନ୍ଦ୍ରମଣି ବାଘ, ସୁରେନ୍ଦ୍ର ପଧାନ, ଶ୍ରୀକାନ୍ତ ନାଏକ, ପରମେଶ୍ୱର ପଣ୍ଡା, ପ୍ରଦୀପ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ବ୍ଲକସ୍ତରୀୟ ବାଳକ ବିଭାଗ ଓ ବାଳିକା ବିଭାଗ ଖେଳାଳି ଚୟନ କରିଥିଲେ।

# ଶିଶୁ ଉଦ୍ୟାନ ଶ୍ରୀହୀନ, ତାଲା ଝୁଲିଛି

ସୋନପୁର,୨୩।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ସୁରେଶ୍ୱରୀ ମନ୍ଦିର ପାର୍ଶ୍ୱରେ ଥିବା ଶିଶୁ ଉଦ୍ୟାନ ଶ୍ରୀହୀନ ହୋଇପଡିଛି। ଶିଶୁମାନଙ୍କ ଖେଳିବା ପାଇଁ ଉଦ୍ଦିଷ୍ଟ ଦୋଳି ଓ ଝୁଲଣା ଭାଙ୍ଗିଯାଇଛି। ଫୁଲ ଗଛଗୁଡିକ ନଷ୍ଟ ହୋଇଗଲାଣି। ବସିବା ପାଇଁ ଆବଶ୍ୟକ ଚୌକି ନାହିଁ। ୱାଟର ଫଲ ମଧ୍ୟ କାର୍ଯ୍ୟ କରୁନାହିଁ। ଦୀର୍ଘ ମାସ ହେବ ଶିଶୁ ଉଦ୍ୟାନ ଫାଟକରେ ତାଲା ଝୁଲୁଛି। ସହରବାସୀ ଏହି ପାର୍କରୁ ମୁହଁ ଫେରାଇ ନେଉଛନ୍ତି।

ଶିଶୁମାନଙ୍କ ଚିତ୍ତ ବିନୋଦନ ପାଇଁ ୨୦୦୮ ମସିହାରେ ପ୍ରାୟ ୮୦୦ ଡେସିମିଲ୍ ପରିମିତ ଅଞ୍ଚଳରେ ଏହି ଉଦ୍ୟାନ ନିର୍ମାଣ ହୋଇଥିଲା। ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ଦିଲ୍ଲୀପ ରାୟଙ୍କ ଏମ୍‌ପି ଲ୍ୟାଡ୍ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଆର୍ଥିକ ଅନୁଦାନରେ ଏହି ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଥିଲା। ୨୦୦୯ ମସିହାରୁ ଆରମ୍ଭ ହୋଇଥିବା ଏହି ଉଦ୍ୟାନ ଏବେ ନାମକୁ ମାତ୍ର ରହିଛି। ପୌର ପରିଷଦ ଅଧିନରେ


ଶିଶୁ ଉଦ୍ୟାନଟି ଅବ୍ୟବହୃତ ଅବସ୍ଥାରେ ପଡିରହିଛି।

ଥିବା ଏହି ଶିଶୁ ଉଦ୍ୟାନର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉନି କି ଶିଶୁଙ୍କ ପାଇଁ ଖୋଲାଯାଉନି। ଏହି ଉଦ୍ୟାନକୁ ସୁରେଶ୍ୱରୀ ମନ୍ଦିର ସହତ ମିଶାଇ ଦେବାକୁ ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା କୁହନ୍ତି, ଦୀର୍ଘ ମାସ ଧରି ବନ୍ଦ ପଡିଥିବା ଏହି ଶିଶୁ ଉଦ୍ୟାନର କିଛି ମରାମତି ଓ ନିର୍ମାଣ କାମ ଚାଲିଛି। ଏହି ଉଦ୍ୟାନକୁ ସୁରେଶ୍ୱରୀ ମନ୍ଦିରକୁ ପ୍ରଦାନ କରିବା ପାଇଁ କାଉନସିଲ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। କାମ ସରିଲେ ଶିଶୁ ଉଦ୍ୟାନକୁ ସୁରେଶ୍ୱରୀ ମନ୍ଦିର ଉଦ୍ୟାନ ସହିତ ମିଶାଇ ଦିଆଯିବ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏହାର ମଜା ଉଠାଇ ପାରିବେ ବୋଲି ପଣ୍ଡା କହିଥିଲେ।

## ସଫଳତା ପାଇବା ପାଇଁ କଠିନ ପରିଶ୍ରମ କର

ସୋନପୁର,୨୩।୮(ମୃତ୍ୟୁଞ୍ଜୟ ଶତପଥୀ)

**ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ**

ସୋନପୁର ବ୍ଲକ ଛକ ସ୍ଥିତ ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ତରଫରୁ ଶୁକ୍ରବାର ସ୍ୱାଗତ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷା ଲିଖିତା ପଟ୍ଟନାୟକ ସଭାରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଡ. ଜୋତି ରଞ୍ଜନ ବହିଦାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀମା ଓ ଅରବିନ୍ଦଙ୍କ ପ୍ରତିକୃତିରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବହିଦାର ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିବା ସହ ସଫଳତା ପାଇବା ସକାଶେ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ବନାନି ପୁଷ୍ପିତା ପାତ୍ର, ଲଭଲିଶ୍ରୀ ମିଶ୍ର, ଅଧ୍ୟାପକ ଚିନ୍ମୟାନନ୍ଦ ପାତ୍ର, ଆର୍ତ୍ତତ୍ରାଣ ଥନାପତି, ଗୋବିନ୍ଦ କର୍ମୀ, ମୁନା ମହାକୁଡ ଓ ସତ୍ୟ ନାରାୟଣ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷର ଛାତ୍ରୀ ଡଲି ମିଶ୍ର ସଂଯୋଜନା କରିଥିଲେ। ଅଣଶିକ୍ଷକ କର୍ମଚାରୀ ସୁନିଲ ମିଶ୍ର ଓ ମୀନକେତନ କର୍ମୀ ସହଯୋଗ କରିଥିଲେ। ଛାତ୍ରୀ ମୌସୁମୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।


ସ୍ୱାଗତ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## କୁମ୍ଭୀର ପାଇଁ ନଦୀ କୂଳିଆବାସୀ ଆତଙ୍କିତ

ବୌଦ୍ଧ,୨୩।୮( ଅଜିତ କୁମାର ବାରିକ)

ମହାନଦୀରେ ଚଳିତ ମାସରେ ବନ୍ୟା ପାଣି ଆସିବା ଫଳରେ ଟିକରପଡା ଅଞ୍ଚଳରୁ ଦୁଇଟି କୁମ୍ଭୀର ବୌଦ୍ଧ ଆଡକୁ ଚାଲି ଆସିଛନ୍ତି। କୁମ୍ଭୀର ଦୁଇଟି ବର୍ତ୍ତମାନ ମର୍ଜାକୁଦ ଠାରୁ କରଡି, ହାଟଗାଁ ମଧ୍ୟରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି । କୁମ୍ଭୀରକୁ ଦେଖି ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ହେଲେ ବନ ବିଭାଗ କୁମ୍ଭୀରର ସୁରକ୍ଷା ଉପରେ ନଜର ରଖିଛି। ବନ କର୍ମଚାରୀମାନେ କୁମ୍ଭୀରକୁ ଜଗି ରହିଛନ୍ତି। ମର୍ଜାକୁଦ ନିକଟରେ ଦେଖାଦେଇଥିବା କୁମ୍ଭୀର ୭ ଫୁଟରୁ ଅଧିକ ହୋଇଥିବା ବେଳେ କରଡି ଓ ହାଟଗାଁ ନିକଟରେ ଦେଖାଦେଇଥିବା କୁମ୍ଭୀର ପ୍ରାୟ ୧୧ ଫୁଟ ହେବ ବୋଲି ଅନୁମାନ କରାଯାଉଛି। ଲୋକେ କୁମ୍ଭୀରକୁ ଦେଖି ଭୟରେ ନଦୀକୁ ଯିବାକୁ ଉଚିତ ମଣୁନାହାନ୍ତି ।

## ଅନବରତ ଅଭ୍ୟାସ କଲେ ସଫଳତା ମିଳେ


କାଦୋଦର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ଅମରପାଲି,୨୩।୮(ପୀତାମ୍ବର ସାହୁ)

**କାଦୋଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ**

ଜୀବନରେ ଶିକ୍ଷା ଜରୁରୀ। ଶିକ୍ଷାଲାଭ କରିବା ଏକ ନିରନ୍ତର ପ୍ରକ୍ରିୟା। ଅନବରତ ଅଭ୍ୟାସ କଲେ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ସମ୍ଭବ କରିହେବ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦର ସ୍ଥିତ ମା’ ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରବେଶ ଓ ସ୍ୱାଗତ ସମାରୋହରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଲ୍ଲଭ ପୁରୋହିତ ଏହି ସମାରୋହରେ ସଭାପତିତ୍ୱ କରି ବିଦ୍ୟାଳୟର ଇତିହାସ, ନୀତିନିୟମ ବିଷୟରେ କହିବା ସହିତ ଶୃଙ୍ଖଳା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନିତ୍ୟାନନ୍ଦ ମିଶ୍ର ପାଠ୍ୟସୂଚୀ ଓ ଅଧ୍ୟାପନା ବିଷୟରେ, ଅଧ୍ୟାପକ ସୁଶାନ୍ତ ଦେହୁରୀ ପରୀକ୍ଷା ପଦ୍ଧତି ଉପରେ ଆଲୋଚନା କରିଥିବା ବେଳେ ଅଧ୍ୟାପକ ଉଦ୍ଧବ ପଧାନ ଶିକ୍ଷାନୁଷ୍ଠାନକୁ ରାଗିଂମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ନୂତନ ଛାତ୍ରୀଛାତ୍ର ଶୃଙ୍ଖଳିତ ହୋଇ ଶିକ୍ଷାନୁଷ୍ଠାନର ସମସ୍ତ ନୀତିନିୟମ ମାନି ଚଳିବା ସହିତ ଭଲ ପାଠ ପଢି କଲେଜ ଓ ନିଜର ନାଁ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରଭାତୀ ଖଣ୍ଡଗିରି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ବାଳମୁକୁନ୍ଦ ବାରିକ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ସାଧନା ମେଣ୍ଡିଲି, ଅମିତା ରାଣୀ ସାହୁ ମଧ୍ୟ ନୂତନ ଛାତ୍ରୀ ଛାତ୍ରଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବା ସହିତ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଛାତ୍ରୀ ନିରୁପମା ମେଣ୍ଡିଲି ଧନ୍ୟବାଦ ଅର୍ପଣ କରିଥିଲେ।

## ଖଟିଆରେ ବୁହା ହେଲେ ମହିଳା

ମନମୁଣ୍ଡା,୨୩।୮(ବେଣୁଧର ପଧାନ)

**ଗାଁକୁ ନାହିଁ ରାସ୍ତା, ପହଞ୍ଚି ପାରିଲାନି ଆମ୍ବୁଲାନ୍ସ**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଉପାନ୍ତ ବରଗାଁ ପଞ୍ଚାୟତରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଗାଁରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଶେଷରେ ଜଣେ ମହିଳାଙ୍କୁ ଖଟିଆରେ ପ୍ରାୟ ୧କିଲୋମିଟର ବୋହିବାକୁ ପଡିଛି। ପ୍ରକାଶ ଯେ, ଗୁରୁବାର ଦିନ ଲଗାଣ ବର୍ଷାରେ ବରଗାଁ ପଞ୍ଚାୟତ ଅନ୍ତର୍ଗତ ମାତାକୁପା ଗ୍ରାମର ଅରକ୍ଷିତ ସାହୁଙ୍କ ମାଟି ଘର ଭାଙ୍ଗି ଯାଇଥିଲା। ମାଟି କାନ୍ଥ ପଡିଯିବାରୁ ଅରକ୍ଷିତଙ୍କ ସ୍ତ୍ରୀ ବେଲମତି ସାହୁ (୪୫) ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ରାସ୍ତା କାଦୁଅ ଓ ଖାଲଖମା ଯୋଗୁ ଆମ୍ବୁଲାନ୍ସ ଗ୍ରାମ ନିକଟରୁ ୧କିଲୋମିଟର ଦୂର ଗଦଗଦି ନିକଟରେ ଅଟକି ରହିଥିଲା। ପରେ ପରିବାର ଲୋକେ ସମ୍ପର୍କୀୟଙ୍କ ସହାୟତାରେ ଏକ ଖଟିଆରେ ବେଲମତିଙ୍କୁ ୧କିଲୋମିଟର ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ । ବାଟରେ ଏକ ବନ୍ୟା ପାଣି ଭରା ନାଳ ମଧ୍ୟ ପାରି ହେବାକୁ ପଡିଥିଲା । ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପରେ ମହିଳାଙ୍କୁ କଣ୍ଟାମାଳ ଡାକ୍ତରଖାନା ନିଆଯାଇଥିଲା। ସରକାର ରାସ୍ତାଘାଟ ସହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଅବହେଳା ଯୋଗୁ ଉପାନ୍ତ ଅଞ୍ଚଳରେ ଲୋକେ ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଫଳରେ ବର୍ଷା ଦିନ ଆସିଲେ ଲୋକଙ୍କ ଦୁର୍ଦ୍ଦଶାର ସୀମା ରହୁନାହିଁ । ଉପରୋକ୍ତ ପଞ୍ଚାୟତକୁ ଯାଇଥିବା ରାସ୍ତା ପିଚୁ କରିବା ପାଇଁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।


ମହିଳାଙ୍କୁ ଖଟିଆରେ ବୋହି ନିଆଯାଉଛି।

## ଗାଁକୁ ଗାଁ ବୁଲି ବୈଠକ କରିବାକୁ ନିଷ୍ପତ୍ତି

ବୌଦ୍ଧ,୨୩।୮(ଅଜିତ କୁମାର ବାରିକ)

**ବିଜେଡିର ଜନ ଜାଗରଣ ସଭା**

ଶୁକ୍ରବାର ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ମହାଲିକପଡା କଲ୍ୟାଣମଣ୍ଡପ ଠାରେ ଦେବରାଜ ସାହୁଙ୍କ ସଭାପତିତ୍ୱରେ ବିଜେଡିର ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ସରପଞ୍ଚ ମାମୁନି ବାଘ, ରଜତ ଦାସ, ଅମର ପ୍ରଧାନ, ଅର୍ଜୁନ ସାହୁ , ପ୍ରଦୀପ କୁମାର ସାହୁ, ସୁଧୀର ସାମଲ, ବିରୁପାକ୍ଷ ପ୍ରଧାନ, ଘାସିରାମ ରଣା, ପ୍ରକାଶ ରଣା, ଶୈଳେନ୍ଦ୍ର ସାହୁ ଉଦବୋଧନ ଦେଇଥିଲେ । ସମ୍ପ୍ରତି ଡବଲ ଇଞ୍ଜିନ ସରକାର ନିର୍ବାଚନ ପ୍ରତଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ଏଣୁ ରାଜ୍ୟ ସରକାର ବିରୋଧରେ ବ୍ୟାପକ ଜନ ଜାଗରଣ ସୃଷ୍ଟି ଉଦ୍ଦେଶ୍ୟରେ ଗାଁକୁ ଗାଁ ବୁଲି ବୈଠକ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମ୍ପ୍ରତି ସମାଜର ଅବହେଳିତ, ଦଳିତ ଆଦିବାସୀ ପଛୁଆ ବର୍ଗଙ୍କ ଠାରୁ ସରଂକ୍ଷଣ ପ୍ରତ୍ୟାହାର ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିବା ବେଳେ ଏଥିରୁ ନିବୃତ୍ତ ରହିବା ପାଇଁ ନେତୃବୃନ୍ଦ ଚେତାବନୀ ଦେଇଥିଲେ। ସଭା ପରେ ସମସ୍ତ ନେତୃବୃନ୍ଦ ଡବଲ ଇଞ୍ଜିନ ସରକାରର ବିଫଳତା ନେଇ କ୍ଷୋଭ ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କୁଶ ପୁତ୍ତଳିକା ଗାଁ ମଝିରେ ଦାହ କରିଥିଲେ। ଅଭୟ ଜୟନ୍ତ ସାହୁ, ବାବୁଲ ମାଝୀ, ଗଜେନ୍ଦ୍ର ମାଝୀ, ପବିତ୍ର ବେହେରା, ସମ୍ବିତ ଖେତି, ନିର୍ଭୟ ଗୁରୁ , ପ୍ରଦୀପ ଗୁରୁ ପ୍ରମୁଖଙ୍କ ନେତୃତ୍ୱରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ସଭାରେ ଯୋଗ ଦେଇଥିଲେ।

## ଆଜବେଷ୍ଟସ ଭାଙ୍ଗି ପୂଜା ଭଣ୍ଡାରରୁ ଚୋରି

ଅମରପାଲି,୨୩।୮(ପୀତମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ତ୍ରିବେଣି ଛକ ନିକଟସ୍ଥ ପୂଜା ଭଣ୍ଡାରରୁ ଆଜବେଷ୍ଟସ ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ସହରର ଜନଗହଳିପୂର୍ଣ୍ଣ ତ୍ରିବେଣୀ ଛକ ନିକଟରେ ଥିବା ସତ୍ତ୍ୱେ କେହି ଦୁର୍ବୃତ୍ତ ବିଶ୍ୱାମିତ୍ର ପଧାନଙ୍କ ପୂଜା ଭଣ୍ଡାରର ଆଜବେଷ୍ଟ ଭାଙ୍ଗି ଦୋକାନ ଭିତରକୁ ପଶି ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି । ଗତ ରାତିରେ ସବୁ ଦିନ ଭଳି ବିଶ୍ୱାମିତ୍ର ଦୋକାନ ବନ୍ଦ କରି ଘରେ ଶୋଇଥିଲେ। ଶୁକ୍ରବାର ସକାଳୁ ବିଶ୍ୱାମିତ୍ର ଦୋକାନ ଖୋଲିବାକୁ ଆସି ଦୋକାନର ଅବସ୍ଥା ଦେଖି ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଗତ ଏକ ମାସ ମଧ୍ୟରେ ଉକ୍ତ ପୂଜା ଭଣ୍ଡାରରୁ ଦ୍ୱିତୀୟ ଥର ପାଇଁ ସମାନ ଅବସ୍ଥାରେ ଆଜବେଷ୍ଟସେ ଭାଙ୍ଗି ଚୋରି ହୋଇଛି। ମାତ୍ର ପୋଲିସେ ଚୋରକୁ ଗିରଫ କରିବାରେ ସଫଳ ହୋଇପାରି ନାହିଁ।

## କଠୋର ପରିଶ୍ରମର ବିକଳ୍ପ ନାହିଁ

ଅମରପାଲି,୨୩।୮(ପୀତାମ୍ବର ସାହୁ)

**ବୀରମହାରାଜପୁର ମହାବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ**

କଠୋର ପରିଶ୍ରମର ବିକଳ୍ପ ନାହିଁ। ଆଜିର ସମୟରେ ପ୍ରତ୍ୟେକ ଛାତ୍ରୀଛାତ୍ର କମ୍ପ୍ୟୁଟର ଶିଖିବା ନିତାନ୍ତ ଆବଶ୍ୟକ। କମ୍ପ୍ୟୁଟର ଶିକ୍ଷା ବିନା ଛାତ୍ର ଜୀବନ ଅଧୁରା ରହିଯିବ। କଠୋର ପରିଶ୍ରମ କଲେ ଜୀବନରେ ସଫଳତା ନିଶ୍ଚୟ ମିଳିବ ବୋଲି ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ ଓ ସ୍ଥାନୀୟ ଦନ୍ତାପାଲି ସ୍ଥିତ ନାଇସେଟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବୀରମହାରାଜପୁର ମହାବିଦ୍ୟାଳୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢୀ ଅଧ୍ୟକ୍ଷତା କରିଥିବା ବେଳେ ପରିଚାଳନା ସମିତିର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟଅତିଥି ଓ ଇଂରାଜୀ ବିଭାଗର ମୁଖ୍ୟ ପ୍ରଧାପିକା ଗୀତାଞ୍ଜଳୀ ପୂଝାରୀ, ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ନରେନ୍ଦ୍ର ଝା ଓ ନାଇସେଟର ପରିଚାଳନା ନିର୍ଦ୍ଦେଶକ ଅନନ୍ତ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଇତିହାସ ଅଧ୍ୟାପିକା ଡ. ବନ୍ଦିତା ବିଶ୍ୱାଳ ସଭା ସଂଯୋଜନା କରିବା ସହିତ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁକ୍ତତିନି ବିଭାଗରେ ଝୁନୁ ସାହୁ ଓ କୁନା ମେହେର ଯୁଗ୍ମ ଭାବେ ପ୍ରଥମ, ଆରତି ବାରିକ ଦ୍ୱିତୀୟ ଓ ପ୍ରଜ୍ଞାସ୍ମିତା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରି ଥିବାବେଳେ ଯୁକ୍ତଦୁଇ ବିଭାଗରେ ବିଶ୍ୱରୂପା ସାହୁ ଓ ସୁବ୍ରତ ମେଣ୍ଡିଲି ଯୁଗ୍ମ ଭାବେ ପ୍ରଥମ, ମାନସ ରଞ୍ଜନ ରଥ ଓ ସଞ୍ଜନା ମହାକୁର ଯୁଗ୍ମ ଭାବେ ଦ୍ୱିତୀୟ ଓ ରାସେଶ୍ୱରୀ ପଧାନ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ଅନୁଷ୍ଠିତ ଏହି ସଭାରେ ଅଧ୍ୟାପିକା,ଅଧ୍ୟାପକ, ଅଣଶିକ୍ଷା କର୍ମଚାରୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବରୁଣ କଲତା, ଶ୍ରୀରାମ ଦେହେରୀ, ବିକାକର ଭୋଇ, କଳାକାହ୍ନୁ ପଧାନ ପ୍ରମୁଖ ସହଯୋଗ କରିଥିଲେ।


କୃତୀ ଛାତ୍ରୀଛାତ୍ରମାନଙ୍କ ସହିତ ଅତିଥିମାନେ।

## ଗରିବଙ୍କୁ ମିଳୁନି ଆବାସ ଯୋଜନାରେ ପକ୍କାଘର

ଅମରପାଲି,୨୩।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି। ବ୍ଲକର ଖଣ୍ଡହତା ପଞ୍ଚାୟତର ଅଡାଳ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଏକ ଚିତ୍ର। ଉକ୍ତ ଗ୍ରାମର ଲକ୍ଷ୍ମଣ ଭୋଇ(୬୪) ନାମକ ଜଣେ ବ୍ୟକ୍ତିଙ୍କୁ ଏଯାଏ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ରେ ସାମିଲ କରାଯାଇ ନାହିଁ। ଏବେ ସେ ଏକ ଭଙ୍ଗା ମାଟିଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି।

ଦୁଇ ଝିଅଙ୍କ ବିବାହ ପରେ ଲକ୍ଷ୍ମଣ ସ୍ତ୍ରୀ ପ୍ରେମ ଭୋଇ (୬୧)ଙ୍କ ସହ ଅଡାଳ ଗାଁରେ ରହୁଛନ୍ତି। ଚାଷ ଜମି କହିଲେ ମାତ୍ର ଦେଢ଼ ଏକର। ଯାହା ଉପାର୍ଜନ ହେଉଛି ସେଥିରୁ ଦୁଇଓଳି ଚୂଲି ଜଳିବା କଷ୍ଟକର। ଏହି ପରିସ୍ଥିତିରେ ପକ୍କା ଘରଟିଏ କରିବା ତାଙ୍କ ପକ୍ଷରେ ସମ୍ଭବ ହେଉନି। ନଡ଼ା ଛପର ଭଙ୍ଗା ଘରେ ଭୋଇ ଦମ୍ପତି ରହୁଛନ୍ତି। ବର୍ଷା ହେଲେ ଘରେ ପାଣି ଜମୁଛି। ସରକାର ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ବେଳେ ସେ ମଧ୍ୟ ଆବାସ ଯୋଜନାରୁ ଘର ଖଣ୍ଡେ ପାଇବା ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ


ଭଙ୍ଗାମାଟି ଘର ସମ୍ମୁଖରେ ସ୍ତ୍ରୀଙ୍କ ସହ ଲକ୍ଷ୍ମଣ ଭୋଇ।

**ଭଙ୍ଗାଘରେ ରହୁଛନ୍ତି ଲକ୍ଷ୍ମଣଙ୍କ ପରିବାର**

ପର୍ଯ୍ୟନ୍ତ ଗୁହାରି କରିଛନ୍ତି। ତାଙ୍କୁ ପ୍ରତିଶ୍ରୃତି କେବଳ ମିଳିଛି ମାତ୍ର ଘର ମିଳି ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ ହେବା ପାଇଁ ଯେଉଁ ସବୁ ମାପଦଣ୍ଡ ଆବଶ୍ୟକ ତାହା ତାଙ୍କର ଅଛି । ତାଙ୍କର ବିପିଏଲ କାର୍ଡ, ରାଶନ କାର୍ଡ ଅଛି। ଉଭୟେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ମାତ୍ର ତାଙ୍କୁ କାହିଁକି ଆବାସ ଯୋଜନାରେ ସାମିଲ କରାଯାଉ ନାହିଁ ତାଙ୍କୁ କେହି ସ୍ପଷ୍ଟଭାବେ ଜଣାଉ ନାହାନ୍ତି। ଲକ୍ଷ୍ମଣ ପକ୍କାଘର ପାଇଁ ବୀରମହାରାଜପୁର ବ୍ଲକ ସଭାଗୃହରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବାକୁ ଯାଇଥିଲେ। ମାତ୍ର ଫାଟକ ପାଖରୁ ଜଣେ ବ୍ଲକର କର୍ମଚାରୀ ଏଥର ତୁମର ନାମ ଆବାସ ଯୋଜନାରେ ଯୋଡାଯିବ କହି ଫେରାଇ ଦେଇଥିଲେ। ତେବେ ପ୍ରଶାସନ ଗରିବ ଲକ୍ଷ୍ମଣ ଭୋଇଙ୍କୁ ଯଥାଶୀଘ୍ର ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଖଣ୍ଡହତା ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ନନ୍ଦଙ୍କୁ ପଚାରିବାରୁ ତାଲିକାରେ ଯଦି ନାମ ଥିବ ତେବେ ଲକ୍ଷ୍ମଣଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି। ତାଲିକାରେ ନାମ ନ ଥିଲେ ତାଙ୍କୁ ତାଲିକାରେ ସାମିଲ କରାଯିବାର ବ୍ୟବସ୍ଥା କରି ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ବରପାଲିରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ବରପାଲି, ୨୩।୮ (ଚିତ୍ତରଞ୍ଜନ ସାହୁ):** ବରପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଓ ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର ସାହୁ ଯୋଗଦେଇଥିଲେ। ବିଆରସି ଦୁର୍ଯ୍ୟୋଧନ ସିଂଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରସିସି ଓ ବିଆରସି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ସୋହନ ପଧାନ ସଭା ସଂଯୋଜନା କରିଥିଲେ। ଏହି ସମାରୋହରେ ବ୍ଲକର ୪୦୦ ଛାତ୍ରୀଛାତ୍ର ଓ ୨୦୦ ଗାଇଡ ଶିକ୍ଷକ ଯୋଗଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା ଅଭାବ: ଆଗେଇପାରୁନି ଚାଷକାମ

**ବଡ଼ଗାଁ, ୨୩।୮ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଆବଶ୍ୟକ ମୁତାବକ ବର୍ଷା ନ ହେବାରୁ ଚାଷ କାମ ଆଗେଇ ପାରୁନାହିଁ। କେବଳ ବାହାଲ କିସମ ଜମିରେ କିଛି ପରିମାଣର ଚାଷ ଆଗେଇଛି। ବିଶେଷ କରି ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ପଞ୍ଚାୟତରେ ଚାଷକାମ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ବାଧାପ୍ରାପ୍ତ ହୋଇଛି। କୃଷକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ପଞ୍ଚାୟତର ଅଧିକାଂଶ ଜମି ମାଳ କିସମ ଓ ବାଲିଆ ହୋଇଥିବାରୁ ଭଲ ବର୍ଷା ନ ହେଲେ ଚାଷ ହୋଇ ପାରି ନ ଥାଏ। ଚଳିତବର୍ଷ ଆବଶ୍ୟକଠାରୁ ଅତି କମ୍ ବର୍ଷା ଚାଷୀଙ୍କ ହାତ ବାନ୍ଧି ଦେଇଛି। ଗୋଟିଏ ପଟେ ବର୍ଷା ଅଭାବରୁ ବିଳମ୍ବରେ ଚାଷ କାମ ଆରମ୍ଭ ହୋଇଥିଲା। ଅନ୍ୟପଟେ ଏ ଯାଏ ଭଲ ବର୍ଷା ହୋଇନାହିଁ। ଫଳରେ ରୁଆ ଓ ବେଉଷଣ କାମ ହୋଇପାରୁନାହିଁ। ହାତ ବାନ୍ଧି ବସିଥିବା ଜରଙ୍ଗଲୋଇ ପଞ୍ଚାୟତର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଚଳିତବର୍ଷର ଧାନ ଚାଷ ଆଉ ହେବ ସେ ଆଶା ଛାଡ଼ି ଦେଇଥିବା ପଞ୍ଚାୟତ ଅଞ୍ଚଳର ଚାଷୀ ଶୁକ୍ରବାର ବଡ଼ଗାଁ ବ୍ଲକ କୃଷି ଅଧିକାରୀ ରିତୁ ରାଣୀ କାଲୋଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଚାଷୀମାନେ କୃଷି ଅଧିକାରୀଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ପଞ୍ଚାୟତ ଅଧୀନ ସମସ୍ତ ଗ୍ରାମରେ ବର୍ଷା ଅଭାବରୁ ଚାଷ କାମ ଆଗେଇ ପାରୁନାହିଁ। ବିଶେଷକରି ବେର୍ଣ୍ଣାର ଓ ମାଳ କିସମ ଜମିରେ ଚାଷ ହୋଇପାରୁନାହିଁ। ଚାଷ ପାଇଁ ପକାଯାଇଥିବା ତଳି ଲାଲ ହୋଇ ୨ମାସ ବିତିଗଲାଣି। ତେଣୁ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ମରୁଡି ସହାୟତା ଘୋଷଣା କରିବାକୁ ପ୍ରମୋଦ ସଏ, ସୁରେଶ ସାହୁ, ମେଘନାଦ ସାହୁ, କୁଳମଣି ପଟେଲ, ସରୋଜ ନାଏକ, ବେଣୁଧର ସାହୁ, ଦଶରଥ ସାହୁ, ରାମେଶ୍ୱର ଦାସ, ଭେଷଜ ନାଏକ, ମହେନ୍ଦ୍ର ରୋହିଦାସ, ଭବାନୀ ରିହିଦାସ, ଉମ୍ବରୁଧର ସାହୁ, କ୍ଷିରୋଦ ଡନ୍ସନା, ରମେଶ କେର୍କେଟାଙ୍କ ସହିତ ୬୦ରୁ ଉର୍ଦ୍ଧ୍ୱ ଚାଷୀ କୃଷି ଅଧିକାରୀଙ୍କୁ ଜଣାଇଛନ୍ତି।



ବଡ଼ଗାଁ ବ୍ଲକ କୃଷି ଅଧିକାରୀଙ୍କୁ ଜରଙ୍ଗଲୋଇ ପଞ୍ଚାୟତର ଚାଷୀମାନେ ଲିଖିତ ଜଣାଉଛନ୍ତି।

**କୃଷି ଅଧିକାରୀଙ୍କୁ ଜଣାଇଲେ ଗ୍ରାମବାସୀ**

## ଜିଲା ପ୍ରଶାସନ ପକ୍ଷରୁ ଅମିତଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ଗହଣରେ ହକି ତାରକା ଅମିତ ରୋହିଦାସ।

**ସୁନ୍ଦରଗଡ଼, ୨୩।୮ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ହକି ତାରକା ତଥା ପ୍ୟାରିସ ଅଲିମ୍ପିକ୍ସର କାଂସ୍ୟ ପଦକ ବିଜେତା ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶୁକ୍ରବାର ସକାଳେ ରୋହିଦାସ ସର୍କିଟ ହାଉସ ପହଞ୍ଚିବା ପରେ ସେଠାରେ ଜିଲାପାଳ ମନୋଜ ମହାଜନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ଅଭିନନ୍ଦନ ଜ୍ଞାପନ କରିଥିଲେ। ପରେ ସହର ମଧ୍ୟରେ ଏକ ରଙ୍ଗାରଙ୍ଗ ରୋଡ ଶୋ ଅନୁଷ୍ଠିତ ହୋଇଥିଲା। ଏହି ରୋଡ ଶୋ ସର୍କିଟ ହାଉସରୁ ଡିଆର୍‌ଡିଏ ଛକ, ବ୍ୟାଙ୍କ ଛକ, ମ୍ୟୁନିସପାଲିଟି ଛକ ଦେଇ ସହର ପରିକ୍ରମା ପରେ ବିକାଶ ଭବନ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ପାରମ୍ପରିକ ଆଦିବାସୀ ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିକାଶ ଭବନ ଠାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଜିଲାପାଳ ମନୋଜ ମହାଜନ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅଭିମନ୍ୟୁ ମାଝୀ, ଜିଲା ପରିଷ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ଜିଲା କ୍ରୀଡ଼ା ଅଧିକାରୀ ବିଶ କେସନ ପାଣ୍ଡେ, ରୋହିଦାସଙ୍କ କୋଚ ବିଜୟ ଲାକ୍ରା, ବରିଷ୍ଠ କୋଚ ତେଜ ଖେସ, ସ୍ପୋର୍ଟସ ହଷ୍ଟେଲର ସମସ୍ତ କୋଚ ଏବଂ ଛାତ୍ରୀଛାତ୍ର ତଥା କ୍ରୀଡ଼ା ପ୍ରେମୀ, ଜିଲା କ୍ରୀଡ଼ା ସଂସଦ, ଜିଲା ହକି ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ମହାଜନ ରୋହିଦାସଙ୍କ ବାଲ୍ୟ କାଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ଜୀବନୀ ସମସ୍ତ ଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟକ ବୋଲି କହିଥିଲେ। ଏହି ଅବସରରେ ରୋହିଦାସ ଛୋଟ ବେଳେ କିଭଳି ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜ ଲକ୍ଷ୍ୟ ସାଧନ ନିମନ୍ତେ ଆଗେଇ ଆସିଥିଲେ ସେହି ଉପରେ ନିଜର ଅଭିଜ୍ଞତା ବଖାଣି ଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ସମୟାନୁବର୍ତ୍ତିତା ହେବାକୁ ଉପଦେଶ ଦେବା ସହିତ ଜୀବନର ସମସ୍ତ ବାଧା ବିଘ୍ନକୁ ଖାତିର ନ କରି ନିଜ ନିଜର ଲକ୍ଷ୍ୟ ହାସଲ ପାଇଁ ସର୍ବଦା ତତ୍ପର ରହିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସ୍ୱାଗତିକା ପଣ୍ଡା ପରିଚାଳନା କରିଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଆଇଟିରେ ପ୍ରଥମ ଜାତୀୟ ମହାକାଶ ଦିବସ ପାଳିତ

**ରାଉରକେଲା, ୨୩।୮ (ସଙ୍ଗୀତା ଜେନା)**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାରେ ପ୍ରଥମ ଜାତୀୟ ମହାକାଶ ଦିବସ ପାଳିତ ହୋଇଛି। ଶୁକ୍ରବାର ଏନ୍‌ଆଇଟି ପରିସରରେ ଥିବା ଭୁବନେଶ୍ୱର ବେହେରା ଅଡିଟୋରିୟମ୍‌ଠାରେ ଭାରତର ମହାକାଶ କାହାଣୀ ସମ୍ବନ୍ଧୀୟ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦାର୍ଥ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଭାଗର ପ୍ରଫେସର ଡା. ଅନନ୍ତ ଚରଣ ପ୍ରଧାନ, ପୃଥିବୀ, ବାୟୁମଣ୍ଡଳ ବିଜ୍ଞାନ ବିଭାଗର ପ୍ରଫେସର ଡା. ନରେଶ କୃଷ୍ଣ ଭିସା, ଏନ୍‌ଆଇଟି ରାଉରକେଲା ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ କ୍ଲବ ଆଷ୍ଟ୍ରୋଏନ୍‌ଆଇଟି ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପ୍ରାୟ ୨ଶହ ଛାତ୍ରୀଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଅଭୟ ପ୍ରତାପ ଯାଦବଙ୍କ ସଂଯୋଜନାରେ ବାଙ୍ଗାଲୋର ଭାରତୀୟ ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନର ସମ୍ମାନିତ ପ୍ରଫେସର ଜୟନ୍ତ ମୂର୍ତ୍ତି ଉଦ୍‌ଘାଟକ ଭାବେ ଯୋଗଦେଇ ଭାରତର ଚନ୍ଦ୍ରୟାନ, ମିଶନର ମହତ୍ତ୍ୱ ବର୍ଣ୍ଣନା ସହିତ ଆକାଶଗଙ୍ଗା, ବ୍ଲାକହୋଲ୍, ଡାର୍କମ୍ୟାଟର ସମେତ ଶିକ୍ଷଣୀୟ ସମୀକ୍ଷା ପ୍ରଦାନ କରିଥିଲେ। ଏହାପରେ ଅଂଶଗ୍ରହଣକାରୀମାନେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ର ଜାତୀୟ ମହାକାଶ ଦିବସ ପାଳନର ଲାଇଭ୍ ଷ୍ଟ୍ରିମିଂ ଦେଖିଥିଲେ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ପୂର୍ବରୁ ଏହି ଦିବସ ଉପଲକ୍ଷେ ଏନ୍‌ଆଇଟିରେ ଆୟୋଜିତ କୁଇଜ, ଚିତ୍ରାଙ୍କନ, ପୋଷ୍ଟର ତିଆରି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏନ୍‌ଆଇଟିର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ସ୍ନେହାଶିଷ ଚକ୍ରବର୍ତ୍ତୀ, ଜ୍ୟୋତିପ୍ରକାଶ କର, ଡିଏନ୍ ଷ୍ଟୁଡେଣ୍ଟ ରାଜୀବ ପଣ୍ଡା ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ପରେ ଇସ୍ରୋର ସ୍ପେସ୍ ମିଶନ ଉପରେ ଆଧାରିତ ଡକୁମେଣ୍ଟାରୀ ପ୍ରଦର୍ଶନୀ ହୋଇଥିଲା।





ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଜାତୀୟ ମହାକାଶ ଦିବସ

**କୁତ୍ରା, ୨୩।୮ (ଦେବାଶିଷ ସାହୁ)**

କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ମହାକାଶ ତଥା ଚନ୍ଦ୍ରାୟାନ ୩ର ସଫଳ ଉପରେ ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ ଓ ଜଣାଅଜଣା ପ୍ରତିଯୋଗିତା ଅନୁଷ୍ଠିତ କରାଯିବା ସହିତ ବିଜ୍ଞାନ ବିଭାଗ ମୁଖ୍ୟ ଦୀପିକା କେର୍କେଟାଙ୍କ ମାର୍ଗଦର୍ଶନରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ସହ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ଯୋଗଦେଇ ବିଜ୍ଞାନ ବିନା ଗତି ନାହିଁ ତା ବିନା କୌଣସି କାର୍ଯ୍ୟ କରିବା ଅସମ୍ଭବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଧୃତିସୁନ୍ଦର ସାହୁ, ଜସ୍ମିନ ମିଞ୍ଜ, କାହ୍ନା ସେଠ, ସୃତିସ୍ୱରୁପ ଦାସ, ସେରୋଫିନା ଏକ୍କା ଯୋଗଦେଇ ମହାକାଶ ବିଜ୍ଞାନ ଓ ଚନ୍ଦ୍ରୟାନ ୩ର ଗୌରବ ଗାଥା ଗାନ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ବିଭାଗ ମୁଖ୍ୟ ଦୀପିକା କେର୍କେଟା ପରିଚାଳନା କରିଥିବା ବେଳେ ରୀତା କଣ୍ଡା,ନମିତା କୁଲୁ ପ୍ରମୁଖ ସହଯୋଗ କରିଥିଲେ । ଲିପିକା କାଲୋ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପଞ୍ଚାୟତ ସମିତି କଲେଜରେ ଅମିତ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା





ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

**ବାଲିଶଙ୍କରା, ୨୩।୮ ( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ପଞ୍ଚାୟତ ସମିତି ଯୁକ୍ତ ୨ କଲେଜ ପରିସରରେ ଭାରତୀୟ ହକି ଖେଳାଳି ଅମିତ୍ ରୋହିଦାସଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଛାତ୍ରୀଛାତ୍ର ଅମିତ୍‌ଙ୍କୁ ସଭାସ୍ଥଳକୁ ପାଛୋଟି ଆଣିଥିଲେ। କଲେଜ ଅଧ୍ୟକ୍ଷ କୁଳମଣି ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା, ଅଧ୍ୟାପକଙ୍କ ସହିତ ଛାତ୍ରୀଛାତ୍ରମାନେ ମିଶି ଅମିତ୍‌ଙ୍କୁ ଫୁଲତୋଡ଼ା ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ମୁଖ୍ୟ ଅତିଥିଭାବେ ଅମିତ୍ ଉଦ୍‌ବୋଧନ ଦେଇ କହିଥିଲେ, କୌଣସି କାର୍ଯ୍ୟରେ ଧୈର୍ଯ୍ୟ ନ ହରାଇ ନିଜ ଜୀବନରେ କିଛି କରି ଦେଖାଇବାର ଲକ୍ଷ୍ୟ ନେଇ କାର୍ଯ୍ୟ କଲେ ନିଶ୍ଚୟ ଏଥିରେ ସୁଫଳ ମିଳିବ। ଏଥିରେ ସନ୍ଦେହ ନାହିଁ। କାହିଁକି ନା ମୋର ଅଭାବ ଅନଟନ ଥାଇ ମଧ୍ୟ ମୁଁ ମୋର ଲକ୍ଷ୍ୟ ବଳରେ ଆଜି ଏପର୍ଯ୍ୟନ୍ତ ପହଞ୍ଚିପାରିଛି ବୋଲି ଉଦାହରଣ ଦେଇ ଛାତ୍ରୀଛାତ୍ରଙ୍କୁ କହିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଯୁଗେଶ୍ୱର ସାହୁ, ଶୋଭା ସା, ଦୀପ୍ତିମୟୀ ବେହେରା, ତନୟା ପଟେଲ, ଅଶ୍ୱିନୀ ସୋରେଙ୍ଗ, ପ୍ରଶାନ୍ତ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶୋଭା ସା ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲଷ୍ଟର କରାଟେ ପ୍ରତିଯୋଗିତାରେ ଟେନ୍‌ସା ଛାତ୍ରୀଙ୍କ ୨ ସ୍ୱର୍ଣ୍ଣ, ୧ ରୌପ୍ୟ

**ଟେନ୍‌ସା, ୨୩।୮ (ସମୀର କୁମାର ପାଢ଼ୀ)**

ବ୍ରଜରାଜନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଡିଏଭି କ୍ଲଷ୍ଟର ମିଟ୍-୨୦୨୪ ଅନ୍ତର୍ଗତ କରାଟେ ପ୍ରତିଯୋଗିତା ଗତ ୨୨ରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ଟେନ୍‌ସା ଡିଏଭି ପବ୍ଲିକ ସ୍କୁଲର ୩ ଜଣ ଛାତ୍ରୀ ଭାଗ ନେଇଥିଲେ। ଶୁଭଶ୍ରୀ ଶୁଭ୍ରଜ୍ୟୋତି ନାଥ ଓ ସାଇ ଶ୍ରୀଷ୍ଟି ରଣା ନିଜ ନିଜ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରାଧାରାଣୀ କର ତାଙ୍କ ନିଜ ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ୧ଟି ରୌପ୍ୟ ପଦକ ହାସଲ ସହ ନିଜ ସ୍କୁଲ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏଥିସହିତ ଏହି ସମସ୍ତ ଛାତ୍ରୀ ଆଗାମୀ ଅନୁଷ୍ଠିତ ହେବାକୁ ଥିବା ଡିଏଭି ରାଜ୍ୟ ସ୍ତରୀୟ ଆଞ୍ଚଳିକ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ଛାତ୍ରୀଙ୍କ ଏହି ସଫଳତା ପାଇଁ ସ୍କୁଲ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ପ୍ରକାଶ ଯେ, ଏହି ସମସ୍ତ ଛାତ୍ରୀ ଉତ୍କଳ କରାଟେ ସ୍କୁଲ ଟେନ୍‌ସା ଶାଖାର ପ୍ରଶିକ୍ଷକ ତଥା ଜାତୀୟ କରାଟେ ବିଚାରକ ସେନସାଇ ରଞ୍ଜନ ପାତ୍ରଙ୍କ ନିକଟରୁ କରାଟେ ଶିକ୍ଷା ଲାଭ କରୁଛନ୍ତି । ଛାତ୍ରୀଙ୍କ ଏହି ସଫଳତା ପାଇଁ ଉତ୍କଳ କରାଟେ ସ୍କୁଲ ରାଉରକେଲାର ମୁଖ୍ୟ ପ୍ରଶିକ୍ଷକ ତଥା ସ୍ୱୀକୃତି ପ୍ରାପ୍ତ ଏସୀୟ କରାଟେ ପ୍ରଶିକ୍ଷକ ଏବଂ ବିଚାରକ ସେନସାଇ ରାଜୀବ କୁମାର ସିଂ ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।



କରାଟେ ପ୍ରତିଯୋଗିତାରେ କୃତୀ ଛାତ୍ରୀ।

## କାର୍‌କୁ ୧୦୦ ମିଟର ଘୋଷାଡ଼ି ନେଲା ଟ୍ରକ

**ବର୍ତ୍ତିଲେ ପରିବାର, ମଦ୍ୟପାନ କରିଥିବା ସ୍ୱୀକାର କଲା ଡ୍ରାଇଭର**

**ବଡ଼ଗାଁ, ୨୩।୮ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ବସଷ୍ଟାଣ୍ଡ ନିକଟରେ ଶୁକ୍ରବାର ଅପରାହ୍ଣରେ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ କାର ପଛପଟେ ଧକ୍କା ଦେଇ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। କାରରେ ଥିବା କୁଚିଣ୍ଡା ନିକଟ କୁଳମଣି ଜୟପୁରିଆ, ତାଙ୍କ ପତ୍ନୀ ପ୍ରତିଭା, ଶଳା ଡୋଲାମଣୀ ପାଞ୍ଜାଲୀ, ଶଳାଙ୍କ ସ୍ତ୍ରୀ ରେଣୁ ପାଞ୍ଜାଲୀ, ତାଙ୍କର ୫ବର୍ଷର ପୁଅ ତେଜସ ଓ ୩ ମାସର ପୁଅ ତନିସ, କୁଳମଣିଙ୍କ ଶ୍ୱଶୁର ଜରଙ୍ଗଲୋଇ ଗ୍ରାମର ଲବ ମହାନନ୍ଦିଆ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ମହାନନ୍ଦିଆ ଅଳ୍ପକେ ବର୍ତ୍ତି ଯାଇଛନ୍ତି। କୁଳମଣି ପରିବାର ଲୋକଙ୍କ ସହିତ ରାଉରକେଲାକୁ ଚିକିତ୍ସା ପାଇଁ ଯାଇ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ପାଟିକରି ଟ୍ରକ୍ ଡ୍ରାଇଭରଙ୍କୁ ଗାଡ଼ି ରୋକିବା ପାଇଁ କହିଥିଲେ ମଧ୍ୟ ସେ ନ ଶୁଣି ବସ୍‌ଷ୍ଟାଣ୍ଡଠାରୁ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲେ। ଡ୍ରାଇଭର ହେଲେ ଝାଡ଼ଖଣ୍ଡ ରାଜ୍ୟ ଲୋରେଗା ଜିଲା ବଡ଼ଗାଁଓର ସୁହନ ମହାଲିକ। ଡ୍ରାଇଭରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ରାତି ଅନିଦ୍ରା ଥିବା ଓ ମଦ୍ୟପାନ କରିଥିବା ସ୍ୱୀକାର କରିଛନ୍ତି।

## ଶୌଚାଳୟ ଅଛି, ବ୍ୟବହାରରେ ଆସୁନି

**ହେମଗିର, ୨୩।୮ (ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ବସ୍‌ଷ୍ଟାଣ୍ଡଠାରେ ଜିଲା ଖଣିଜ ପଦାର୍ଥ ପାଣ୍ଠିରୁ ନିର୍ମିତ ଶୌଚାଳୟ ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ବସ୍ ଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ହେମଗିର ସାପ୍ତାହିକ ବଜାର ସମ୍ମୁଖରେ ଥିବା ଶୌଚାଳୟର ରକ୍ଷଣାବେକ୍ଷଣ ଅଭାବରୁ ଲୋକଙ୍କ ବ୍ୟବହାରରେ ଆସିପାରୁନି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ସରକାରୀ ମହାବିଦ୍ୟାଳୟରେ ଜାତୀୟ ମହାକାଶ ଦିବସ

**ସୁନ୍ଦରଗଡ, ୨୩।୮ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ମହାବିଦ୍ୟାଳୟ ବିଜ୍ଞାନ ପରିଷଦ ଆନୁକୂଲ୍ୟରେ ପ୍ରଥମ ଜାତୀୟ ମହାକାଶ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ପରିଷଦର ଅଧିକାରୀ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଦୀପକ କୁମାର ରାଉତ ସ୍ୱାଗତ ଅଭିଭଷଣ ପ୍ରଦାନ କରିଥିଲେ। ଗଣିତ ବିଭାଗ ମୁଖ୍ୟ ପ୍ରଫେସର ଆଲୋକ କୁମାର ନାଏକ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଭାଗର ମୁଖ୍ୟ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ଯୋଗଦେଇ ମହାକାଶ ଗବେଷଣାରେ ଇସ୍ରୋର ଭୂମିକା, ଚନ୍ଦ୍ରଯାନ-୩ର ସଫଳତାର କାହାଣୀ ସହ ମହାକାଶ ସମ୍ପର୍କିତ ଗବେଷଣା କାହିଁକି ଜରୁରୀ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରସାୟନିକ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରଦୀପ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ଶିବାନୀ ସିଂହ କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।





କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# ଫୁଟବଲ ପ୍ରତିଯୋଗିତା ଉଦଯାପିତ

**ଲହୁଣୀପଡ଼ା, ୨୩।୮ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା କୁଡେଇକଳା ପଞ୍ଚାୟତ ଚାନ୍ଦିଲ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଏବଂ ଗମଲେଇ ଖେଳ ପଡିଆଠାରେ ଚାଲିଥିବା ୨ଦିନିଆ ୬୯ତମ ଜିଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆରଡିଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା କିଷାନ, ସମ୍ମାନିତ ଅତିଥିଭାବେ ଗୁରୁଣ୍ଡିଆ ବିଇଓ ରବୀନ୍ଦ୍ର କୁମାର ମାଝୀ ଯୋଗଦେଇଥିବା ବେଳେ ବଣେଇ ବିଇଓ ସୁନୀଲ କୁମାର ମୁଣ୍ଡୁ ଅଧ୍ୟକ୍ଷତା କରିଥିଲେ। ଚାନ୍ଦିଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗେଶ୍ୱର ପ୍ରଧାନ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଖେଳ ଶିକ୍ଷକ ପ୍ରଫୁଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠିତ ୨ଦିନିଆ ୧୭ ବର୍ଷରୁ କମ ବାଳିକା ବାଳକ ଫୁଟବଲ ପ୍ରତିଯୋଗିତାରେ ସମଗ୍ର ଜିଲାରୁ ବାଳକ ବିଭାଗରେ ୧୭ଟି ଓ ବାଳିକା ବିଭାଗରେ ୧୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ବଡ଼ଗାଁ ବ୍ଲକକୁ ହରାଇ ଲହୁଣୀପଡ଼ା ବ୍ଲକ ଦଳ ଚମ୍ପିୟାନ ହୋଇଥିଲା। ବାଳିକା ବିଭାଗରେ କୁଆଁରମୁଣ୍ଡା ଦଳକୁ ହରାଇ ସୁନ୍ଦରଗଡ ସଦର ଦଳ ଚମ୍ପିୟାନ ହୋଇଥିଲା। ଉଭୟ ଦଳର ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭାଶେଷରେ ଗମଲେଇ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ୨ଦିନିଆ ଫୁଟବଲ ପ୍ରତିଯୋଗିତା ବହୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।



**ବାଳିକାରେ ସୁନ୍ଦରଗଡ଼ ସଦର ଦଳ, ବାଳକରେ ଲହୁଣୀପଡ଼ା ବ୍ଲକ ଚାମ୍ପିୟନ**

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କଲେ ହରି ଓଁ ଗୋଶାଳା କମିଟିର ପ୍ରତିନିଧି ଦଳ

ସମ୍ବଲପୁର,(ବି.ଶଙ୍କର): ହରି ଓଁ ଗୋଶାଳା କମିଟିର ପ୍ରତିନିଧି ଦଳ ଶୁକ୍ରବାର ବିଭିନ୍ନ ଦାବି ନେଇ ସମ୍ବଲପୁର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ହରି ଓଁ ଗୋଶାଳା କମିଟିର ପ୍ରତିନିଧି ଦଳ ଗୋଶାଳା ପାଇଁ ଆବଶ୍ୟକୀୟ ହେଉଥିବା ଅଧିକ ଜମି ଯୋଗାଇବାକୁ ମଧ ଅନୁରୋଧ କରାଯାଇଛି। ହରି ଓଁ ଗୋଶାଳା ସଭାପତି ମାଧବ ଡାଲମିଆ, ସମ୍ପାଦକ ସଞ୍ଜୟ ଅଗ୍ରୱାଲ, ସଭ୍ୟ ଗୋପାଳ ପନସାରି, ଅମିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ମାଛମରା କଟକଣାରୁ ପଶ୍ଚିମ ଓଡ଼ିଶା ବାଦ୍




ସମ୍ବଲପୁର,୨୩।୮ (ପ୍ରମୋଦ ବହିଦାର)

## ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅସନ୍ତୋଷ

■ ପ୍ରଜନନ ପାଇଁ ମାଛମାରୁ ନ ଥିବାରୁ ବେରୋଜଗାର ହେଉଛନ୍ତି ମତ୍ସ୍ୟଜୀବୀ

ରାଜ୍ୟରେ ମତ୍ସ୍ୟଚାଷ ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ମାତ୍ର ବିଶେଷ କରି ପଶ୍ଚିମ ଓଡ଼ିଶାରେ ମାଛମରା ଋତୁ ବାତିଲକୁ ନେଇ ବିଭିନ୍ନ ମହଲରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ସାଧାରଣତଃ ମତ୍ସ୍ୟ ପ୍ରଜନନ ପାଇଁ ପ୍ରତିବର୍ଷ ଜୁନ ୧୫ରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ମାଛମରା ଋତୁ ବା ନୋ ଫିସିଂ ସିଜନ ଭାବେ ଘୋଷଣା କରାଯାଇଥାଏ। ଉକ୍ତ ୭୭ ଦିନର ଅବଧି ମତ୍ସ୍ୟ ପ୍ରଜନନ ପାଇଁ ଉତ୍କୃଷ୍ଟ ସମୟ ହୋଇଥିବାରୁ ଏହି ସମୟରେ ମାଛ ମାରିବା ଉପରେ କଟକଣା ଲାଗୁ କରାଯାଇଥାଏ। ପୂର୍ବରୁ ଏହି କଟକଣା ସମଗ୍ର ରାଜ୍ୟରେ ଲାଗୁ କରାଯାଇଥିବା ବେଳେ ବର୍ତ୍ତମାନ ଏହି କଟକଣା କେବଳ ଉପକୂଳ ଓଡ଼ିଶାରେ ସୀମିତ ରହିଛି। ମତ୍ସ୍ୟ ବିଭାଗ ପକ୍ଷରୁ ଲାଗୁ ହେଉଥିବା ଏହି କଟକଣାରେ ପଶ୍ଚିମ ଓଡ଼ିଶାକୁ ବାଦ ଦିଆଯାଇଛି। ଫଳରେ ଏଅଞ୍ଚଳରେ ଅବାଧରେ ମାଛମାରା ଜାରି ମତ୍ସ୍ୟ ପ୍ରଜନନରେ ବାଧକ ସୃଷ୍ଟି ହୋଇ ପରୋକ୍ଷରେ ମାଛ ବଂଶବୃଦ୍ଧିକୁ ମଧ ପ୍ରଭାବିତ କରୁଛି। ଯଦ୍ଦ୍ୱାରା ଆଗକୁ ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ଭଳି ମଧୁରଜଳର ମାଛ ମିଳିବା ସ୍ୱପ୍ନରେ ପରିଣତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏଠାରେ ବିଶେଷ କରି ହୀରାକୁଦ ଜଳଭଣ୍ଡାର ଅବବାହିକାରେ ଥିବା ମତ୍ସ୍ୟଜୀବୀମାନେ ମାଛମରା ଉପରେ କଟକଣା ଲାଗୁ ହୋଇ ନ ଥିଲେ ସୁଦ୍ଧା ଉକ୍ତ ଅବଧି ମଧ୍ୟରେ ମାଛମାରିବା ସମ୍ପୂର୍ଣ୍ଣ ବନ୍ଦ କରି ଦିଅନ୍ତି। ଫଳରେ ଉକ୍ତ ୭୭ ଦିନ ଏହି ମତ୍ସ୍ୟଜୀବୀମାନେ ବେରୋଜଗାର ହୋଇ ପଡ଼ନ୍ତି।

ସମ୍ବଲପୁର ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ସମ୍ବଲପୁର ମଣ୍ଡଳ ଅଧିନରେ ୧୦ଟି ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ସମବାୟ ସମିତି ରହିଛି। ଏଥିରୁ ସମ୍ବଲପୁର ଜିଲାରେ ୩ଟି, ଝାରସୁଗୁଡ଼ା ଜିଲାରେ ୬ଟି ଓ ବରଗଡ଼ ଜିଲାରେ ଗୋଟିଏ ମତ୍ସ୍ୟ ଉତ୍ପାଦନ ସମବାୟ ସମିତି ରହିଛି। ଉକ୍ତ ସମସ୍ତ ସମବାୟ ସମିତିରେ ମୋଟ ୫ ହଜାର ମତ୍ସ୍ୟଜୀବୀ ପରିବାର ସାମିଲ ସହିତ ଜଡ଼ିତ। ତେବେ ସରକାରଙ୍କ ପକ୍ଷରୁ ଓଡ଼ିଶା ଉପକୂଳ ଅଞ୍ଚଳରେ ଏହି ଅବଧିରେ ମାଛମରା ଉପରେ କଟକଣା ଲାଗୁ କରିଛନ୍ତି। ଏସମ୍ପର୍କରେ ମହମ୍ମଦପୁର ମତ୍ସ୍ୟଜୀବୀ ସମବାୟ ସମିତି ସଦସ୍ୟ ବିଶିକେଶନ ମିର୍ଦ୍ଧା କହନ୍ତି, ବିଶେଷ କରି ବର୍ଷାଋତୁ ହେଉଛି ମତ୍ସ୍ୟ ପ୍ରଜନନ ଋତୁ। ଏହି ସମୟରେ ନଦୀନାଳରେ ପ୍ରବାହିତ ଗୋଳିଆ ପାଣି ଯୋଗୁଁ ମାଛ ଗଭୀରଜଳରୁ ବାହାରି ନଦୀ, ନାଳ ତଟକୁ ଚାଲି ଆସି ପ୍ରଜନନ କରିଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସମୟରେ ସେମାନେ ମାଛ ମାରିବାକୁ ଯାଆନ୍ତି ନାହିଁ। ଫଳରେ ମାଛମରା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ମତ୍ସ୍ୟଜୀବୀମାନଙ୍କ ପାଇଁ ପରିବାର ଭରଣପୋଷଣ କଷ୍ଟକର ହୋଇ ପଡ଼େ। ମାତ୍ର ଭବିଷ୍ୟତର ସୁରକ୍ଷା ଦୃଷ୍ଟିରୁ ସେମାନେ ଆଦୌ ମାଛ ମାରି ନ ଥାଆନ୍ତି। ପୂର୍ବରୁ ଏଅଞ୍ଚଳର ମତ୍ସ୍ୟଜୀବୀମାନଙ୍କୁ ସରକାରୀ ସହାୟତା ମିଳୁଥିଲା। ମାତ୍ର ଏହି କଟକଣାରୁ ପଶ୍ଚିମ ଓଡ଼ିଶାକୁ ବାଦ ଦିଆଯିବା ପରେ ଆଉ ସହାୟତା ରାଶି ମିଳୁନାହିଁ ବୋଲି କହିଛନ୍ତି ମିର୍ଦ୍ଧା। ତେବେ ଏନେଇ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ସହାୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ତେବେ ଏହି କଟକଣାକୁ ପୂର୍ବଭଳି ସମଗ୍ର ରାଜ୍ୟରେ ମାଛଙ୍କ ପ୍ରଜନନ ଋତୁରେ ମାଛମରା କଟକଣା ଲାଗୁ କରି ମତ୍ସ୍ୟଜୀବୀଙ୍କୁ ସହାୟତା ଯୋଗାଇବାକୁ ସେ ବିଭିନ୍ନ ମତ୍ସ୍ୟ ସମବାୟ ସମିତି ସହାୟତାରେ ଦାବି କରିଛନ୍ତି।

## ମାଛଚାଷ ପାଇଁ ବ୍ୟାପକ ସରକାରୀ ପ୍ରୋତ୍ସାହନ

### ମତ୍ସ୍ୟଜୀବୀଙ୍କ ସନ୍ତାନଙ୍କୁ ଶିକ୍ଷାବୃତ୍ତି

ସମ୍ବଲପୁର ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ରାଜେଶ ସାହୁଙ୍କୁ ପ୍ରଜନନ ଋତୁରେ ମାଛମରା କଟକଣାର ପଶ୍ଚିମ ଓଡ଼ିଶାକୁ ବାଦ ଦିଆଯିବା ସମ୍ପର୍କରେ ପଚରା ଯିବାରୁ ଏହା ସରକାରଙ୍କ ନିଷ୍ପତ୍ତି। ତେଣୁ ଏହାକୁ ନେଇ ସେ କୌଣସି ମନ୍ତବ୍ୟ ଦେଇ ପାରିବେ ନାହିଁ। ବର୍ତ୍ତମାନ କେବଳ ଓଡ଼ିଶା ମେରାଇନ୍ ଫିସିଂ ଏଣ୍ଡ ରେଗୁଲେଟିଂ ଆକ୍ଟ(ଓଏମ୍ଏଫ୍ଆର୍ଏ) ଅଧିନରେ ଆସୁଥିବା ଅଞ୍ଚଳରେ ନୋ ଫିସିଂ ଋତୁ ଘୋଷଣା ହୋଇଛି ବୋଲି କହିଥିଲେ। ମାତ୍ର ସେ ମତ୍ସ୍ୟଚାଷୀଙ୍କୁ ମାଛ ଚାଷ ପାଇଁ ମିଳୁଥିବା ସହାୟତା ବ୍ୟାପକ ଭାବେ ଫଳପ୍ରଦ ହୋଇଛି। ଯଦ୍ଦ୍ୱାରା ମାଛ ଉତ୍ପାଦନ ନେଇ ଧାର୍ଯ୍ୟ ଲକ୍ଷ୍ୟ ହାସଲ ସହଜ ହେଉଛି ବୋଲି ସେ କହିଥିଲେ। ମତ୍ସ୍ୟଚାଷ ପାଇଁ ଦିଆଯାଉଥିବା ପ୍ରୋତ୍ସାହନ ସମ୍ପର୍କରେ କହିଲେ ଯେ, ପଞ୍ଜୀକୃତ ମତ୍ସ୍ୟଜୀବୀମାନଙ୍କୁ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାରେ ମାଛମରା ଜାଲ ଓ ଡଙ୍ଗା କ୍ରୟ ପାଇଁ ରିହାତି, ମତ୍ସ୍ୟଜୀବୀଙ୍କ ସନ୍ତାନଙ୍କୁ ଶିକ୍ଷାବୃତ୍ତି, ମତ୍ସ୍ୟ ପୋଖରୀ ଖନନ ପାଇଁ ସହାୟତା ଆଦି ଯୋଗାଇ ଦିଆଯାଉଛି। ହୀରାକୁଦ ଜଳଭଣ୍ଡାରରେ ୧୬୫ ଉଦ୍ୟୋଗୀଙ୍କୁ ପଞ୍ଜୁରୀ ମାଛ ଚାଷ ପାଇଁ ଅନୁମତି ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ଏହା ସହିତ ଜିଲାର ବିଭିନ୍ନ ବ୍ଲକର ପଞ୍ଚାୟତ ସ୍ତରୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପୋଖରୀ ବା ଜଳାଶୟରେ ୫ ବର୍ଷ ମାଛ ଚାଷ ପାଇଁ ହେକ୍ଟର ପ୍ରତି ୪ ଲକ୍ଷ ଟଙ୍କା ଉପରେ ୩ ବର୍ଷ ପାଇଁ ସବସିଡି ଆକାରରେ ସହାୟତା ରାଶି ଯୋଗାଇ ଦିଆଯାଇଥାଏ। ପ୍ରଥମ ବର୍ଷ ୬୦ ପ୍ରତିଶତ, ଦ୍ୱିତୀୟ ବର୍ଷ ୫୦ ପ୍ରତିଶତ ଓ ତୃତୀୟ ବର୍ଷ ୪୦ ପ୍ରତିଶତ ହିସାବରେ ସବସିଡି ଦିଆଯାଏ। ଏହାସହିତ ପୋଖରୀ ବା ଜଳାଶୟରେ ୫ ବର୍ଷ ପାଇଁ ଫିସିକଲ୍ଚର କାର୍ଯ୍ୟ ସକାଶେ ବ୍ୟକ୍ତିଗତ ଭାବେ ସାଧାରଣ ବର୍ଗର ପୁରୁଷମାନଙ୍କ କ୍ଷେତ୍ରରେ ୪୦ ପ୍ରତିଶତ ଓ ମହିଳା ବା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ସବସିଡି ରାଶି ଯୋଗାଇ ଦେବାର ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ। ଅପରପକ୍ଷରେ ତାଙ୍କ ସୂଚନା ଅନୁସାରେ ଗତ ଆର୍ଥିକ ବର୍ଷରେ ୩୦ ହଜାର ମେଟ୍ରିକ୍ ଟନ ମତ୍ସ୍ୟ ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିବା ବେଳେ ୩୯ ହଜାର ମେଟ୍ରିକ ଟନ୍ରୁ ଅଧିକ ମତ୍ସ୍ୟ ଉତ୍ପାଦନ ହୋଇଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷରେ ୪୨ ହଜାର ମେଟ୍ରିକ୍ ଟନ୍ ମତ୍ସ୍ୟ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି।

## ଭିସୁଟ୍ରେ ଜାତୀୟ ମହାକାଶ ଦିବସ ପାଳିତ



ଜାତୀୟ ମହାକାଶ ଦିବସ ପାଳନ ଅବସରରେ ଭିସୁଟ୍ରେ କୁଳପତି, କୁଳସଚିବ, ପ୍ରଫେସରଙ୍କ ସହିତ ଛାତ୍ରୀଛାତ୍ର।

ସମ୍ବଲପୁର,୨୩।୮ (ପ୍ରମୋଦ ବହିଦାର)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଶୁକ୍ରବାର ଜାତୀୟ ମହାକାଶ ଦିବସ ପାଳିତ ହୋଇଯାଇଛି। ଭିସୁଟ୍ ଇ-ଲର୍ଣ୍ଣିଂ କେନ୍ଦ୍ରରେ 'ଚନ୍ଦ୍ରକୁ ଛୁଇଁବା ସମୟରେ ଜୀବନକୁ ଛୁଇଁବା: ଭାରତର ସ୍ପେସ୍ ସାଗା' ଶୀର୍ଷକ ଆଧାରରେ ଜାତୀୟ ମହାକାଶ ଦିବସ ପାଳିତ ହୋଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ମହାକାଶର ଚମତ୍କାରତା ଓ ମହାକାଶ ଗବେଷଣାରେ ଭାରତର ଅବଦାନ ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଅବସରରେ ଅପରାହ୍ନ ୩ଟାରେ ଆଇଡିଆ ଇନୋଭେସନ୍ ସେଲ୍ ଦ୍ୱାରା ଆୟୋଜିତ ଏକ ପ୍ରଦର୍ଶନୀରେ ଭିସୁଟ୍ର ସେଟ୍ଲାଇଟ୍ ଲଞ୍ଚ ଯାନ(ଭିଏସ୍ଏଲ୍ଭି), ଆରସି ବିମାନ, ଷ୍ଟାଟିକ୍ ଷ୍ଟାଣ୍ଡ, ୱାଟର ରକେଟ୍, କନଷ୍ଟାଣ୍ଟ ଓ ଗ୍ରାଉଣ୍ଡ କଣ୍ଟ୍ରୋଲ୍ ଷ୍ଟେସନ୍ ଭଳି ଅଭିନବ ପ୍ରକଳ୍ପ ଏକ କ୍ଷୁଦ୍ର ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଏହାକୁ ଉପଭୋଗ କରି ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ପରସ୍ପରଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ଭିସୁଟ୍ କୁଳପତି ପ୍ରଫେସର ଡ. ବିଭୂତି ଭୂଷଣ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ଏଥିରେ କୁଳସଚିବ ପ୍ରଦୀପ ଡାଙ୍ଗ, ଭିସୁଟ୍ ମହାକାଶ ଗବେଷଣା କେନ୍ଦ୍ରର ସଂଯୋଜକ ପ୍ରଫେସର ଡ. ହରିଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ. ସୁଧାଂଶୁ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାରୁଆ ଅସ୍ତ୍ରରେ ଆକ୍ରମଣ ଅଭିଯୋଗ: ଜଣେ କୋର୍ଟ ଚାଲାଣ

ଜମନକିରା,୨୩।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ତରଣ୍ଡା ଗାଁର ଦୀପକ ମାଝୀ (୩୨)ଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ମାରଣାଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଜମନକିରା ପୋଲିସ ଅଭିଯୁକ୍ତ ଭାଇ ସିଲୁ ଧୂରୁଆ(୨୯)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୧୪୬/୨୪) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପୋଲିସର ସୂଚନା ଅନୁଯାୟୀ, ଗତ ୧୭ ତାରିଖ ତରଣ୍ଡା ଗାଁର ସିଲୁ ନିଜ ସମ୍ପର୍କୀୟ ଭାଇ ଦୀପକ ପାଖକୁ ଯାଇ ଖତିଆନ ପଟ୍ଟା ମାଗିଥିଲେ। ଏଥିରେ ଅରାଜି ହେବାରୁ ସିଲୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଯେଉଁଥିରେ ଦୀପକ ଗୁରୁତର ହୋଇଥିଲେ। ପରେ ଚିକିତ୍ସା ହୋଇ ଟିକିଏ ଭଲ ହେବା ପରେ ଗାଁରେ ଏକ ପଞ୍ଚନାମା ହୋଇଥିଲା। ସେଥିରେ ରାଜି ନ ହୋଇ ସେଠାରୁ ଅଭିଯୁକ୍ତ ସିଲୁ ଫେରାର ମାରିଥିଲା। ଏନେଇ ଗତ ୨୦ ତାରିଖ ଦୀପକ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜୁଥିଲା।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ସମ୍ବଲପୁର,୨୩।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ତବଲା ଗ୍ରାମରେ ଗତ ବୁଧବାର ବଜ୍ରପାତରେ ତିନି ଜଣ ଚାଷୀ ଗୁରୁତର ଆହତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ସପନ ମୁଣ୍ଡାଙ୍କ ଶୁକ୍ରବାର ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ପରିବାରରେ ତାଙ୍କର ସ୍ତ୍ରୀ ରାଜକୁମାରୀ ମୁଣ୍ଡା ଏବଂ ପୁଅ ଶୁଶାନ୍ତ ରହିଛନ୍ତି। ଗୁରୁତର ଅବସ୍ଥାରେ ଚାଷୀମାନଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସା କରାଯାଉଥିଲା। ବିଶିଷ୍ଟ କୃଷକ ନେତା ତଥା ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନର ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନର ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ବଜ୍ରପାତରେ ଆହତ ହୋଇଥିବା ଅନ୍ୟ ଦୁଇ ଚାଷୀ ସୁମନ୍ତ ମାଝୀ, ଶ୍ରୀକାନ୍ତ ପ୍ରଧାନଙ୍କ ଅବସ୍ଥା ନିୟନ୍ତ୍ରଣରେ ରହିଥିବା ଜଣାପଡିଛି। ସପନ ମୁଣ୍ଡାଙ୍କ ପରିବାର ଆର୍ଥିକ ଭାବେ ଦୁର୍ବଳ ରହିଥିବା ବେଳେ ତାଙ୍କୁ ଶୀଘ୍ର ସରକାରୀ ସହାୟତା ରାଶି ଯୋଗାଇ ଦେବାକୁ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

## ଭାଜପାର ଜିଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା

କୁଚିଣ୍ଡା,୨୩।୮ (ବିରଞ୍ଚି ଦର୍ଭା)

### କୁଚିଣ୍ଡାରେ ଗୋଷ୍ଠୀ ବିବାଦର ପ୍ରତିଫଳନ

କୁଚିଣ୍ଡାରେ ସଦସ୍ୟତା ଅଭିଯାନର ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ସଭାପତି ଗିରିଶ ପଟେଲ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ମଣ୍ଡଳ କାର୍ଯ୍ୟକର୍ତ୍ତାମାନେ ମଣ୍ଡଳର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ଗ୍ରୁପ ଆଲୋଚନା ଚାଲିଥିଲା। ଏହି ସମୟରେ କିଛି ଯୁବକ ହଠାତ ଜିଲା ସଭାପତି ପଟେଲଙ୍କୁ ମଞ୍ଚ ବ୍ୟାନରରେ କାହିଁକି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଫଟୋ ରଖିଲ ନାହିଁ ବୋଲି ପ୍ରଶ୍ନ କରିଥିଲେ। ପରେ ଗିରିଶ ଓ ଜୟନାରାୟଣ ସମର୍ଥକଙ୍କ ମଧ୍ୟରେ କଥା କଟାକଟି ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ବରିଷ୍ଠ ପଦାଧିକାରୀଙ୍କ ହସ୍ତକ୍ଷେପର ଅବସ୍ଥା ନିୟନ୍ତ୍ରଣାଧୀନ ହୋଇଥିଲା।

ଭାଜପା ସଙ୍ଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଲକ୍ଷ୍ୟନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏ ନେଇ ରାଜ୍ୟ ସ୍ତରରେ ସଦସ୍ୟତା ଅଭିଯାନ କର୍ମଶାଳାର ନିଷ୍ପତ୍ତି ମୁତାବକ ଏବେ ଜିଲାସ୍ତରରେ ସଦସ୍ୟତା ଅଭିଯାନ କର୍ମଶାଳା ଚାଲିଛି। ଏହି କ୍ରମରେ କୁଚିଣ୍ଡା ଟାଉନହଲ ଠାରେ ଶୁକ୍ରବାର ସମ୍ବଲପୁର ଜିଲାସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ଅଧକ୍ଷତାରେ ହୋଇଥିବା କର୍ମଶାଳାରେ ରାଜ୍ୟ ଉପସଭାପତି ତଥା ସମ୍ବଲପୁର ଜିଲା ପ୍ରଭାରୀ କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଦସ୍ୟତା ଅଭିଯାନର ରୂପରେଖ, ଅଭିଯାନରୁ ସଙ୍ଗଠନ ସମ୍ପର୍କରେ ଆଲୋଚନା କରି ଧାର୍ଯ୍ୟ ଅବଧି ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ସମାପ୍ତ କରି ଏକ ସୁଦୃଢ଼ ସଙ୍ଗଠନର ପରିଚୟ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ରାଜ୍ୟ ଉପସଭାପତି ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲା ସାଧାରଣ ସମ୍ପାଦକ ଆଶିଷ ହୋତା, ସମ୍ପାଦକ ମିଳନ ମହାରଣା, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ସବିତା ନନ୍ଦ, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେର, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ପୂର୍ବତନ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଓମ ପ୍ରକାଶ ମିଶ୍ର, ଦେବେନ୍ଦ୍ର ମହାପାତ୍ର, ସଦସ୍ୟତା ଅଭିଯାନ ସହ ସଂଯୋଜକ ମିତ୍ରଭାନୁ ପ୍ରଧାନ, ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ସସ୍ମିତା ଦେହୁରୀ, ବାମରା ବ୍ଲକ ଅଧକ୍ଷା ପିଙ୍କି ଧୂରୁଆ ପ୍ରମୁଖ ଯୋଗଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ତଥା ସଦସ୍ୟତା ଅଭିଯାନ ଜିଲା ସଂଯୋଜକ ଶୁଶିଲ କର ସଭା ପରିଚାଳନା କରିଥିଲେ। ରାଜ୍ୟ ସଭାପତିଙ୍କ ଆଦେଶ ମୁତାବକ ସମ୍ବଲପୁର ଜିଲାର ୨୭ଗୋଟି ସାଙ୍ଗଠନିକ ମଣ୍ଡଳରେ ଆସନ୍ତା ୨୬,୨୭ଓ ୨୮ତାରିଖ ସୁଦ୍ଧା ସଦସ୍ୟତା ଅଭିଯାନ କର୍ମଶାଳା ସମାପ୍ତ କରିବା ଓ ସେପ୍ଟେମ୍ବର ୧ରୁ ଅକ୍ଟୋବର ୩୧ସୁଦ୍ଧା ୪୦ଦିନ ମଧ୍ୟରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ସାରିବାକୁ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଭାଜପାର ଜଣେ ଟାଣୁଆ ନେତା ଭାବେ ପରିଚିତ ଶଶିଭୂଷଣ ତ୍ରିପାଠୀଙ୍କ ବିୟୋଗରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଆଶିଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶୁଶିଳ ନାୟକ, ପ୍ରିତମ ପାଣିଗ୍ରାହୀ, ପିଙ୍କୁ ପାଣି, ପ୍ରାଣବନ୍ଧୁ ନାଥ, ମହେଶ ରାୟ, ଅରୁଣ ଅଗ୍ରୱାଲ, ରାଣାପ୍ରତାପ ସିଂ ସହଯୋଗ କରିଥଲେ।

## ବଳଦ ଭୁସିଦେବାରୁ ବୃଦ୍ଧଙ୍କ ଜୀବନ ଗଲା

ରେଢାଖୋଲ,୨୩।୮ (ଅଚ୍ୟୁତାନନ୍ଦ ପୁରୋହିତ)

ଗାଁ ଦାଣ୍ଡରେ ୨ଟି ବଳଦ ଲଢେଇ ଲାଗୁଥିବାବେଳେ ଗୋଟିଏ ବଳଦ ଶିଙ୍ଗ ଭୁସି ହେବାରୁ ଜମ୍ଭୁ ସାହୁ ନାମକ ଜଣେ ବୃଦ୍ଧଙ୍କ ଜୀବନ ଚାଲିଯାଇଛି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ରେଢାଖୋଲ ଥାନା ଲାଇଜା ଗ୍ରାମରେ। ଶୁକ୍ରବାର ଜମ୍ଭୁ ସାହୁ ଗାଁ ଦାଣ୍ଡରେ ଠିଆ ହୋଇଥିବାବେଳେ ନିକଟରେ ୨ଟି ବଳଦ ଲଢ଼େଇ ଲାଗିଥିଲେ। ଗୋଟିଏ ବଳଦ ଜମ୍ଭୁ ଠିଆ ହୋଇଥିବା ଜାଗାକୁ ଦୌଡି ଆସିବାରୁ ବଳଦ ଶିଙ୍ଗଟି ଜମ୍ଭୁଙ୍କ ଛାତିରେ ଭୁସି ହୋଇ ଯାଇଥିଲା। ଫଳରେ ଜମ୍ଭୁ ଗୁରୁତର ହୋଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ଜମ୍ଭୁଙ୍କୁ ରେଢାଖୋଲ ଡାକ୍ତରଖାନାକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରେଢାଖୋଲ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ରେଢାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବେଆଇନ ପାଉଁଶ ଡମ୍ପିଂକୁ ବିରୋଧ




ସମ୍ବଲପୁର ଜିଲା ତବଡାବାହାଲ ଗ୍ରାମବାସୀ ଜିଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ କରୁଛନ୍ତି।

ସମ୍ବଲପୁର,୨୩।୮ (ବି.ଶଙ୍କର)

ଚାଷ ଜମିରେ ବେଆଇନ ଭାବରେ ପାଉଁଶ ଡମ୍ପିଂ କରାଯାଉଥିବା ଅଭିଯୋଗ ନେଇ ସମ୍ବଲପୁର ଜିଲା ତବଡାବାହାଲ ଗ୍ରାମବାସୀ ଶୁକ୍ରବାର ପ୍ରତିବାଦ କରିଛନ୍ତି। ବେଆଇନ ପାଉଁଶ ଡମ୍ପିଂକୁ ବିରୋଧ କରି ଶତାଧିକ ଗ୍ରାମବାସୀ ଏକାଠି ହୋଇ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୃଢ଼ ପ୍ରତିବାଦ କରିଥିଲେ। ଏନେଇ ଗ୍ରାମବାସୀ କହିଛନ୍ତି ଯେ, ପୂର୍ବରୁ ଥରେ ଜିଲାପାଳଙ୍କୁ ଏନେଇ ଅଭିଯୋଗ କରାଯାଇଛି। ଶୁକ୍ରବାର ପୁଣି ଥରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପ୍ରତିବାଦ କରାଯିବା ସହ ଜିଲା ପ୍ରଶାସନ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି ଏହି ବେଆଇନ ପାଉଁଶ ଡମ୍ପିଂ ଫଳରେ ଗ୍ରାମରେ ଥିବା ୫୦୦ ଚାଷୀ ପରିବାର ପ୍ରଭାବିତ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ସହ ପାଉଁଶ ଗୁଡିକ ରାତିରେ ଆସୁଥିବାବେଳେ ମାଫିଆମାନେ ଗ୍ରାମବାସୀଙ୍କୁ ବିରୋଧ କଲେ ଓଲଟା ଧମକ ଚମକ ମଧ ଦେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଠାରୁ ଲିଖିତ ଅଭିଯୋଗ ପାଇବା ପରେ ଜିଲାପାଳ ଏନେଇ ଉପ ଜିଲାପାଳଙ୍କୁ ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ନେଇ କହିଛନ୍ତି। ଏଥିସହ ଜିଲାରେ ପାଉଁଶ ପରିବହନ କରୁଥିବା ପ୍ରତି ଗାଡିରେ ଜିପିଏସ ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି।

## ହିଣ୍ଡାଲ୍କୋ ଶିଶୁବାଟିକାର ଶୁଭାରମ୍ଭ

ଭୁବନେଶ୍ୱର,୨୩।୮ (ଅଭୟ ଦାଶ)




ଆଦିତ୍ୟ ବିର୍ଲା ଗ୍ରୁପ୍ର ଫ୍ଲାଗ୍ଶିପ କମ୍ପାନୀ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ସ୍ମାର୍ଟ ଅଙ୍ଗନୱାଡି (ଶିଶୁବାଟିକା)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଓଡ଼ିଶାର ସମ୍ବଲପୁର ଜିଲା ହୀରାକୁଦ ଅଞ୍ଚଳରେ ଥିବା ସମସ୍ତ ୧୬ଟି ଅଙ୍ଗନୱାଡି କେନ୍ଦ୍ରରେ ସ୍ମାର୍ଟ ଅଙ୍ଗନୱାଡି (ଶିଶୁବାଟିକା) ପ୍ରକଳ୍ପ ଶୁଭାରମ୍ଭ କରିଛି। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ପ୍ରୟାସ ସମୂହର ଏକ ଅଂଶ ଭାବେ ଆରମ୍ଭ କରାଯାଇଛି।

ଏ ସମ୍ପର୍କରେ ସୌମିତ୍ର ରାୟ, ୟୁନିଟ୍ ହେଡ୍, ହୀରାକୁଦ ଏଫ୍ଆର୍ପି କହିଛନ୍ତି, ସ୍ମାର୍ଟ ଅଙ୍ଗନୱାଡି ପ୍ରକଳ୍ପ ଏକ ପୂର୍ଣ୍ଣାଙ୍ଗ ପ୍ରୟାସ, ଯାହା ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଶିକ୍ଷଣ ପରିବେଶକୁ ପରିବର୍ତ୍ତନ କରିବା ଉପରେ ଦୃଷ୍ଟି ନିବଦ୍ଧ କରୁଛି। ହିଣ୍ଡାଲ୍କୋ ଶିଶୁ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍ଥାନକୁ ନିରାପଦ ଓ ଆରାମଦାୟକ କରିବା ନିମନ୍ତେ ଝରକା, କବାଟ ଏବଂ ଜଳ ନିରୋଧୀ ବ୍ୟବସ୍ଥା ସମେତ ବ୍ୟାପକ ଭିତ୍ତିଭୂମି ଉନ୍ନତି ସାଧନ କରିଛି। ପ୍ରତ୍ୟେକ କେନ୍ଦ୍ରରେ ମଧ ସୁସଂହତ ବିଏଏଲ୍ଏ (ବିଲ୍ଡିଂ ଆଜ୍ ଲର୍ନିଂ ଏଡ୍) ଚିତ୍ର ଅଙ୍କନ କାର୍ଯ୍ୟ କରାଯାଇଛି, ଯାହା ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) ଯୋଜନା ଦ୍ୱାରା ଅନୁମୋଦିତ ଏବଂ ଏହା ଦ୍ୱାରା ଶିକ୍ଷଣ ନିମନ୍ତେ ପରିଦୃଶ୍ୟ ଉତ୍ପ୍ରେରକ ପରିବେଶ ସୃଷ୍ଟି ହେଉଛି।

ଏହି ପ୍ରକଳ୍ପର କେନ୍ଦ୍ର ସ୍ଥାନରେ ଶିକ୍ଷଣ ସହାୟକ ବ୍ୟବସ୍ଥା ଏବଂ ଖେଳନା ସମୂହ ରହିଛି। ଏତଦ୍ ବ୍ୟତୀତ ପୂର୍ଣ୍ଣାଙ୍ଗ ଶିକ୍ଷାଦାନ-ଶିକ୍ଷା ଆହରଣ ସାମଗ୍ରୀ (ଟିଏଲ୍ଏମ୍) ମଧ ରହିଛି। ଏଗୁଡିକ ଶିକ୍ଷଣକୁ ୩ରୁ ୬ବର୍ଷ ବୟସର ଶିଶୁଙ୍କ ନିମନ୍ତେ ଏକ ଅନୁଭୂତି ହାସଲକାରୀ କରିବା ସହ ସେମାନଙ୍କୁ ଆଗ୍ରହୀ ଏବଂ ସମ୍ପୂର୍ଣ୍ଣ ଭାବେ ନିୟୋଜିତ କରି ରଖୁଛି। ପିଲାମାନଙ୍କୁ ଯଥା ସମ୍ଭବ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରିବା ନିମନ୍ତେ ଶିଶୁ ଉପଯୋଗୀ ଟେବଲ ଏବଂ ଚେୟାରଗୁଡିକ କେନ୍ଦ୍ରରେ ଯୋଗାଇ ଦିଆଯାଇଛି। ଆଗକୁ ହିଣ୍ଡାଲ୍କୋ ସ୍ମାର୍ଟ ଅଙ୍ଗନୱାଡି କାର୍ଯ୍ୟକ୍ରମକୁ ଆଉ ୧୬ଟି କେନ୍ଦ୍ରକୁ ସମ୍ପ୍ରସାରିତ କରିବା ଲକ୍ଷ୍ୟ ରଖିଛି। ଏହାଦ୍ୱାରା ଗୋଷ୍ଠୀ କଲ୍ୟାଣ ଏବଂ ଶିକ୍ଷାଗତମାନକୁ ସମଗ୍ର ଭାରତରେ ଆଗକୁ ଆଗେଇ ନେବା ନିମନ୍ତେ ନିଜର ଉତ୍ସର୍ଗୀକୃତ ଭାବକୁ ପୁନଃ ସୁଦୃଢ଼ କରୁଛି ବୋଲି ରାୟ କହିଛନ୍ତି।

## ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଯାପିତ

ସମ୍ବଲପୁର,୨୩।୮ (ବି.ଶଙ୍କର)



ସମ୍ବଲପୁର ଭିଏସଏସ ମାର୍ଗସ୍ଥିତ ସମ୍ବଲଶ୍ରୀ ଫେସନଠାରେ ଗୁରୁଶିଷ୍ୟ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

### ୩୦ ମହିଳା ଶିଖିଲେ ସମ୍ବଲପୁରୀ ଫେବ୍ରିକ ଜୁଏଲେରୀ ପ୍ରସ୍ତୁତି

ବୟନଶିଳ୍ପ ମନ୍ତ୍ରଣାଳୟର ସହଯୋଗରେ ସମ୍ବଲପୁର ଜିଲା ହସ୍ତଶିଳ୍ପ ବିଭାଗ ପକ୍ଷରୁ ସମ୍ବଲପୁର ଭିଏସଏସ ମାର୍ଗ ସ୍ଥିତ ସମ୍ବଲଶ୍ରୀ ଫେସନଠାରେ ଗୁରୁଶିଷ୍ୟ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଏହି କାରିଗର କାର୍ଯ୍ୟକ୍ରମରେ ମୋଟ ୩୦ଜଣ ମହିଳା ଯୋଗଦେଇଥିଲେ। ସେମାନଙ୍କୁ ସମ୍ବଲପୁରୀ ଫେବ୍ରିକ ଜୁଏଲେରୀ ପ୍ରସ୍ତୁତି ପାଇଁ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। ଆଗାମୀ ଦିନରେ ସଂପୃକ୍ତ ମହିଳାମାନେ ଫେବ୍ରିକ ଜୁଏଲେରୀ ନିର୍ମାଣ କରି ସ୍ୱାବଲମ୍ବୀ ହୋଇ ପାରିବେ। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ସବିତା ମହାପାତ୍ର ଯୋଗ ଦେଇ ୩୦ ଜଣଙ୍କୁ ସମ୍ବଲପୁରୀ ଫେବ୍ରିକ ଜୁଏଲେରୀ ପ୍ରସ୍ତୁତି ପ୍ରଣାଳୀ ଶିକ୍ଷା ଦେଇଥିଲେ। ଏହି ପ୍ରଶିକ୍ଷଣ ପାଇଁ ମୋଟ ୫୦ଜଣ ଆବେଦନ କରିଥିବାବେଳେ ୩୦ଜଣଙ୍କୁ ମନୋନୀତ କରାଯାଇଥିଲା। ସେମାନଙ୍କୁ ଗତ ଦୁଇ ମାସ ହେଲା ପ୍ରଶିକ୍ଷଣ ଦିଆଯାଉଥିଲା। ଜୁଏଲେରୀର ଡ୍ରଇଂଠାରୁ ଆରମ୍ଭ କରି କଟିଂ, ପେଷ୍ଟିଂ, ଡିଜାଇନିଂ, ଅଳଙ୍କାରକରଣ ପ୍ରଭୃତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତ ଜୁନ ୨୧ତାରିଖରୁ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ନେଇ ସମ୍ବଲପୁର ଜିଲା ହସ୍ତଶିଳ୍ପ ବିଭାଗର ଆସିଷ୍ଟାଣ୍ଟ ଡାଇରେକ୍ଟର କୁମାରୀ ଶୈଳଜା ଗାଇଡ କରିଥିଲେ। ମହିଳାମାନଙ୍କୁ ଦୁଇ ମାସର ପ୍ରଶିକ୍ଷଣ ପରେ ଫେବ୍ରିକ ଜୁଏଲେରୀ ତିଆରିରେ ଦକ୍ଷତା ହାସଲ କରିଛନ୍ତି। ଯାହାକି ଆଗାମୀ ଦିନରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ।

# ଅକ୍ଟୋବରରେ ଆର୍‌ବିଆଇର ନୂଆ ଏମ୍‌ପିସି ସଦସ୍ୟ ଚୟନ

ଭୁବନେଶ୍ୱର,୨୩।୮(ଅନୁରାଧା ମହାରଣା)




ଅକ୍ଟୋବର ସୁଦ୍ଧା ଭାରତ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି)ରେ ନୂତନ ବାହ୍ୟ ସଦସ୍ୟ ନିଯୁକ୍ତ କରିବେ। ସୁଧ ହାର ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ଏହି ନିଯୁକ୍ତି ହେବ ବୋଲ ସୂଚନା ରହିଛି। ସୁଧ ହାର ହ୍ରାସ କରିବାକୁ ଏମ୍‌ପିସି ଉପରେ ଚାପ ରହିବ ବୋଲି ଆଲୋଚନା ହେଉଥିବାବେଳେ ଆସନ୍ତା ୨ ସପ୍ତାହ ମଧ୍ୟରେ ଚୟନ ପ୍ୟାନେଲ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ସୁପାରିସ କରିବ ଏବଂ ସେପ୍ଟେମ୍ବର ଶେଷ କିମ୍ବା ଅକ୍ଟୋବର ପ୍ରାରମ୍ଭରେ ଘୋଷଣା କରାଯାଇପାରେ। ୩ଜଣ ବାହ୍ୟ ସଦସ୍ୟ ଏବଂ ୩ ଜଣ ଆର୍‌ବିଆଇ ଅଧିକାରୀଙ୍କୁ ନେଇ ଗଠିତ ଏହି ୬ଜଣିଆ ଏମ୍‌ପିସି ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଗଠନ କରାଯିବ, ଯେଉଁମାନେ ସାଧାରଣତଃ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ କିମ୍ବା ଅର୍ଥ ଏବଂ ମାକ୍ରୋକ୍ନୋମିକ ବିଶେଷଜ୍ଞଙ୍କୁ ବାହ୍ୟ ସଦସ୍ୟ ଭାବେ ମନୋନୀତ କରାଯିବ। ସେମାନଙ୍କୁ ୪ବର୍ଷର କାର୍ଯ୍ୟକାଳ ପାଇଁ ନିଯୁକ୍ତ କରାଯିବ। ଅକ୍ଟୋବର ୪ରେ ବର୍ତ୍ତମାନର ବାହ୍ୟ ସଦସ୍ୟ ଜୟନ୍ତ ଭର୍ମା, ଅସୀମା ଗୋୟଲ ଏବଂ ଶଶାଙ୍କ ଭୂଦେଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଅନ୍ୟପଟେ ସୁଧ ହାର ଉପରେ ପରବର୍ତ୍ତୀ ନିଷ୍ପତ୍ତି ଅକ୍ଟୋବର ୯ ପାଇଁ ଧାର୍ଯ୍ୟ କରାଯାଇଛି। ନୂତନ ଚୟନ ପ୍ୟାନେଲରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ, କ୍ୟାବିନେଟ୍ ସଚିବ ଟି.ଭି. ସୋମନାଥନ, ଅର୍ଥନୈତିକ ବ୍ୟାପାର ସଚିବ ଅଜୟ ସେଠ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଅଛନ୍ତି। ସୂଚନା ଥାଉକି, ୨୦୨୦ ରେ ବାହ୍ୟ ସଦସ୍ୟଙ୍କ ନିଯୁକ୍ତିରେ ବିଳମ୍ବ ହେତୁ ଆର୍‌ବିଆଇକୁ ଏହାର ବୈଠକ ସ୍ଥଗିତ ରଖିବାକୁ ପଡିଲା। ଏହି କାରଣରୁ ନୀତି ହାରର ଅନିଶ୍ଚିତତା ବୃଦ୍ଧି ପାଇଲା ଏବଂ ବିଶ୍ଳେଷକଙ୍କ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଲା। ତେଣୁ ଚଳିତ ଥର ଏପରି ସମସ୍ୟା ଏଡ଼ାଇବାକୁ ଆର୍‌ବିଆଇ ଚେଷ୍ଟା କରିବ ବୋଲି ମତ ପ୍ରକାଶ ପାଇଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୩।୮ (ଅଭୟ ଦାଶ)

କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩ (୩୩.୦୨) ପଏଣ୍ଟ ବଢି ୮୧,୦୮୬ (୮୧,୦୮୬.୨୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨ (୧୧.୬୫) ପଏଣ୍ଟ ବୃଦ୍ଧି ଘଟି ୨୪,୮୨୩ (୨୪,୮୨୩.୧୫) ଅଙ୍କରେ କାରବାର ଶେଷ କରିଥିଲା।

## ଫାବିଓ ବିଲେଟ୍‌ର ନୂଆ ସିଇଓ

ନୂଆଦିଲ୍ଲୀ,୨୩।୮ (ଅଭୟ ଦାଶ)



ଫାବିଓ ରୋବର୍ଟୋ ମାର୍ଟିନ୍ସ

ବେଦାନ୍ତ ଆଲୁମିନିୟମର ପ୍ରମୁଖ ୟୁନିଟ୍ 'ବିଲେଟ୍'ର ନୂଆ ସିଇଓ ଭାବେ ଫାବିଓ ରୋବର୍ଟୋ ମାର୍ଟିନ୍ସଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଏପରିକି ସେ ଏହି ନୂତନ ଭୂମିକାରେ ବିଲେଟ୍ ଉତ୍ପାଦ ଗୋଷ୍ଠୀର ଦାୟିତ୍ୱ ନେବେ। ଉତ୍ପାଦନକୁ ତ୍ୱରାନ୍ୱିତକରି ଉତ୍ପାଦ ମୂଲ୍ୟ ବୃଦ୍ଧି ମାଧ୍ୟମରେ ମୂଲ୍ୟ ସୃଷ୍ଟି ଉପରେ ମଧ୍ୟ ସେ ବିଶେଷ ଧ୍ୟାନଦେବେ। ସେହିଭଳି କମ୍ପାନୀ ତା'ର ବିଲେଟ୍ କ୍ଷମତାକୁ ବାର୍ଷିକ ୧.୨ ମିଲିୟନ୍ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା କରିଛି। ଏହାକୁ ବିଶ୍ୱର ସର୍ବବୃହତ୍ ବିଲେଟ୍ ଉତ୍ପାଦକ ଭାବେ ପରିଣତ କରିବାକୁ ଫାବିଓ ଅଭିନବତା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ଜରିଆରେ କାର୍ଯ୍ୟ ପରିଚାଳନାକୁ ତଦାରଖ କରିବେ।

ସେହିପରି ଫାବିଓଙ୍କର ଅଲକୋଆରୁ ୨୬ବର୍ଷର ଦୀର୍ଘ ଅଭିଜ୍ଞତା ରହିଛି, ଯେଉଁଠାରେ ସେ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ। ଏପରିକି ନିକଟରେ ସେ ଅପରେଶନ ନିର୍ଦ୍ଦେଶକ ମଧ୍ୟ ଥିଲେ। ତାଙ୍କର ପାରଦର୍ଶିତା ଓ ଅଭିଜ୍ଞତା ଆଲୁମିନିୟମ ବିଲେଟ୍ କ୍ଷେତ୍ରରେ ପ୍ରମୁଖ ଭୂମିକା ବହନ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି,ବଜାରର ଚାହିଦା ପୂରଣକରିବା ଲାଗି ଆମେ (ବେଦାନ୍ତ) ମୂଲ୍ୟଯୁକ୍ତ ଉତ୍ପାଦଗୁଡ଼ିକର ପୋର୍ଟଫୋଲିଓ ବିସ୍ତାର କରୁଛି। ଏପରିକି ଆମେ ପୂର୍ବରୁ ଭାରତରେ ସର୍ବବୃହତ୍ ବିଲେଟ ଉତ୍ପାଦକ ଓ ରପ୍ତାନିକାରୀ ହୋଇଥିଲାବେଳେ ଆମର ସ୍ଥିତିକୁ ଅଧିକ ମଜଭୁତ କରିବା ଲାଗି ଆମେ ଫାବିଓଙ୍କୁ ଆମର ନେତୃତ୍ୱ ଦଳରେ ନିଯୁକ୍ତି ଦେଇ ବେଶ୍ ଉତ୍ସାହିତ ଅଛୁ। ଆମର ବିଶେଷ ଅଭିଜ୍ଞତା, ଆଲୁମିନିୟମ ଶିଳ୍ପରେ ପ୍ରମାଣିତ ଟ୍ରାକ୍ ରେକର୍ଡ ମାଧ୍ୟମରେ ବିଲେଟ ବ୍ୟବସାୟର ନବସୃଜନ ଓ ଉତ୍କର୍ଷ ଜାରି ରଖିବୁ।

ଅପରପକ୍ଷରେ ଫାବିଓ ମାର୍ଟିନ୍ସ କହିଛନ୍ତି, ମୁଁ ଉତ୍ପାଦ ଗୋଷ୍ଠୀ ରଣନୀତି, କାର୍ଯ୍ୟକ୍ଷମତା ଓ ବ୍ୟବସାୟିକ କାର୍ଯ୍ୟକାରିତାକୁ ଉତ୍ସାହିତ କରି ଆସିଛି। ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧି ପଥରେ ମୁଁ ମୋର କର୍ତ୍ତବ୍ୟ ଜାରି ରଖିବି।

ଆଲୁମିନିୟମ ବିଲେଟ୍‌ଗୁଡ଼ିକ ଆଲୁମିନିୟମର କଠିନ, ସିଲିଣ୍ଡର ଆକୃତି ଯାହା ବିଭିନ୍ନ ଉତ୍ପାଦନ ପ୍ରକ୍ରିୟାରେ କାଷ୍ଟିଂ ଓ ସର୍ଭିସ୍ କଞ୍ଚାମାଲ ଭାବେ ପ୍ରକ୍ରିୟା ଜରିଆରେ ଉତ୍ପନ୍ନ ହୋଇଥାଏ। ଏପରିକି ବାର୍ଷିକ ୫୮୦ କିଲୋ ଟନ୍ ବିଲେଟ୍ କାଷ୍ଟିଂ କ୍ଷମତା ସହ କମ୍ପାନୀର ରଣନୀତିକ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ।

ଉଚ୍ଚମାନର ବିଲେଟ୍ କମ୍ପାନୀର ବିବିଧ ପୋର୍ଟଫୋଲିଓ ଡାଉନଷ୍ଟ୍ରିମ୍ ନିର୍ମାତା ଓ ଏକ୍ସଟ୍ରୁଡରଙ୍କ ଅଭିନବତା, ବିଲ୍ଡିଂ, ନିର୍ମାଣ, ଶକ୍ତି ଓ ଅନ୍ୟାନ୍ୟ କ୍ଷେତ୍ର ଲାଗି ବେଶ୍ ସହାୟକ ହେବ। କମ୍ପାନୀ ହାଇ ସ୍ପିଡ୍ ବିଲେଟ୍ ମଧ୍ୟ ଉତ୍ପାଦନ କରିଥାଏ। ଏହାର ଧାତବ ଗୁଣ ପାଇଁ ବିଲେଟ୍‌ର ସ୍ୱତନ୍ତ୍ରତାକୁ ପ୍ରାଧାନ୍ୟ ଦିଆଯାଇଥାଏ।

# ପଶ୍ଚିମ ଓଡ଼ିଶା ବଜାରରେ 'ଫାର୍ମ ବି' ଉତ୍ପାଦ




ଭୁବନେଶ୍ୱର,୨୩।୮ (ଉତ୍ତମ ଦାଶ/ଅଭୟ ଦାଶ)

ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ 'ଫାର୍ମ ବି'ର ଉତ୍ପାଦଗୁଡିକୁ ଶୁକ୍ରବାର ଆନୁଷ୍ଠାନିକ ଭାବେ ପଶ୍ଚିମ ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଏପରିକି ବ୍ରାଣ୍ଡ୍‌ର ସମସ୍ତ ଉତ୍ପାଦକୁ ବଜାର ପ୍ରବେଶ କରାଇବା ସହିତ କଳାହାଣ୍ଡି ଜିଲାର ଭବାନୀପାଟଣାରୁ ବ୍ରାଣ୍ଡ୍‌ର ଜୟଯାତ୍ରା ଆରମ୍ଭ ହୋଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଫାର୍ମ ବି'ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ରଶ୍ମି ସାହୁ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡ୍ ପକ୍ଷରୁ ଭବାନୀପାଟଣାର ଏକ ଘରୋଇ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ତଥା ଫାର୍ମ ବି ଉତ୍ପାଦର ବଜାର ପ୍ରବେଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଫାର୍ମ ବି'ର ପ୍ରତିଷ୍ଠାତା ରଶ୍ମି ସାହୁଙ୍କ ସମେତ ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ବରିଷ୍ଠ ସେଲ୍‌ସ ମୁଖ୍ୟ ମନୋରଞ୍ଜନ ପରିଡ଼ା ଏବଂ ଭାବନୀପାଟଣା ବିପଣନ ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ବର୍ତ୍ତମାନ ପଶ୍ଚିମ ଓଡ଼ିଶା ବଜାରରେ ଫାର୍ମ ବିର ମିକ୍ସ ଛତୁଆ, ଗୁଡ଼ ପାଉଡ଼ର, ଚକୋ ଚିପ୍ସ, ଓଟ୍ସ, ମ୍ୟୁସେଲି, ମସଲା ଓଟ୍ସ ଏବଂ ମାଣ୍ଡିଆରେ ପ୍ରସ୍ତୁତ ଅଟା ଆଦି ପୁଷ୍ଟିକର ଓ ଶକ୍ତି ବର୍ଦ୍ଧକ ଜଳଖିଆ ସହ ସ୍ୱାସ୍ଥ୍ୟ ପଯୋଗୀ ଖାଦ୍ୟ ଉପଲବ୍ଧ ହୋଇପାରିବ। ଏପରିକି ଆଗାମୀ ଦିନରେ ଆହୁରି ଅନେକ ପାରିବାରିକ ତଥା ଦେଶୀ ଖାଦ୍ୟପଦାର୍ଥ ମଧ୍ୟ ବଜାରରେ ଉପଲବ୍ଧ ହେବ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୭୦ ରୁ ଅଧିକ ଡିଷ୍ଟ୍ରିବ୍ୟୁଟର ଯୋଗଦେଇ ଫାର୍ମ ବି ଉତ୍ପାଦ ସମସ୍ତଙ୍କ ନିକଟରେ ଗ୍ରହଣୀୟ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଓଡ଼ିଶାର ଅଗ୍ରଣୀ ମସଲା ଉଦ୍ୟୋଗ ତଥା ପୂର୍ବ ଭାରତର ଅନ୍ୟତମ ଶ୍ରେଷ୍ଠ ଖାଦ୍ୟ ପଦାର୍ଥ ଉତ୍ପାଦନକାରୀ ପ୍ରତିଷ୍ଠାନ ରୁଚି ଫୁଡ୍ ଲାଇନର ସହଯୋଗୀ ସଂସ୍ଥା ଭାବେ ବିଶ୍ୱେଶ୍ୱର ଫୁଡ୍‌ସ୍ ସାରା ଭାରତରେ ତା'ର ସ୍ୱତନ୍ତ୍ରତା ବଜାୟ ରଖିପାରିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ମତପ୍ରକାଶ କରିଥିବା ବେଳେ ବିଶିଷ୍ଟ ଉଦ୍ୟୋଗପତି ଡ. ଶରତ କୁମାର ସାହୁଙ୍କ ମାର୍ଗଦର୍ଶନରେ ଏହା ବେଶ୍ ଲୋକାଦୃତ ଓ ଗ୍ରହଣୀୟ ହୋଇପାରିବ ବୋଲି ରଶ୍ମି ସାହୁ ଆଶାବାଦୀ ଅଛନ୍ତି।

# ନୂତନ ୟୁପିଆଇ ସର୍ଭିସ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ

ନୂଆଦିଲ୍ଲୀ,୨୩।୮ (ଅଭୟ ଦାଶ)

ବର୍ତ୍ତମାନ ବଜାରରେ ଏକ ନୂତନ କ୍ରେଡିଟ୍-ଫାଷ୍ଟ ୟୁପିଆଇ ସର୍ଭିସ୍ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଛି। ଏପରିକି ସୁପର୍ ଡଟ୍ ମନି ପକ୍ଷରୁ ଏକ ସଫଳ ବିଟା ଫେଜ୍ ପରେ ଔପଚାରିକ ଭାବେ ଏହାର ଆପ୍ ଶୁଭାରମ୍ଭ କରାଯାଇଛି। ବିଟା ଫେଜ୍ ସମୟରେ ଏହି ଆପ୍‌ର ପ୍ରାୟ ୧ ମିଲିୟନ ଡାଉନଲୋଡ୍ ଦେଖିବାକୁ ମିଳିଛି, ଯାହା ୧୦ମିଲିୟନରୁ ଅଧିକ ଟ୍ରାଞ୍ଜାକ୍ସନକୁ ପରିଚାଳନା କରିଥିଲା।

ସୁପର ଡଟ୍ ମନି ଏକ ପ୍ରଥମ ଧରଣର କ୍ରେଡିଟ୍ ଅନ୍ ୟୁପିଆଇ ସଲ୍ୟୁଶନର ପରୀକ୍ଷଣ ଶେଷ କରିଛି ଏବଂ ଏଥିପାଇଁ ୱେଟ୍‌ଲିଷ୍ଟ ପ୍ରୋଗ୍ରାମ ଆରମ୍ଭ କରିଛି। ସୁପର ଡଟ୍ ମନିର ପ୍ରଥମ ସମାଧାନ ହେଉଛି ଏକ ରୁପେ କ୍ରେଡିଟ୍ କାର୍ଡ ଯାହା ୟୁପିଆଇ ରେଲ୍‌ରେ ଏକ ସୁଧ ବହନକାରୀ ୱାଲେଟ ଭାବେ କାର୍ଯ୍ୟ କରିଥାଏ ଏବଂ ଏହା ବିଶ୍ୱରେ ପ୍ରଥମ ଧରଣର।

ସୁପର ଡଟ୍ ମନି ଦୈନନ୍ଦିନ ଟ୍ରାଞ୍ଜାକ୍ସନଗୁଡିକ ପାଇଁ ରିୱାର୍ଡ ଓ ଋଣ ଅନୁଭୂତିକୁ ଉନ୍ନତ କରିବା ଉପରେ ଏକ ମଜଭୁତ ଧ୍ୟାନ ସହ ଏହାର ୟୁପିଆଇ ଅଫରିଂ ଶୁଭାରମ୍ଭ କରିଛି। ଏହି ଆପ୍ ପ୍ରତ୍ୟେକ ମର୍ଚ୍ଚାଣ୍ଟ ଟ୍ରାଞ୍ଜାକ୍ସନ ଉପରେ ୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଏବଂ ଫ୍ଲିପ୍‌କାର୍ଟ ଓ ମିନ୍ତ୍ରା ସମେତ ପାର୍ଟନର ମର୍ଚ୍ଚାଣ୍ଟଗୁଡିକରୁ ସ୍ୱତନ୍ତ୍ର ଅଫର ପ୍ରଦାନ କରୁଛି।

ଏ ସମ୍ପର୍କରେ ସୁପର୍ ଡଟ୍ ମନିର ପ୍ରତିଷ୍ଠାତା ତଥା ସିଇଓ ପ୍ରକାଶ ସିକାରିଆ କହିଛନ୍ତି, ସୁପର୍ ଡଟ୍ ମନି ଆପ୍ ଶୁଭାରମ୍ଭର ସମୟ ଅତ୍ୟନ୍ତ ଅନୁକୂଳ ଅଟେ, ଯାହା ୟୁପିଆଇରେ କ୍ରମାଗତ ଭାବେ ୩ୟ ମାସ ପାଇଁ ଟ୍ରାଞ୍ଜାକ୍ସନରେ ୨୦ଟ୍ରିଲିୟନ ଟଙ୍କା ଅତିକ୍ରମ କରିଛି। ଆମର ବିଟା ଫେଜ୍ ସୁପର୍ ଡଟ୍ ମନି ଅନୁଭୂତିକୁ ଉନ୍ନତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବେଳେ ସୁପର୍ ଡଟ୍ ମନିରେ ଆମର ଲକ୍ଷ୍ୟ କେବଳ ଏକ ପେମେଣ୍ଟ ପ୍ଲାଟ୍‌ଫର୍ମ ହେବାରୁ ଆଗକୁ ବଢିଛି। ବର୍ତ୍ତମାନ ସୁପର୍ ଡଟ୍ ମନି ଆର୍ଥିକ ସେବାଗୁଡିକୁ ସଶକ୍ତ କରିବା ପାଇଁ ଏକ ବିସ୍ତୃତ ଶୃଙ୍ଖଳାର ଆର୍ଥିକ ଅନୁଷ୍ଠାନ ସହ ସହଭାଗିତା କରିଛି।

**Bhubaneswar Municipal Corporation**
Phone No.0674-2431253, e-mail: info@bmc.gov.in
XXXXX-II-SBAC-49/2022

Letter No.34317 | **ବିଜ୍ଞପ୍ତି** | Dt.21.8.24

No.C-462:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଉଦ୍ୟାନ ଏବଂ ବଗିଚାରୁ ବାହାରୁଥିବା ଡାଳପତ୍ର, ଘାସ ଆଦି ସବୁଜ ବର୍ଜ୍ୟବସ୍ତୁ ରାସ୍ତା ପାର୍ଶ୍ୱରେ ଜମା କରିବା ଦ୍ୱାରା ପରିମଳ ବ୍ୟବସ୍ଥା ଏବଂ ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଅଛି । ଏଣୁ ନାଗରିକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିଜ ଘର କିମ୍ବା ବଗିଚା, ସରକାରୀ, ବେସରକାରୀ, ଘରୋଇ ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ଶିକ୍ଷାନୁଷ୍ଠାନ ଆଦିରୁ ବାହାରୁଥିବା ସବୁଜ ବର୍ଜ୍ୟ ନିଜ ପରିବେଶ କିମ୍ବା ବସ୍ତାରେ ରଖି ନିଜ ୱାର୍ଡର ସାନିଟାରୀ ଇନ୍ସପେକ୍ଟର କିମ୍ବା ୱାର୍ଡ ଅଫିସରଙ୍କୁ ଅବଗତ କରାଇବେ । ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ସ୍ଥିରୀକୃତ ଗାଡି ସେହି ସବୁଜ ବର୍ଜ୍ୟ ସଂଗ୍ରହ କରି ଚିହ୍ନିତ ସ୍ଥାନରେ ଜମା କରିବେ ।

ଏହି ନିୟମର ଉଲ୍ଲଙ୍ଘନ କଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କିମ୍ବା ଟ.୫୦୦୦/- (ପାଞ୍ଚ ହଜାର ଟଙ୍କା ମାତ୍ର) ଙ୍କ ଜୋରିମାନା ଆଦାୟ କରାଯିବ ।

ସ୍ୱା./- କମିଶନର
ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0056/2425

**ODISHA PUBLIC SERVICE COMMISSION, CUTTACK**

**NOTICE**

No.4716/PSC, Dt.22.8.24
Website-http://opsc.gov.in

**Corrigendum to this office Notice No.4669/PSC, Dt.21.08.2024**

No.D-115:In partial modification to this Office Notice No.4669/PSC, Dt.21.08.2024, it is for information of concerned candidates that the time of reporting, document verification and V.V. test of 09 candidates to be held on 31.08.2024 in respect of Board-II only have been inadvertently mentioned as 12.00 P.M., 12.30 P.M. & 2.45 P.M. instead of 8.00 A.M., 8.30 A.M. & 10.45 A.M. respectively. Hence, the revised programme of document verification and Viva voce test of **09 candidates in respect of Board-II only to be held on 31.08.2024** for rectt. to the posts of Inspector of Motor Vehicle/Addl. RTO (Enforcement)/ Asst. Works Engineer, pursuant to Advt. No. 15 of 2023-24 is as follows.

| Sl. No. | Roll No. of Candidates | Date of Document Verification & V.V. Test | Board | Time of reporting by the candidates | Time of document verification | Time of V.V. Test |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | 101188, 101227, 101235, 101260, 101280, 101293, 101295, 101301, 101311 = 09 Candidates | 31.08.2024 | Board-II | 08.00 A.M. | 8.30 A.M. | 10.45 A.M. |

Besides this, all other stipulations made in Notice No.4669/PSC, Dt.21.08.2024 shall remain unchanged.

OIPR-12002/11/0069/2425 Sd./- Secretary (I/C)

**ODISHA UNIVERSITY OF AGRICULTURE & TECHNOLOGY, BHUBANESWAR - 3**

Letter No. ACD-I/ADM-0013/2022-24/14061/UAT Dt.22nd August, 2024

**NOTICE**

**SPOT COUNSELING & ADMISSION INTO DIPLOMA IN AGRO-POLYTECHNIC COURSES 2024-25**

No. KK-137: Admission into Diploma in different Agro-polytechnic courses shall be held against 74 vacant seats for the Academic Session 2024-25. Interested candidates are informed to report on 30th August, 2024 between 9.30 A.M. to 10.00 A.M. positively in Dr. M.S. Swaminathan Conference Hall, 2nd Floor, OUAT Administrative Building, Bhubaneswar-3 with all required documents & Demand Draft as mentioned in the guidelines for spot counseling and admission available in OUAT website.

Candidates awarded rank in the Diploma admission process 2024-25 as well as fresh candidates can participate on spot counseling & admission process. The detail guidelines with eligibility and documents required for spot counseling and admission is available in OUAT website **www.ouat.ac.in** (Academic section>admission section)/**https://ouat-lokaseba-odisha.in**.

Candidates are advised to visit OUAT website for
i) Detailed spot counseling & Admission Notice with vacant seat position 2024-25.
ii) Guidelines for spot counseling and admission in Diploma in Agro-polytechnic, OUAT 2024-25.

OIPR-01036/11/0034/2425 Sd./- Registrar

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR, BOUDH**

Email - cdmoboudh11@gmail.com
No. 2631/2024/CDM&PHO/Boudh/Dated - 21.08.2024

**EXPRESSION OF INTEREST FOR HIRING OF VEHICLE**

No.E-221 : Sealed tenders are invited from the interested Travel Agencies/Individuals for immediate hiring of 1(one) nos Vehicle including Drivers for engagement in the office of the CDM & PHO, Boudh for monitoring and implementation of different health programmes by the programme wing officers on monthly/daily hiring basis/Interested travel agencies/individuals may submit offers mentioning monthly hiring charges (including all taxes like SGST & CGST and other takes if any except toll gate charges) & per litre DOL consumption in KM. The tender papers along with term & conditions will be available at district portal "https://boudh.nic.in". The Tender containing technical & financial bid in separate sealed cover should reach to the "Chief District Medical & Public Health Officer cum District Mission Director, Boudh, PIN-762014 on or before dt.11.09.2024 by 05.00 PM along with all relevant documents through speed post/registered post/courier service only. The tender will be opened on dt.12.09.2024 12.30 PM in the office chamber of the undersigned.

The undersigned reserves the right to reject any or all the tender without any reason thereof.

Sd./- Chief District Medical & Public Health Officer Cum District Mission Director, Boudh
OIPR-10107/11/0003/2425

**ପୌରପରିଷଦ କାର୍ଯ୍ୟାଳୟ, ଦେବଗଡ଼**

ସଂଖ୍ୟା: ୧୮୯୨ ତାରିଖ: ୨୨।୦୮।୨୦୨୪

**ବିଜ୍ଞାପନ**

No. C-474: ଏତଦ୍ୱାରା ଦେବଗଡ଼ ସହରର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦେବଗଡ଼ ପୌରପରିଷଦ ଦ୍ୱାରା ୧୬ ଗୋଟି ଦେବଗଡ଼ ନ୍ୟାୟାଳୟ ସମ୍ମୁଖରେ ଥିବା ଭେଣ୍ଡିଙ୍ଗ ଜୋନ (Vending Zone) ଦୋକାନ ଗୃହ ଗୁଡ଼ିକ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ମାସିକ ଭଡ଼ା ସୂତ୍ରରେ ଆବଣ୍ଟନ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା୨୩।୦୮।୨୦୨୪ରିଖରୁ ତା୦୬।୦୯।୨୦୨୪ରିଖ ଦିନ ୦୫.୩୦ ଘଟିକା ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) କ୍ରୟ କରି ଆବେଦନ କରିପାରିବେ। ଆବେଦନ ଫର୍ମ ପୌର କାର୍ଯ୍ୟାଳୟରେ ତା୦୬।୦୯।୨୦୨୪ରିଖ ଦିବା ୦୫.୩୦ ଘଟିକା ମଧ୍ୟରେ ଗ୍ରହଣ କରାଯିବ। ନିର୍ଦ୍ଧାରିତ ସମୟସୀମା ପରେ ଆବେଦନ ଫର୍ମ ଗ୍ରହଣ ବିଚାରକୁ ନିଆଯିବ ନାହିଁ। ସମୟ ସୀମା ମଧ୍ୟରେ ଗ୍ରହଣ କରାଯାଇଥିବା ଫର୍ମଗୁଡ଼ିକ ତା୧୦।୦୯।୨୦୨୪ରିଖ ଦିବା ୧୧ ଘଟିକା ସମୟରେ ଖୋଲାଯାଇ ମୂଲ୍ୟାଙ୍କନ କରାଯିବ।

**ସର୍ତ୍ତାବଳୀ**

୧. ବ୍ୟକ୍ତି ବିଶେଷ ପୌରପରିଷଦର ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ (ତହିଁର ମୂଲ୍ୟ ଟ୧୦୦୦ଙ୍କା ପଇଠ କରି) ଆବେଦନ କରିବେ, ଯାହାକି ଫେରସ୍ତ ଯୋଗ୍ୟ ନୁହେଁ।
୨. ଭଡ଼ା ସୂତ୍ରରେ ଦୋକାନ ଗୃହ ନେବାକୁ ଇଚ୍ଛୁକ ବ୍ୟକ୍ତି ସାଧାରଣତଃ ଦେବଗଡ଼ ପୌରାଞ୍ଚଳର ବାସିନ୍ଦା ହୋଇଥିବେ। (ଗୋଟିଏ ଫଟୋ ସହିତ ଆଧାର କାର୍ଡ଼/ଭୋଟର କାର୍ଡ଼/ପ୍ୟାନ କାର୍ଡ଼ର ନକଲ ସଂଲଗ୍ନ କରିବେ)।
୩. ଯୋଗ୍ୟ ବିବେଚିତ ବ୍ୟକ୍ତି ଦୋକାନ ଗୃହର ପ୍ରତ୍ୟେକ କୋଠରିକୁ (One time non-refundable security)ରେ ଟ୮୦,୦୦୦.୦୦ଙ୍କା ଆବଣ୍ଟନ ଦିନ ଦେବାକୁ ପଡ଼ିବ (By Demand Draft in favour of Executive Officer, Deogarh Municipality) ଅନ୍ୟଥା ତାଙ୍କର ଆବଣ୍ଟନ ପତ୍ର ଖାରଜ କରାଯିବ।
୪. ପ୍ରତି ଦୋକାନ କୋଠରିର ମାସିକ ଭଡ଼ା ଟ୧୦୦୦ଙ୍କା ସ୍ଥିର ହୋଇଅଛି। ଜମାନତ ବାବଦକୁ ପ୍ରତ୍ୟେକ କୋଠରି ପ୍ରତି ତିନି ମାସରେ ଭଡ଼ା ଅଗ୍ରିମ ପଇଠ କରିବାକୁ ପଡ଼ିବ।
୫. ଦୋକାନ ଗୃହର ବିଦ୍ୟୁତ୍ ବାବଦୀୟ ଇତ୍ୟାଦି ଶୁଳ୍କ ଦୋକାନ ଗୃହର ଲିଜ୍‌ଧାରୀ ମାଲିକ ପଇଠ କରିବେ।
୬. ଦୋକାନ ଗୃହରେ କେଉଁ ପ୍ରକାର ସାମଗ୍ରୀ ବ୍ୟବସାୟ କରିବେ ତାହା ଉଲ୍ଲେଖ କରିବେ।

ସ୍ୱା./- ନିର୍ବାହୀ ଅଧିକାରୀ
ଦେବଗଡ଼ ପୌରପରିଷଦ
OIPR-13088/11/0002/2425

**OFFICE OF THE DISTIRCT MANAGER O.S.C.S.C. LTD., ANGUL**

No. 3003 Dt.02.08.24

**TENDER CALL NOTICE**

No. CAD-910: In pursuance of instructions communicated vide Letter No. 16002 Dt.07.11.2022 and Letter No. 9281 Dt.03.08.2024 of OSCSC Ltd., Bhubaneswar the sealed quotations/tenders are invited from interested reputed Travel Agencies/Tour Operators or private individuals for providing 01 (One) no. of vehicle i.e. "Tiago/Bolt/Celerio (Petrol)" or any other Four Wheeler for use in official purpose in the Office of CSO-cum-District Manager, OSCSC Ltd., Angul for the year 2024. The details of the tender terms and conditions are available in the District Website **"www.angul.nic.in"**. The last date of receipt of tender paper and relevant document fixed on 02.09.2024 by 5.30 P.M.

Sd./- CSO-cum-District Manager
O.S.C.S.C. Ltd., Angul
OIPR-07064/11/0001/2425

**SAMBALPUR MUNICIPAL CORPORATION SAMBALPUR (ODISHA)**

Email id: sambalpurm.hud@nic.in, Phone No.0663-2411012

ପତ୍ର ସଂଖ୍ୟା ୭୫୩୮ **ନିଲାମ ନୋଟିସ** ତା.୨୦.୦୮.୨୦୨୪

No.C-459:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ କଲ୍ୟାଣ ମଣ୍ଡପ ନିମନ୍ତେ ୦୧ ସେପ୍ଟେମ୍ବର, ୨୦୨୪ ରୁ ୩୧ ଅଗଷ୍ଟ, ୨୦୨୫ ପାଇଁ ଆସନ୍ତା ୨୯.୦୮.୨୦୨୪ ଅପରାହ୍ଣ ଘ.୫.୩୦ମି ସୁଦ୍ଧା ଟେଣ୍ଡର ଫର୍ମ/କୋରିୟର/ସ୍ପିଡ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା.୩୦.୦୮.୨୦୨୪ ପୂର୍ବାହ୍ଣ ଘ.୧୧.୩୦ ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ । ନିଲାମ ନୋଟିସର ସବିଶେଷ ତଥ୍ୟ ୱେବସାଇଟ୍‌ରେ (www.smcsambalpur.nic.in) ଉପଲବ୍ଧ ଅଛି । ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ ।

ସ୍ୱା./- ସହ ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର
OIPR-13122/11/0033/2425

**WATCO** No.C-466

**OFFICE OF THE CHIEF EXECUTIVE OFFICER, WATCO, Ground Floor, Unnati Bhawan**
H.B. Colony, Satyanagar, Bhubaneswar-751007
Odisha, India, Telefax:-+91-674-2391444
E-mail:ceowatcoodisha@gmail.com/mail@watcoodisha.in

**INVITATION FOR BID (IFB)**

Bid Identification No.WATCO (W)-07/2024-25, Dtd.21.08.2024
WATCO No.5166, Date:21.08.2024

01. Name of the Work: (1) Supply, Installation, Testing & Commissioning of pumping Arrangement, Electrification System and Piping System at Jawahar Nagar Pump House, Rourkela. 2. Supply, Installation, Testing & Commissioning of Pumpsets including Electrical & Piping Arrangements for New Pump House at (18+25 MLD), WTP at Panposh Rourkela. 3. Supply, Installation, Testing & Commissioning of pumping Arrangement, Electrification System and Piping System at 55 MLD Pump House, Rourkela. 4. Provision for automation of 2.00 MLD WTP with pumping station, renovation of intake well & diversion of drain at Jhirpani, Rourkela for 24x7 water supply to Rourkela.
02. Estimated cost : 1.Rs.185.85 Lakh, 2.Rs.433.37 Lakh 3. Rs.351.70 Lakh, (4) Rs.425.50 Lakh
03. Period of completion : 06 (Six Calendar) Months
04. Date & time of availability of bid document in the portal : From 11.00 AM of Dt.30.08.2024 to 5.00 PM of 12.09.2024
05. Last date / time of receipt of bids in the portal : 5.00 PM of 13.09.2024
06. Date & Time of Opening of technical bids : 12.30 PM of 13.09.2024
07. Name and address of the Officer Inviting Bid :- CEO, WATCO Telefax:- 0674-2391444 E-mail:ceowatcoodisha@gmail.com /md@watcoodisha.in
08. The bidders have to participate in ONLINE bidding only. Further details can be seen from the website: www.tendersodisha.gov.in.

Sd./-CEO, WATCO
OIPR-13194/11/0012/2425

**OFFICE OF THE DIVISIONAL FOREST OFFICER, ANGUL, DIVISION**

At/Po - ANGUL, Dist.-ANGUL, Odisha - 759122, E-mail ID - dfoangul@gmail.com
dfo.angul@odisha.gov.in Phone No - 9938022883
Letter No. 6617/1F-Accounts/2024-25
Dated Angul the 20th August, 2024

**SHORT TENDER CALL NOTICE**

No.MM-127 : Sealed Tenders are invited from intending Organization / Firm / NGOs etc having experience in community mobilization, forestry works etc for engagement as Partner NGO (one Team) during 2024-25 under Angul Forest Division for implementation of the Ama Jangala Yojana under Odisha Forestry Sector Development Projects, Bhubaneswar under Odisha Forestry Sector Development Society, Bhubaneswar for the year 2024-25.

The Short Tender application can be obtained in person from the Division Office on any working day between 10.00 AM to 5.00 PM from 22.08.2024 to 04.09.2024. Filled in application along with a non-refundable Bank Draft for Rs. 2000/- drawn in favour of Divisional Forest Officer, Angul Forest Division payable at Angul should reach the office of the Divisional Forest Officer, Angul Forest Division latest by 5.00 PM on or before 04.09.2024. The financial Bid of the tender will be opened on 05.09.2024.

Further information and TOR for P-NGO can be obtained from the Division Office during office hours. All the requisite documents required for engagement of Partner NGO is mentioned in the application form. Any form incomplete in nature and non-possession of any pre-requisite as mentioned will not be entertained during the tender process.

Sd./- Divisional Forest Officer
Angul Forest Division
OIPR-08027/11/0013/2425

**ODISHA STATE SEEDS CORPORATION LIMITED**
(A Government Undertaking)
Santarapur, Bhubaneswar - 751002
Tel - MD 0674-2340573, E-mail - mdossclتd456@gmail.com
NIT No. OSSC/Mktg (Hort)-111/2024

**Short e-Tender Call Notice for Procurement of Certified Fenugreek Seed for Rabi - 2024-25**

No.CAD-902 : OSSC Ltd. invites short e-Tender only from Producers (and in case of GOI PSUs, their authorized Agensies) on item wise rate contract basis **for Procurement of Certified Fenugreek Seed for Rabi-2024-25** in double cover system through online mode only for the work below.

| | |
|---|---|
| Name of the work | Purchase of Certified Fenugreek Seed for Rabi-2024-25 |
| No of work | One |
| Availability of bid documents in portal | 15.00 hours on dt.23.08.2024 to 17.00 hrs of dt.29.08.2024 |
| Last date of receipt of tender in portal | 17.00 hrs of dt.29.08.2024 |
| Date and time opening of Bid | 10.30 hrs of dt.30.08.2024 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/cancellation can also be seen in the said website.

Sd./- Managing Director
OSSC Ltd.
OIPR-01106/11/0026/2425

ANNEXURE-I

**ZILLA PARISHAD, NUAPADA**

**SHORT ADVERTISEMENT**

**Invitation of application for recruitment to the post of Gram Rozgar Sevak (GRS) under MGNREGS in the District of NUAPADA**

**No.2163** **Date:22.08.2024**

**No.CAD-907:**Applications are invited from the eligible candidates to fill up 63 nos. of post of Gram Rozgar Sevaks (GRS) to be engaged in different Gram Panchayats in NUAPADA District on contractual basis under MGNREGA. The newly engaged GRS will get a consolidated monthly remuneration of Rs.7,000/-, after successfully worked for more than 01 year & less than 06 years will get 8500/- per month and will get 8880/- per month after successfully worked for more than 06 years. The last date for submission of application is 23.09.2024. The detailed advertisement having no. of vacancies, remuneration, age, eligibility criteria and other terms and conditions is available in the District Official Website www.nuapada.odisha.gov.in.

Sd./- Collector-cum-CEO
Zilla Parishad, Nuapada
OIPR-19389/11/0001/2425

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩୨ ହଜାର ଲୋକ, ୭ ହଜାର କୋଟିର ଜମା

## ଗୁଜରାଟର ଧନୀ ଗାଁ ମାଧାପୁର

ଗାନ୍ଧୀନଗର



ଗତ କିଛି ବର୍ଷ ଧରି ଭାରତର ଗ୍ରାମଗୁଡ଼ିକର ଜନସଂଖ୍ୟା କମୁଥିବାବେଳେ ସହରର ଜନସଂଖ୍ୟା ବଢ଼ିବାରେ ଲାଗିଛି। ଦାରିଦ୍ର୍ୟ ଏବଂ ବେକାରିରୁ ମୁକ୍ତି ପାଇବା ପାଇଁ ଗ୍ରାମର ଅନେକ ଯୁବକ ସହରମୁହାଁ ହେଉଛନ୍ତି। ତେବେ ଭାରତରେ ଏପରି ଏକ ଗ୍ରାମ ଅଛି ଯେଉଁଠି ଦେଶର ଶୀର୍ଷ ବ୍ୟାଙ୍କଗୁଡ଼ିକ ମଧ୍ୟରେ ନିଜର ଶାଖା ଖୋଲିବାକୁ ପ୍ରତିଯୋଗିତା ଚାଲିଛି।

ଗୁଜରାଟର କଚ୍ଛ ଜିଲା ମାଧାପୁର ଗ୍ରାମ ଏସିଆର ସବୁଠୁ ଧନୀ ଗ୍ରାମ ଭାବେ ଜଣାଶୁଣା। ଏହି ଗ୍ରାମର ଆର୍ଥିକ ସମୃଦ୍ଧି କୌଣସି ସହରଠାରୁ କମ୍ ନୁହେଁ। ଭୁଜ୍ ସହରର ଉପକଣ୍ଠରେ ଅବସ୍ଥିତ ମାଧାପୁର ଗ୍ରାମର ଲୋକଙ୍କ ନିକଟରେ ପ୍ରାୟ ୭ ହଜାର କୋଟିର ଫିକ୍ସଡ୍ ଡିପୋଜିଟ ରହିଛି। ୨୦୧୧ ଜନଗଣନା ଅନୁସାରେ ଏହି ଗ୍ରାମର ଜନସଂଖ୍ୟା ୧୭ ହଜାର ଥିବାବେଳେ ଏବେ ଏହା ବଢ଼ି ୩୨ ହଜାରରେ ପହଞ୍ଚିଛି। ଗ୍ରାମରେ ୧୭ଟି ବିଭିନ୍ନ ମୁଖ୍ୟ ପବ୍ଲିକ୍ ସେକ୍ଟର ଓ ପ୍ରାଇଭେଟ୍ ସେକ୍ଟର ବ୍ୟାଙ୍କ ରହିଛି। ମାଧାପୁରରେ ରହୁଥିବା ବହୁ ନନ୍ ରେସିଡେଣ୍ଟ ଇଣ୍ଡିଆନ୍ (ଏନ୍‌ଆର୍‌ଆଇ) ପରିବାର ଏଠାକାର ବ୍ୟାଙ୍କ ଏବଂ ଡାକଘରେ ବହୁ କୋଟି ଟଙ୍କା ଜମା କରି ରଖିଛନ୍ତି। ତେଣୁ ଏଠାରେ ଆହୁରି ଅନେକ ବ୍ୟାଙ୍କ ନିଜର ଶାଖା ଖୋଲିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମାଧାପୁର ଗ୍ରାମରେ ୨୦ ହଜାର ଘର ରହିଥିବାବେଳେ ସେଥିମଧ୍ୟରୁ ୧୨ ହଜାର ପରିବାର ବିଦେଶରେ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକୀୟ ଦେଶରେ ରୁହନ୍ତି। ମଧ୍ୟ ଆଫ୍ରିକାର ନିର୍ମାଣ ବ୍ୟବସାୟରେ ଗୁଜରାଟୀମାନେ ପ୍ରାଧାନ୍ୟ ବିସ୍ତାର କରି ଆସୁଥିବାବେଳେ ସେମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ମାଧାପୁର ଗ୍ରାମରୁ ରହିଛନ୍ତି। ସେହିପରି ଗ୍ରାମର ଅଧିକାଂଶ ଲୋକ ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦେଶରେ ବସବାସ କରୁଛନ୍ତି। ମାଧାପୁରର ପୂର୍ବତନ ସରପଞ୍ଚ ପାରୁଲବେନ୍ କାରା କହିଛନ୍ତି, ଏଠାକାର ବହୁ ସଂଖ୍ୟାରେ ଗ୍ରାମବାସୀ ବିଦେଶରେ ରହୁଥିଲେ ମଧ୍ୟ ସେମାନେ ମାଧାପୁରରେ ଥିବା ନିଜ ସମ୍ପର୍କୀୟ ଓ ପଡ଼ୋଶୀମାନଙ୍କ ସହ ଲଗାତର ସମ୍ପର୍କରେ ରହିଥାନ୍ତି। ସେହିପରି ସେମାନେ ଗ୍ରାମରେ ଥିବା ବ୍ୟାଙ୍କଗୁଡ଼ିକରେ ଟଙ୍କା ଜମା କରିବାକୁ ପସନ୍ଦ କରିଥାନ୍ତି। ଏହି ଗ୍ରାମରେ ଜଳ, ପରିଷ୍କାର ପରିଚ୍ଛନ୍ନତା, ସଡ଼କ ଆଦି ବିଭନ୍ନ ମୌଳିକ ସୁବିଧା ରହିଛି। ସେହିପରି ଏଠାରେ ଅନେକ ବଡ଼ କୋଠା, ବିଭିନ୍ନ ସରକାରୀ ଏବଂ ବେସରକାରୀ ସ୍କୁଲ, ମନ୍ଦିର, ହ୍ରଦ ଆଦି ରହିଛି ବୋଲି ପାରୁଲ କହିଛନ୍ତି। ଏଠାକାର ଲୋକମାନେ ବ୍ୟାଙ୍କରେ ରଖୁଥିବା ଜମା ରାଶି ଏହି ଗ୍ରାମର ସମୃଦ୍ଧିର କାରଣ ପାଲଟିଛି ବୋଲି ମାଧାପୁରରେ ଥିବା ଏକ ବ୍ୟାଙ୍କ ଶାଖାର ମ୍ୟାନେଜର କହିଛନ୍ତି।

# ୨୫ କେଜି ସୁନା ପିନ୍ଧିଥିବା ଶ୍ରଦ୍ଧାଳୁ

ତିରୁପତି



ଭାରତର ସବୁଠୁ ଧନୀ ମନ୍ଦିର ଭାବେ ପ୍ରସିଦ୍ଧ ଆନ୍ଧ୍ରପ୍ରଦେଶ ତିରୁପତିର ତିରୁମାଲା ଭେଙ୍କଟେଶ୍ୱର ମନ୍ଦିରକୁ ଶୁକ୍ରବାର ୨୫ କେ.ଜି. ଓଜନର ସୁନା ଗହଣା ପିନ୍ଧି ୨ ପୁରୁଷ ଓ ଜଣେ ମହିଳା ଭକ୍ତ ଆସିଥିଲେ। ମହାରାଷ୍ଟ୍ରର ପୁଣେରୁ ଆସିଥିବା ଏହି ଶ୍ରଦ୍ଧାଳୁଙ୍କ ସହ ଜଣେ ଛୋଟ ପିଲା ଥିବା ଦେଖିବାକୁ ମିଳିଥିଲା। ସେମାନେ ପିନ୍ଧିଥିବା ସୁନାର ଦାମ୍ ୧୮୦ କୋଟି ଟଙ୍କା ହେବ। ସେମାନେ ଅନେକ ସୁନା ଚେନ୍, ସୁନାର ସନ୍‌ଗ୍ଲାସ୍, ଚୁଡ଼ି, ହାର ଓ ଆହୁରି ଅନେକ ଅଳଙ୍କାର ପିନ୍ଧି ମନ୍ଦିରକୁ ଆସିଥିଲେ। ମନ୍ଦିରରେ ପୂଜା କଲାବେଳେ ପୋଲିସ ସେମାନଙ୍କୁ ଜଗିରହିଥିଲେ। ପାହାଡ଼ ଉପରେ ଥିବା ଭେଙ୍କଟେଶ୍ୱର ମନ୍ଦିରକୁ ପ୍ରତ୍ୟହ ୭୫ରୁ ୯୦ ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଭେଙ୍କଟେଶ୍ୱରଙ୍କୁ ବିଷ୍ଣୁଙ୍କ ଅବତାର କୁହାଯାଇଥାଏ, ଯିଏକି କଳିଯୁଗରେ ମାନବ ସମାଜକୁ ଅସୁବିଧାରୁ ରକ୍ଷା କରିବା ଓ ନ୍ୟାୟ ଦେବା ପାଇଁ ଆବିର୍ଭାବ ହୋଇଥିବା ବିଶ୍ୱାସ କରାଯାଏ। ଜୁଲାଇ ମାସରେ ମନ୍ଦିର ହୁଣ୍ଡିରୁ ୧୨୫ କୋଟି ଟଙ୍କା ରୋଜଗାର ହୋଇଥିବା ଏହାର ପରିଚାଳନା ଦାୟିତ୍ୱରେ ଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ (ଟିଟିଡି)ର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମଳ ରାଓ କହିଛନ୍ତି। ୫ ହଜାର ବର୍ଷ ତଳୁ ଭେଙ୍କଟେଶ୍ୱର ବାଲାଜୀ ସେଠାରେ ପୂଜା ପାଇଆସୁଥିବା କୁହାଯାଏ। ୧୬.୨ ଏକର ଜମି ଉପରେ ଏହି ସ୍ୱର୍ଣ୍ଣଖଚିତ ମନ୍ଦିର ରହିଛି।


### ଯୁବ ଇଂଜିନିୟରଙ୍କ (Ph.D) ଲାଭ

ଶ୍ରୀମାନ୍ ଆଶୁତୋଷ ପତି, IIT Kharagpurରୁ (Water Resources)ରେ Prof. Bhabagrahi Sahoo, School of Water Resources, IIT, Kharagpurଙ୍କ ତତ୍ତ୍ୱାବଧାନରେ "A Novel Modelling Framework for Assessing Low impact development Strategies in Urban Flood Management under Scantily-Gauged Scenarios". ଉପରେ ସଫଳତାର ସହିତ ଗବେଷଣା ଓ ସନ୍ଦର୍ଭ ଉପସ୍ଥାପନା କରି ସମ୍ମାନ ସୂଚକ ଡକ୍ଟରେଟ ଉପାଧି ଲାଭ କରିଛନ୍ତି। ଉକ୍ତ ସନ୍ଦର୍ଭଟି Prof. A.K.Gosain, Emeritus Professor, IIT, Delhi ଏବଂ Prof. V.P.Singh, Distinguished Professor, Texas, A & M University, USAଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ଡ. ଆଶୁତୋଷ ଭୁବନେଶ୍ୱର ନୀଳାଦ୍ରିବିହାର ନିବାସୀ ଶ୍ରୀମତୀ ପ୍ରତିଭା ପତି ଏବଂ ଶ୍ରୀ କାଶୀନାଥ ପତିଙ୍କ ସୁପୁତ୍ର ତଥା ଭୁବନେଶ୍ୱର ଜାଗମରା ନିବାସୀ ଶ୍ରୀମତୀ ମିନାକୁମାରୀ ମହାପାତ୍ର ଏବଂ ଶ୍ରୀ ଚନ୍ଦ୍ରକାନ୍ତ ମହାପାତ୍ରଙ୍କର ଜାମାତା। ଏହି ସଫଳତା ପାଇଁ ଡ. ଆଶୁତୋଷ ଜଗତର ନାଥ ଶ୍ରୀଜଗନ୍ନାଥ, ଆଈ ସଂଯୁକ୍ତା ମିଶ୍ର, ପତ୍ନୀ ସ୍ମରଣୀକା ଏବଂ ସମସ୍ତ ବନ୍ଧୁ ଓ ପରିବାରବର୍ଗଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୧୦୬


# ପ୍ଲାଷ୍ଟିକ ସର୍ଜରୀ କରି ଟ୍ରୋଲ୍ ହେଲେ ଆୟେଶା

ମୁମ୍ବାଇ



ଲିଉଡ୍ ଅଭିନେତ୍ରୀ ଆୟେଶା ଟାକିଆଙ୍କୁ ଦର୍ଶକ ଖୁବ୍ ପସନ୍ଦ କରନ୍ତି। ଦିନ ଥିଲା ଯେତେବେଳେ ତାଙ୍କ ଅଭିନୟରେ ଦର୍ଶକ ନିଜକୁ ହଜାଇ ଦେଉଥିଲେ। ମାତ୍ର ହଠାତ୍ ସେ ନିଜକୁ ଲାଇମ୍‌ଲାଇଟ୍‌ରୁ ଦୂରେଇ ନେଇଥିଲେ। ତେବେ ସୋସିଆଲ ମିଡିଆରେ ସେ ବେଶ୍ ଆକ୍ଟିଭ ରହିଥିଲେ। ସେଥିରେ ସେ ତାଙ୍କର ସୁନ୍ଦର ଫଟୋ ଶେୟାର କରିଥାନ୍ତି। ହେଲେ କିଛିଦିନ ହେଲା ସେ ପ୍ଲାଷ୍ଟିକ ସର୍ଜରୀ କରିଥିବା ନେଇ ଚର୍ଚ୍ଚାରେ ରହିଥିଲେ। ନିକଟରେ ଅଭିନେତ୍ରୀ ତାଙ୍କର ସଦ୍ୟତମ ଫଟୋ ଶେୟାର କରିଥିଲେ, ଯେଉଁଥିରେ ତାଙ୍କ ମୁହଁରେ ପରିବର୍ତ୍ତନ ଦେଖାଯିବାରୁ ତାଙ୍କୁ ବହୁତ ଟ୍ରୋଲ୍ କରାଯାଇଥିଲା। ଟ୍ରୋଲ୍ ହେବା ପରେ ସେ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଡିଲିଟ୍ କରିଥିବା ଜଣାପଡିଛି। ନେଟିଜେନ୍ସ ତାଙ୍କୁ ପ୍ଲାଷ୍ଟିକ ସର୍ଜରୀ କରିଥିବା ନେଇ କହିଥିଲେ। ଆୟେଶା ଏସବୁକୁ ସହ୍ୟ କରି ନ ପାରି ୨୩ ଅଗଷ୍ଟରେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଡିଲିଟ୍ କରିଦେଇଥିଲେ। ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍‌ଙ୍କ ଫିଲ୍ମ 'ୱାଣ୍ଟେଡ' ଏବଂ ଅଜୟ ଦେବଗନଙ୍କ ଫିଲ୍ମ 'ଟାରଜନ ଦି ୱଣ୍ଡର କାର୍'ରେ ଆୟେଶା ନିଜ ଅଭିନୟ ଯାଦୁ ଦେଖାଇଥିଲେ।

୩୮ ବର୍ଷୀୟା ଆୟେଶାଙ୍କ ଲୁକ୍ ବିଷୟରେ ଜଣେ ୟୁଜର୍ସ ଲେଖିଛନ୍ତି, ଆପଣ ପ୍ଲାଷ୍ଟିକ ସର୍ଜରୀ କରିଛନ୍ତି କି? ଅନ୍ୟ ଜଣେ ଲେଖିଛନ୍ତି, ଆପଣ ନିଜ ଚେହେରା ସହିତ କ'ଣ କରିଛନ୍ତି, ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା କ'ଣ ଥିଲା। ଏଥିସହିତ ଆୟେଶାଙ୍କ ପ୍ରଶଂସକମାନେ ଲେଖିଛନ୍ତି, ଆପଣ ବାର୍ବି ଡଲ୍‌ଠାରୁ କମ୍ ନୁହଁନ୍ତି।


# Classified Everyday

0674-2580101, 2549949



REAL ESTATE

SALE

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1108

Highway facing plot near Pira Bazar for sale. Phone No- 9124915059. D-1107

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

Ready to move 4BHK duplex Bunglow, Botanda, Sundarapada, Bhubaneswar, Sai Villa, Ranging- 1.10Cr. Contact- 9861125539, 9040521173. D-76020

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

A gharabari plot in yellow zone with clear title, in and around Bhubaneswar is required which must be suitable for immediate construction. General caste Owners only may contact 6239688712. D-1115

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-1109

Antique Historical Oxford Dictionary Book of Great Britain 4 volume of 1936 sale. Mobile- 6370057949. D-1111




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

Newly open health benefits SPA special offer @ 999 Bapuji Nagar. 8018429809. D-76145

Newly open health benefits SPA by expert therapist. Contact- 6371861658. D-76146

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit Executed, before the Notary Public, Bhubaneswar, Prasanta Kumar Mohanty, vide Sl.No-22, dt-20.08.2024, Bhagirathi Pradhan, Aged about 72 years, S/o- Late Chakradhar Pradhan, Vill-Khadi Padar, P.O.- Kaluparaghat, P.S.-Tangi, Dist.-Khurdha, Odisha vide Aadhaar No.xxxxxxxx3632 but in the R.O.R it is wrongly mentioned as Bhagirathi Sahoo instead of Bhagirathi Pradhan. D-75560

I, Gopal Kumar Agrawal, S/o-Shyam Sundar Agrawal, resident of At- Near Bus Stand, P.O.- Bamara, P.S.-Govindpur, Dist.- Sambalpur, Odisha declared by this affidavit No.19711, date- 01.08.2024, that now onwards I shall be known as Gopal Agrawal for all future purposes. D-75559

BEFORE THE NOTARY PUBLIC, MALKANGIRI I, Bijaya Panda, age 47 years, Son of Baikuntha Panda, resident High-tech Colony, Malkangiri, P.O./ P.S./Dist.- Malkangiri do hereby solemnly affirm and state on oath as follows. That, my actual name is Bijaya Panda but I changed it from BIJAYA PANDA to BIJAY KUMAR PANDA. That, Bijaya Panda and Bijay Kumar Panda is one and same person and Bijay Kumar Panda is regularize in all purposes. That, I swear this affidavit in order to publicity my name as Bijay Kumar Panda in local daily newspaper. D-1114

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଡା. ସଂଯୁକ୍ତା ମହାନ୍ତି**

ବଇଣ୍ଡା ଛକ, ଅନୁଗୋଳ
ଆବିର୍ଭାବ- ୦୩।୦୭।୧୯୬୨
ତିରୋଧାନ- ୧୩।୦୮।୨୦୨୪

ଆପଣ ଜଣେ ମିଷ୍ଟଭାଷୀ, ସ୍ୱଷ୍ଟବାଦୀ, ଧର୍ମ ପରାୟଣ ମହିଳା ନେତ୍ରୀ ଥିଲେ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କର ପରଲୋକକୁ ନେଇ ଆମେ ମର୍ମାହତ। ପ୍ରଭୁ ଶ୍ରୀଜଗନ୍ନାଥ ଭଲରେ ରଖନ୍ତୁ।

ଶୋକର ପରିବାର ପୁଅ ସ୍ୱୟମଦର୍ଶନ ପଟ୍ଟନାୟକ, ଝିଅ: ଦିଗ ବିଜୟନୀ ପଟ୍ଟନାୟକ, ସ୍ୱାମୀ: ରଣଜିତ ପଟ୍ଟନାୟକ, ମାୟାରାଣୀ, ସଂଘମିତ୍ରା, ଅରବିନ୍ଦ, ଜ୍ଞାନ୍‌ଜିତ୍, ବିଶ୍ୱଜିତ୍, ଅଜିତ୍, ସ୍ମିତାରାଣୀ ଓ ପଟ୍ଟନାୟକ ପରିବାରବର୍ଗ।

ଧ-୧୧୧୨

### ଏକାଦଶାହ ଉପଲକ୍ଷେ



**୰ଶଶିକାନ୍ତ ଦାସ**

କନିକାପଡ଼ା, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୦୨।୦୮।୧୯୬୭
ତିରୋଧାନ: ୧୪।୦୮।୨୦୨୪

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲିଗଲ। ତୁମର କର୍ତ୍ତବ୍ୟନିଷ୍ଠା, ସହନଶୀଳତା, ଅନାବିଳ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ଆଶୀର୍ବାଦ ଆମ ପାଇଁ ମାର୍ଗଦର୍ଶକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳପୂର୍ଣ୍ଣ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ହତଭାଗ୍ୟ ବାପା: ଧନେଶ୍ୱର ଦାସ, ଅଭାଗିନୀ ସ୍ତ୍ରୀ: ମିନୁ, ପୁତ୍ର: ରିଷି, ପୁତ୍ରବଧୂ: ଟୁନ୍‌ଟୁନ୍, କନ୍ୟା: ସୁହାନା, ସାନଭାଇ: ଧରମା, ଭାଇବୋହୂ: ରୁନୁ, ପୁତୁରା, ଝିଆରୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୧୧୩

### ଏକାଦଶାହ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଭାରତୀ ବିଶ୍ୱାଳ**

ସ୍ଥାନ: ତରଡ଼ିପାଳ (ଦାଣ୍ଡିସାହି), ପଟ୍ଟାମୁଣ୍ଡାଇ
ଆବିର୍ଭାବ-୧୨।୦୮।୧୯୫୯
ତିରୋଧାନ- ୧୪।୦୮।୨୦୨୪

ଚାହୁଁ ଚାହୁଁ ଆଜିକୁ ତୁମେ ଆମକୁ ଛାଡ଼ି ଯିବାର ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ପରଧାମକୁ ପ୍ରାପ୍ତ ହୋଇଯାଇଛ। ତୁମର ପ୍ରେରଣା, ସ୍ନେହ, ଶ୍ରଦ୍ଧା, ଦୂରଦୃଷ୍ଟି, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ସଦା ପ୍ରେରଣା ଦାୟକ ହୋଇରହିବ। ଆଜିର ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ସ୍ୱାମୀ- ଅଦ୍ୱୈତ ପ୍ରସାଦ ବିଶ୍ୱାଳ, ପୁତ୍ର- ଅମିତ୍ କୁମାର ବିଶ୍ୱାଳ, ରାଜୀବ କୁମାର ବିଶ୍ୱାଳ, ବନ୍ଧୁ ଓ ବିଶ୍ୱାଳ ପରିବାରବର୍ଗ।

ଧ-୧୧୧୦

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜି ନ ପାରେ ମୁଣ୍ଡ;**
**ଭଲ ଲୋଡୁଥାଏ ତୁଣ୍ଡ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡିଥାଏ। ରୋଜଗାର କରିବାକୁ ସାମର୍ଥ୍ୟ ନାହିଁ ଅଥଚ ଭଲ ଖାଇବାକୁ ଆଗଭର। ଆୟକ୍ଷମ ନ ହୋଇ ସର୍ବଦା ଭଲ ଭଲ ଜିନିଷ ବା ଖାଦ୍ୟ ଖାଇବାକୁ ମନ ବଳାଉଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

**ଅରୁଆ ଭାତରେ ଦହି,**
**ଅଦା ଲେମ୍ବୁରସ ତହିଁ ପକାଇ,**
**ପଥୁରି ଥାଳିରେ ଖାଇ।**

ପଥୁରି ଥାଳି ଲେମ୍ବୁରସଦିଆ ଅରୁଆ ଦହିପଖାଳ ଖାଇବା ପାଇଁ ଉପଯୁକ୍ତ ପାତ୍ର। ଏଥିରେ ଖଟା ଅଂଶ ମୋଟେ ଉକୁଟେ ନାହିଁ। ଏହି ଖାଦ୍ୟ ଖାଇବା ପାଇଁ ପାଟିକୁ ସୁଆଦ ଲାଗିବା ସଙ୍ଗେସଙ୍ଗେ ବୈଜ୍ଞାନିକ ମତରେ ଏହା ସ୍ୱାସ୍ଥ୍ୟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜୁଲିଅସ୍‌ଙ୍କ ପରାମର୍ଶ କାମଦେଲା: ନୀରଜ

ଲାଉସାନେ, ୨୩।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ଭାରତର ନୀରଜ ଚୋପ୍ରା ଏଠାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍ ଜାଭେଲିନ୍ ଥ୍ରୋରେ ସେହି ପ୍ରଦର୍ଶନ ବଜାୟ ରଖିଛନ୍ତି। ମାତ୍ର ଏଠାରେ ତାଙ୍କର ଆରମ୍ଭ ଭଲ ହୋଇ ନ ଥିଲା। ୪ର୍ଥ ରାଉଣ୍ଡ ଶେଷ ବେଳକୁ ସେ ସର୍ବାଧିକ ୮୨.୩୪ ମିଟର ଥ୍ରୋ କରିଥିବାରୁ ୪ର୍ଥ ସ୍ଥାନରେ ବିପଦ ଘେରରେ ରହିଥିଲେ। ତାଙ୍କୁ ୬ଷ୍ଠ ରାଉଣ୍ଡରେ ଥ୍ରୋ କରିବାକୁ ଅନୁମତି ମିଳିବ କି ନାହିଁ ତାହାକୁ ନେଇ ସେ ଆଶଙ୍କାରେ


ଜୁଲିଅସ୍ ୟେଗୋ


ନୀରଜ ଚୋପ୍ରା

## ଡାଇମଣ୍ଡ ଲିଗ୍

ଥିଲେ। କାରଣ ୫ ରାଉଣ୍ଡ ଶେଷରେ ଷ୍ଟାଣ୍ଡିଂର ଶ୍ରେଷ୍ଠ ୩ ଆଥ୍‌ଲେଟ୍‌ଙ୍କୁ ହିଁ ଫାଇନାଲ ଅର୍ଥାତ୍ ୬ଷ୍ଠ ରାଉଣ୍ଡ ଥ୍ରୋ ପାଇଁ ଅନୁମତି ମିଳିଥାଏ। ମାନସିକ ଚାପରେ ରହିଥିବା ଏହି ୨୬ ବର୍ଷୀୟ ଆଥ୍‌ଲେଟ୍‌ଙ୍କୁ ତାଙ୍କ ସାଥୀ କେନୀୟ ଜାଭେଲିନ୍ ଥ୍ରୋ ତାରକା ଜୁଲିଅସ୍ ୟେଗୋଙ୍କ ପରାମର୍ଶ ଟନିକ୍ ଭଳି କାମ ଦେଇଥିଲା। ଏହାକୁ ପରେ ନିଜେ ସ୍ୱୀକାର କରିଛନ୍ତି ନୀରଜ। ୫ମ ରାଉଣ୍ଡ ପୂର୍ବରୁ ନିରଜଙ୍କୁ ଜୁଲିଅସ୍ 'ଷ୍ଟେ ରିଲାକ୍ସଡ୍' ଅର୍ଥାତ୍ ଶାନ୍ତ ରହିବାକୁ ପରାମର୍ଶ ଦେଇଥିଲେ। ଏହି ରାଉଣ୍ଡରେ ସେ ୮୫.୫୮ ମିଟର ଥ୍ରୋ କରିଥିଲେ। ଫଳରେ ସେ ୬ଷ୍ଠ ତଥା ଅନ୍ତିମ ରାଉଣ୍ଡରେ ଥ୍ରୋ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ନିଜର ୬ଷ୍ଠ ତଥା ଶେଷ ଉଦ୍ୟମରେ ସେ ସିଜନ ଶ୍ରେଷ୍ଠ ୮୯.୪୯ ମିଟର ଥ୍ରୋ କରିଥିଲେ ; ଯାହାକି ତାଙ୍କୁ ଦ୍ୱିତୀୟ ସ୍ଥାନରେ ରହି ପ୍ରତିଯୋଗିତା ଫିନିଶ୍ କରିବାରେ ସହାୟକ ହୋଇଥିଲା। ଗ୍ରେନେଡାର ପିଟର ଆଣ୍ଡରସନ ୯୦.୬୧ ମିଟର ସହ ପ୍ରଥମ ଓ ଜର୍ମାନୀର ଜୁଲିଆନ ୱେବର ୮୨.୩୩ ମିଟର ଥ୍ରୋ କରି ତୃତୀୟ ସ୍ଥାନ ହାସଲ କରିଥିଲେ। ନୀରଜଙ୍କ ପ୍ରଥମ ୩ ଥ୍ରୋ ଯଥାକ୍ରମେ ୮୨.୧୦, ୮୩.୨୧ ଓ ୮୩.୧୩ ମିଟର ରହିଥିଲା।

ପ୍ରକାଶଯୋଗ୍ୟ, ନୀରଜ ପ୍ୟାରିସ୍ ଅଲିମ୍ପିକ୍ସରେ ୮୯.୪୫ ମିଟର ଥ୍ରୋ କରି ରୌପ୍ୟ ପଦକ ହାସଲ କରିଥିଲେ। ଏଠାରେ ସେ ଏହି ଦୂରତ୍ୱରେ ସାମାନ୍ୟ ଉନ୍ନତି ଆଣିଥିଲେ। "ଆଣ୍ଡରସନ ଆରମ୍ଭରୁ ଭଲ ଥ୍ରୋ କରିଥିଲେ। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁ ନ ଥିଲେ ହେଁ ଫାଇଟିଂ ସ୍ପିରିଟ୍ ଉତ୍ତମ ଥିଲା। ପ୍ରଥମ କିଛି ଉଦ୍ୟମରେ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲି। ଜୁଲିଅସ୍ ମୋତେ କହିଥିଲେ, ଶାନ୍ତ ରୁହ। ତୁମେ ଅଧିକ ଦୂର ଥ୍ରୋ କରିପାରିବ। ମୁଁ ଅଧିକ କିଛି ନ ଭାବି ଶାନ୍ତ ରହିବାକୁ ଚେଷ୍ଟା କରିଥିଲି। ଅନ୍ତିମ ଥ୍ରୋ ସବୁଠୁ ଭଲ ରହିଥିଲା" ବୋଲି ନୀରଜ ପ୍ରକାଶ କରିଛନ୍ତି। ଜୁଲିଅସ୍ ୮୩ ମିଟର ଥ୍ରୋ କରି ପ୍ରତିଯୋଗିତାରେ ୬ଷ୍ଠ ସ୍ଥାନରେ ରହିଥିଲେ।

ଏଠାରେ ଦ୍ୱିତୀୟ ସ୍ଥାନରେ ରହି ୭ ପଏଣ୍ଟ ପାଇଥିବାରୁ ନୀରଜ ଡାଇମଣ୍ଡ ଲିଗ୍ ଷ୍ଟାଣ୍ଡିଂରେ ୧୫ ପଏଣ୍ଟ ସହ ୱେବରଙ୍କ ସହ ଯୁଗ୍ମ ତୃତୀୟ ସ୍ଥାନରେ ରହିଛନ୍ତି। ୨୧ ପଏଣ୍ଟ ସହିତ ପିଟର୍ସ ଶୀର୍ଷ ସ୍ଥାନକୁ ଲମ୍ଫ ମାରିଛନ୍ତି। ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ୍ ୧୬ ପଏଣ୍ଟ ସହ ଦ୍ୱିତୀୟରେ ରହିଛନ୍ତି। ଲାଉସାନେ ଡାଇମଣ୍ଡ ଲିଗ୍‌ରେ ସେ ୮୨.୦୩ ମିଟର ଥ୍ରୋ କରି ୭ମ ସ୍ଥାନରେ ରହିଥିଲେ। ଚଳିତ ସିଜନର ଡାଇମଣ୍ଡ ଲିଗ୍ ଫାଇନାଲ୍ସ ବ୍ରୁସେଲ୍ସରେ ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଡାଇମଣ୍ଡ ଲିଗ୍ ସିରିଜଗୁଡ଼ିକର ଷ୍ଟାଣ୍ଡିଂର ଶୀର୍ଷ ୬ ସ୍ଥାନରେ ଥିବା ଆଥ୍‌ଲେଟ୍ ଫାଇନାଲପାଇଁଯୋଗ୍ୟତାଅର୍ଜନକରିବେ।

### ଜୟ ଶାହା ଆଇସିସି ଚେୟାରମ୍ୟାନ ହେଲେ...

# କିଏ ହେବେ ବିସିସିଆଇ ସମ୍ପାଦକ

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଚେୟାରମ୍ୟାନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ତାହା ହୁଏ ତେବେ ତାଙ୍କ ସ୍ଥାନରେ ବିସିସିଆଇର ସମ୍ପାଦକ ପଦ ପାଇଁ କେହି କ୍ଲିୟର ଫେଭରାଇଟ ନାହାନ୍ତି। ଆଇସିସି ବୋର୍ଡରେ ୧୬ ସଦସ୍ୟଙ୍କ ମଧ୍ୟରୁ ଶାହାଙ୍କ ପ୍ରତି ୧୫ ଜଣଙ୍କର ସମର୍ଥନ ରହିଛି। ମାତ୍ର ୯୬ ଘଣ୍ଟାରୁ କମ୍ ସମୟ ମଧ୍ୟରେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ। କ୍ରମାଗତ ଦ୍ୱିତୀୟ ଥରପାଇଁ ବିସିସିଆଇ ସମ୍ପାଦକଭାବେ ତାଙ୍କ କାର୍ଯ୍ୟକାଳ ଆଉ ୧ ବର୍ଷ ରହିଛି। ଆଇସିସିର ନୂଆ ଚେୟାରମ୍ୟାନ ଡିସେମ୍ବର ୧ରେ ଦାୟିତ୍ୱ ଗ୍ରହଣ କରିବେ। ତେଣୁ ଏହି ପଦପାଇଁ ମନୋନୟନ ପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୭କୁ ଧାର୍ଯ୍ୟ କରାଯାଇଛି। ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ଯଦି ଜୟ ଶାହା ଆଇସିସିକୁ ଯିବେ ତେବେ ବିସିସିଆଇ ସମ୍ପାଦକ କିଏ ହେବେ। ଏହି ପଦପାଇଁ ଉପଯୁକ୍ତ ମନେ ହେଉଥିବା କେତେଜଣ ସମ୍ଭାବ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ଆଲୋଚନା କରାଯାଇପାରେ। ରାଜୀବ ଶୁକ୍ଲା: ବର୍ତ୍ତମାନର ବିସିସିଆଇ ଉପ-ସଭାପତି ରାଜୀବ ଶୁକ୍ଲାଙ୍କୁ ୧ ବର୍ଷ ପାଇଁ ଏହି ପଦଲାଗି ମନୋନୀତ କରାଯାଇପାରେ। ରାଜ୍ୟ ସଭାରେ


ଜୟ ଶାହା

କଂଗ୍ରେସ ଏମ୍‌ପି ଥିବା ଶୁକ୍ଲା ସମ୍ଭବତଃ ଏଥିରେଅମଙ୍ଗହେବେନାହିଁ।କାରଣଉପ-ସଭାପତି ଦଳ କେବଳ ଏକ ରବର ଷ୍ଟାମ୍ପ। ଆଶିଷ ଶେଲର: ମହାରାଷ୍ଟ୍ର ଭାଜପା ହେଭିୱେଟ ଶେଲର ଏବେ ବିସିସିଆଇ କୋଷାଧ୍ୟକ୍ଷ ଅଛନ୍ତି। ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ପ୍ରଶାସନର ସେ ଜଣେ ବଡ଼ ନାମ। ପ୍ରଭାବଶାଳୀ ହୋଇଥିବାରୁ ତାଙ୍କ ନାମ ବିଚାରକୁ ନିଆ ଯାଇପାରେ। ଅରୁଣ ଧୁମାଲ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଚେୟାରମ୍ୟାନ ଅରୁଣ ଧୁମାଲଙ୍କର ବୋର୍ଡ ପରିଚାଳନାରେ ବହୁ ଅଭିଜ୍ଞତା ରହିଛି। ସେ ପୂର୍ବରୁ ବିସିସିଆଇ କୋଷାଧ୍ୟକ୍ଷ ଥିଲେ ଏବଂ ବର୍ତ୍ତମାନ ବ୍ୟୟବହୁଳ ଆଇପିଏଲ୍‌ର ମୁଖ୍ୟ ଅଛନ୍ତି। ଏହା ବ୍ୟତୀତ ଯୁଗ୍ମ ସମ୍ପାଦକ ଦେବଜିତ ସାଇକିଆ ଏବଂ ବିଭିନ୍ନ ଆସୋସିଏଶନ ଦାୟିତ୍ୱରେ ଥିବା ରୋହନ ଜେଟଲି, ଅଭିଷେକ ଡାଲମିଆ, ଦିଲଶେର ଖାନ୍ନା, ଭିପୁଲ ଫାଡ୍‌କେ ଓ ପ୍ରଭତେଜ ଭାଟିଆଙ୍କ ନାମ ମଧ୍ୟ ଆଲୋଚନା ପରିସରକୁ ଆସିପାରେ।

# ପାରାଲିମ୍ପିକ୍ସରେ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ

ବୋଲୋଗ୍ନା (ଇଟାଲୀ), ୨୩।୮ (ଏପି)

ଭାଲେଣ୍ଟିନା ପେଟ୍ରିଲୋ ପ୍ରଥମ ମହିଳା ଟ୍ରାନ୍ସଜେଣ୍ଡର ଆଥଲେଟଭାବେ ପ୍ୟାରିସ ପାରାଲିମ୍ପିକ୍ସରେଂ ଭାଗ ନେବାକୁ ଯାଉଛନ୍ତି। ସେ ଇଟାଲୀରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି। ୫୦ବର୍ଷୀୟା ଏହି ସ୍ପ୍ରିଣ୍ଟର ମହିଳା ଟି୧୨ କ୍ଲାସିଫିକେଶନରେ ଭାଗ ନେବେ, ଯାହାକି ଦୃଷ୍ଟିବାଧିତଙ୍କ ଲାଗି ଉଦ୍ଦିଷ୍ଟ। ପେଟ୍ରିଲୋ ଟି୧୨ ଶ୍ରେଣୀରେ ୨୦୦ମିଟର ଓ ୪୦୦ମିଟର ରେସ୍‌ରେ ଅଂଶଗ୍ରହଣ କରିବେ। କିନ୍ତୁ ଜଣେ ଓକିଲ ତଥା ଆଥଲେଟ ମାରିଉସିଆ କ୍ୱିଲେରି ଓ ଅନ୍ୟ କେତେଜଣ ଆଥଲେଟ ମହିଳା ରେସ୍‌ରେ ପେଟ୍ରୋଲିଓଙ୍କ ଅଂଶଗ୍ରହଣକୁ ବିରୋଧ କରୁଛନ୍ତି। ପେଟ୍ରିଲିଓ ଗତବର୍ଷ ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଦୁଇଟି ବ୍ରୋଞ୍ଜ ପଦକ


ଭାଲେଣ୍ଟିନା ପେଟ୍ରିଲୋ

ଜିତିଥିଲେ। ପାରାଲିମ୍ପିକ୍ସ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ହେବ। ସୂଚନାଯୋଗ୍ୟ, ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଇଟାଲିଆନ ସ୍ପ୍ରିଣ୍ଟର ପିଟ୍ରୋ ମେନିଆ ଯେତେବେଳେ ୨୦୦ ମିଟରରେ ସ୍ୱର୍ଣ୍ଣ ଜିତିଲେ ସେ ତାହାକୁ ଦେଖିଛନ୍ତି। ସେତେବେଳେ ତାଙ୍କୁ ମାତ୍ର ୭ ବର୍ଷ ବୟସ ହୋଇଥିଲା। ଆଥଲେଟିକ୍ସ ପ୍ରତି ତାଙ୍କର ଆଗ୍ରହ ବୃଦ୍ଧି ପାଇଥିଲା। ମେନିଆଙ୍କ ଭଳି ଅଲିମ୍ପିକ୍ସରେ ଭାଗ ନେଇ ସେ ପଦକ ଜିତିବାକୁ ଚାହିଁଥିଲେ। ପେଟ୍ରିଲିଓ କହିଛନ୍ତି, ପିଲାଦିନେ ସେ କେବେ ନିଜକୁ ଜଣେ ପୁରୁଷ ବୋଲି ଅନୁଭବ କରୁ ନ ଥିଲେ। ଜଣେ ମହିଳା ଭାବେ ସେ ଏହି ସଫଳତା ହାସଲ କରିବା ଲାଗି ମନସ୍ଥ କରିଥିଲେ। ୪ ଦଶନ୍ଧି ପରେ ୫୦ବର୍ଷ ବୟସରେ ସେ ତାଙ୍କ ସ୍ୱପ୍ନ ପୂରଣ କରିପାରିବେ ବୋଲି ଆଶା କରିଛନ୍ତି। ତେବେ ଅଲିମ୍ପିକ୍ସରେ ନୁହେଁ ଜଣେ ଟ୍ରାନ୍ସଜେଣ୍ଡର ମହିଳା ଭାବେ ପାରାଲିମ୍ପିକ୍ସରେ।

# ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ ପ୍ରଥମ ଟେଷ୍ଟ ୬ ଦିନିଆ

ଦୁବାଇ, ୨୩।୮ (ପି.ଟି.)

ଗାଲେଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଆୟୋଜକ ଶ୍ରୀଲଙ୍କାର ଓପନିଂ କ୍ରିକେଟ ଟେଷ୍ଟ ମ୍ୟାଚରେ ଗୋଟିଏ ବିଶ୍ରାମ ଦିବସ ରହିଥିବାରୁ ଏହା ୬ଦିନ ବିଶିଷ୍ଟ ହେବ। ଦେଶର ରାଷ୍ଟ୍ରପତି ନିର୍ବାଚନ ଦୃଷ୍ଟିରୁ ଏହା କରାଯାଇଛି। ମ୍ୟାଚ ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ। ସେପ୍ଟେମ୍ବର ୨୧ରେ ଡେମୋକ୍ରାଟିକ୍ ସୋସିଆଲିଷ୍ଟ ରିପବ୍ଲିକ ଅଫ୍ ଶ୍ରୀଲଙ୍କାର ରାଷ୍ଟ୍ରପତି ନିର୍ବାଚନ ଦୃଷ୍ଟିରୁ ସେଦିନକୁ ମ୍ୟାଚର ବିଶ୍ରାମ ଦିବସ ଘୋଷଣା କରାଯାଇଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଦୁଇ ଦଶନ୍ଧିରୁ ଅଧିକ ସମୟ ବ୍ୟବଧାନରେ ଶ୍ରୀଲଙ୍କା ଏକ ୬ଦିନ ବିଶିଷ୍ଟ ଟେଷ୍ଟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହାପୂର୍ବରୁ ୨୦୦୧ରେ ଶ୍ରୀଲଙ୍କା କଲମ୍ବୋରେ ଜିମ୍ବାୱେ ବିପକ୍ଷରେ ଖେଳିଥିବା ଏକ ଟେଷ୍ଟ ମ୍ୟାଚ ୬ ଦିନ ବିଶିଷ୍ଟ ଥିଲା। ପୋୟା ଡେ (ପୂର୍ଣ୍ଣ ଚନ୍ଦ୍ର) ପାଇଁ ଗୋଟିଏ ଦିନ ବିଶ୍ରାମ ଦିବସ ରହିଥିଲା। ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ହେଉଛି ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ର ଏକ ଅଂଶବିଶେଷ। ସମାନ ଭେନ୍ୟୁରେ ଦ୍ୱିତୀୟ ଟେଷ୍ଟ ସେପ୍ଟେମ୍ବର ୨୬ରୁ ୩୦ ପର୍ଯ୍ୟନ୍ତ ଖେଳାଯିବ। ଗତ ଶତାବ୍ଦୀରେ ଟେଷ୍ଟ କ୍ରିକେଟରେ ବିଶ୍ରାମ ଦିବସ ଏକ ସାଧାରଣ କଥା ଥିଲା। ବିଶ୍ୱ କ୍ରିକେଟରେ ବହୁ ମ୍ୟାଚ ୬ଦିନ ବିଶିଷ୍ଟ ଥିଲା। ବିଶେଷ କରି ରବିବାରକୁ ଅଫ୍ ଡେ ବିବେଚନା କରାଯାଉଥିଲା। ନିକଟ ଅତୀତରେ ବାଂଲାଦେଶ ୨୦୦୮ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ଏକ ଟେଷ୍ଟ ସିରିଜ ଖେଳିଥିଲା। ସଂସଦୀୟ ନିର୍ବାଚନ ପାଇଁ ଓପନିଂ ମ୍ୟାଚକୁ ୬ଦିନ ବିଶିଷ୍ଟ କରାଯାଇଥିଲା। ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ବର୍ତ୍ତମାନ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି।

# ଶକିବଙ୍କ ବିରୋଧରେ ହତ୍ୟା ଅଭିଯୋଗ

ନୂଆଦିଲ୍ଲୀ, ୨୩।୮ (ପି.ଟି.)

ଚାକିରିରେ ସଂରକ୍ଷଣ ପ୍ରସଙ୍ଗକୁ ନେଇ ନିକଟରେ ବାଂଲାଦେଶରେ ଦେଶବ୍ୟାପୀ ହିଂସାତ୍ମକ ଆନ୍ଦୋଳନ ବେଳେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି। ଏହି ସମୟରେ ଘଟିଥିବା ଏକ ହତ୍ୟାକାଣ୍ଡ ସହ ବାଂଲାଦେଶର ଷ୍ଟାର କ୍ରିକେଟ ଅଲରାଉଣ୍ଡର ଶକିବ ଅଲ ହସନ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ୩୭ ବର୍ଷୀୟ ବାଂଲାଦେଶର ପୂର୍ବତନ ଅଧିନାୟକ ଶେଖ ହସିନାଙ୍କ ନେତୃତ୍ୱାଧୀନ ଆୱାମି

## ବାଂଲାଦେଶ ହିଂସା


ଶକିବ ଅଲ ହସନ

ଲିଗ୍ ସରକାରର ଜଣେ ପୂର୍ବତନ ଏମ୍‌ପି। ଅଗଷ୍ଟ ପ୍ରାରମ୍ଭରେ ବିକ୍ଷୋଭ ପ୍ରଦର୍ଶନ ବେଳେ ହିଂସା ଓ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ଯେଉଁ ୧୪୭ଜଣ ଲୋକଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଛି, ସେମାନଙ୍କ ମଧ୍ୟରେ ଶକିବ ଅନ୍ୟତମ। ଶେଖ୍ ହାସିନା ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଦେଶ ଛାଡ଼ି ପଳାୟନ କରିଛନ୍ତି। ତାଙ୍କ ସ୍ଥାନରେ ବାଂଲାଦେଶରେ ଏକ କାମଚଳା ସରକାର ଗଠନ କରାଯାଇଛି। ନୋବେଲ ବିଜେତା ମହମ୍ମଦ ୟୁନୁସ ଏହି ସରକାରର ମୁଖ୍ୟ ପରାମର୍ଶଦାତା ଅଛନ୍ତି। ରଫିକୁଲ ଇସ୍‌ଲାମ ନାମକ ବ୍ୟକ୍ତି ଜଣକ ଶକବିଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ଶେଖ ହାସିନା ଓ ବହୁ ପୂର୍ବତନ ମନ୍ତ୍ରୀ ଏବଂ ଦଳର ବହୁ ଏମ୍‌ପିଙ୍କ ବିରୋଧରେ ଢାକାସ୍ଥିତ ଆଦାବୋର ପୋଲିସ ଥାନାରେ ଏତଲା ଦେଇଛନ୍ତି। ଇସ୍‌ଲାମଙ୍କ ପୁତ୍ର ରୁବେଲଙ୍କୁ ଅଗଷ୍ଟ ୭ରେ ହତ୍ୟା କରାଯାଇଛି। ବିକ୍ଷୋଭ ପ୍ରଦର୍ଶନ କ୍ରମେ ରାଜନୈତିକ ହିଂସାରେ ପରିଣତ ହୋଇଥିଲା। ଏଫ୍‌ଆଇଆର୍‌ରେ ଶକିବଙ୍କୁ ୨୭ତମ ଅବା ୨୮ତମ ଅଭିଯୁକ୍ତ ଦର୍ଶାଯାଇଛି। କୁହାଯାଉଛି ଶକିବ ଅଗଷ୍ଟ ୫ କିମ୍ବା ବିକ୍ଷୋଭ ପ୍ରଦର୍ଶନ ସମୟରେ ଉପସ୍ଥିତ ନ ଥିଲେ। ପୂର୍ବତନ ଅଧିନାୟକ ବ୍ରାମ୍ପଟନଠାରେ ଜୁଲାଇ ୨୬ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଗ୍ଲୋବାଲ ଟି୨୦ କାନାଡାରେ ବାଂଲାଦେଶ ଟାଇଗର୍ସ ତରଫରୁ ଖେଳିଥିଲେ। ଏହାପୂର୍ବରୁ ସେ ଜୁଲାଇ ମଧ୍ୟଭାଗ ପର୍ଯ୍ୟନ୍ତ ଆମେରିକାରେ ମେଜର କ୍ରିକେଟ ଲିଗ୍‌ରେ ଖେଳିଥିଲେ। ଏକ ଦୈନିକ ଖବରକାଗଜର ରିପୋର୍ଟ ଅନୁସାରେ ଅଗଷ୍ଟ ୫ରେ ଆଦାବୋର ଅଞ୍ଚଳରେ ଥିବା ରିଙ୍ଗରୋଡ୍‌ରେ ରୁବେଲଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ସେମାନଙ୍କ ଉପରକୁ ଗୁଳିଚାଳନା କରାଯାଇଥିଲା। ଏହି ଘଟଣାରେ କେତେକେ ସିଧାସଳଖ ଜଡ଼ିତ ଥିବା ବେଳେ ଅନ୍ୟ କେତେକେ ପରୋକ୍ଷରେ ସମ୍ପୃକ୍ତ ବୋଲି ଅଭିଯୋଗ କରାଯାଇଛି। ଗୁଳିକାଣ୍ଡରେ ରୁବେଲ ଗୁରୁତର ଆହତ ହୋଇଥିଲେ। ଦୁଇ ଦିନ ପରେ ତାଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଥିଲା ବୋଲି ଏଫ୍‌ଆଇଆର୍‌ରେ ଉଲ୍ଲେଖ କରାଯାଇଛି। ଶେଖ୍ ହାସିନା ସରକାରଙ୍କ ପତନ ପରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ବୁଧବାର ନାଜମୁଲ ହସନ ପାପନଙ୍କ ଇସ୍ତଫା ପରେ ତାଙ୍କ ସ୍ଥାନରେ ପୂର୍ବତନ ଜାତୀୟ ଅଧିନାୟକ ଫାରୁକୀ ଅହମଦଙ୍କୁ ନୂଆ ସଭାପତି କରାଯାଇଛି।


ବରଗଡ଼ଠାରେ ଶୁକ୍ରବାର ସିନିୟର ମହିଳା ଆନ୍ତଃ ଜିଲା ପି.ସି. ବେହେରା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହ ଅତିଥି ଓ କର୍ମକର୍ତ୍ତା।

# ଝାରସୁଗୁଡ଼ା, ଯାଜପୁର, ଓଡ଼ିଶା ପୋଲିସ, କେନ୍ଦୁଝର ବିଜୟୀ

ବରଗଡ/ସୋହେଲା/ବରପାଲି, ୨୩।୮: (ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର/ଚିତ୍ତରଞ୍ଜନ ସାହୁ)

ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆନ୍ତଃ ଜିଲା ସିନିୟର ମହିଳା ପି.ସି. ବେହେରା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୪ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ଓ ଜିଲା କ୍ରୀଡ଼ା ସଂସଦ ବରଗଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ସେପ୍ଟେମ୍ବର ୧ତାରିଖ ପର୍ଯ୍ୟନ୍ତ ଚାଲିବ। ବରଗଡ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ବରଗଡ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ପୌରୋହିତ୍ୟ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବରଗଡ ଜୋନ୍‌ର ଉଦ୍‌ଘାଟନୀ ଉତ୍ସବରେ ବରଗଡ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଫୁଟ୍‌ବଲ ଆସୋସିଏଶନ ଅଫ ଓଡ଼ିଶାର ଉପସଭାପତି ସହଦେବ ରାଉତ, ଉପସଭାପତି ରବି ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ତଥା ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଜିଲା କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, କ୍ରୀଡ଼ା ସଂସଦର ଫୁଟବଲ ସମ୍ପାଦକ ସେକ୍ ସବଦର, କୋଷାଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କ୍ରିକେଟ ସମ୍ପାଦକ ଅମିୟ ଭୂଷଣ ସାହୁ, କାଉନ୍‌ସିଲ ସଦସ୍ୟ ବିଷ୍ଣୁ ପ୍ରସାଦ ଧାନୁକା, ମହେନ୍ଦ୍ର ଦାଶ, ପ୍ରଦୀପ ସାହୁ, ଦିଲୀପ ସାୱଡ଼ିଆ, ରଜତ ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଖେଳାଳି ପ୍ରେମନାଥ ଗିରି, କମଳ ଲୋଚନ ନାୟକ, ଜ୍ଞାନରଞ୍ଜନ ପୂଜାରୀ, ଅତିଶ ପଣ୍ଡା, ମନୋରଞ୍ଜନ କୁମାର, ହରିହର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜନ କମିଟି ତରଫରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବରଗଡଠାରେ ଅନୁଷ୍ଠିତ ଜୋନ୍-୧ର ପ୍ରଥମ ମ୍ୟାଚ୍ ଖୋର୍ଦ୍ଧା ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଝାରସୁଗୁଡ଼ା ଦଳ ପକ୍ଷରୁ ଦଶମୀ ଓରାମ ଏକମାତ୍ର ଗୋଲ୍ ଦେଇ ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ଶୁଭମ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହଯୋଗ କରିଥିଲେ ସୀତା ମାରାଣ୍ଡି ଓ ବାଳମତି ଓରାମ। ଚତୁର୍ଥ ରେଫରି ଥିଲେ ଆଦିତ୍ୟ ନାୟକ। ବରଗଡ ଜୋନ୍ -୨ର ମ୍ୟାଚ୍ ବାଲେଶ୍ୱର ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ଯାଜପୁର ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ୮ ନମ୍ବର ଖେଳାଳି ଲିପି କିଷାନ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚକୁ ସଞ୍ଜନ କୁଦେଇ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ମାଧବ କାଲା ଓ ରାଜେନ୍ଦ୍ର ଭୁଏ ସହଯୋଗ କରିଥିଲେ। ଚତୁର୍ଥ ରେଫରି ଥିଲେ ପିଙ୍କି ହଂସ। ଏହି ଜୋନରେ ମ୍ୟାଚ କମିଶନର ଅଛନ୍ତି ଦୁର୍ଗା ମାଧବ ନାୟକ। ସେହିପରି ସୋହେଲା ଷ୍ଟାଡିୟମରେ ଅନୁଷ୍ଠିତ ସେହି ଜୋନ୍‌ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ଦଳ ସୁନ୍ଦରଗଡ଼(କ) ଦଳକୁ ୧୦-୦ ଗୋଲରେ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ସୁଭଦ୍ରା ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆଜିର ମ୍ୟାଚ୍‌କୁ ଫାଓ ରେଫରି ବୀଣାପାଣି ବିରୁଆ, ଆସିଷ୍ଟାଣ୍ଟ ରେଫରି ଶୀତଲ ଗୁରୁଙ୍ଗ ଓ ବବିଲି ଗଡନାୟକ ତଥା ଚତୁର୍ଥ ରେଫରି ଭାବେ ଆରତୀ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଫାଓ କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଜିଲା କ୍ରୀଡ଼ା ସଂସଦ ଉପ ସଭାପତି ଯୁଗଳ କିଶୋର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜନ କମିଟି ସମ୍ପାଦକ ସତ୍ୟ ନାରାୟଣ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅଶ୍ୱିନୀ କୁମାର ପାତ୍ର। ଶନିବାର ଦେବଗଡ଼ ଓ ଜଗତସିଂପୁର ଜିଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଅନ୍ୟପକ୍ଷେ କଦଳୀପାଲି ଆନନ୍ଦ ଗ୍ରାଉଣ୍ଡରେ କେନ୍ଦୁଝର ଦଳ ବଲାଙ୍ଗୀର ଦଳକୁ ୧୩- ୦ ଗୋଲରେ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି।

## ଆନ୍ତଃ ଜିଲା ମହିଳା ପି.ସି. ବେହେରା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ


ସୋହେଲାରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ଗାଥା କବିତାର ଛନ୍ଦୋମୟ କବି ରାଧାମୋହନ

## ଅବଲୋକନ

**ପଞ୍ଚାନନ ଅଗ୍ରୱାଲା**

କବି ରାଧାମୋହନ ଗଡ଼ନାୟକ ଆଧୁନିକ ଓଡ଼ିଆ କାବ୍ୟ ଜଗତର ଗାଥା କବି ରୂପେ ସୁପରିଚିତ। ତାଙ୍କ ଗାଥା କବିତାରେ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ, ଜନଶ୍ରୁତି ଓ ଲୋକକଥା ପ୍ରାଣବନ୍ତ ହୋଇ ଉଠିଥିଲା। ଗାନ୍ଧୀ, ଗୋପବନ୍ଧୁ, କପିଳେନ୍ଦ୍ର, ଶୁକଦେଇଠାରୁ ଆରମ୍ଭ କରି ବାଇମୁଣ୍ଡି ପର୍ଯ୍ୟନ୍ତ ବହୁ ଜାତୀୟ ଚିତ୍ର ଓ ଚରିତ୍ର ତାଙ୍କ କବିତ୍ୱର ଯାଦୁସ୍ପର୍ଶରେ ପାଠକ ହୃଦୟର ମର୍ମ ଦେଶକୁ ଛୁଇଁପାରିଛି। ପଣ୍ଡିତ ଗୋଦାବରୀଶଙ୍କ ପରେ କବି ରାଧାମୋହନ ଗାଥା କବିତା ରଚନା କରିବାରେ ସିଦ୍ଧହସ୍ତ ଥିଲେ। ଚମତ୍କାର ଭାଷାଶୈଳୀ, ଛନ୍ଦୋମୟ ଶବ୍ଦ ସଂଯୋଜନା ଯୋଗୁଁ କବିତା ତାଙ୍କର ଅଧିକ ପ୍ରାଣବନ୍ତ ହୋଇପାରିଥିଲା। ତାଙ୍କ କାବ୍ୟଗ୍ରନ୍ଥ, ଉତ୍କଳିକା, ସ୍ମରଣିକା, ପଶୁପକ୍ଷୀର କାବ୍ୟ ଓ ଶାମୁକାର ସ୍ୱପ୍ନ ଆଦି ବିଶେଷ ଉଲ୍ଲେଖଯୋଗ୍ୟ।

ଅନୁଗୋଳ ସହର ନିକଟବର୍ତ୍ତୀ ଲିଙ୍ଗରା ନଦୀ କୂଳରେ କଲଣ୍ଡାପାଳର ଏକ ଅଖ୍ୟାତ ପଲ୍ଲୀରେ ବିଖ୍ୟାତ ବାଘସିଂହ ପରିବାରରେ ରାଧାମୋହନ ଜନ୍ମଗ୍ରହଣ କରିଥିଲେ। ପିତା ମହାଦେବ ଗଡ଼ନାୟକଙ୍କ ଔରସରୁ ମାତା ଗୋଲକମଣିଙ୍କ ଗର୍ଭରୁ ୧୯୧୧ ମସିହା ଅଗଷ୍ଟ ୨୫ ତାରିଖରେ ସେ ଭୂମିଷ୍ଠ ହୋଇଥିଲେ। ୧୯୧୯ ମସିହାରେ ସେ 'ତାରା' ଶୀର୍ଷକ କବିତା ଲେଖିଥିଲେ, କିନ୍ତୁ ତାହା ତାରା ଭଳି ମିଞ୍ଜିମିଞ୍ଜି ଜଳି ଲୋକଲୋଚନରୁ ଅପସରି ଯାଇଥିଲା। ୧୯୨୫ ମସିହାରେ ତାଙ୍କ କବିତା 'ଗଡ଼ଜାତ ବାସିନୀ'ରେ ପ୍ରକାଶ ପାଇଲା ପରେ ସେ କବି ରୂପେ ଆତ୍ମପ୍ରକାଶ କଲେ। କବିଙ୍କୁ କବିତା ଲେଖିବା ପାଇଁ ଗାନ୍ଧୀବାଦୀ ନେତା ଲକ୍ଷ୍ମୀନାରାୟଣ ସାହୁ ପ୍ରଥମେ ପ୍ରେରଣା ଦେଇ ତାଙ୍କ ସମ୍ପାଦିତ 'ସହକାର'ରେ ପ୍ରକାଶ କରିଥିଲେ। ପରେ ଉତ୍କଳ ସାହିତ୍ୟରେ ବାଗ୍ମୀ ବିଶ୍ୱନାଥ କର ତାଙ୍କ କବିତାଗୁଡ଼ିକ ଆଗ୍ରହ ସହ ପ୍ରକାଶ କରିଥିଲେ। ୧୯୩୦ ମସିହାରେ ସେ କବି ହୃଷୀକେଶ ରାଉତଙ୍କ କନ୍ୟା ଚକୋରୀ ଦେବୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତି। ୧୯୩୪ ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇଥିବା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନ, ସାରଙ୍ଗଧର ଦାସ, ନବକୃଷ୍ଣ ଚୌଧୁରୀ ପ୍ରମୁଖଙ୍କ ଗହଣରେ ମିଶି ଦେଶସେବାରେ ମନ ବଳାଇଥିଲେ। କିଛିବର୍ଷ ପରେ ଅନୁଗୋଳ ଛାଡ଼ି ବାରିପଦାରେ ଅବସ୍ଥାନ କରିଥିଲେ। ଅନୁଗୋଳର ପୋଲିସ ଅଫିସର ରାମଚନ୍ଦ୍ର ଦାଶ ସେଠାରେ ଥାଆନ୍ତି ପୋଲିସ ସୁପରିଣ୍ଟେଣ୍ଡେଣ୍ଟ। ତାଙ୍କ ଘରେ ପିଲାଙ୍କୁ ଟ୍ୟୁସନ କରି ବଳକା ସମୟ ଗବେଷଣାରେ ମୁଣ୍ଡ ପୂରାନ୍ତି ଐତିହାସିକ ପରମାନନ୍ଦ ଆଚାର୍ଯ୍ୟଙ୍କ ପାଠାଗାରରେ।





ବାରିପଦାରୁ ପୁଣି ଚାଲିଆସିଲେ କଟକ। କଟକରେ ନବଯୁଗ ସାହିତ୍ୟ ସଂସଦ ପକ୍ଷରୁ କୁନ୍ତଳା କୁମାରୀଙ୍କ ପରେ 'ସ୍ମରଣିକା' ପ୍ରକାଶ କରିବା ଦାୟିତ୍ୱ ନେଲେ। ୧୯୪୬ ମସିହାରେ ଭାରତ ଇଣ୍ଡଷ୍ଟ୍ରିଆଲ ଅନୁଗୋଳ ଶାଖାରେ ଶାଖା ପରିଚାଳନା ଦାୟିତ୍ୱ ନେଲେ। ୧୯୪୭ ମସିହାରେ ପରିଣତ ବୟସରେ କଟକ ଖ୍ରୀଷ୍ଟ କଲେଜରେ ଆଇ.ଏ. ଶ୍ରେଣୀରେ ଯୋଗ ଦେଲେ।

ଏହି ସମୟରେ ତାଙ୍କ କାବ୍ୟ ନାଟିକା– କାଳିଦାସ(୧୯୪୦), ବିପ୍ଳବୀ ରାଧାନାଥ (୧୯୪୪), କାବ୍ୟ ନାୟିକା (୧୯୪୫), ଉତ୍କଳିକା (୧୯୪୫), ସ୍ମରଣିକା (୧୯୫୦), ମୌସୁମୀ (୧୯୫୧), କୈଶରିକା (୧୯୫୩), ମେଘଦୂତ (୧୯୫୪) ପ୍ରଭୃତି ପୁସ୍ତକ ପ୍ରକାଶ ପାଇଲା। ୧୯୬୧ରେ ଶାମୁକାର ସ୍ୱପ୍ନ ପ୍ରକାଶ ପାଇଲା। ତାଙ୍କ ରଚିତ 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ପୁସ୍ତକ ୧୯୭୫ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା। ୧୯୮୪ରୁ ୧୯୮୭ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ଉପ-ସଭାପତି ଦାୟିତ୍ୱ ତୁଲାଇଥିଲେ। ୧୯୯୦ ମସିହାରେ କେନ୍ଦ୍ର ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ।

**ଜୟନ୍ତୀ ଉପଲକ୍ଷେ**



୯୦ ଦଶକରେ କବିଙ୍କ ସହିତ ମୋର ଆନ୍ତରିକ ଆଳାପ ଆଲୋଚନା ହୋଇଥିଲା ବାଣୀବିତାନରେ। କବିଙ୍କ ବାସଭବନ 'ବାଣୀବିତାନ'ଠାରେ ସେ ଗପିଚାଲିଥିଲେ ତାଙ୍କ କାବ୍ୟ ଅନୁରାଗ ଶୈଳୀରେ ଜୀବନସ୍ମୃତିର ବିଜଡ଼ିତ ଗାଥା। ଭାଷା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନର ସ୍ମୃତି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ କଥା ଶୁଣାଇଥିଲେ। ମନେଅଛି ତାଙ୍କ ମୁଖନିଃସୃତ କାବ୍ୟ ପାଠ "ଜନ୍ମଦାତା ମୋର ଭାରତ ଭୂଇଁରେ ବହୁଦୂରେ ସାଥୀ, ବହୁ ଦୂରେ, ବନ୍ଦୀ ମୁଁ ଆଜି ଉଦାମସିଂହ, ଏଇ ଲଣ୍ଡନର କାରାପୁରେ, ସମ୍ମୁଖେ ମୋର ଫାଶିକାଠ, ଶିଖ୍ ସନ୍ତାନ ଶୁଣାଉଛି ମୁହିଁ ଜନ୍ମମାଟିର ଜୟପାଠ।"

ତାଙ୍କ କବିତା ଶୁଣି ଯେତିକି ଆମୋଦିତ ହେଲି, ସେତିକି ରୋମାଞ୍ଚିତ ମଧ୍ୟ ହେଲି। କବିଙ୍କ ପ୍ରାଣପ୍ରିୟା ପ୍ରେରଣାଦାତ୍ରୀ ଚକୋରୀ ଦେବୀଙ୍କୁ ଦେଖିବାର ସୁଯୋଗ ପାଇ ପ୍ରଣାମ କଲି। ମନେପଡ଼ିଲା ତାଙ୍କ ରଚିତ 'କବିବଧୂର ଗୌରବ', 'ହେ ପ୍ରିୟ ଦେଖୁଚି ଦିନ ରାତି ବଜାଇ ଦୂରଦେଶ ଗରବ ଭରେ ଫୁଲାଇ ମୋର ଛାତି, ଅଭାବ ଜ୍ୱାଳା ଲାଗଇ ନାହିଁ ଲେଶ, ତୁମେ ତ କବି, ମୁହିଁ ତ କବିବଧୂ, ଭୁଞ୍ଜେ ନିତି ଆନନ୍ଦର ମଧୁ, ଚାହେଁନି ଧନ, ଚାହେଁ ବଇଭବ, ତୁମେ ଯେ କବି ସେହି ମୋ ଗଉରବ।' ଶିଳ୍ପ ସଭ୍ୟତାର ଅଭ୍ୟୁଦୟ ପରିପ୍ରେକ୍ଷୀରେ କୃଷି ସଂସ୍କୃତିର ବିପର୍ଯ୍ୟୟର କରୁଣ ଚିତ୍ର ଓଡ଼ିଆ କବିତାରେ ଅଙ୍କନ କରିଛନ୍ତି କବି ରାଧାମୋହନ ଗଡ଼ନାୟକ, ତାଙ୍କର ଏହି 'ମାଟିର ମଣିଷ' କବିତାରେ। ସେ ଲେଖିଛନ୍ତି "ଯନ୍ତ୍ର ତୋତେ କି ମନ୍ତ୍ର ଦେଇଛି ମାଟିର ମଣିଷ ଆରେ, ମୁଗ୍ଧ ତୋହର ଚିତ୍ତ ଗହନେ ଚିନ୍ତି ପାରୁନୁ ବାରେ... ଯନ୍ତ୍ର ତଳେ ତ ପରାଣ ନାହିଁରେ ମରଣର ତହିଁ ଘର, ଦିନରାତି ଏହି ଚିତାର କୁହେଳି ହେଉଅଛି ଉତ୍‌ଥଳ।"

ରାଧାମୋହନ କେବଳ ରୋମାଣ୍ଟିକ କବି ନ ଥିଲେ, ସେ ଥିଲେ ମାଟି, ପାଣି, ପବନକୁ ଭଲ ପାଉଥିବା ପ୍ରକୃତିପ୍ରେମୀ କବି। ସେ ମାଟି କବିତାରେ ଲେଖିଛନ୍ତି: 'ସ୍ରଷ୍ଟାର ନିକଟେ ତେବେ ଯେ ଚାହିଁଲେ ଯାହା, ଚକ୍ଷୁର ପଲକ ପାତେ ସେ ପାଇଲେ ତାହା' ତୁମେ କିନ୍ତୁ ମୌନାବତୀ ଆଗୋ ମାଟି ସେତେବେଳେ କାହିଁ ପଦଟିଏ ଉଚ୍ଚାରିଲ ନାହିଁ? ଏଡ଼ିଦେଇ ସୁବର୍ଣ୍ଣ ସୁଯୋଗ ମାଗିନେଲ ନାହିଁ କିଛି ସଂଭ୍ରମ, ସଂଭୋଗ। ଗଡ଼ନାୟକ ମାଟିର ଜୟଗାନ କରି କହିଛନ୍ତି– "ସଲିଳ ହିଲ୍ଲୋଳେ କଲେ ଚାମର ବ୍ୟଜନ।/ ସେବା-ଦାସ ପରି ସର୍ବେ ଚରଣେ ତୁମରି/ ସେବିଲେ ପରମାନନ୍ଦେ ଦିବସ ଶର୍ବରୀ/ ଉତ୍ତୋଳିଲେ ମୁଗ୍ଧ ଜୈତ୍ରବାଣୀ/ ଜୟମାଟି, ଜଗତର ରାଣୀ।"

କବିଙ୍କ କବିତାଗୁଡ଼ିକ ଅତ୍ୟନ୍ତ ଛନ୍ଦୋମୟ, ପଦ୍ୟମୟ ଓ ହୃଦୟଛୁଆଁ। ୨୦୦୦ ମସିହା ଫେବୃଆରୀ ୨୧ ତାରିଖ ଦିନ ସେ ପରଲୋକ ଗମନ କଲେ। ତାଙ୍କ ସାହିତ୍ୟ କୃତି ଚିରକାଳ ପାଇଁ ଓଡ଼ିଆ ସାହିତ୍ୟରେ ଅମୂଲ୍ୟ ସମ୍ପଦ ହୋଇ ରହିଥିବ।

ମୋ: ୯୭୭୭୭୪୪୦୭୧

# ଭଗବତ ଦର୍ଶନ

**ମିନିଗଳ୍ପ**

**ଶିବ ମିଶ୍ର**

ସେଇ ଛୋଟ ଗାଁଟିର ଜଣେ ବଡ଼ ମହାଜନ କଳ ବଳ ଲଗାଇ, ଧସେଇ ପଶି, ଗାଁରେ ହେବାକୁ ଥିବା ପ୍ରବଚନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମଞ୍ଚରେ ଆସ୍ଥାନ ଜମେଇ ବସିଲେ। ତା'ପରେ ନିମନ୍ତ୍ରିତ ସାଧୁ ମହାଶୟ ପ୍ରବଚନ ଆରମ୍ଭ କରି କହିଲେ– ଏହି ସୁନ୍ଦର ସୃଷ୍ଟିର ସୁରକ୍ଷା ପାଇଁ ଯୁଗେ ଯୁଗେ ଭଗବାନ ଅବତାର ଗ୍ରହଣ କରି ଦୁଷ୍କୃତମାନଙ୍କୁ ଦଳନ କରନ୍ତି। ଜଣେ ଶ୍ରୋତା ପଚାରିଲେ– ଏହି କଳିଯୁଗରେ ଭଗବାନ ଅବତରୀ ନାହାନ୍ତି, ତେବେ କେଉଁଠାରେ ରହି ଦୁଷ୍ଟମାନଙ୍କୁ ବିନାଶ କରୁଛନ୍ତି? ସାଧୁ କହିଲେ– ଭଗବାନ ପ୍ରାଣୀମାନଙ୍କ ହୃଦ କମଳରେ ଅବସ୍ଥାନ କରୁଛନ୍ତି। ତାଙ୍କ କଥା ଶୁଣି ଶ୍ରୋତାମାନେ ନିଜ ନିଜର ଛାତି ଉପରେ ନଜର ବୁଲାଇଲା ବେଳେ ସାଧୁ କହିଲେ– ଏମିତି ଆଖି ବୁଲାଇଲେ ଭଗବାନ ଦେଖାଯିବେ ନାହିଁ। ଯେତେବେଳେ ଯେଉଁ ଦୁଷ୍କୃତର ପାଳି ପଡ଼ିବ, ସେତେବେଳେ ତାକୁ ଦର୍ଶନ ଦେବେ, ଦଳନ କରିବେ।

ଏତିକିବେଳେ ସେହି ବଡ଼ ମହାଜନ ବସିଥିବା ଚଉକିଟା ହଠାତ୍ ଭାଙ୍ଗିଗଲା, ସିଏ ମଞ୍ଚରୁ ତଳକୁ ଖସିପଡ଼ିଲେ। ତାଙ୍କୁ ଉଠାଇଲା ବେଳକୁ ତାଙ୍କ ପ୍ରାଣ ପକ୍ଷୀ ପଞ୍ଜୁରି ଛାଡ଼ି ଉଡ଼ି ଯାଇଥିଲା। ଉପସ୍ଥିତ ଲୋକମାନେ ଏମିତି କାହିଁକି ହେଲା ବୋଲି ପରସ୍ପରକୁ ପ୍ରଶ୍ନ କଲା ବେଳେ କିଏ ଜଣେ କହିଲେ– ବୋଧହୁଏ ମହାଜନଙ୍କ ହୃଦ କମଳରେ ଥିବା ଭଗବାନ ତାଙ୍କୁ ଦର୍ଶନ ଦେଲେ।

ମୋ: ୯୮୫୩୦୭୦୦୧୮

## କାଳକାଳକୁ

**"ଲଗାତର ଉପଯୋଗ ଦ୍ୱାରା ବନ୍ଧୁତ୍ୱର ଡୋରି ଛିଣ୍ଡେ ନାହିଁ"**
**– ଡରୋଥୀ ପାର୍କର**



**ଡରୋଥୀ ପାର୍କର**ଙ୍କ ଜନ୍ମ ୨୨ ଅଗଷ୍ଟ ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁଜର୍ସିରେ ଓ ପରଲୋକ ୭ ଜୁନ୍ ୧୯୬୭ରେ, ନ୍ୟୁୟର୍କ ସହରରେ। ଏହି ଆମେରିକୀୟ ଲେଖିକା ଏକାଧାରରେ କବିତା, କଥା ସାହିତ୍ୟ, ସମାଲୋଚନା ଓ ଚଳଚ୍ଚିତ୍ର ପଟକଥା ରଚନାରେ ନିପୁଣା। ତାଙ୍କର ବହୁଚର୍ଚ୍ଚିତ ଗ୍ରନ୍ଥ ମଧ୍ୟରେ 'ଏ ଟେଲିଫୋନ୍ କଲ୍', 'ହିଅର୍ ଉଇ ଆର୍', 'ଦ ସେକ୍ସେସ୍', 'ଜଷ୍ଟ ଏ ଲିଟିଲ୍ ୱାନ୍', 'ଦ ଲାଷ୍ଟ ଟି', 'ଏନାଫ୍ ରୋପ୍', 'ସନ୍‌ସେଟ୍ ଗନ୍' ଓ 'ଏ ଷ୍ଟାର୍ ଇଜ୍ ବର୍ନ' ଆଦି ପ୍ରଧାନ। ପାର୍କର କହନ୍ତି: "ସୁନ୍ଦରତା ତ୍ୱଚାରେ ସୀମିତ, କିନ୍ତୁ କୁରୂପତା ଅସ୍ଥିଭେଦୀ।" ଏହି ଲେଖିକାଙ୍କର ଉଦୟ ସମ୍ଭବ ହୋଇଥିଲା 'ଦ ନ୍ୟୁୟୋର୍କର'ରେ ଲେଖା ପ୍ରକାଶ ଦ୍ୱାରା। ଆମେରିକୀୟ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୨୯ରେ ସେ 'ଓ.ହେନ୍‌ରୀ ପୁରସ୍କାର'ରେ ସମ୍ମାନିତା।

## ପୁସ୍ତକ ପରିଚୟ

### ଓଡ଼ିଆ ଶିଶୁ ସାହିତ୍ୟର ସାମାଜିକ ଇତିହାସ



**ଲେଖକ:** ଡ. ମହେଶ୍ୱର ମହାନ୍ତି
**ପ୍ରକାଶକ:** ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ-୨
**ନୂତନ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୪୫୦/-

ଆଲୋଚ୍ୟ ଗବେଷଣାଗ୍ରନ୍ଥର ମୁଖବନ୍ଧରେ ଗବେଷକ ଡ. ମହାନ୍ତି ଲେଖିଛନ୍ତି: "ମତ୍‌ପ୍ରଣୀତ ଏହି ନିବନ୍ଧରେ ପ୍ରାଚୀନ ଓଡ଼ିଆ ଲୋକ ସାହିତ୍ୟଠାରୁ ଆରମ୍ଭ କରି ଭାରତର ସ୍ୱାଧୀନତାପ୍ରାପ୍ତି ପର୍ଯ୍ୟନ୍ତ ବିଭିନ୍ନ ସମୟରେ ରଚିତ ଓଡ଼ିଆ ଶିଶୁପାଠ୍ୟ ରଚନାବଳୀର ବିକାଶଧାରା ତଥା ତା'ର ସାମାଜିକ, ଐତିହାସିକ, ରାଜନୈତିକ ଓ ସାଂସ୍କୃତିକ ପୃଷ୍ଠପଟ ଇତ୍ୟାଦି ସମ୍ପର୍କରେ ସମ୍ୟକ୍ ଆଲୋଚନା କରାଯାଇଛି। X X ଶିଶୁ ସାହିତ୍ୟ ସହିତ ପାଠ୍ୟପୁସ୍ତକକୁ ଏକତ୍ର ମିଶାଇ ଆଲୋଚନା କରିବାର ଅଭିପ୍ରାୟ ହେଉଛି, ଏ ଦୁଇଟି ପରସ୍ପର ସହିତ ନିବିଡ଼ ଭାବରେ ସମ୍ପୃକ୍ତ।" ବହିଟିର ମୋଟ ୭ଟି ପରିଚ୍ଛେଦ ରହିଛି, ଯଥା: ୧ମ ପରିଚ୍ଛେଦ– ଶିଶୁର ଶାରୀରିକ ଓ ମାନସିକ ବିକାଶ ଦିଗରେ ସମାଜର ଭୂମିକା, ୨ୟ ପରିଚ୍ଛେଦ– ଓଡ଼ିଆ ଶିଶୁ ସାହିତ୍ୟର ଆଦ୍ୟ ଝଙ୍କାର: ଲୋକଗୀତି, ୩ୟ ପରିଚ୍ଛେଦ– ଶିଶୁ ସାହିତ୍ୟର ବିକାଶଧାରାରେ ଲୋକଗପର ଭୂମିକା, ୪ର୍ଥ ପରିଚ୍ଛେଦ– ଊନବିଂଶ ଶତାବ୍ଦୀର ନବଜାଗରଣ, ପାଠ୍ୟପୁସ୍ତକ ଆନ୍ଦୋଳନ ଓ ଆଧୁନିକ ଓଡ଼ିଆ ଶିଶୁସାହିତ୍ୟର ପ୍ରାଣ ପ୍ରତିଷ୍ଠା, ୫ମ ପରିଚ୍ଛେଦ– ଊନବିଂଶ ଶତାବ୍ଦୀର ଭାଷା ସଂଘର୍ଷ, ନୀତିମୂଳକ, ଧର୍ମଭିତ୍ତିକ ଓ ରାଜପ୍ରଶସ୍ତିମୂଳକ ଶିଶୁ ସାହିତ୍ୟ, ଯୁଗସ୍ରଷ୍ଟା ମଧୁସୂଦନ, ୬ଷ୍ଠ ପରିଚ୍ଛେଦ– ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଆ ଶିଶୁସାହିତ୍ୟର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ଓ ୭ମ ପରିଚ୍ଛେଦ– ଉପସଂହାର। ପରିଶିଷ୍ଟରେ ୧୮୫୮-୫୯ଠୁଁ ଆରମ୍ଭ କରି ସାଂପ୍ରତିକ କାଳଖଣ୍ଡ ପର୍ଯ୍ୟନ୍ତ ରଚିତ କେତେକ ପତ୍ରପତ୍ରିକା ଓ ଶିଶୁସାହିତ୍ୟର ନମୁନା ପେଶ୍ କରାଯାଇଛି। ଆଶା, ଗ୍ରନ୍ଥଟି ପରବର୍ତ୍ତୀ ଗବେଷକ, ବିଦ୍ୟାର୍ଥୀ ଓ ସାଧାରଣ ପାଠିକାପାଠକଙ୍କ ପାଇଁ ସହାୟକ ବିବେଚିତ ହେବ।

### ଛଳପୁରୁଷ



**ଲେଖିକା:** ସୁଚିତ୍ରା ପାଣିଗ୍ରାହୀ
**ପ୍ରକାଶକ:** ଅଗ୍ରଦୂତ, ବାଙ୍କାବଜାର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୨୫/-

ଆଲୋଚ୍ୟ କବିତା ପୁସ୍ତକରେ ମୋଟ ୩୮ଟି କବିତା ସ୍ଥାନିତ ଓ ସୂଚନାରୁ ଜଣାଯାଏ ଯେ ଏହା କବିଙ୍କର ୯ମ କବିତା ସଂକଳନ। ପୁସ୍ତକର ଆଦ୍ୟଭାଗରେ ସ୍ଥାନିତ ଗଦ୍ୟଲେଖରେ କବି କହନ୍ତି: "ଜୀବନର ଯେତେ ରୂପ, ଯେତେ ଛବି ମୁଁ ଅନୁଭବ କରୁଛି ପ୍ରତିକ୍ଷଣରେ ସେଇ ସବୁ ତ ରୂପପାଏ ମୋ' କବିତାରେ। ତେଣୁ କବିତାମାନେ ମୋର ପ୍ରତିରୂପ। ପ୍ରତିଟି କବିତାର ପ୍ରତିଟି ଶବ୍ଦ ଭିତରେ କୋଉଠି ନା କୋଉଠି ମୁଁ ହିଁ ଛପି ବସିଛି। ପ୍ରତିଟି କବିତାକୁ ପଢ଼ିଲାବେଳେ ଜଣେ ନିଶ୍ଚୟ ମୋତେ ହିଁ ଭେଟିବ, ମୋ ସହ ମୁହାଁମୁହିଁ ହେବ।" ବହିର ସାତ ନମ୍ବର କବିତାଟି ହେଉଛି ଗ୍ରନ୍ଥର ଶୀର୍ଷକ 'ଛଳପୁରୁଷ'। ଛଳପୁରୁଷ ଏଠାରେ ଶ୍ରୀକୃଷ୍ଣ, କାରଣ 'ମୟୂର ଚନ୍ଦ୍ରିକା'ରୁ ଏ ପରିଚୟ ଅସ୍ପଷ୍ଟ ରହେନାହିଁ। ଆଧ୍ୟାତ୍ମିକ ଅପୂର୍ଣ୍ଣତା ଓ ପୂର୍ଣ୍ଣତାର ଯେଉଁ ଲୁଚକାଳି ଖେଳ କବି ତାଙ୍କ ଜୀବନରେ ଅନୁଭବ କରନ୍ତି, ତାକୁ ନିଜ ଭାଷାରେ, ନିଜର ସାମର୍ଥ୍ୟ ଅନୁଯାୟୀ ବ୍ୟକ୍ତ କରନ୍ତି। "ହାତବଢ଼େଇଲେ ତୁମକୁ ଛୁଇଁବା ଲାଗି/ ତୁମେ ମିଳେଇଯାଅ/ ଥରକୁଥର,/ ମୁଁ ବାରମ୍ବାର ପ୍ରୟାସରେ/ ଲହୁଲୁହାଣ ହୁଏ ଯା' ଖାଲି/ ହାୟ... ହାୟ.../ ମୋ କପାଳେ ଏଇୟା ଅଛି ବୋଲି।" ରମାକାନ୍ତ ରଥଙ୍କ 'ଶ୍ରୀରାଧା' ବା 'ସୀମାନ୍ତବାସ'ର ଛାୟାରୁ 'ଛଳପୁରୁଷ' ନିଜକୁ ମୁକ୍ତ କରିପାରିଥିଲେ ତାଙ୍କର ନିଜସ୍ୱ ଏକ ପରିଚୟ ନିର୍ମିତ ହୋଇପାରିଥାନ୍ତା, ଯାହାର ଅବକାଶ କବିଙ୍କର ସାମର୍ଥ୍ୟ ସତ୍ତ୍ୱେ ଏଥିରେ ବିଡ଼ମ୍ବିତ ହୋଇଛି। ତେବେ ଗ୍ରନ୍ଥସ୍ଥ ବହୁ କବିତା ଜୀବନବୋଧର ଯେଉଁ ସ୍ୱାତନ୍ତ୍ର୍ୟ ନେଇ ଉଭା, ତାହା ସମକାଳର ପାଠକଙ୍କୁ ଯେ ଆକୃଷ୍ଟ କରିବ, ଏଥିରେ ସନ୍ଦେହ ନାହିଁ।

## କବିତା

### ପ୍ରେମମୁଗ୍ଧା

**ହରିଶ୍ଚନ୍ଦ୍ର ବେହେରା**

ସେ ନଈପଠାରେ ବସିଲେ
ଆଖି ଆଗରେ ଚହଲିଯାଏ
କେତେ କାହାଣୀ
ଜଳ ଦେହରେ କେତେ ଆଞ୍ଚୁଡ଼ା ଦାଗ
ଦରିଆରେ ଜୁଆର ଉଠିଲେ କେମିତି
ପ୍ରେମମୁଗ୍ଧା ହୋଇଯାଏ ସେ

ରିମ୍‌ଝିମ୍ ସ୍ୱର ତୋଳି
ବର୍ଷା ନାଚେ କେବେକେବେ
ଏଇ ଶ୍ରାବଣରେ
ଅଙ୍ଗରେ ଭରା ଶିହରଣ
କଦମ୍ବ ରୋମାଞ୍ଚ
ପାଗଳ ବତାସ କାନ ପାଖେ
କ'ଣ ସବୁ କହେ ସେ ଜାଣେ

କିଏ ଜଣେ ବଂଶୀ ବଜାଉଛି କି କେଉଁଠି
ନା ଝାଉଁବଣରୁ ସୁସୁରି ଶୁଭୁଛି!

ନଈଠୁଁ ବଳି ଚିରନ୍ତନ ପ୍ରେମିକା କିଏ ଅଛି
ଦିନରାତି ଧାଉଁଥାଏ ମିଳନ ପିୟାସୀ
ଆହ୍ଲାଦରେ କୋଳେଇନିଏ ସମୁଦ୍ର
ଅସରନ୍ତି ଲୋଡ଼ିବାପଣ ଚହଟୁଥାଏ
ମୋଟେ ସରେ ନାହିଁ।

କେବେ ବିପ୍ରଲବ୍ଧା ତ କେବେ ବାସକ ସଜ୍ଜା
କେବେ କଳହାନ୍ତରିତା ତ
କେବେ ଅଭିସାରିକା
କେବେ ପ୍ରୋଷିତଭର୍ତ୍ତୃକା ସାଜି
ଜୁଆରକୁ ଟାଣି ଆଣେ
ଛାତି ଉପରକୁ ମୋହିନୀ ମାୟାରେ।

କେତେ ଭଙ୍ଗାରୁଜା ଜାହାଜର ଡେକ୍
ପଡ଼ିଛି ପଠାରେ ସ୍ମୃତି ହୋଇ
ନଈ ଦେଖି ହସିଦିଏ
ଝୁରେ ନାହିଁ ଅତୀତକୁ
ସେ ତ ଆଡ଼ପାଗଳୀ ଝିଅଟିଏ
ତା' ମଥାରୁ କେବେ ଲିଭିବ ନାହିଁ ସିନ୍ଦୂର
ଭାଙ୍ଗିବ ନାହିଁ ହାତରୁ ଶଙ୍ଖା
ଏମିତି ପ୍ରେମମୁଗ୍ଧା ହୋଇ
ବହୁଥିବ ଚିରକାଳ
ଋତୁ ପରେ ଋତୁର ଚୌକାଠ ଡେଇଁ।

ମୋ: ୯୪୩୭୮୧୩୭୦୮

### ବଣଫୁଲର କବିତା

**ଅୟସ୍କାନ୍ତ**

ଚରିତ୍ରହୀନାର ଋତୁ ଏଇମିତି
ଆସେ ଆଉ ଯାଏ
ଆଗପରି ହସାଏନା କନ୍ଦାଏନା
ଲାଜାଏନା ଭିଜାଏନା ଖାଲି ଜାଳିଦିଏ
ତମେ ତ ଜାଣନା ପ୍ରିୟ
ମୋ' ଭିତରେ ମୁହୁର୍ମୁହୁଃ
କବିତାର ଗର୍ଭପାତ ହୁଏ!

ମୋ: ୮୭୬୩୧୯୩୧୧୬

### ପାହାନ୍ତି ରାତି

**ଭବାନୀ ଶଙ୍କର ଦାଶ**

ରାତିସାରା ନିଦ ନାହିଁ
ସ୍ୱପ୍ନ ପାଇଁ,
ଦିନସାରା ଡର ନାହିଁ ମୃତ୍ୟୁ ପାଇଁ।
ତମାମ ଜୀବନ ତ କଟିଲା
ତୁମ ପାଇଁ।
ହା ଦୁର୍ଭାଗ୍ୟ
କେହି ଜଣେ ହେଲେ ବି ଆସିଲେ ନାହିଁ
ଗୋଟିପଣେ ମୋର ହେଇ
ରାତି ଆସିଲାଣି ପାହି।

ମୋ: ୮୯୧୭୬୨୪୩୮୬

**ଗୀତି-କବିତା**

### ଭିଜା ଶ୍ରାବଣ

**ଶରତ କୁମାର ଦାସ**

ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି,
ସେଇ ଶ୍ରାବଣ ମୋ ଦେହକୁ ଛୁଇଁଲେ
କୋହ ଆସେ ବୁକୁ ଚିରି ।୦।
ଇନ୍ଦ୍ରଧନୁ ଯେବେ ଆଙ୍କିଦିଏ ଛବି
ଭିଜା ଆକାଶର ପଥେ
ସ୍ମୃତି ନଇଁଆସେ ସାତରଙ୍ଗ ନେଇ
ଜହର ବୋଳେ ମୋ ହାତେ
କଳାମେଘ ଯେବେ
ଆକାଶେ ଡାଙ୍କଇ
ଛାତି ମୋର ଯାଏ ଥରି
ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି ।୧।

ଝରା ଶ୍ରାବଣର ଶୀତଳ ପରଶେ
ପୁଲକିତ ହୁଏ ଧରା,
ମୋ ମନ ଆକାଶେ ଅସରନ୍ତି ତାତି
ସତେ ବୈଶାଖର ଖରା
ସ୍ୱପ୍ନ ମୋର ଯେତେ ବିଳପି ଉଠନ୍ତି
ଆଶା ମୋର ଯାଏ ମରି
ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି ।୨।

ଏଇ ଶ୍ରାବଣ ତ କାହାକୁ ଭିଜାଏ
କାହାକୁ ଲଗାଏ ନିଆଁ
ନିତି ବିଜନରେ ପଚାରେ ନିଜକୁ
ଏମିତି ହେଉଛି କିଆଁ
ଖୋଜି ପାଉନାହିଁ କେବେ ମୁଁ ଉତ୍ତର
ନୀରବେ ମରୁଛି ଝୁରି
ଶ୍ରାବଣ ଭିଜାଏ ମାଟିର ଛାତିକୁ
ମାଟି ହସେ କିରିକିରି ।୩।

ମୋ: ୮୨୪୯୧୩୭୦୯୧

### ବର୍ଷା

**ସନ୍ନ୍ୟାସୀ ନାୟକ**

ଝିପିଝିପି ବର୍ଷାରେ
ରିମ୍‌ଝିମ୍ ଶାସ୍ତ୍ରୀୟ ସଂଗୀତ,
ଓଦା ମାଟିର ଗନ୍ଧରେ
ମନ ମୋର ହୁଏ ମଦମତ୍ତ।

ହସ ଖେଳେ
ଫୁଲ ଆଉ ପତ୍ରର ଓଠରେ,
ଅଲଗା ଅଲଗା ଭାବ
ମୋ' ଛାତିର
ନିଭୃତ କୋଣରେ।

ପବନ ଛୁଆଁରେ
କେମିତି କେମିତି
ଖେଳେ ଶିହରଣ,
ଯୌବନଟା ଛାଟିପିଟି ହୁଏ
ଭିଜିଗଲେ ଅଙ୍ଗ ଆଭରଣ।

କେହି ଜଣେ ଓହ୍ଲାଉଛି
ତୁମ ସହ ମୋ' ଅଗଣାରେ,
ଚିଠି ସବୁ କାଗଜ ଡଙ୍ଗା କରି
ଭସାଇ ଦେଇଛି
କାହା ପ୍ରତୀକ୍ଷାରେ।

ମୋ: ୯୪୩୭୩୫୨୫୬୦

## ଦେବଦୂତ

**ଲଘୁଗଳ୍ପ**

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ଆଜିକୁ ପ୍ରାୟ ତିରିଶ ବର୍ଷ ତଳର ଘଟଣା। ଭଉଣୀ ଅପରେଶନ ପାଇଁ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥାଏ। ସେତେବେଳର କଟକ ମେଡିକାଲ ବର୍ତ୍ତମାନ ପରି ନଥିଲା। ଅନେକ ଅବ୍ୟବସ୍ଥା ମଧ୍ୟରେ ଚାଲୁଥିଲା ଏହି ଡାକ୍ତରଖାନା। ଦିନ ପାଖାପାଖି ଦଶଟା ହେବ। ଡାକ୍ତରଖାନା ପରିସରରେ ଆସ୍ତେ ଆସ୍ତେ ଗହଳି ବଢୁଥାଏ। ମୁଁ ଚୌକିଟିଏ କିଣିବା ପାଇଁ ୱାର୍ଡରୁ ବାହାରକୁ ବାହାରିଲି। ଚଉକି କେଉଁଠି ମିଳିବ ମୋତେ ଜଣା ନଥିଲା। ଲୋକଙ୍କୁ ପଚାରି ଏଣେତେଣେ ଖୋଜିବାକୁ ଲାଗିଲି, କାଳେ କେଉଁ ଦୋକାନରେ ମିଳିଯିବ ଭାବି। ଯେତିକି ଲୋକଙ୍କୁ ପଚାରିଲି ସମସ୍ତେ ରୋଗୀ ଅଥବା ରୋଗୀଙ୍କ ସମ୍ପର୍କୀୟ। ସମସ୍ତେ ତ ବାହାରୁ ଆସିଛନ୍ତି; ସେମାନେ ବା ଜାଣିବେ କେମିତି, କେଉଁଠି କ'ଣ ମିଳେ!

ନିରାଶ ହୋଇ ଶେଷରେ ଡାକ୍ତରଖାନା ଫେରିବା ସମୟରେ ଦେଖାହେଲା ଜଣେ ଯୁବକଙ୍କ ସହ। ଦେଖିବାକୁ ସାଦାସିଧା। ବୟସରେ ମୋ'ଠାରୁ ଅନେକବର୍ଷ ସାନ ହେବେ ବୋଧହୁଏ! ବାଇକ୍ ଅଟକାଇ ମୋତେ ଦେଖି ପଚାରିଲେ, ଭାଇ! ବ୍ୟସ୍ତ ଜଣାପଡୁଛ। କ'ଣ ଖୋଜୁଛ ବୋଧହୁଏ! ହଁ ଭାଇ! ମୋ ଅସୁବିଧା ସମ୍ପର୍କରେ ତାଙ୍କୁ ଜଣାଇ ଚଉକି ଖୋଜିବା କଥା କହିଲି। ସେ କହିଲେ, ଏଠାରେ ମିଳିବନି। ଯଦିବା କେଉଁଠି ମିଳିବ, ତାହେଲେ ଅଧିକ ଦାମ୍। ମୋ ସହିତ ଚାଲ, ଗୋଦାମକୁ ଯିବା। ସେଠାରେ ମନପସନ୍ଦର ଜିନିଷ କମ୍ ମୂଲ୍ୟରେ ପାଇପାରିବେ। ବସନ୍ତୁ ମୋ' ପଛରେ। ମୁଁ ଆପଣଙ୍କୁ ଗୋଦାମକୁ ନେଇଯିବି। ଏମିତି ଅଚିହ୍ନା ସ୍ଥାନରେ ଅପରିଚିତ ବ୍ୟକ୍ତିଙ୍କ ସହ ଯିବାକୁ ସାହସ ହେଲାନି। ତେଣୁ ତାଙ୍କୁ ଭିନ୍ନ କଥା କହି ମନା କରିଦେଲି। କିନ୍ତୁ ସେ ଏତେ ବାଧ୍ୟ କଲେ, ଶେଷରେ ବାଧ୍ୟ ହୋଇ ତାଙ୍କ ବାଇକ୍ ପଛରେ ବସିପଡ଼ିଲି। ବାଇକ୍ ଯେତିକି ଯେତିକି ଆଗକୁ ଯାଉଥାଏ, ମୋ' ମନରେ ଏକ ଅଜଣା ଭୟ ସେତେ ପରିମାଣରେ ବଢୁଥାଏ। ତଥାପି ମୁଁ ନାଚାର ହୋଇ ତାଙ୍କ ପଛରେ ବସିଥାଏ ଓ ମନେମନେ ଭଗବାନ୍‌ଙ୍କୁ ଡାକୁଥାଏ। ଏ ଗଳିରୁ ସେ ଗଳି ହୋଇ ପାଖାପାଖି ତିନି କିଲୋମିଟର ଯିବା ପରେ ଏକ ଗୋଦାମରେ ପହଞ୍ଚିଲୁ। ସେଠାରେ ଯଦିଓ ଅନେକ ପ୍ରକାର ଚଉକି ଥିଲା, ତଥାପି ମୋ' ଦରକାର ମୁତାବକ ଚଉକି ନ ପାଇ ପୁଣି ସେହି ବାଇକ୍‌ରେ ଫେରିଆସିଲୁ।



ଡାକ୍ତରଖାନାରେ ପହଞ୍ଚିବା ବେଳକୁ ପାଖାପାଖି ଦିନ ବାରଟା। ସକାଳୁ ଜଳଖିଆ କରି ନ ଥିବାରୁ ଭୋକ ହେଉଥାଏ। ତା'ପରେ ଅଚିହ୍ନା ଲୋକ ଜଣେ ନିଃସ୍ୱାର୍ଥପର ଭାବରେ ମୋତେ ଏତେ ସାହାଯ୍ୟ କଲେ। ତେଣୁ ମାନବିକତା ଦୃଷ୍ଟିରୁ ତାଙ୍କୁ କହିଲି, ଚାଲ ଭାଇ, ଜଳଖିଆ ଟିକିଏ କରିନେବା। ସେ କିନ୍ତୁ ମୋତେ ମନାକଲେ। କହିଲେ "ଦେଖ ଭାଇ! ତୁମ ଅସୁବିଧା ସମୟରେ ମୁଁ ତୁମକୁ ସାହାଯ୍ୟ କଲି। ଏଇଥିପାଇଁ ଯେ, କାଲି ମୋ' ଅସୁବିଧା ସମୟରେ ମୋତେ କେହି ସାହାଯ୍ୟ କରିବ। ଆପଣ ତ ସେତେବେଳେ ସାହାଯ୍ୟ କରିବାକୁ ମୋ' ପାଖରେ ନଥିବେ! କିନ୍ତୁ ଭଗବାନ୍ ନିଶ୍ଚୟ କାହାକୁ ନା କାହାକୁ ମୋତେ ସାହାଯ୍ୟ କରିବାକୁ ପଠାଇବେ। ଆଉ ଆପଣଙ୍କ ହାତରୁ ମୁଁ ଯଦି ଚା' କପ୍‌ଟେ ବି ପିଇବି, ତାହେଲେ ମୋ' ସାହାଯ୍ୟ ବିକ୍ରି ହୋଇଯିବ। ମୋତେ କ୍ଷମା କରନ୍ତୁ ଭାଇ। ଭଗବାନ୍‌ଙ୍କୁ ଡାକୁଛି ଆପଣଙ୍କ ଭଉଣୀ ଶୀଘ୍ର ଭଲ ହୋଇଯାଆନ୍ତୁ!" ଏତିକି କହି ସେ ବାଇକ୍ ଧରି ବାହାରିଗଲେ। ମୁଁ ତାଙ୍କ କଥାର କୌଣସି ଉତ୍ତର ଦେଇ ନ ପାରି ସେ ମୋ' ଦୃଷ୍ଟିରୁ ଯିବା ପର୍ଯ୍ୟନ୍ତ କେବଳ ତାଙ୍କୁ ଅନେଇ ରହିଲି ଏବଂ ଭାବୁଥିଲି ଭଗବାନ୍ ବୋଧହୁଏ ଅସୁବିଧା ସମୟରେ ସାହାଯ୍ୟ କରିବା ପାଇଁ ଏଭଳି କେତେକ ଲୋକଙ୍କୁ ଦେବଦୂତ କରି ପଠାଇଥାଆନ୍ତି।

ମୋ: ୯୬୬୮୦୦୧୧୫୫

# କିଶୋରଙ୍କ ବିରଳ କୃତିତ୍ୱ

**ଥୁଲୁସ୍ଧୁ (ମାଲଡିଭ୍ସ), ୨୩।୮**

ଏଠାରେ ଚାଲିଥିବା ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ କରି ଇତିହାସ ରଚିଛନ୍ତି ଭାରତର କିଶୋର କୁମାର। ପ୍ରଥମ ଭାରତୀୟ ଭାବେ ଏହି ଟିନ୍ ଏଜ୍ ସେନ୍‌ସେଶନ କୌଣସି ଏସୀୟ ସର୍ଫିଙ୍ଗ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏକାଧିକ ଥର ଜାତୀୟ ଚାମ୍ପିୟନଶିପ୍‌ରେ ଚମତ୍କାରିତା

**ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍**



ଏସିଆନ ସର୍ଫିଙ୍ଗ୍ ଚାମ୍ପିୟନଶିପ୍‌ରେ ନିଜ କୌଶଳ ପ୍ରଦର୍ଶନ କରୁଛନ୍ତି ଭାରତର କିଶୋର କୁମାର।

ଦେଖାଇଥିବା କିଶୋର ଏବେ ଅନ୍ତର୍ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ତାମିଲନାଡୁର କିଶୋର ଚଳିତ ଏସିଆନ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରେ ମୋଟ ୮ ଭାରତୀୟ ୪ ବର୍ଗରେ ଅଂଶଗ୍ରହଣ କରୁଛନ୍ତି। ଏସିଆନ ଗେମ୍ସ ୨୦୨୬ ପାଇଁ ଏହି ପ୍ରତିଯୋଗିତା କ୍ୱାଲିଫାୟର ବିବେଚିତ ହେଉଛି। ତେବେ କିଶୋର ଏକମାତ୍ର ଭାରତୀୟ ଭାବେ ଏସିଆନ ଗେମ୍ସ ଯୋଗ୍ୟତା ଆଶା ଉଜ୍ଜୀବିତ ରଖିଛନ୍ତି।

କ୍ୱାର୍ଟର ଫାଇନାଲର ହିଟ୍-୩ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କିଶୋର ନିଜର କୌଶଳ ଦ୍ୱାରା ଜଜ୍‌ଙ୍କୁ ପ୍ରଭାବିତ କରି ସର୍ବାଧିକ ୧୧.୫୦ ପଏଣ୍ଟ ପାଇଥିଲେ। ଚାଇନିଜ୍ ତାଇପେଇର ଜନ୍ ଚାନ୍ ଓ ମାଲଡିଭ୍ସର ସୟିଦ ସଲାହୁଦ୍ଦିନ ଯଥାକ୍ରମେ ୮.୭୬ ଓ ୭.୯୦ ପଏଣ୍ଟ ପାଇ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଚଳିତ ପ୍ରତିଯୋଗିତାରେ କିଶୋର ସ୍ଥିର ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ସେ ରାଉଣ୍ଡ-୧ରେ ୧୨.୮୬, ରାଉଣ୍ଡ-୩ରେ ୧୪.୩୩ ଓ କ୍ୱାର୍ଟର ଫାଇନାଲରେ ୧୧.୫୦ ପଏଣ୍ଟ ପାଇଛନ୍ତି। ସେ ରାଉଣ୍ଡ-୩ରେ ପାଇଥିବା ସ୍କୋର କୌଣସି ଭାରତୀୟ ସର୍ଫରଙ୍କ କ୍ଷେତ୍ରରେ ଏହି ପ୍ରତିଯୋଗିତାରେ ସର୍ବାଧିକ। କିଶୋରଙ୍କ ବ୍ୟତୀତ ଭାରତର ହରିଶ ମୁଥୁ ପୁରୁଷ ଓପନ ବିଭାଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର କଡ଼ା ସଂଘର୍ଷ ସତ୍ତ୍ୱେ ସେ ଅଳ୍ପକେ ସେମିଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିଲେ। ଏସିଆର ଶ୍ରେଷ୍ଠ ସର୍ଫରଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାର ଥିଲେ ମଧ୍ୟ ସେମିଫାଇନାଲରେ ସେ ଭଲ ପ୍ରଦର୍ଶନ କରିବାନେଇ ଆଶାବାଦୀ ଅଛନ୍ତି ବୋଲି କିଶୋର ପ୍ରକାଶ କରିଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ ସମାଇ ରେବୋଲ ମଧ୍ୟ କିଶୋରଙ୍କ ଉପରେ ଦୃଢ଼ ଆସ୍ଥା ସ୍ଥାପନ କରିଛନ୍ତି।

# ଆକାଶ-ରାକେଶ ଫାଇନାଲ

**ଭୁବନେଶ୍ୱର, ୨୩।୮ (ତପନ ସ୍ୱାଇଁ)**

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା 'ଗ୍ରୀନ୍ ବାଇଜେ କ୍ଲାସିକ୍' ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ର ସେମିଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ

**ଅଲ୍ ଓଡ଼ିଶା ଓପନ ସ୍ନୁକର**




ରାକେଶ ରୋଶନ ପ୍ରଧାନ ଓ ଆକାଶ ମହାପାତ୍ର।

ଆକାଶ ମହାପାତ୍ର ଓ ରାକେଶ ରୋଶନ ପ୍ରଧାନ ଫାଇନାଲରେ ପ୍ରବେଶ କରିଛନ୍ତି। ୨ଟି ଯାକ ସେମିଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ ସେମିରେ ଆକାଶ ୫-୩ ଫ୍ରେମ୍‌ରେ ନିଶାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି। ଆକାଶ ହେଉଛନ୍ତି ୨୦୧୮ ରାଜ୍ୟ ସିନିୟର ସ୍ନୁକର ଚାମ୍ପିୟନ। ସେହିପରି ଦ୍ୱିତୀୟ ସେମିରେ ରାକେଶ ୫-୪ରେ ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇ ଦେଇଛନ୍ତି। ସ୍ଥିତି ଏକଦା ୪-୪ରେ ରହିବାପରେ ଅନ୍ତିମ ଫ୍ରେମ୍ ଜିତି ବାଜି ମାରିଥିଲେ ରାକେଶ। ଆକାଶ ଓ ରାକେଶଙ୍କ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ।

## ବାଂଲାଦେଶ ୩୧୬/୫

**ରାୱଲପିଣ୍ଡି, ୨୩।୮:** ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟର ତୃତୀୟ ଦିବସ ଖେଳ ଶୁକ୍ରବାର ଶେଷ ହୋଇଛି। ଷ୍ଟମ୍ପ ପ୍ରତ୍ୟାହୃତ ବେଳକୁ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୫ ଉଇକେଟ ହରାଇ ୩୧୬ ରନ କରିଛି। ପାକିସ୍ତାନ ଏହାର ପ୍ରଥମ ଇନିଂସକୁ ୪୪୮/୬ରେ ଘୋଷଣା କରିଥିଲା। ତେଣୁ ବାଂଲାଦେଶ ଏବେ ମଧ୍ୟ ପାକିସ୍ତାନ ପ୍ରଥମ ଇନିଂସଠାରୁ ୧୩୨ ରନ ପଛରେ ରହିଛି। ବାଂଲାଦେଶ ଓପନର ଶଦମାନ ଇସଲାମ ଶତକର ନିକଟତର ହୋଇଥିଲେ ୯୩ ରନ କରି ଆଉଟ ହୋଇଥିଲେ। ମୁଶଫିକର ରହିମ ୫୫ ଓ ଲିଟନ ଦାସ ୫୨ ରନକରି ଅପରାଜିତ ରହିଥିବାବେଳେ ମୋମିନୁଲ ହକ୍ ୫୦ ରନ କରିଥିଲେ।

# ଟେଷ୍ଟ କ୍ରିକେଟ ପାଇଁ ଆଇସିସିର ପାଣ୍ଠି ଯୋଜନା

**ସିଡ୍‌ନୀ, ୨୩।୮ (ପି.ଟି.)**

ଆଜିକାଲି ପ୍ରତିଭାସମ୍ପନ୍ନ କ୍ରିକେଟରମାନେ ଟେଷ୍ଟ କ୍ରିକେଟ ଛାଡ଼ି ଲୋଭନୀୟ ଟି୨୦ ଫ୍ରାଞ୍ଚାଇଜ ଲିଗ୍ ପ୍ରତି ଟାଣି ହୋଇଯାଉଛନ୍ତି, ଯାହାକି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପାଇଁ ଏହା ବଡ଼ ଚିନ୍ତାର କାରଣ ହୋଇଛି। ଟେଷ୍ଟ କ୍ରିକେଟ କିପରି ବଞ୍ଚାଇ ରଖାଯାଇପାରିବ ସେ ନେଇ ଆଇସିସି ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିଲାଗି ଅତିକମ୍‌ରେ ୧୫ ନିୟୁତ ଡଲାରର ଏକ ପାଣ୍ଠି ସୃଷ୍ଟି କରାଯିବ। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ତରଫରୁ ପ୍ରଥମେ ଏହି ପ୍ରସ୍ତାବ ଅଣାଯାଇଥିବା ବେଳେ ପରବର୍ତ୍ତୀ ଆଇସିସି ଚେୟାରମ୍ୟାନ ପଦବୀ ପାଇଁ ଦୌଡ଼ରେ ସର୍ବାଗ୍ରେ ରହିଥିବା ବିସିସିଆଇ ସମ୍ପାଦକ ଜୟ ଶାହା ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ଏହି ପ୍ରସ୍ତାବ ପ୍ରତି ସମର୍ଥନ ରହିଥିବା ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଟେଷ୍ଟ ଖେଳାଳିଙ୍କ ସର୍ବନିମ୍ନ ପାଉଣାରେ ବୃଦ୍ଧି ଏବଂ ବିଦେଶ ଟୁର୍‌ରେ ଯିବା ଲାଗି ଦଳର ଯାତାୟାତ ଖର୍ଚ୍ଚ ଏହି ପାଣ୍ଠିରୁ ଯୋଗାଇ ଦିଆଯିବ। ବିଶେଷ କରି ଆର୍ଥିକ ସଙ୍କଟ ଦେଇ ଗତିକରୁଥିବା ୱେଷ୍ଟଇଣ୍ଡିଜ ଭଳି ଜାତୀୟ କ୍ରିକେଟ ବୋର୍ଡଗୁଡ଼ିକ ସେମାନଙ୍କ ପ୍ରତିଭାସମ୍ପନ୍ନ ଖେଳାଳିମାନଙ୍କୁ ଧରି ରଖିପାରୁ ନାହାନ୍ତି। କାରଣ ଏହାର ଖେଳାଳିମାନଙ୍କୁ ଫ୍ରାଞ୍ଚାଇଜ କ୍ରିକେଟରେ ଅଧିକ ପରିମାଣରେ ପାଉଣା ମିଳୁଛି। ରିପୋର୍ଟ ଅନୁସାରେ ସମସ୍ତ ଟେଷ୍ଟ ଖେଳାଳିଙ୍କ ଲାଗି ସର୍ବନିମ୍ନ ପାଉଣା ୧୦,୦୦୦ ଆମେରିକୀୟ ଡଲାର ରହିବ। ଆର୍ଥିକ ସଂଘର୍ଷ କରୁଥିବା ଦେଶଗୁଡ଼ିକୁ ବିଦେଶ ଟୁର୍ ପାଇଁ ଖର୍ଚ୍ଚ ପ୍ରଦାନ କରାଯିବ। ପ୍ରସ୍ତାବିତ ପାଣ୍ଠିରୁ ୩ ଧନଶାଳୀ କ୍ରିକେଟ ବୋର୍ଡ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଉପକୃତ ହୋଇ ନ ପାରନ୍ତି କାରଣ ସେମାନେ ସେମାନଙ୍କ ଖେଳାଳିମାନଙ୍କୁ ଉନ୍ନତ ବେତନ ଦେଉଛନ୍ତି। ତେବେ ବ୍ରଡକାଷ୍ଟର ଷ୍ଟାର ସହିତ ଚାଲିଥିବା ବିବାଦର ସମାଧାନ ଉପରେ ଟେଷ୍ଟ କ୍ରିକେଟ ପାଇଁ ପାଣ୍ଠି ପରିମାଣ ନିର୍ଭର କରୁଛି। ଷ୍ଟାର ନେଟୱର୍କ ୨୦୨୨ରେ କରିଥିବା ପ୍ରସାରଣ ଚୁକ୍ତିର ପୁନଃ ବୁଝାମଣା କରିବାକୁ ଚାହୁଁଛି। ଅର୍ଥାତ୍ ଏହାର ମୂଳ ମୂଲ୍ୟକୁ ୩ ବିଲିୟନ ଡଲାରର ଅଧାକୁ ହ୍ରାସ କରିବାକୁ ଚାହୁଁଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଇତିମଧ୍ୟରେ ଭାରତର ପୁରୁଷ ଟେଷ୍ଟ କ୍ରିକେଟରଙ୍କ ଲାଗି ପ୍ରୋତ୍ସାହନମୂଳକ ସ୍କିମ୍ ଲାଗୁ କରିସାରିଛି। ଏହି ନୂଆ ସ୍କିମ୍ ଅନୁସାରେ ଜଣେ ଖେଳାଳି ଯଦି ଅକ୍ଟୋବରରୁ ସେପ୍ଟେମ୍ବର ଏହାର ବାର୍ଷିକ ସାଇକେଲ (ଚକ୍ର)ରେ ଭାରତ ତରଫରୁ ୭୫ ପ୍ରତିଶତ ଟେଷ୍ଟ ମ୍ୟାଚ ଖେଳେ ତେବେ ସମ୍ପୃକ୍ତ ଖେଳାଳି ମ୍ୟାଚ ପିଛା ୪୫ ଲକ୍ଷ ଟଙ୍କା ସହ ଟେଷ୍ଟ ମ୍ୟାଚ ଫି' ବାବଦରେ ୧୫ ଲକ୍ଷ ଟଙ୍କା ପାଇବେ। ଯେଉଁ ଖେଳାଳି ୫୦ରୁ ୭୫ ପ୍ରତିଶତ ମ୍ୟାଚ ଖେଳିବେ ସେମାନେ ମ୍ୟାଚ ପିଛା ୩୦ଲକ୍ଷ ଟଙ୍କା ଲେଖାଏ ବୋନସ ପାଇବେ। ଯଦି ଅଣଖେଳାଳି ସଦସ୍ୟ ଦଳ ପାଇଁ ମନୋନୀତ ହୁଅନ୍ତି ତେବେ ଧାର୍ଯ୍ୟ ପାଉଣାର ଅଧା ପାଇବେ।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ସବ୍‌ଜୁନିୟର ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଖେଳାଳିମାନେ।

**ମହିଳା କ୍ରିକେଟ**

## ଭାରତ ଏ' ବୋଲରଙ୍କ ଦୃଢ଼ ପ୍ରତ୍ୟାବର୍ତ୍ତନ

**ଗୋଲ୍ଡକୋଷ୍ଟ, ୨୩।୮ (ପି.ଟି.)**

ଏଠାରେ ଚାଲିଥିବା ଏକମାତ୍ର ଅନ୍‌ଅଫିସିଆଲ ମହିଳା କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତ 'ଏ' ଦଳର ବୋଲରମାନଙ୍କ ଦୃଢ଼ ପ୍ରତ୍ୟାବର୍ତ୍ତନ ସତ୍ତ୍ୱେ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ 'ଏ' ଦଳ ଓଭର ଅଲ ୧୯୨ରନ ଅଗ୍ରଣୀ ଲାଭ କରିପାରିଛି। ଘରୋଇ ଦଳର ପ୍ରଥମ ଇନିଂସ ସ୍କୋର ୨୧୨ ରନ୍ ଜବାବରେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨ଉଇକେଟ ବିନିମୟରେ ୧୦୦ ରନ କରିଥିବା ଭାରତ ଏ' କେଟ୍ ପିଟରସନ (୧୨-୫-୧୬-୫)ଙ୍କ ପ୍ରଭାବୀ ବୋଲିଂ ଯୋଗୁ ଶୁକ୍ରବାର ୧୮୪ ରନରେ ଅଲଆଉଟ ହୋଇଯାଇଥିଲା। ଜବାବରେ ପ୍ରଥମ ଇନିଂସରେ ୨୮ ରନରେ ଅଗ୍ରଣୀ ଲାଭ କରିଥିବା ଅଷ୍ଟ୍ରେଲିଆ 'ଏ' ଏହାର ଦ୍ୱିତୀୟ ଇନିଂସରେ ୭ ଉଇକେଟ ବିନିମୟରେ ୧୬୪ରନ କରିଛି। ଉଇକେଟକିପର ମ୍ୟାଡି ଡ୍ରେକ୍ ୫୪ ରନ କରି ଅପରାଜିତ ରହିଥିଲେ। ଡ୍ରେକ୍ ଓ ମେଗ୍ଲାନ ବ୍ରାଉନ୍ (୪୫ ବଲ୍‌ରେ ୨୬) ୬ଷ୍ଠ ଉଇକେଟର ୫୪ ରନ ଯୋଗ କରିଥିଲେ। ମ୍ୟାଚରେ ମିନୁ ମାନିଙ୍କ ୧୦ମ ଶିକାର ହୋଇଥିଲେ ବ୍ରାଉନ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ 'ଏ' ପ୍ରଥମ ଇନିଂସ: ୨୧୨। ଭାରତ 'ଏ' ପ୍ରଥମ ଇନିଂସ: ୧୮୪ (ଶ୍ୱେତା ଶେରାୱତ-୪୦, ତେଜାଲ ହାସାବନିସ-୩୨; କେଟ୍ ପିଟରସନ-୫/୧୬)। ଅଷ୍ଟ୍ରେଲିଆ 'ଏ' ଦ୍ୱିତୀୟ ଇନିଂସ: ୧୬୪/୭ (ଏମା ଡି' ବ୍ରୋଗ୍-୫୮, ମ୍ୟାଡି ଡ୍ରେକ୍-୫୪*; ମିନୁ ମାନି-୫/୪୭)।

# କିପ୍‌ଗେନ୍‌ଙ୍କ ଗୋଲରେ ଭାରତ ସେମିରେ



ଗୋଲ ଦେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମନାଉଛନ୍ତି ମନଗ୍ଲେନଥାଙ୍ଗ କିପଗେନ୍ (ଡାହାଣ)।

**କାଠମାଣ୍ଡୁ, ୨୩।୮**

**୨୦ ବର୍ଷରୁ କମ୍ ସାଫ୍ ଫୁଟବଲ**

ଭାରତ ୨୦ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ନେପାଳର ଲଳିତପୁରସ୍ଥିତ ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍ 'ବି'ର ଅନ୍ତିମ ମ୍ୟାଚ୍‌ରେ ଭାରତ ୧-୦ ଗୋଲରେ ମାଲଡିଭ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ୯୦ ମିନିଟ୍ ଏବଂ ଇଞ୍ଜୁରି ଟାଇମ୍‌ର ୪ ମିନିଟ୍ ପର୍ଯ୍ୟନ୍ତ ଖେଳ ଗୋଲଶୂନ୍ୟ ରହିଥିଲା। ତେବେ ୯୫ତମ ମିନିଟ୍‌ରେ ମନଗ୍ଲେନଥାଙ୍ଗ କିପଗେନ୍ ଏକ ଗୋଲ ସ୍କୋର କରି ଭାରତକୁ ରୋମାଞ୍ଚକ ବିଜୟ ପ୍ରଦାନ କରିଥିଲେ। ଗତ ସୋମବାର ପ୍ରଥମ ମ୍ୟାଚରେ ଭୁଟାନକୁ ୧-୦ ଗୋଲରେ ହରାଇଥିବା ଭାରତ ମାଲଡିଭ୍ସକୁ ପରାସ୍ତ କରିବା ଦ୍ୱାରା ଗ୍ରୁପ୍ 'ବି'ରେ ଶୀର୍ଷସ୍ଥାନ ଅଧିକାର କରିଛି। ଆସନ୍ତା ସୋମବାର ହେବାକୁଥିବା ସେମିଫାଇନାଲରେ ଭାରତ ଗ୍ରୁପ୍ 'ଏ' ରନରଅପ୍ ବାଂଲାଦେଶକୁ ଭେଟିବ।

ଗତବର୍ଷ ୧୯ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍‌ର ପାକିସ୍ତାନ ବିପକ୍ଷ ଫାଇନାଲରେ ୨ଟି ଗୋଲଦେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା କିପ୍‌ଗେନ ଏଠାରେ ଦ୍ୱିତୀୟାର୍ଦ୍ଧରେ ଜଣେ ବଦଳ ଖେଳାଳିଭାବେ ପଡ଼ିଆକୁ ଆସିଥିଲେ। ସାଥୀ ଖେଳାଳିଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ସେ ୯୫ତମ ମିନିଟରେ ୨୫ ଗଜ ଦୂରରୁ ବାମ ପାଦରେ ଶଟ୍ ମାରି ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ପୂରା ମ୍ୟାଚରେ ଚମତ୍କାର ସେଭ୍‌କରି ୯୦ ମିନିଟ୍ ମଧ୍ୟରେ ଭାରତୀୟ ଖେଳାଳିଙ୍କ ଦ୍ୱାରା ହୋଇଥିବା ଏକାଧିକ ଆକ୍ରମଣାତ୍ମକ ଉଦ୍ୟମକୁ ପଣ୍ଡ କରିଥିବା ମାଲଡିଭ୍ସ ଗୋଲକିପର ମହମଦ ୟାମିନଙ୍କ ନିକଟରେ କିନ୍ତୁ କିପ୍‌ଗେନ୍‌ଙ୍କ ଶଟ୍‌ର କୌଣସି ଜବାବ ନ ଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ